ରାଜୁଆ ଡାଇଭର୍ସନ ୱେୟାର (ଟିଓଆର ୭୮-୦୦୦୦୬) ନିର୍ମାଣ ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ ଏକର ପରିମାଣର ଘରୋଇ ଜମି ଅଧିଗ୍ରହଣ ଜନିତ ସାମାଜିକ ପ୍ରଭାବ ଆଧ୍ୟୟନ



April,2026

ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟ୍
ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର
Nabakrushna Choudhury Centre for Development Studies
ICSSR Institute in Collaboration with Government of Odisha
Bhubaneswar

ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ
Council of Analytical Tribal Studies (COATS)
Centre of Excellence (CoE),
& ICSSR Recognised Institute

ରାଜୁଆ ଡାଇଭର୍ସନ ୱେୟାର (ଟିଓଆର ୭୮-୦୦୦୦୬) ନିର୍ମାଣ ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ ଏକର ପରିମାଣର ଘରୋଇ ଜମି ଅଧିଗ୍ରହଣ ଜନିତ ସାମାଜିକ ପ୍ରଭାବ ଆଧ୍ୟୟନ

ଏପ୍ରିଲ, ୨୦୨୬

ପ୍ରକଳ୍ପ କର୍ତ୍ତୃପକ୍ଷ

ଅଧିକ୍ଷଣ ଯନ୍ତ୍ରୀ, ଖୋର୍ଦ୍ଧା ଜଳସେଚନ ଡିଭିଜନ୍, ଖୋର୍ଦ୍ଧା।

ମାର୍ଗଦର୍ଶନ

ସଂଯୋଜକ, ରାଜ୍ୟ ଏସଆଇଏ ୟୁନିଟ୍ସ,ଏନ୍. ସି. ଡି. ଏସ୍., ଭୁବନେଶ୍ୱର, ଓଡ଼ିଶା

ଅଧ୍ୟୟନ ଦଳ:

ଡ଼. ପି.ସି.ମହାପାତ୍ର, ଏମ୍.ଏ.,ପିଏଚ୍.ଡି.	ନିର୍ଦ୍ଦେଶକ, କୋଟସ୍
ଡ଼. ଜଗବନ୍ଧୁ ସାମଲ, ଏମ୍.ଏ., ପିଏଚ୍.ଡି.	ଆଦିବାସୀ ଅଧ୍ୟୟନ ଅଧ୍ୟାପକ
ପ୍ରଫେସର ଏମ୍. ସି. ବେହେରା, ଏମ୍.ଏ, ପି.ଏଚ୍.ଡି	ସମ୍ମାନୀତ ପ୍ରଫେସର୍, କୋଟସ୍ କୋରାପୁଟ
ପ୍ରଫେସର ଆର୍.ଏନ୍.ପାତ୍ର, ଏମ୍.ଏ., ପିଏଚ୍.ଡି.	ପରିଦର୍ଶନ ପ୍ରଫେସର ଓ ପ୍ରକଳ୍ପ ନିର୍ଦ୍ଦେଶକ
ଡ଼.ଅଶୋକ କୁମାର ନନ୍ଦ, ଏମ୍.ଏ.,ଏମ୍.ଫିଲ୍.,ପିଏଚ୍.ଡି.	ଆସୋସିଏଟ୍ ପ୍ରଫେସର ଓ ଫିଲ୍ଡ ସୁପରଭାଇଜର
ଡ଼. ନରେନ୍ଦ୍ର କୁମାର ରଥ, ଏମ୍.ଏ. , ପିଏଚ୍.ଡି.	ଆସୋସିଏଟ୍ ପ୍ରଫେସର ଓ କ୍ଷେତ୍ର ଅନୁସନ୍ଧାନକାରୀ
ଶ୍ରୀ ଗୋପୀନାଥ ପ୍ରଧାନ,ଏମ୍.ଏ.,ଏମ୍.ଫିଲ୍.	କ୍ଷେତ୍ର ଅନୁସନ୍ଧାନକାରୀ
ଶ୍ରୀ ସନ୍ତୋଷ କେ ପଣ୍ଡା, ଏମ୍.ସି.ଏ.	କମ୍ପ୍ୟୁଟର ପ୍ରୋଗ୍ରାମର
ଶ୍ରୀ ଆର.କେ ଚୌଧୁରୀ, ଏମ.ବି.ଏ	ହିସାବ ରକ୍ଷକ ତଥା କମ୍ପ୍ୟୁଟର ସହାୟକ

Nodal Agency:
Nabakrushna Choudhury Centre for Development Studies (NCDS),
An ICSSR Institute in Collaboration with Government of Odisha, Bhubaneswar

Study Undertaken by:

Council of Analytical Tribal Studies (COATS), Centre of Excellence (CoE) by MoTA & ICSSR Recognised Institute, DNK Road, Sabara Srikhetra, Koraput, Odisha
Contact No: +91 6852 296125,
Email: *coatskoraput@gmail.com*, ***Website:*** *www.coatskoraput.org*

କୃତଜ୍ଞତା

ରାଜୁଆ ଡାଇଭର୍ସନ ୱେୟାର (ToR ୭୮-୦୦୦୦୬) ନିର୍ମାଣ ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ ଏକର ପରିମାଣର ଘରୋଇ ଜମି ଅଧିଗ୍ରହଣ କରାଯାଇଛି । ଏହି ପ୍ରକଳ୍ପର ନିମନ୍ତେ ସାମାଜିକ ପ୍ରଭାବ ଆକଳନର ଅଧ୍ୟୟନ କରିବା ପାଇଁ ରାଜ୍ୟ ସାମାଜିକ ପ୍ରଭାବ ମୂଲ୍ୟାୟନ ୟୁନିଟ୍, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଭୁବନେଶ୍ୱର (NCDS), କୋରାପୁଟର ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ (COATS), ସେଣ୍ଟର୍ ଅଫ୍ ଏକ୍ସଲେନସ୍ (CoE) କୁ ତା.୧୮/୦୮/୨୦୨୫ ରିଖରେ ଦାୟୀତ୍ୱ ପ୍ରଦାନ କରିଥିଲେ । ଏହି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (NCDS), ଭୁବନେଶ୍ୱର, ରାଜ୍ୟ ସାମାଜିକ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ ଅଟନ୍ତି । କୋଟସକୁ ଏ କାର୍ଯ୍ୟ ସମ୍ପାଦନ କରିବା ପାଇଁ ବାଛି ଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ । ଏ କାର୍ଯ୍ୟ ନିମନ୍ତେ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିଥିବାରୁ ଆମେ ରାଜ୍ୟ ସାମାଜିକ ପ୍ରଭାବ ଆକଳନ ସଂସ୍ଥାର ସଂଯୋଜକ, ଡଃ ରାଜ କୁମାର ଖୋସଲାଙ୍କୁ ସ୍ୱତନ୍ତ୍ର ଭାବେ ଧନ୍ୟବାଦ ଜଣାଉଛୁ ।

ଯେହେତୁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ, ବିଶେଷ କରି ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସବ-କଲେକ୍ଟର, ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଯେଉଁମାନେ ପ୍ରକଳ୍ପ ନିମନ୍ତେ ସର୍ବେକ୍ଷଣ କାର୍ଯ୍ୟରେ ଆମକୁ ସମସ୍ତ ପ୍ରକାର ସହଯୋଗ କରିଛନ୍ତି, ତାଙ୍କୁ ଆମେ କୃତଜ୍ଞତା ଜଣାଉଛୁ। ସେହିପରି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର୍, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଳସେଚନ ବିଭାଗ, ଖୋର୍ଦ୍ଧା ତଥା ସେମାନଙ୍କର କାର୍ଯ୍ୟାଳୟର କର୍ମଚାରୀବୃନ୍ଦଙ୍କୁ ଏହି ସର୍ବେକ୍ଷଣ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ କରିଥିବାରୁ ଆମ୍ଭେ ଧନ୍ୟବାଦ ଜ୍ଞାପନ କରୁଛୁ ।

ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ (କୋଟସ୍) ର ସାମାଜିକ ପ୍ରଭାବ ଆକଳନ ମୂଲ୍ୟାୟନ ଦଳ, ବିଶେଷ କରି ପ୍ରକଳ୍ପ ନିର୍ଦ୍ଦେଶକ ତଥା ଦଳର ମୁଖ୍ୟ ପ୍ରଫେସର ରବି ନାରାୟଣ ପାତ୍ର, ପ୍ରଫେସର ମାଗୁଣି ଚରଣ ବେହେରା, ଗବେଷଣା ପର୍ଯ୍ୟବେକ୍ଷକ ଶ୍ରୀ ଅଶୋକ କୁମାର ନନ୍ଦ, କ୍ଷେତ୍ର ଅନୁସନ୍ଧାନକାରୀ ଶ୍ରୀ ଗୋପୀନାଥ ପ୍ରଧାନ, କୋଟସର ପ୍ରାଧ୍ୟାପକ ଡଃ. ନରେନ୍ଦ୍ର କୁମାର ରଥ, କମ୍ପୁଟର ପ୍ରୋଗ୍ରାମର ଶ୍ରୀ ସନ୍ତୋଷ କୁମାର ପଣ୍ଡା ଏବଂ ହିସାବ ରକ୍ଷକ ତଥା କମ୍ପ୍ୟୁଟର ସହାୟକ ଶ୍ରୀ ରାମକୃଷ୍ଣ ଚୌଧୁରୀ ଏହି କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ସେମାନଙ୍କର ଆନ୍ତରିକ ପ୍ରଚେଷ୍ଟା ନିମନ୍ତେ ଧନ୍ୟବାଦ ଜଣାଉଛୁ । ଏହି କାର୍ଯ୍ୟରେ ନିଜକୁ ସାମିଲ କରିଥିବାରୁ ଓ ବିଶେଷ କରି ଏହି ବିବରଣୀ ପ୍ରସ୍ତୁତ କରିବାରେ ସହଯୋଗ କରିଥିବାରୁ COATSର ପ୍ରଫେସର ଡଃ. ଜଗବନ୍ଧୁ ସାମଲଙ୍କୁ ଆମେ ଆନ୍ତରିକ ଧନ୍ୟବାଦ ଜଣାଉ ଅଛୁ।

ଆମେ ଆଶା କରୁଛୁ ଯେ ଏହି ରିପୋର୍ଟଟି ଯେଉଁ ଲକ୍ଷ୍ୟ ପାଇଁ ପ୍ରସ୍ତୁତ କରାଯାଇଛି, ତାହା ପୂରଣ କରିବାରେ ସହାୟକ ହେବ।

(ଡଃ.ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର)
ନିର୍ଦ୍ଦେଶକ, କୋଟସ୍, କୋରାପୁଟ

ସୂଚୀପତ୍ର

କାର୍ଯ୍ୟନିର୍ବାହୀ ସାରାଂଶ		୭ -୧୩
ପ୍ରଥମ ଅଧ୍ୟାୟ :	ପ୍ରକଳ୍ପର ବିସ୍ତୃତ ବିବରଣୀ	୧
ଦ୍ୱିତୀୟ ଅଧ୍ୟାୟ :	ଦଳ ଗଠନ, ଆରମ୍ଭ ମାର୍ଗ, କାର୍ଯ୍ୟ ପଦ୍ଧତି ଏବଂ ସାମାଜିକ ପ୍ରଭାବ ଆକଳନର ଅନୁସୂଚୀ	୨୯
ତୃତୀୟ ଅଧ୍ୟାୟ:	ଜମିର ଆକଳନ	୪୬
ଚତୁର୍ଥ ଅଧ୍ୟାୟ :	ପ୍ରଭାବିତ ପରିବାର ଗୁଡ଼ିକର ଅଟକଳ ଓ ପରିଗଣନା	୬୦
ପଞ୍ଚମ ଅଧ୍ୟାୟ :	ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ପାର୍ଶ୍ୱଚିତ୍ର	୬୩
ଷଷ୍ଠ ଅଧ୍ୟାୟ :	ସାମାଜିକ ପ୍ରଭାବ	୮୪
ସପ୍ତମ ଅଧ୍ୟାୟ :	ଉପସଂହାର ଓ ସୁପାରିଶ	୯୨
ସହାୟକ ଗ୍ରନ୍ଥାବଳୀ		୧୦୮
ପରିଶିଷ୍ଟ – I	ସାମାଜିକ ଓ ସମ୍ବଳ ମାନଚିତ୍ର	୧୦୯
ପରିଶିଷ୍ଟ – II	୪(୧) ବିଜ୍ଞାପନ ଓ ଭୂମି ଅନୁସୂଚୀ	୧୧୧
ପରିଶିଷ୍ଟ – III	SIA ଉପକରଣଗୁଡ଼ିକ ଯେପରିକି ପାରିବାରିକ ସାକ୍ଷାତକାର ସୂଚୀ, ସାଧାରଣ ଭିତ୍ତିଭୂମି, ସାଧାରଣ ପରାମର୍ଶ ଏବଂ FGD	୧୧୭

ABBREVIATIONS

ADM	Additional District Magistrate
ASHA	Accredited Social Health Activist
AWC	Angawadi Centers
BMV	Bench Mark Valuation
BPL	Below Poverty Line
CBA	Cost Benefit Analysis
CBO	Community Based Oraganisation
COATS	Council of Analytical Tribal Studies
CPR	Common Poverty Resources
CSO	Civil Society Oraganisation
EIA	Environmental Impact Assessment
F	Female
FGD	Focused Group Discussion
GEN	General
HW	Housewife
HH	Household
ICSSR	Indian Council of Social Science Research
LAO	Land Acquisition Officer
M	Male
MoTA	Ministry of Tribal Affairs
NA	Not Available
NCDS	Nabakrushana Choudhury Centre for Development Studies
NDDP	Net District Domestic Product
NGO	Non-Government Oraganisation
NH	National Highway
OBC	Other Backward Caste

PDS	Public Distribution System
PESA	Panchayat Extension to Scheduled Area
PHC	Public Health Centre
PRI	Panchayati Raj Institution
PS	Panchayat samiti
PWD	Persons with Disabilities
R & B	Roads and Buildings
R & R	Rehabilitation and Resettlement
RCC	Reinforced Cement concrete
RFCTLAR & R	Right to Fair Compensation and Transparency in Land Acquisition, Rehabilitation and Resettlement
RoR	Record of Rights
RTE	Right to Education
RVNL	Rail Vikas Nigam Limited
SC	Scheduled Caste
ST	Scheduled Tribe
SHG	Self Help Group
SIA	Social Impact Assessment
SIMP	Social Impact Management Plan
Sq. KM	Square Kilometre
ST	Scheduled Tribe
TDP	Tribal Development Plan
TV`	Television
UP	Upper Primary

କାର୍ଯ୍ୟନିର୍ବାହୀ ବିବରଣୀ

୦.୧ ପ୍ରକଳ୍ପର ପଟ୍ଟଭୂମି

ରାଜୁଆ ଡାଇଭର୍ସନ ୱେୟାର **(ToR 78-00006)** ନିର୍ମାଣ ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ଏକର ଘରୋଇ ଜମି ବହୁ ବର୍ଷ ପୂର୍ବରୁ ଅଧିଗ୍ରହଣ କରାଯାଇଛି । ଜମି ମାଲିକମାନଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ଦିଆଯାଇ ନାହିଁ। ଏହି ପ୍ରକ୍ରିୟା ଶେଷ କରିବା ପାଇଁ ବର୍ତ୍ତମାନର SIA ଅଧ୍ୟୟନର ବ୍ୟବସ୍ଥା କରାଯାଇଛି ।

୦.୨ ପ୍ରକଳ୍ପର ଅବସ୍ଥିତି

ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପଟି (ToR 78-00006) ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଡିହଖଳା ଗ୍ରାମରେ ଅବସ୍ଥିତ । ପ୍ରକଳ୍ପ ଜନିତ ଲାଭ ଯଥା: ଜଳସେଚନ, ଜଳ ଓ ମୃତ୍ତିକା ସଂରକ୍ଷଣ, ଓ ଜମିର ଜଳ ଗ୍ରସ୍ତତାର ନିୟନ୍ତ୍ରଣ ଇତ୍ୟାଦି ସୁବିଧା ଓରାବାରସିଂ, ଡିହଖଳା, ସିମିପିଆପାଟଣା ପ୍ରଭୃତି ତିନିଟି ଗ୍ରାମର ଲୋକଙ୍କୁ ଉପଲବ୍ଧ ହେଉଛି ।

୦.୩ ପ୍ରକଳ୍ପର ଆବଶ୍ୟକତା

ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପଟି ଜଳସେଚନ, ଜଳ ଏବଂ ମୃତ୍ତିକା ସଂରକ୍ଷଣ ତଥା ଜମିର ଜଳଗ୍ରସ୍ତତା ସମସ୍ୟାକୁ ନିୟନ୍ତ୍ରଣ କରିବାର ଏକ ଫଳପ୍ରଦ ମାଧ୍ୟମ ହୋଇପାରିଛି । ଏହି ସୁବିଧା ଡିହଖଳା ଏବଂ ଓରାବାରସିଂ ଗାଁର ଲୋକ ଏବଂ କୃଷକମାନେ ଉପଭୋଗ କରୁଛନ୍ତି । ଡାଇଭର୍ସନ ୱେୟାର ପ୍ରକଳ୍ପଟି ହିତକାରୀ ପ୍ରଭାବ ରହିଛି ଏବଂ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସର୍ବସାଧାରଣ ଉଦ୍ଦେଶ୍ୟ ପୂରଣ କରୁଛି ।

୦.୪ ସର୍ବସାଧାରଣ ଉଦ୍ଦେଶ୍ୟ

(କ) ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପଟି ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ / ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଓରାବାରସିଂ ଗ୍ରାମ ପଞ୍ଚାୟତର ଡିହଖଳା ଏବଂ ଓରାବାରସିଂ ଗ୍ରାମବାସୀଙ୍କୁ ଜଳସେଚନ ସୁବିଧା ଯୋଗାଉଛି । ଏହି ଗ୍ରାମଗୁଡିକ ଏକ ପାହାଡ଼ିଆ ବନ୍ୟା ପ୍ରବଣ ଅଞ୍ଚଳରେ ଅବସ୍ଥିତ । ତେଣୁ, ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ନିର୍ମାଣ ପାଇଁ ଡିହଖଳା ଗ୍ରାମରୁ ଜମି ଅଧିଗ୍ରହଣ ଏକ ସର୍ବସାଧାରଣ ଉଦ୍ଦେଶ୍ୟ ପୂରଣ କରେ ।

(ଖ) ଭୂମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ନ୍ୟାୟୋଚିତ କ୍ଷତିପୂରଣ ଓ ସ୍ୱଚ୍ଛତା ଅଧିକାର ଅଧିନିୟମ (RFCTLARR Act) ୨୦୧୩ ଅନ୍ତର୍ଭୁକ୍ତ 'ସାର୍ବଜନୀନ ଉଦ୍ଦେଶ୍ୟ ଧାରା (୪)୨ର ସଂଜ୍ଞା ଅନୁଯାୟୀ ସରକାର ସର୍ବସାଧାରଣ ଉଦ୍ଦେଶ୍ୟ ସାଧନ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିପାରିବେ । ସର୍ବସାଧାରଣ ଉଦ୍ଦେଶ୍ୟ ମଧ୍ୟରେ ଯେଉଁ ୫ଟି ବର୍ଗ ରହିଛି ସେଥିରେ ସଂରଚନା ଅଧିନସ୍ଥ ଜଳ ଅମଳ ଏବଂ ଜଳ ସଂରକ୍ଷଣ ସଂରଚନା ଅନ୍ତର୍ଭୁକ୍ତ । ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ନିର୍ମାଣ ପାଇଁ ଡିହଖଳା ଗ୍ରାମରୁ ଅଧିଗୃହିତ ଜମି

କୃଷି ଭିତ୍ତିଭୂମି ଯଥା ଜଳସେଚନ, ଜଳ ଅମଳ ଏବଂ ଜଳ ସଂରକ୍ଷଣ ସଂରଚନା ସୁବିଧା ଯୋଗାଉଥିବାରୁ ଏହା ଏକ ସର୍ବସାଧାରଣ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ।

(ଗ) ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଡିହଖଳା ଗ୍ରାମରେ ହୋଇଥିବା ପଲ୍ଲୀ ସଭାରେ ଦର୍ଶାଯାଇଛି ଯେ ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ନିର୍ମାଣ ପାଇଁ ଡିହଖଳା ଗ୍ରାମରୁ ଜମି ଅଧିଗ୍ରହଣ ଓରାବାରସିଂ ଗ୍ରାମ ପଞ୍ଚାୟତର ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ତେଣୁ, ଏହା ଏକ ସର୍ବସାଧାରଣ ଉଦ୍ଦେଶ୍ୟ ପୂରଣ କରେ ।

ଅତଏବ, ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଏକ ସାଧାରଣ ଉଦ୍ଦେଶ୍ୟ ସାଧନ କରେ ।

୦.୫ ବିକଳ୍ପର ପରିକ୍ଷଣ

(କ) ଖୋର୍ଦ୍ଧା ଜଳସେଚନ ବିଭାଜନର ଅଧିକାରୀମାନେ ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ନିର୍ମାଣର ବିଭିନ୍ନ ଦିଗ ଓ ବିକଳ୍ପ ସ୍ଥାନକୁ ଅନୁଧ୍ୟାନ କରିବା ପରେ ଓ ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହୋଇଥିଲା । ପୁଙ୍ଖାନୁପୁଙ୍ଖ ବୈଷୟିକ ପରୀକ୍ଷଣ ଓ ଅନୁଧ୍ୟାନ ପରେ ପ୍ରକଳ୍ପର ଗତିପଥ ଏବଂ ଅନୁଯୋଜନ (ଆଲାଇନମେଣ୍ଟ) ଚୂଡାନ୍ତ କରାଯାଇ ନିର୍ମିତ ହୋଇଛି ।

(ଖ) ଏହି ପ୍ରକଳ୍ପରୁ କୃଷି କ୍ଷେତ୍ରକୁ ଜଳର ସୁଗମ ପ୍ରବାହ ପାଇଁ ବୈଷୟିକ ବିଶେଷଜ୍ଞଙ୍କ ଦ୍ୱାରା ପରିକଳ୍ପିତ ଭୌଗୋଳିକ କ୍ଷେତ୍ରୀୟ ବିଷୟ ଆଧାରରେ ଡାଇଭର୍ସନ ୱେୟାର ମାର୍ଗ ଚୂଡାନ୍ତ କରାଯାଇଛି । ତେଣୁ ଡାଇଭର୍ସନ ୱେୟାର ଅନୁଯୋଜନ କାର୍ଯ୍ୟ (ଆଲାଇନମେଣ୍ଟ) ସର୍ବୋତ୍ତମ ଓ ନିର୍ଦ୍ଦିଷ୍ଟ ।

(ଗ) ଏହି ପ୍ରକଳ୍ପ ପାଇଁ ୦.୬୧୫୦ ଏକର ପରିମାଣର ଘରୋଇ ଜମି ଅଧିଗ୍ରହଣ ପ୍ରକଳ୍ପ ପାଇଁ ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ଉଦ୍ଦିଷ୍ଟ ।

୦.୬ ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକର ପାର୍ଶ୍ୱଚିତ୍ର

ପ୍ରକଳ୍ପ ପ୍ରଭାବିତ ଗ୍ରାମ ଏବଂ ଜମି ହରାଉଥିବା ପରିବାର ଗୁଡିକର ସାମାଜିକ-ଅର୍ଥନୈତିକ ଅବସ୍ଥା ଉତ୍ସାହଜନକ ନୁହେଁ । ପ୍ରଭାବିତ ପରିବାରମାନେ ସ୍ଥାନୀୟ ବଜାରଠାରୁ ଦୂର ଗ୍ରାମାଞ୍ଚଳରେ ରହୁଛନ୍ତି । ସେମାନେ କୃଷି, ମଜୁରୀଆ, ପଥର ଖଣି/ଖାଦାନ କାରଖାନାରେ ଅଣକୁଶଳୀ ଶ୍ରମିକ କାର୍ଯ୍ୟ, ଏବଂ ପ୍ରବାସନ ଆଦିରୁ ରୋଜଗାର କରି ଜୀବିକା ନିର୍ବାହ କରନ୍ତି। ସେମାନଙ୍କ ଘରେ ମୌଳିକ ସୁବିଧା ସୁଯୋଗର ଉତ୍କଟ ଅଭାବ ପରିଦୃଷ୍ଟ । ସେମାନଙ୍କର ଆର୍ଥିକ ଅବସ୍ଥା ବେଶ୍ ଦୁର୍ବଳ । ଜୀବନ ଧାରଣର ମାନ ମଧ୍ୟ ଅନେକାଂଶରେ ନିମ୍ନ ସ୍ତରର।

୦.୭ ସାମାଜିକ ପ୍ରଭାବ

ସାଧାରଣତଃ ପ୍ରକଳ୍ପ ଜନିତ ଜମି ଅଧିଗ୍ରହଣ, ପ୍ରଭାବିତ ପରିବାର ମାନଙ୍କର ଆୟ ଏବଂ ଜୀବିକା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଗୋଷ୍ଠୀଗତ ଆଲୋଚନା ସଭାରେ ସ୍ପଷ୍ଟ ହୋଇଥିବା ସାଧାରଣ ଦୃଷ୍ଟିକୋଣ ମୁତାବକ ଏହି ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ବିଷୟରେ ସମସ୍ତେ ପୂର୍ବରୁ ଅବଗତ ଥିବାର ଏବଂ ଜଳସେଚନ ପ୍ରକଳ୍ପର ସୁବିଧା ଓ ଲାଭ ବିଷୟରେ ସମସ୍ତେ ଜାଣିଥିବାର ମତବ୍ୟକ୍ତ କରିଥିଲେ । ସେମାନେ ସହମତ ହୋଇଥିଲେ ଯେ ପ୍ରକଳ୍ପର ଏକମାତ୍ର ଅସୁବିଧା ହେଉଛି ଏହା ଦ୍ୱାରା ୨୪ଟି ପ୍ରଭାବିତ ପରିବାରର ଜମି କ୍ଷତି ହୋଇଥିଲା। ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦ୍ୱାରା ସେମାନଙ୍କର କ୍ଷତିଭରଣା ହୋଇପାରିବ । ଗୋଷ୍ଠୀଗତ ଆଲୋଚନା ସଭାରେ ଅଂଶଗ୍ରହଣକାରୀଙ୍କ ସାଧାରଣ ଧାରଣା ପ୍ରକଳ୍ପ ସପକ୍ଷରେ ଅଛି । ଜମି ଅଧିଗ୍ରହଣ ହୋଇ ଜଳସେଚନରୁ ମିଳୁଥିବା ଲାଭ ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କଠାରୁ ଜମି ଅଧିଗ୍ରହଣ ଯୋଗୁଁ ହୋଇଥିବା କ୍ଷତିଠାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଡାଇଭର୍ସନ ୱେୟାର ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ହେତୁ ଜମି ହରାଇଥିବା ବ୍ୟକ୍ତିଙ୍କୁ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ ସପକ୍ଷରେ ବୈଠକରେ ମତ ପ୍ରକାଶ ପାଇଥିଲା ।

୦.୮ ଅଲାଭ-ଲାଭ ବିଶ୍ଳେଷଣ

ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ନିର୍ମାଣ ପାଇଁ ଡିହଖଳା ଗ୍ରାମରୁ ଜମି ଅଧିଗ୍ରହଣର ଅଲାଭ-ଲାଭ ବିଶ୍ଳେଷଣରୁ ଜଣାପଡିଛି ଯେ ଏହାର ଲାଭ ପ୍ରକଳ୍ପ ଜନିତ ଅଲାଭ ଠାରୁ ଅଧିକ ହେବ।

୦.୯ ଜନ ଶୁଣାଣିରେ ଜମି ହରାଇଥିବା ବ୍ୟକ୍ତିଙ୍କ ପ୍ରମୁଖ ଦାବି

ଗୋଷ୍ଠୀଭିତ୍ତିକ ଆଲୋଚନା (FGD) ସଭାରେ ଗ୍ରାମର ପ୍ରଭାବିତ ପରିବାରମାନଙ୍କ ଦ୍ୱାରା ଆଲୋଚିତ ହୋଇଥିବା ମୁଖ୍ୟ ଦାବିଗୁଡ଼ିକ ହେଉଛି;

କ) ଜମି ହରାଇବା ହେତୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ସେମାନେ ନିମ୍ନ ପ୍ରକାରେ ମତ ଦେଇଛନ୍ତି;

- ସେମାନଙ୍କ ଜମିରେ ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ନିର୍ମାଣ ହେତୁ କୃଷି ଉତ୍ପାଦନ ହରାଇବା କାରଣରୁ ପ୍ରଭାବିତ ପରିବାର କ୍ଷତିପୂରଣ ପ୍ରଦାନ କରାଗଲେ ପ୍ରଭାବିତ ପରିବାରମାନେ ଉପକୃତ ହେବେ।

ଖ) ଗୋଷ୍ଠୀଗତ ଆଲୋଚନାରେ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀ ଡାଇଭର୍ସନ ୱେୟାର ପ୍ରକଳ୍ପର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଏକ ପାସୱେ ନିର୍ମାଣ କରିବାକୁ ଅନୁରୋଧ କରିଥିଲେ ଯାହା ଦ୍ୱାରା ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଜିନିଷପତ୍ର ଗୁଡ଼ିକର ପରିବହନ ସହଜ ହୋଇପାରିବ ଏବଂ ଗ୍ରାମବାସୀଙ୍କ ପାଇଁ ନିରାପଦ ପାନୀୟ ଜଳ ଯୋଗାଣ ପାଇଁ ଅନୁରୋଧ କରିଥିଲେ ।

୦.୧୦ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଏବଂ ପ୍ରଶମନ ପଦକ୍ଷେପ

ଡିହଖଳା ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣର ପ୍ରତିକୂଳ ସାମାଜିକ ପ୍ରଭାବକୁ ହ୍ରାସ କରିବାକୁ SIA ଅଧ୍ୟୟନ ଦଳ କିଛି ଉପଶମ ମୂଳକ ପଦକ୍ଷେପର ପ୍ରସ୍ତାବ ଦେଇଛନ୍ତି । ଏହି ଭିତ୍ତିରେ ଅଧ୍ୟୟନ ଦଳ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ବ୍ୟାପକ ଉଦ୍ଦେଶ୍ୟ ହେଉଛି ଜମି ଅଧିଗ୍ରହଣର ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ଏବଂ ପ୍ରକଳ୍ପର ଲାଭଦାୟକ ପ୍ରଭାବକୁ ବୃଦ୍ଧି ପାଇଁ ପରାମର୍ଶ ଦେବା ଓ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର କାର୍ଯ୍ୟାନ୍ୱୟନ କରିବା ପାଇଁ ପ୍ରକଳ୍ପ କର୍ତ୍ତୃପକ୍ଷ ଏବଂ ସରକାର ଗ୍ରହଣ କରିବାକୁ ଥିବା ହସ୍ତକ୍ଷେପ ସମ୍ବନ୍ଧରେ ପରାମର୍ଶ ଦେବା । ଏହି ପଦକ୍ଷେପଗୁଡ଼ିକ ହେଉଛି:

(କ) ଜମି ହରାଇଥିବା ଓ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେଇଥିବା ପରିବାର ମାନଙ୍କ ପାଇଁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା ହେବା ବାଞ୍ଛନୀୟ । ସ୍ଥାନୀୟ ହାର ଦ୍ୱାରା ପ୍ରଦାନ କରାଯାଇଥିବା ମୂଲ୍ୟ ଆଧାରରେ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି। ନିୟମ ଅନୁଯାୟୀ ଏହା ସମ୍ଭବ ନ ହୋଇପାରେ ଏବଂ ଏହା ଗୋଟିଏ ବୈଧାନିକ ବିଷୟ ହୋଇଥିବାରୁ ଏହାକୁ ସହମତି ଭିତ୍ତିରେ ସମାଧାନ କରିବା ଉଚିତ୍ ।

(ଖ) ଜମି ସହିତ ବୃକ୍ଷ ହରାଇଥିବା ପ୍ରଭାବିତ ପରିବାରକୁ ବୃକ୍ଷ ପାଇଁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା କରାଯିବା ଆବଶ୍ୟକ ।

(ଗ) ବିଗତ ବର୍ଷ ମଧ୍ୟରେ ନିଜ ଜମିରେ ଡାଇଭର୍ସନ ୱେୟାର ପ୍ରକଳ୍ପ ପାଇଁ ଜମି ହରାଇବା ହେତୁ କୃଷି ଉତ୍ପାଦନ ହ୍ରାସ କାରଣରୁ ପ୍ରଭାବିତ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି । ପୂର୍ବରୁ ହୋଇଥିବା କ୍ଷତି ପାଇଁ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ଆବଶ୍ୟକ ।

(ଘ) ପ୍ରଭାବର ପ୍ରଶମନ କାର୍ଯ୍ୟକ୍ରମ ଗୁଡ଼ିକୁ ବଂଶ କ୍ରମ ବିଷୟକୁ ଧ୍ୟାନଦେଇ ତଥା ପ୍ରଭାବିତ ବ୍ୟକ୍ତି ବା ପରିବାର ମଧ୍ୟରେ ଉପୁଜୁଥିବା ବିବାଦର ଆପୋଷ ସମାଧାନ କରି ଉପଯୁକ୍ତ ବ୍ୟକ୍ତି ବା ପରିବାରଙ୍କୁ କ୍ଷତିପୂରଣ ରାଶି ଓ ଅନ୍ୟାନ୍ୟ ସୁବିଧା ମାନ ନିଶ୍ଚିତ କରିବା ଆବଶ୍ୟକ ।

(ଙ) ଡିହଖଳା ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ଠାରୁ ନିରାପଦ ଦୂରତାରେ ଗଛ ଲଗାଇବାର ବ୍ୟବସ୍ଥା କରି ସୌନ୍ଦର୍ଯ୍ୟକରଣ ଓ ପରିବେଶ ଉନ୍ନତି ନିମନ୍ତେ ଜଙ୍ଗଲ ବିଭାଗ ଏବଂ ଉଦ୍ୟାନ ବିଭାଗ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବା ଉଚିତ୍ ।

(ଚ) ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କ୍ଷତିପୂରଣ ଅର୍ଥରାଶି ପ୍ରଦାନ କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହି ରାଶିକୁ କିପରି ଫଳପ୍ରଦ ଓ ଉତ୍ପାଦନକ୍ଷମ ଉପାୟରେ ପ୍ରଭାବିତ ଲୋକମାନେ ବ୍ୟବହାର କରିବେ ସେଥିପାଇଁ ଲୋକମାନଙ୍କୁ ଉପଯୁକ୍ତ ବୈଷୟିକ ଓ ବିତ୍ତୀୟ ପରାମର୍ଶ ଦେବା ଆବଶ୍ୟକ ।

(ଛ) ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଗୋଟିଏ ଫଳପ୍ରଦ କ୍ରମାଗତ ଯାଞ୍ଚ ପ୍ରକ୍ରିୟାର ଆବଶ୍ୟକତା ରହିଛି। ଏହା ଦ୍ୱାରା ନକାରାତ୍ମକ ପ୍ରଭାବ ଗୁଡ଼ିକର ଉପଶମ ହେବ ଓ ସେଥି ନିମନ୍ତେ ଜମି ଅଧିଗ୍ରହଣ ହେତୁ ଅସୁରକ୍ଷିତ ଓ ପ୍ରଭାବିତ ପରିବାର ମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଆଯାଇ ପାରିବ । ପ୍ରକଳ୍ପ କର୍ତ୍ତୃପକ୍ଷ ଆଭ୍ୟନ୍ତରୀଣ ଆଲୋଚନା ପର୍ଯ୍ୟାଲୋଚନା ମାଧ୍ୟମରେ ପ୍ରଶମନ କାର୍ଯ୍ୟକ୍ରମ ଗୁଡ଼ିକୁ ତଦାରଖ ଓ ସମସ୍ୟାମାନଙ୍କୁ ଚିହ୍ନଟ କରି ଆବଶ୍ୟକୀୟ ସୁଧାରମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରିବା ଉଚିତ୍ ।

(ଜ) ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ଏକ ଅତ୍ୟାବଶ୍ୟକ ଅଙ୍ଗ ହେଉଛି, ଆସୁଥିବା ଅଭିଯୋଗ ଗୁଡ଼ିକର ପ୍ରତିବିଧାନ। ପ୍ରଭାବିତ ପରିବାର ଗୁଡ଼ିକର ଆପତ୍ତି ଓ ଅଭିଯୋଗ ଗୁଡ଼ିକୁ ଜମି ଅଧିଗ୍ରହଣ କରୁଥିବା କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ ମହୋଦୟ ସଦୟ ଦୃଷ୍ଟି ଦେବା ଏବଂ କ୍ଷେତ୍ର କର୍ମଚାରୀ ମାନଙ୍କୁ ଲୋକମାନଙ୍କର ଅଭିଯୋଗ ଗୁଡ଼ିକର ପ୍ରଶମନ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ଆବଶ୍ୟକ ।

(ଝ) ଜମି ହେଉଛି ଏକ ମୂଲ୍ୟବାନ ସଂପତ୍ତି; ଅସୁବିଧା ସମୟରେ ବୀମା ସଦୃଶ, ଏବଂ ଜମି ସହିତ ଲୋକମାନଙ୍କର ଭାବପ୍ରବଣତା ଓ ଆବେଗ ଯୋଡି ହୋଇ ରହିଥାଏ। ଜମି ଅଧିଗ୍ରହଣରେ ଜମି ହରାଉଥିବା ଲୋକମାନେ ସବୁଦିନ ପାଇଁ ତାହା ହରାଇଥାନ୍ତି। ଯେତେ ଟଙ୍କା ଦେଲେ କି ଅନ୍ୟାନ୍ୟ କ୍ଷତି ପୂରଣ ଦେଲେ, ଜମିର ଅଭାବ ପୂରଣ ହୋଇନଥାଏ । ତେଣୁ ଜମି ଅଧିଗ୍ରହଣ ହେତୁ ଉପୁଜୁଥିବା ସମସ୍ୟାମାନଙ୍କୁ ଗୁରୁତର ସହ ବିଚାରକୁ ନେଇ ଜମି ହରାଇଥିବା ଲୋକମାନଙ୍କର ସ୍ୱାର୍ଥ ଏବଂ ଆବେଗକୁ ଏ କ୍ଷେତ୍ରରେ ପ୍ରାଧାନ୍ୟ ଦେବା ଉଚିତ୍ ହେବ । ଲୋକଙ୍କୁ କ୍ଷତିପୂରଣ ଟଙ୍କା ଦେଇସାରି ଅନ୍ୟ ସମସ୍ୟା ମାନଙ୍କୁ ଅଣଦେଖା କରିବା ଅନ୍ୟାୟ ହେବ ।

(ଞ) ରାଜୁଆ ଡାଇଭର୍ସନ ୱେୟାରରେ ପ୍ରକଳ୍ପ ପାଇଁ କୌଣସି ସରକାରୀ ଜମି ଅଧିଗ୍ରହଣ ହୋଇନାହିଁ।

୦.୧୧ ଅତିରିକ୍ତ ସୁପାରିଶ

ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଅଧୀନରେ ପରାମର୍ଶ ଦିଆଯାଇଥିବା ପଦକ୍ଷେପ ସହିତ, ନିମ୍ନଲିଖିତ ପାଞ୍ଚଟି ଅତିରିକ୍ତ ପରାମର୍ଶ ଉଲ୍ଲେଖ କରାଯାଇଛି ।

(୧) ସ୍ଥାନୀୟ ଜମିର ହାର ଦ୍ୱାରା କ୍ଷତିପୂରଣ ମୂଲ୍ୟ ଆଧାରରେ କ୍ଷତିଗ୍ରସ୍ତ ପରିବାରର ଦାବିକୁ ବିଚାର କରାଯାଇ କ୍ଷତିପୂରଣ ପ୍ରଦାନ କରାଗଲେ ପ୍ରଭାବିତ ପରିବାରମାନେ ଉପକୃତ ହେବେ । ଯେହେତୁ ଏହି ମୂଲ୍ୟ ଜିଲ୍ଲା ପଞ୍ଜୀକରଣ କାର୍ଯ୍ୟାଳୟର ରେକର୍ଡରେ ଦରଜ ହୋଇଥିବା ବେଞ୍ଚମାର୍କ ମୂଲ୍ୟଠାରୁ ଅଧିକ, ନିୟମ ଅନୁଯାୟୀ ଏହା ସମ୍ଭବ ନୁହେଁ । ତଥାପି, ଏହାକୁ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା ଆବଶ୍ୟକ ।

(୨) ଯଦି କେନାଲ ନିର୍ମାଣ କରାଯାଏ, ତେବେ ଆମର ଜମି ଗୁଡ଼ିକ ବିଭକ୍ତ ହୋଇଯିବ। ଏହା ଫଳରେ ଗାଈଗୋରୁ, କୃଷି ଉପକରଣ, ଯେପରିକି ଟ୍ରାକ୍ଟର, ପାୱାର ଟିଲର, ଅମଳ ଯନ୍ତ୍ର, ଇତ୍ୟାଦିର ପରିବହନ ସମ୍ଭବ ହେବ ନାହିଁ । ଏପରି ପରିସ୍ଥିତିରେ, କେନାଲ ସହିତ, କେନାଲ ଉପରେ ଏକ ସେତୁ ନିର୍ମାଣକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ।

(୩) ଜମିଜମା କାଗଜ ପତ୍ର ବା ରେକର୍ଡ଼ ବହୁତ ପୁରୁଣା ହୋଇଗଲାଣି, ସେଥିପାଇଁ ପ୍ରକୃତ ହିତାଧିକାରୀଙ୍କୁ ଖୋଜି ବାହାର କରିବା କାଠିକର ପାଠ ହେଉଛି ଓ ଜମିର କ୍ଷତିପୂରଣ ପ୍ରଦାନ ସମୟରେ ବିବାଦ ଓ ମାଲିମକଦ୍ଦମା ସମସ୍ୟା ଉପୁଜିବାର ଆଶଙ୍କା ଅଛି । ଲିଙ୍ଗଗତ ସମସ୍ୟା ମଧ୍ୟ ଉପୁଜିପାରେ । ଏଥିପାଇଁ ଜମି ରେକର୍ଡ଼କୁ ନିୟମିତ ଅଧୁନାତନ (ଅପଡେଟ୍) କରିବା ଓ କମ୍ପ୍ୟୁଟରାଇଜେସନ୍ କରିବାର ଆବଶ୍ୟକତା ଅଛି।

(୪) ପ୍ରକଳ୍ପ ପାଇଁ ଯେଉଁମାନେ ଜମି ହରାଇଛନ୍ତି, ସେମାନେ ସ୍ୱଳ୍ପ ପରିମାଣ ଜମିର ମାଲିକ ଅଟନ୍ତି । ତାଙ୍କର ଦାବି ଓ ସମସ୍ୟା ଗୁଡିକ ସହୃଦୟତାର ସହ ବିଚାର କରିବା ଉଚିତ୍ ।

(୫) ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ସାମାଜିକ ସମୀକ୍ଷା (Social Audit) କରାଯାଇ ନିୟମିତ ପୁନର୍ବିଲୋକନ ହେବା ଆବଶ୍ୟକ । ସେଥିପାଇଁ ସରକାର ଏକ ଉତ୍ସର୍ଗୀକୃତ ଦଳଙ୍କୁ ବାଛିବା ଦରକାର ଯେଉଁମାନେ ଏପରି ସମୀକ୍ଷା କରିବା ସହିତ ସତ୍ୟାପନ ଓ ତାଲିମ କାର୍ଯ୍ୟ ହାତକୁ ନେଇପାରିବେ।

(୬) ଯେହେତୁ RFCTLARR Act, ୨୦୧୩ ଓ Odisha RFCTARR Rules, ୨୦୧୬ ନିୟମ ଦୁଇଟିର ସର୍ବପ୍ରଧାନ ଅଂଶଟି ହେଉଛି "ସ୍ୱଚ୍ଛତା", ତେଣୁ ସରକାର ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିଦେବା ଉଚିତ । ଏହା ଦ୍ୱାରା ଲୋକମାନେ ସମସ୍ତ ତଥ୍ୟ ବିଷୟରେ ଅବଗତ ହେବା ସହିତ ସେମାନଙ୍କର ସାମର୍ଥ୍ୟ ବୃଦ୍ଧି ପାଇଁ ଚେଷ୍ଟିତ ହେବେ ।

୦.୧୨ ଉପସଂହାର

ପୂର୍ବ ବର୍ଣ୍ଣିତ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣରୁ ଏହା ସ୍ପଷ୍ଟ ଯେ ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ଲୋକମାନଙ୍କ ଉପରେ ପଡୁଛି । ଜମି ଅଧିଗ୍ରହଣ ଫଳରେ ୨୪ଟି ପରିବାରର ଲୋକମାନେ ଜମି, ଜୀବିକା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ହରାଇଛନ୍ତି, କିନ୍ତୁ ଅନ୍ୟ ପକ୍ଷରେ ଜଳସେଚନ ଆକାରରେ ଏକ ବୃହତ୍ ତଥା ଉନ୍ନତ କୃଷି ଭିତ୍ତିଭୂମିର ସୃଷ୍ଟି ହୋଇଛି ଏବଂ ଏହା ଏକ ବଡ କାରଣ ପାଇଁ ହୋଇଛି । ଜମିକୁ ଜଳସେଚନ ସୁବିଧା ଉପଲବ୍ଧ ହେବାଦ୍ୱାରା ଏକ ବଡ଼ ସ୍ୱାର୍ଥସାଧନ ହୋଇଛି । ଜଳସେଚନର ଲାଭ ଏହି ଅଞ୍ଚଳର ଡିହଖଳା ଗାଁର ଲୋକଙ୍କ ପାଇଁ ଉପଲବ୍ଧ । ଏହା ସହିତ, ଯଦି ପ୍ରସ୍ତାବିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ ଅକ୍ଷରେ ଅକ୍ଷରେ ଗ୍ରହଣ କରାଯାଏ ଏବଂ ପାଳନ କରାଯାଏ, ନକାରାତ୍ମକ ପ୍ରଭାବ ମାନ କମିଯିବ ଏବଂ ସକାରାତ୍ମକ ପ୍ରଭାବ ଗୁଡ଼ିକ ଭାରୀ ହେବ । ପ୍ରକଳ୍ପର ଅନୁକୂଳ ପ୍ରଭାବମାନ ଓ ଯୋଜନାର ସଫଳତା ପ୍ରତିକୂଳାତ୍ମକ ସାମାଜିକ ପରିବ୍ୟୟ ଠାରୁ ଢେର ଅଧିକ ବିବେଚିତ

ହେବ ବୋଲି ଆକଳନ କରାଯାଇଛି । ଏଣୁ ଏହାର ନିଟ୍ ସାମାଜିକ ସୁବିଧା ସୁଯୋଗ ଗୁଡିକ ଦ୍ୱାରା ଲୋକମାନେ ଓ ଅଞ୍ଚଳବାସୀ ବହୁ ଭାବରେ ଉପକୃତ ହେବେ।

ଜମି ଅଧିଗ୍ରହଣ ଜନିତ କ୍ଷତି ଓ ଉପଲବ୍ଧ ଲାଭ ଓ ସୁବିଧା ସବୁକୁ ତୁଳନା କଲେ, ଏହା ଉଲ୍ଲେଖ ଯୋଗ୍ୟ ଯେ, ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ଏକ ଲାଭଦାୟକ ପ୍ରକଳ୍ପ ଅଟେ। ତେଣୁ ଡାଇଭର୍ସନ ୱେୟାର ଜଳସେଚନ ପ୍ରକଳ୍ପ ପାଇଁ ପ୍ରସ୍ତାବିତ ଜମି ଅଧିଗ୍ରହଣ ପ୍ରକ୍ରିୟା ଚୂଡାନ୍ତ ହେବା ଉଚିତ୍ ।

ପ୍ରଥମ ଅଧ୍ୟାୟ
ପ୍ରକଳ୍ପର ବିସ୍ତୃତ ବିବରଣୀ

୧.୧ ଉପକ୍ରମ

ଜଳ ହିଁ ଜୀବନ । ଏହା ଏକ ସୀମିତ ପ୍ରାକୃତିକ ସମ୍ପଦ ଏବଂ ପୃଥିବୀର ସମସ୍ତ ଜୀବଜନ୍ତୁଙ୍କୁ ବିଶେଷ କରି ମାନବଜାତି ପାଇଁ ପ୍ରକୃତିର ଉପହାର ଅଟେ । ଏକଦା ଜଳ ପର୍ଯ୍ୟାପ୍ତ ଦୁନିଆ ଧୀରେ ଧୀରେ ଜଳ ଅଭାବ ଆଡକୁ ବଦଳୁଛି । ଆମ ଦେଶରେ କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ଉନ୍ନତ ମାନର ଜୀବନ ଯାପନର ବ୍ୟାପକତା ଯୋଗୁଁ ଉପଲବ୍ଧ ଜଳ ଉପରେ ଚାପ ବୃଦ୍ଧି ପାଉଛି । ଉନ୍ନତ କୃଷି ପ୍ରଣାଳୀର ବହୁଳ ପ୍ରସାର ଏବଂ ଶିଳ୍ପ ବିକାଶ ତଥା ଅନୁପଯୁକ୍ତ ଏବଂ ଅନଭିଜ୍ଞ ଅସର୍ଦ୍ଦୁପଯୋଗ ହେତୁ ଜଳ ଅଭାବ ଆହୁରି ଜଟିଳ ହୋଇଛି । ବୃଷ୍ଟିପାତର ସ୍ଥାନିକ ଓ ସାମୟିକ ପରିବର୍ତ୍ତନ ଅଞ୍ଚଳ- ଅଞ୍ଚଳ ମଧ୍ୟରେ ଜଳର ସୁଲଭତା ଉପରେ ଯଥେଷ୍ଟ ପ୍ରଭାବ ପକାଇଥାଏ । ଉପଯୁକ୍ତ ବୈଜ୍ଞାନିକ ପଦ୍ଧତି ଗୁଡିକର ପ୍ରୟୋଗ ମାଧ୍ୟମରେ ଏହି ସମ୍ପଦର ନିରନ୍ତର ବିକଶିତ ବ୍ୟବହାର ହୋଇପାରିବ । ଜଳର ନିରନ୍ତର ପ୍ରାପ୍ତି ଓ ସଫଳ ଉପଯୋଗ କରିବାର ଉପାୟ ମଧ୍ୟରେ ଜଳସେଚନ ବ୍ୟବସ୍ଥା ଅନ୍ୟତମ ।

କୃଷିର ବିକାଶ ପ୍ରକ୍ରିୟାରେ ଜଳସେଚନ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି ଏବଂ ଏହା ଆମର କୃଷି ଭିତ୍ତିଭୂମିକୁ ସୁଦୃଢ କରିଥାଏ । ଫସଲ ଉତ୍ପାଦନ ବୃଦ୍ଧି ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିବେଶ । ଏହା ଖାଦ୍ୟ ନିରାପତ୍ତାରେ ଉନ୍ନତି ଆଣିବାରେ ସାହାଯ୍ୟ କରିବା ସହିତ ମୌସୁମୀ ଉପରେ ନିର୍ଭଳଶୀଳତା ହ୍ରାସ କରି କୃଷି ଉତ୍ପାଦନରେ ବୃଦ୍ଧି ଏବଂ ଗ୍ରାମୀଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରେ । ଜଳସେଚନ ପ୍ରକଳ୍ପ ପାଇଁ ବ୍ୟବହୃତ ଡ୍ୟାମ (ବନ୍ଧ) ଗୁଡିକ ବିଦ୍ୟୁତ୍ ଏବଂ ପରିବହନ ସୁବିଧା ଯୋଗାଇବା ସହିତ ବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ପାନୀୟ ଜଳ ଯୋଗାଣ, ଦେଶରେ ବନ୍ୟା ନିୟନ୍ତ୍ରଣ ଏବଂ ମରୁଡି ରୋକିବାରେ ସାହାଯ୍ୟ କରେ ।

ଜଳସେଚନକୁ ସାଧାରଣତଃ କେବଳ ଏକ ପୃଥକ ତଥା ବ୍ୟକ୍ତିଗତ ଉପାୟରେ ଫସଲରେ ଜଳର କୃତ୍ରିମ ପ୍ରୟୋଗ ଭାବରେ ଦେଖାଯାଏ କିନ୍ତୁ ଶୁଷ୍କ ଏବଂ ଅର୍ଦ୍ଧ-ଶୁଷ୍କ ଅଞ୍ଚଳରେ ଏହାର ଅର୍ଥ ଭିନ୍ନ । ଏହିପରି ଅଞ୍ଚଳରେ ଜଳସେଚନ ଏକ ସମନ୍ୱିତ ବିକାଶ ପାଇଁ ଅତ୍ୟାବଶ୍ୟକ ଭିତ୍ତିଭୂମି ପ୍ରଦାନ କରିଥାଏ ଏବଂ ଏହା ଏକ ଜୀବନଶୈଳୀ ଯାହା ମାନବ ସମ୍ପ୍ରଦାୟର ବିକାଶର ବିଭିନ୍ନ ଦିଗ (ଯଥା: ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ) ର ବିକାଶରେ ସହାୟକ ହୋଇଥାଏ।

ଜଳସେଚନ ମୂଳପିଣ୍ଡ ଜଳର ମୁଖ୍ୟ ଉତ୍ସ ହେଉଛି ବର୍ଷା, ଭୂତଳ ଜଳ ଓ ପୋଖରୀ । ଅନେକ ଗ୍ରୀନ ହାଉସ୍ କାର୍ଯ୍ୟ ପାଇଁ ଖୋଳାଯାଇଥିବା କୂଅଗୁଡିକ ଜଳର ଏକ ନିର୍ମଳ ଉତ୍ସ । କ୍ରମାଗତଭାବେ ବିଭିନ୍ନ ଯୋଜନା ସମୟରେ ସମଗ୍ର ଦେଶରେ ବହୁ ସଂଖ୍ୟକ ବନ୍ଧ, ବ୍ୟାରେଜ, ଜଳ ବିଦ୍ୟୁତ୍ ସଂରଚନା, କେନାଲ ନେଟୱାର୍କ ଇତ୍ୟାଦି ନିର୍ମାଣ କରାଯାଇଛି । ଭାରତର ଜଳସେଚନ ମାଧ୍ୟମ ଗୁଡିକ ମଧ୍ୟରେ ନଦୀରୁ ପ୍ରମୁଖ ଏବଂ ଛୋଟ କେନାଲ ଗୁଡିକର ଏକ ନେଟୱାର୍କ, ଭୂତଳ ଜଳ ଭିତ୍ତିକ ସିଷ୍ଟମ, ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ବର୍ଷା ଜଳ ଅମଳ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଜଳସେଚନ ଖାଦ୍ୟ ନିରାପତ୍ତାରେ ଉନ୍ନତି ଆଣିବା ସହିତ ମୌସୁମୀ ଉପରେ ନିର୍ଭରଶୀଳତା ହ୍ରାସ, କୃଷି ଉତ୍ପାଦନ ବୃଦ୍ଧି ଏବଂ ଗ୍ରାମୀଣ ଚାକିରି ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରେ ।

ପଞ୍ଚମ ପଞ୍ଚ ବାର୍ଷିକ ଯୋଜନା ପୂର୍ବରୁ ଜଳସେଚନ ଯୋଜନାଗୁଡିକୁ ନିବେଶ ଆଧାରରେ ଶ୍ରେଣୀଭୁକ୍ତ କରାଯାଇଥିଲା । ଏହି ଯୋଜନା ପରଠାରୁ ଏଗୁଡିକ ପାଇଁ ପ୍ରଭାବିତ କ୍ଷେତ୍ର ଆଧାରିତ ବର୍ଗୀକରଣ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭାରତର ଯୋଜନା ଆୟୋଗ ଜଳ ସେଚିତ କୃଷି ଯୋଗ୍ୟ ଉପଯୋଗ କ୍ଷେତ୍ର (ସିସିଏ) ଆଧାରରେ ଜଳସେଚନ ପ୍ରକଳ୍ପର ଶ୍ରେଣୀକରଣ କରିଛନ୍ତି । କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍.ଆଇ.ପି) ହେଉଛି ଭାରତରେ ବ୍ୟବହୃତ ଜଳସେଚନ ପ୍ରକଳ୍ପର ଏକ ମୁଖ୍ୟ ଶ୍ରେଣୀ । ୨୦୦୦ ହେକ୍ଟର କିମ୍ବା ତା'ଠାରୁ କମ୍ ଅଞ୍ଚଳକୁ ଜଳସେଚନ କରିବା ପାଇଁ ପରିକଳ୍ପନା ହୋଇଥିବା ପ୍ରକଳ୍ପକୁ ଏମ୍.ଆଇ.ପି ଭାବରେ ଶ୍ରେଣୀଭୁକ୍ତ କରାଯାଇଛି ।

କେନାଲ-ଜଳସେଚିତ ଅଞ୍ଚଳର ପରିସରକୁ ବର୍ଦ୍ଧିତ କରିବା, ବନ୍ୟା ପରିସ୍ଥିତି ଏବଂ ଜଳ ଅଭାବକୁ ହ୍ରାସ କରିବା ପାଇଁ ଭାରତରେ ଏକ ଉଚ୍ଚକୋଟୀର ଜାତୀୟ ନଦୀ ସଂଯୋଗୀତ ସମ୍ଭାବନା ରହିଛି । କେନାଲ ହେଉଛି ଏକ କୃତ୍ରିମ ଅଳ୍ପ ଚଉଡା ବିଶିଷ୍ଟ ଜଳ ଗତିପଥ ଯାହା ଜଲସେଚନ ଯୋଗାଇବା ଉଦ୍ଦେଶ୍ୟରେ କ୍ଷେତକୁ ଜଳ ଯୋଗାଣ ପାଇଁ ନିର୍ମିତ । କେନାଲ ପାଇଁ ନଦୀ, ଟ୍ୟାଙ୍କ, ଡ୍ୟାମ୍ କିମ୍ବା ଜଳଭଣ୍ଡାରରୁ ଜଳ ନିଆଯାଏ। କଂକ୍ରିଟ, ପଥର, ଇଟା କିମ୍ବା ଯେକୌଣସି ପ୍ରକାରର ନମନୀୟ ଝିଲ୍ଲୀ ମାଧ୍ୟମରେ କେନାଲଗୁଡିକ ନିର୍ମାଣ କରାଯାଇପାରିବ ଯାହା ଜଳ ନିଃସରଣ ଓ ମୃତ୍ତିକା କ୍ଷୟ ପରି ସମସ୍ୟାର ସ୍ଥାୟୀ ସମାଧାନ କରିଥାଏ।

ଓଡିଶାର କୃଷି କ୍ଷେତ୍ର ମରୁଡି, ବନ୍ୟା ଏବଂ ଘୂର୍ଣ୍ଣିବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ବାରମ୍ବାର ଶିକାର ହେଉଛି । ଗରିବ କୃଷକମାନେ ସେମାନଙ୍କର ଜୀବନ ଧାରଣ ମାନଦଣ୍ଡରେ ଉନ୍ନତି ଆଣିବାକୁ ସକ୍ଷମ ନୁହଁନ୍ତି । ଫସଲକୁ ଜଳସେଚନ ପାଇଁ ଜଳ ଯୋଗାଣ କୃଷକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ କୃଷିର ଅଭିବୃଦ୍ଧି ଓ ବିକାଶ ପାଇଁ ମଧ୍ୟ ଆବଶ୍ୟକ । ଜଳବାୟୁ ପରିବର୍ତ୍ତନ ଏବଂ ଏହାର ପ୍ରଭାବର ପରିଚାଳନା ପାଇଁ ଜଳସେଚନ ମାଧ୍ୟମରେ ବୈଜ୍ଞାନିକ ପ୍ରଣାଳୀରେ ଜଳ ପରିଚାଳନା ମଧ୍ୟ ଗୁରୁତ୍ୱ ବହନ କରେ। ଜଳବାୟୁ ପରିବର୍ତ୍ତନର କୁପ୍ରଭାବର ପ୍ରତିରୋଧ ଓ ଉପଶମ ପାଇଁ ଆମ ରାଜ୍ୟରେ ସରକାରଙ୍କ ଜଳବାୟୁ ପ୍ରତିରୋଧ ଭିତ୍ତିକ ପରିଚାଳନା ବହୁତ ପ୍ରଭାବଶାଳୀ । ରାଜ୍ୟରେ ମନୋନୀତ କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ପ୍ରକଳ୍ପର ସି.ସି.ଏରେ ଥିବା ଦୁର୍ବଳତାକୁ ପ୍ରତିହତ କରି ସ୍ଥିରତା ଆଣିବା ପାଇଁ ସରକାର ଜଳବାୟୁ ନମନୀୟତା କୃଷି ଓ ଓଡିଶା ସମନ୍ୱୀତ ଜଳସେଚନ ପ୍ରକଳ୍ପ (ଓ.ଆଇ.ଆଇ.ପି.ସି.ଆର.ଏ) କାର୍ଯ୍ୟକାରୀ କରିବାକୁ ନିର୍ଣ୍ଣୟ ନେଇଛନ୍ତି । ଉପ-ଅବବାହିକା ପଦ୍ଧତି ସହିତ ଓ.ଆଇ.ଆଇ.ପି.ସି.ଆର.ଏ. ପ୍ରକଳ୍ପ ଦକ୍ଷତା ବୃଦ୍ଧି ଏବଂ କୃଷିକୁ ଜଳବାୟୁ କୁଶଳ (ସ୍ମାର୍ଟ) କରିବା ପାଇଁ କଳ୍ପନା ହୋଇଛି ।

୧.୧.୧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଲାଭ ଓ ଉପକାରିତା

କ୍ଷୁଦ୍ର ଜଳସେଚନ କେନାଲ ପ୍ରକଳ୍ପର ନିର୍ମାଣ ଲୋକପ୍ରିୟ ଏବଂ ଚାହିଦାଯୁକ୍ତ ପୂରଣ ପାଇଁ ସକ୍ଷମ ହୋଇଥିବାରୁ ଏହାର ଅନେକ ସୁବିଧା ଅଛି । ସେଗୁଡିକ ନିମ୍ନରେ ବର୍ଣ୍ଣନା କରାଯାଇଛି ।

- ରାଜ୍ୟର ସମସ୍ତ ଅଞ୍ଚଳ ସହିତ କ୍ଷେତ୍ରୀୟ ସମ୍ଭାବ୍ୟତା ଏବଂ ଅନୁକୂଳତା ।
- ନିର୍ମାଣରେ କମ୍ ବିନିଯୋଗ ଏବଂ ହେକ୍ଟର ପିଛା କମ୍ ମୂଲ୍ୟ ଖର୍ଚ୍ଚ ।
- କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଜଳ ଉତ୍ପାଦନ ପାଇଁ ପ୍ରସ୍ତୁତି ଅବଧି ସମୟ କମ୍ (୩ରୁ ୪ବର୍ଷ) ଅଟେ ।
- ପ୍ରାରମ୍ଭିକ ଜଳସେଚନ ସମ୍ଭାବ୍ୟ ସୃଷ୍ଟି ଯଥା ଶୀଘ୍ର ସମ୍ଭାବ୍ୟ/ଲାଭ ସୃଷ୍ଟି ।
- କୌଣସି ପୁନର୍ବାସ ଏବଂ ପୁନର୍ବସତି (ଆର ଆଣ୍ଡ ଆର) ସମସ୍ୟା ନାହିଁ ।

- କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପରିଚାଳନା କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସହଜ ଓ ସୁବିଧାଜନକ; ସହଭାଗୀ ଜଳସେଚନ ପରିଚାଳନା (PIM) ଏବଂ ଜଳସେଚନ ପରିଚାଳନା ହସ୍ତାନ୍ତର (IMT)ରେ ସ୍ଥାନୀୟ ଲୋକମାନଙ୍କର ଆଶା ଏବଂ ଅଂଶଗ୍ରହଣ ।
- ସହଜ ପରିଚାଳନା ଏବଂ ରକ୍ଷଣାବେକ୍ଷଣ (O&M) ।
- ବିଦେଶୀ କର୍ମଚାରୀ କିମ୍ବା ଉପକରଣ ମାଧ୍ୟମର କୌଣସି ବିଶେଷ ସହାୟତା ଆବଶ୍ୟକ ନାହିଁ ।
- ବୃହତ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପ ତୁଳନାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପରିଚାଳନା ଅପେକ୍ଷାକୃତ ସରଳ ।
- ଏହା ମାଧ୍ୟମରେ ସ୍ଥାନୀୟ ସମ୍ବଳଗୁଡିକ ସହଜରେ ଏବଂ ପ୍ରଭାବଶାଳୀ ଢଙ୍ଗରେ ପରିଚାଳନା କରାଯାଇପାରିବ।
- କ୍ଷୁଦ୍ର ସେଚ ପ୍ରକଳ୍ପମାନେ ବ୍ୟାପକ ପରିମାଣରେ ରୋଜଗାର ସୃଷ୍ଟି କରିପାରନ୍ତି ।
- ଏଗୁଡିକ ପରିବେଶ ପାଇଁ ସର୍ବନିମ୍ନ ବିଶୃଙ୍ଖଳା ସୃଷ୍ଟି କରିଥାଏ, ଏବଂ
- ଜଳ ଅଭାବ ଅଞ୍ଚଳରେ ଏହା ଜଳ ସଂଯୋଗକାରୀ ଏବଂ ସେହି ଅଞ୍ଚଳରେ ଜଳସ୍ତରର ପୁନଃଭରଣରେ ବିଶେଷ ସହାୟକ ହୋଇଥାଏ ।

କ୍ଷୁଦ୍ର ଜଳସେଚନ କେନାଲ ପ୍ରକଳ୍ପଗୁଡିକ ପରିବେଶ ଅନୁକୂଳ ଏବଂ ଏହା ଗ୍ରାମାଞ୍ଚଳ ଲୋକଙ୍କୁ ରୋଜଗାରର ସୁଯୋଗ ପ୍ରଦାନ କରିଥାଏ, ଯାହାଫଳରେ ସ୍ଥାନୀୟ ସମ୍ବଳ ଗୁଡିକର ସର୍ବୋତ୍ତମ ଉପଯୋଗ ହୋଇଥାଏ । ଝରଣା ଏବଂ ନାଳ ଉପରେ ବହୁ ସଂଖ୍ୟାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ହେବା ଦ୍ୱାରା ଆଦିବାସୀ ହିତାଧିକାରୀଙ୍କ ଜମିକୁ ଜଳସେଚନର ସୁବିଧା ସହଜ ହୁଏ । ଏହି ପ୍ରଯୁକ୍ତିବିଦ୍ୟା ଆଦିବାସୀମାନଙ୍କର ନିକଟତର ହୋଇଥିବାରୁ ପ୍ରକଳ୍ପଗୁଡିକ ସ୍ୱୟଂକ୍ରୀୟ ପରିଚାଳନା ପାଇଁ ଉପଯୁକ୍ତ । ଆଜିକାଲି ପାଣି ପଞ୍ଚାୟତ ଯୋଜନା ମାଧ୍ୟମରେ ସରକାରଙ୍କ ଜଳ ପରିଚାଳନା କାର୍ଯ୍ୟକ୍ରମ ଲୋକମାନଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ସୃଷ୍ଟି କରିଛି ।

ଓଡିଶାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକ ଜଳ ସୁରକ୍ଷାମୂଳକ ଜଳସେଚନ ପାଇଁ ଉଦ୍ଦିଷ୍ଟ ଯାହା ବିଶେଷକରି ଜଳ ଅଭାବ ସମୟରେ ଅତ୍ୟନ୍ତ ସୁବିଧା ପ୍ରଦାୟୀ ହୋଇଥାଏ । ଏହା ବୃଷ୍ଟିପାତକୁ ଅନୁପ୍ରେରଣ କରେ ଏବଂ ଅଧିକାଂଶତଃ ଶ୍ରେଣୀ-୩/ଶ୍ରେଣୀ-୪ ଜଳସେଚନ ଅଧିନରେ ବର୍ଗୀକୃତ ହୁଏ ଯାହାର ଜଳଯୋଗାଣର ଗଭୀରତା ୪୬୦ ମି.ମି (୧୮”) ରୁ ୨୩୦ ମି.ମି (୯”) ପର୍ଯ୍ୟନ୍ତ ଅଟେ ।

୧.୧.୨ ଓଡିଶାରେ ଜଳସେଚନ ଯୋଜନା/କାର୍ଯ୍ୟକ୍ରମ

କୃଷକମାନଙ୍କ ପାଇଁ ଓଡିଶାରେ ଜଳସେଚନର ନିମ୍ନଲିଖିତ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି ।

- ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା (PMKSY)
- ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (RIDF)
- ଜାପାନ ଆନ୍ତର୍ଜାତୀୟ ସହଯୋଗ ସଂସ୍ଥା (JICA)
- ଓଡିଶା ସମ୍ବନ୍ଧିତ ଜଳସେଚିତ କୃଷି ଏବଂ ଜଳ ପରିଚାଳନା ଓ ବିନିଯୋଗ କାର୍ଯ୍ୟକ୍ରମ (OIIAWMIP)
- ଜଳବାୟୁ ଅନୁକୂଳ କୃଷି ପାଇଁ ଓଡିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ (OIIPCRA)
- ନଦୀବନ୍ଧ ପୁନର୍ବିନ୍ୟାସ ଏବଂ ଉନ୍ନତିକରଣ ପ୍ରକଳ୍ପ (DRIP)
- ବିଜୁ କୃଷକ ବିକାଶ ଯୋଜନା (BKVY)
- ଗଭୀର ବେଧ କୂପ ବା ବୋର-ୱେଲ ଜଳସେଚନ କାର୍ଯ୍ୟକ୍ରମ ।

- ଚେକ୍ ଡ୍ୟାମ ନିର୍ମାଣ କାର୍ଯ୍ୟକ୍ରମ ।
- ପ୍ରଧାନମନ୍ତ୍ରୀ ଖଣି କ୍ଷେତ୍ର କଲ୍ୟାଣ ଯୋଜନା (PMKKKY)
- ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ।
- କେନାଲ ଲାଇନ୍ ଏବଂ ପୁନର୍ବିନ୍ୟାସ ପ୍ରଣାଳୀ କାର୍ଯ୍ୟକ୍ରମ (CLSRP)
- ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ।

ଉତ୍ସ: ବାର୍ଷିକ ରିପୋର୍ଟ ୨୦୧୮-୧୯, ଜଳ ସମ୍ପଦ ବିଭାଗ, ଓଡିଶା ସରକାର ।

୧.୨ ପ୍ରକଳ୍ପ ବିକାଶକାରୀ ସଂସ୍ଥା, ପ୍ରକଳ୍ପର ପୃଷ୍ଠଭୂମି ଓ ଶାସନ ରୀତି

ରାଜୁଆ ନଦୀ ମହାନଦୀର ଡେଲଟାୟ ପ୍ରଣାଳୀରେ ତିରୁମାଲାଠାରେ ଦୟା ନଦୀରୁ ବିଭାଜିତ ହୋଇଛି। ବନ୍ୟା ପାଣି ଯୋଗୁଁ ରାଜୁଆ ନଦୀର ଉଭୟ ପାର୍ଶ୍ୱର ଚାଷୀମାନେ ସାଧାରଣତଃ ଖରିଫ ଫସଲରୁ ବଞ୍ଚିତ ହୁଅନ୍ତି। ତେଣୁ, ନିକଟସ୍ଥ ଗ୍ରାମର ଚାଷୀମାନେ ଢୋଲାପାଟଣା ଏବଂ ସାରଦାପୁର (ଢୋଲାପାଟଣାର ୩ କିଲୋମିଟର ତଳମୁଣ୍ଡରେ) ଠାରେ କ୍ରସ୍ ବନ୍ଧ ନିର୍ମାଣ କରି ରାଜୁଆ ନଦୀର ପାଣିକୁ ରବି ଫସଲ ପାଇଁ ପ୍ୟାଚ୍‌ରେ ବ୍ୟବହାର କରିଥିଲେ। ଏହି ଅଞ୍ଚଳରେ ରବି ଚାଷ ପାଇଁ ଉପରୋକ୍ତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି, ଢୋଲାପାଟଣାରେ ଏକ ଡାଇଭର୍ସନ ୱେୟାର ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା; ଯାହା ଦ୍ୱାରା ୨୬୬୬ ହେକ୍ଟର ସିସିଏକୁ ଜଳସେଚନ ଯୋଗାଇହେବ । ଯେହେତୁ ପାଣି ଜୀବନ ଏବଂ ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଜଳସେଚନ ଏବଂ ପାନୀୟ ଜଳ ଉତ୍ସ ଯୋଗାଣରେ ପ୍ରସାରଣ ସମେତ ସାଧାରଣ ନିବେଶ ଏବଂ ଭିତ୍ତିଭୂମିର ଗୁଣବତ୍ତା ଉନ୍ନତ କରିବା ଓଡିଶା ସରକାରଙ୍କ ଏଜେଣ୍ଡାରେ ବହୁ ଦିନ ଧରି ରହିଛି।

ଏହି ପ୍ରକଳ୍ପକୁ ରାଜୁଆ ନଦୀ ପାର ହୋଇ ଢୋଲାପାଟଣାରେ ଏକ ଡାଇଭର୍ସନ ୱେୟାର ନିର୍ମାଣ କରି ସମାପ୍ତ କରିବାକୁ ଯୋଜନା କରାଯାଇଥିଲା ଏବଂ ଡାଇଭର୍ସନ ୱେୟାରର ଉଭୟ ପାର୍ଶ୍ୱରେ ଆଫ୍ଲକ୍ସ ବନ୍ଧ (afflux bundh) ନିର୍ମାଣ କରାଯାଇଥିଲା। ରବି ଋତୁରେ ଡାଇଭର୍ସନ ୱେୟାରର ଉଭୟ ପାର୍ଶ୍ୱରେ ଜଳସେଚନ ଯୋଗାଇବା ପାଇଁ ଦୁଇଟି ମୁଖ୍ୟ କେନାଲ ଯଥା ୭.୮୮ କିଲୋମିଟର ଲମ୍ବ ପାଇଁ ବାମ ମୁଖ୍ୟ କେନାଲ ଏବଂ ୧୨.୦୫ କିଲୋମିଟର ଲମ୍ବ ପାଇଁ ଡାହାଣ ମୁଖ୍ୟ କେନାଲ ଏବଂ ଏହାର ବଣ୍ଟନ ପ୍ରଣାଳୀ ନିର୍ମାଣ କରି ପ୍ରସ୍ତାବ ଦିଆଯାଇଥିଲା । ରାଜୁଆ ନଦୀରେ ଜଳ ବର୍ଷସାରା ନିରନ୍ତର ପ୍ରବାହ ହୋଇଥାଏ। ଅଣ-ମୌସୁମୀ ପ୍ରବାହ ବର୍ଷା ଉପରେ ସ୍ୱାଧୀନ ଏବଂ ସମ୍ପୂର୍ଣ୍ଣ ଭାବରେ ମହାନଦୀ ଡେଲ୍ଟା ଷ୍ଟେଜ୍ -୨ ର କଣାସ ଶାଖା କେନାଲ ପ୍ରଣାଳୀର ପୁନଃରୁଥାନ ଏବଂ ପୁରୀ ମୁଖ୍ୟ କେନାଲର କାନୁପୁର ଅଞ୍ଚଳ ଦେଇ ଜଳ ନିର୍ଗମନ ଯୋଗୁଁ ହୋଇଥାଏ।

ଏହି ପ୍ରକଳ୍ପର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଜଳ ପ୍ରବାହକୁ ନିୟନ୍ତ୍ରଣ କରିବା ଏବଂ ଏକ ଚେକ୍ ଡ୍ୟାମ୍ ନିର୍ମାଣ କରି ଜଳ ଅପଚୟକୁ କମ କରିବା, ଏବଂ ଡାଇଭର୍ସନ କୌଶଳ ମାଧ୍ୟମରେ ଜଳବନ୍ଦୀ ଅଞ୍ଚଳରେ କୃଷି ପାଇଁ ଜଳସେଚନ ସୁବିଧା ଯୋଗାଇବା ।

୧.୨.୧ **ପ୍ରକଳ୍ପର ପୃଷ୍ଠଭୂମି**

ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଖୋର୍ଦ୍ଧା ଦକ୍ଷିଣ-ପୂର୍ବ ଜଳସେଚନ ବିଭାଗ ଏହି ପ୍ରକଳ୍ପର ନିର୍ମାଠଣକାରୀ ସଂସ୍ଥା । ୧୯୯୪ ମସିହାରୁ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ସମସ୍ତ ଜଳସମ୍ପଦ ପାଇଁ ନୋଡାଲ ବିଭାଗ । ରାଜୁଆ ନଦୀ ପାର ଢୋଲାପାଟଣାରେ ଏକ ଡାଇଭର୍ସନ ୱେୟାର ନିର୍ମାଣ କରି ଏବଂ ୱେୟାରର ଉଭୟ ପାର୍ଶ୍ୱରେ ଆଫ୍ଲକ୍ସ ବନ୍ଧ ନିର୍ମାଣ କରି ଏହି ପ୍ରକଳ୍ପ ସମାପ୍ତ କରିବାକୁ ଯୋଜନା କରାଯାଇଥିଲା । ରବି ଋତୁରେ ଡାଇଭର୍ସନ ୱେୟାରର

ଉଭୟ ପାର୍ଶ୍ୱରେ କେବଳ ମୁଖ୍ୟ କେନାଲ ଅର୍ଥାତ୍ ୭.୮୮ କିଲୋମିଟର ଲମ୍ବ ପାଇଁ ବାମ ମୁଖ୍ୟ କେନାଲ ଏବଂ ୧୨.୦୫ କିଲୋମିଟର ଲମ୍ବ ପାଇଁ ଡାହାଣ ମୁଖ୍ୟ କେନାଲ ନିର୍ମାଣ କରି ଜଳସେଚନ ଯୋଗାଇବାର ପ୍ରସ୍ତାବ ଦିଆଯାଇଥିଲା।

୧.୨.୨ ଶାସନ ରୀତି

ଜଳସେଚନ ପରିସର ପରିମାଣ ବୃଦ୍ଧି ଏବଂ ଜଳସେଚନ ଜଳର ବ୍ୟବହାରରେ ଉନ୍ନତି ଆଣିବା ପାଇଁ ଜଳ ଶାସନ ଗୁରୁତ୍ୱପୂର୍ଣ୍ଣ। ଶାସନର ଏକ ପ୍ରମୁଖ ଦିଗ ହେଉଛି ଜଳସେଚନ ଏବଂ ଜଳ ବ୍ୟବହାରର କାର୍ଯ୍ୟକ୍ଷମ ଦକ୍ଷତାରେ ଉନ୍ନତି କରିବା। ଏହି ପରିସ୍ଥିତିରେ, ଖୋର୍ଦ୍ଧା ଜିଲ୍ଲାର ଡିହଖଳାରେ ଥିବା ଡାଇଭର୍ସନ ୱେୟାର (ToR 78-00006) ର SE, ଖୋର୍ଦ୍ଧା ଜଳସେଚନ ଡିଭିଜନ, ଖୋର୍ଦ୍ଧା ଦ୍ୱାରା ସକ୍ରିୟ ତଦାରଖ, ରକ୍ଷଣାବେକ୍ଷଣ ଏବଂ ପରିଚାଳନା ମାଧ୍ୟମରେ ଏହା ସାକାର କରାଯାଇଛି।

୧.୩ ପରିଚାଳନାଗତ ଢ଼ାଞ୍ଚା

ଏହି ପ୍ରକଳ୍ପଟି ଖୋର୍ଦ୍ଧା ଜଳସେଚନ ଡିଭିଜନର ଏସ୍.ଇ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି, ଯାହା ଏହି ପ୍ରକଳ୍ପ ପାଇଁ ଜମି ଆବଶ୍ୟକ କରୁଥିବା ସଂସ୍ଥା ମଧ୍ୟ। ପାଣି ପଞ୍ଚାୟତ ଜଳସେଚନ ଜଳ ପରିଚାଳନା ବହନ କରିନ୍ତି । ଏହା ଡିହଖଳାର ୧୨୬ ଜଣ ଭୋଟରଙ୍କୁ ନେଇ ଗଠିତ ଏକ ଗଣତାନ୍ତ୍ରିକ ଭାବରେ ନିର୍ବାଚିତ ସଂସ୍ଥା । ଯାହା କମାଣ୍ଡ ଅଧୀନରେ ଥିବା ହିତାଧିକାରୀ ଗ୍ରାମ।

୧.୪ ପ୍ରକଳ୍ପର ଯୁକ୍ତିଯୁକ୍ତ ଆଧାର ଓ ଏହା କିପରି ସର୍ବସାଧାରଣ ଉଦ୍ଦେଶ୍ୟ ସାଧନ କରୁଛି

ଏହି ପ୍ରକଳ୍ପର ସାର୍ବଜନୀନ ଉଦ୍ଦେଶ୍ୟକୁ ଓରାବାରସିଂ ଗ୍ରାମପଞ୍ଚାୟତର ଲୋକମାନଙ୍କୁ ଜଳସେଚନ ସୁବିଧା ଯୋଗାଇଦେବା ଏହି ପ୍ରକଳ୍ପର ସର୍ବସାଧାରଣ ଉଦ୍ଦେଶ୍ୟ ଭାବେ ଗ୍ରହଣ କରାଯାଇପାରେ । ଏହି ପ୍ରକଳ୍ପ ଏକ ଅତ୍ୟାବଶ୍ୟକୀୟ ଆବଶ୍ୟକତା ମଧ୍ୟ । **"ଖୋର୍ଦ୍ଧା ଜିଲ୍ଲା (ToR 78-00006) ର ଓରାବାରସିଂ ପଞ୍ଚାୟତର ଡିହଖଳା ଗ୍ରାମରେ ଡାଇଭର୍ସନ ୱେୟାର ନିର୍ମାଣ ଲାଭଦାୟକ ପ୍ରଭାବ ପକାଇବ ଏବଂ ଏହା ସାର୍ବଜନୀନ ଉଦ୍ଦେଶ୍ୟକୁ ପୂରଣ କରିବ।"**

(କ) ଏହା କୃଷି ପାଇଁ ଜଳସେଚନର ବ୍ୟବସ୍ଥା କରୁଛି । ଏହି ପ୍ରକଳ୍ପର ଲାଭ କେବଳ ଗୋଟିଏ ବ୍ୟକ୍ତି କିମ୍ବା କମ୍ପାନୀ ମଧ୍ୟରେ ସୀମିତ ନରହି ଜଳସେଚନର ସୁଫଳ ତିନିଟି ଗ୍ରାମ ଯଥା ଓରାବାରସିଂ, ଡିହଖଳା ଓ ସମିପିଆପାଟଣାର ଲୋକମାନେ ପାଉଛନ୍ତି। ଡାଇଭର୍ସନ ୱେୟାର ଏକ ସାର୍ବଜନୀନ ହିତ ପ୍ରକୃତିର ଏବଂ ଏହା ବାଦ ନ ଦେବାର ନୀତିକୁ ପୂରଣ କରେ। ତେଣୁ ଡାଇଭର୍ସନ ୱେୟାର ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଏକ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ।

(ଖ) ଜମି ଅଧିଗ୍ରହଣରେ ଉଚିତ୍ କ୍ଷତିପୂରଣ ଅଧିକାର ଏବଂ ଭୂମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ, ୨୦୧୩ (RFCTLAR Act 2013) ଅନୁସାରେ ସର୍ବ ସାଧାରଣ ଉଦ୍ଦେଶ୍ୟ ସାଧନ ଲକ୍ଷ୍ୟରେ ପାଞ୍ଚଟି ବର୍ଗରେ ଜମି ଅଧିଗ୍ରହଣ କରାଯାଇଥାଏ । ଏଥିରେ ଭିତ୍ତିଭୂମି ପାଇଁ ଜମି ଅଧିଗ୍ରହଣ କରି 'ଜନ ଉଦ୍ଦେଶ୍ୟ' ପାଇଁ ଜମି ଅଧିଗ୍ରହଣକୁ ବ୍ୟାଖ୍ୟା କରାଯାଇଛି, ଯେଉଁଥିରେ "ଜଳ ଅମଳ ପାଇଁ ପ୍ରକଳ୍ପ ଏବଂ ଜଳ ସଂରକ୍ଷଣ ସଂରଚନା" ଅନ୍ତର୍ଭୁକ୍ତ ଯାହା ୨(ଗ)ରେ ବର୍ଣ୍ଣିତ । (ପ୍ରସଙ୍ଗ: 'ସର୍ବସାଧାରଣ ଉଦ୍ଦେଶ୍ୟ'ର ଧାରା ପରିଭାଷା ଅନୁଯାୟୀ RFCTLAR & R ଅଧିନିୟମ, 2013 ରେ ସର୍ବସାଧାରଣ ଉଦ୍ଦେଶ୍ୟର ସଂଜ୍ଞା) । ରାଜୁଆ ଡାଇଭର୍ସନ ୱେୟାର ନିର୍ମାଣ ପାଇଁ ଡିହଖଳା ଗ୍ରାମରୁ ଜମି ଅଧିଗ୍ରହଣ କୃଷି ଭିତ୍ତିଭୂମି ଅର୍ଥାତ୍ ଜଳସେଚନ, ଜଳ ଅମଳ ଓ ଜଳ ସଂରକ୍ଷଣ ଭିତ୍ତିଭୂମି ପାଇଁ କରାଯାଇଛି । ତେଣୁ, ଏହା ଧାରା ୨ (ଗ) ଅନୁଯାୟୀ ସର୍ବସାଧାରଣ ଉଦ୍ଦେଶ୍ୟକୁ ପୂରଣ କରେ ।

(ଗ) ରାଜୁଆ ଡାଇଭର୍ସନ ୱେୟାର ନିର୍ମାଣର ବ୍ୟାପକ ଉଦ୍ଦେଶ୍ୟ ହେଉଛି ଏକ ମରୁଡି ପ୍ରବଣ (ଅଣ ଜଳ ସେଚିତ) ଅଞ୍ଚଳରେ କୃଷି ପାଇଁ ଜଳସେଚନର ବ୍ୟବସ୍ଥା କରିବା । ତେଣୁ, ଏହି ରାଜୁଆ ଡାଇଭର୍ସନ ୱେୟାର ନିର୍ମାଣ ପାଇଁ ଡିହଖଳା ଗ୍ରାମରୁ ଜମି ଅଧିଗ୍ରହଣ ଜନସାଧାରଣଙ୍କ ଉଦ୍ଦେଶ୍ୟକୁ ପୂରଣ କରେ ।

୧.୫ ପ୍ରକଳ୍ପର ଆକାର, ଅବସ୍ଥିତି, କ୍ଷମତା, ପରିଣାମ, ଉତ୍ପାଦନ ଲକ୍ଷ୍ୟ, ବ୍ୟୟ ଓ ଆଶଙ୍କାର ବିସ୍ତୃତ ବିବରଣୀ

ପ୍ରଭାବିତ ଅଞ୍ଚଳ ରାୟାଗଡା ଜିଲ୍ଲାର ମୁନିଗୁଡା ତହସିଲ ଅଧୀନରେ ଥିବା ଶିବପଦର ଗ୍ରାମ ପଞ୍ଚାୟତର କେବଡାତୁଲା ଗାଁର ଅଟେ । ଏହି ପ୍ରକଳ୍ପ ପାଇଁ କେବଡାତୁଲା ଗାଁର ଦୁଇଜଣ ପଟ୍ଟା (RoR) ଧାରୀଙ୍କ ପରିବାରରୁ ୦.୯୮୦ ଏକର ଘରୋଇ ଜମି ଅଧିଗ୍ରହଣ କରିବାର ଆବଶ୍ୟକତା ରହିଛି ଯଦିଓ ଏହି ଜମି ସିତାରାମପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ToR 28-00001) ରେ କେନାଲ ନିର୍ମାଣ ପାଇଁ ଯଥେଷ୍ଟ ପୂର୍ବରୁ ଅଧିଗୃହିତ ହୋଇ କେନାଲ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହୋଇସାରିଛି ।

୧.୫.୧ ପ୍ରକଳ୍ପର ଅବସ୍ଥିତି

ଜଳସମ୍ପଦ ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କ ଚିଠି ସଂଖ୍ୟା 6003/ତା: 12.02.2004 ଅନୁଯାୟୀ 1384.05 ଲକ୍ଷ ଟଙ୍କା ପାଇଁ ପ୍ରଶାସନିକ ଅନୁମୋଦନର ବିବରଣୀ ।

କାର୍ଯ୍ୟକଳାପ ବୈଶିଷ୍ଟ୍ୟଗୁଡ଼ିକ

ପୁଷ୍କରିଣୀ ସ୍ତର	: ୪.୫୦ ମିଟର	
H.F.L.	: ୭.୫୦ ମିଟର	
T.B.L.	: ୮.୦୦ ମିଟର	
କେନାଲ	ବାମ	ଡାହାଣ
ଲମ୍ବ		
ମୁଖ୍ୟ	:7.880	12.050 କିଲୋମିଟର
ଡିଷ୍ଟି	: 5.630	ଶୂନ୍ୟ
କ୍ଷୁଦ୍ର/ଉପ/କ୍ଷୁଦ୍ର	: ୫.୯୮୭	୧୨.୨୭୦ କିଲୋମାଟର
ଆୟକଟ	:୧୨୫୪.୫୦	୧୪୧୬.୫୦ ହେକ୍ଟର
ନିଷ୍କାସନ	:୨.୩୨	୩.୨୦ ୫୬୦କ୍ୟୁମିକସ୍
ଏଫ୍.ଏସ୍.ଡି	:୦.୮୦	୦.୯୦ ଏମ୍.
ବି.ଡବ୍ଲୁ	:୫.୬୦	୬.୬୦ ଏମ୍.

ଉପକୃତ ହେବାକୁ ଥିବା ଅଞ୍ଚଳ

ଖୋର୍ଦ୍ଧା ଜିଲ୍ଲାର ୧୫ଟି ଗ୍ରାମର ୧୨୭୩.୫୦ ହେକ୍ଟର ଜମି ଏବଂ ପୁରୀ ଜିଲ୍ଲାର ୨୧ଟି ଗ୍ରାମର ୧୩୯୨.୫୦ ହେକ୍ଟର ଜମିରେ ଜଳସେଚିତ ହେବ ।

୧.୫.୧ ପ୍ରକଳ୍ପର ଅବସ୍ଥିତି

ରାଜୁଆ ନଦୀ ପାର ଢୋଲପାଟଣାରେ ଏକ ଡାଇଭର୍ସନ ୱେୟାର ନିର୍ମାଣ କରି ଏବଂ ୱେୟାରର ଉଭୟ ପାର୍ଶ୍ୱରେ ଆଫ୍ଲକ୍ସ ବନ୍ଧ ନିର୍ମାଣ କରି ଏହି ପ୍ରକଳ୍ପ ସମାପ୍ତ କରିବାକୁ ଯୋଜନା କରାଯାଇଥିଲା । ରବି ଋତୁରେ ଡାଇଭର୍ସନ ୱେୟାରର ଉଭୟ ପାର୍ଶ୍ୱରେ କେବଳ ମୁଖ୍ୟ କେନାଲ ଅର୍ଥାତ୍ ୭.୮୮ କିଲୋମିଟର ଲମ୍ବ ପାଇଁ ବାମ ମୁଖ୍ୟ କେନାଲ ଏବଂ ୧୨.୦୫

କିଲୋମିଟର ଲମ୍ବ ପାଇଁ ଡାହାଣ ମୁଖ୍ୟ କେନାଲ ନିର୍ମାଣ କରି ଜଳସେଚନ ଯୋଗାଇବାର ପ୍ରସ୍ତାବ ଦିଆଯାଇଛୁ । ଏହାଦ୍ୱାରା ଖୋର୍ଦ୍ଧା ଜିଲ୍ଲାର ୧୫ଟି ଗ୍ରାମର ୧୨୭୩.୫୦ ହେକ୍ଟର ଜମି ଏବଂ ପୁରୀ ଜିଲ୍ଲାର ୨୧ଟି ଗ୍ରାମର ୧୩୯୨.୫୦ ହେକ୍ଟର ଜମିରେ ଜଳସେଚିତ ହେବ । ପ୍ରକଳ୍ପର ଅବସ୍ଥିତି ଓ ପ୍ରଭାବିତ ପ୍ଲଟ୍ ତଥା ପ୍ରଭାବିତ ଗ୍ରାମର ମାନଚିତ୍ର ନିମ୍ନରେ ଦିଆଯାଇଛି ।

Location of the Project and Affected Plots



Source: SE, Khordha Irrigation Division, Khordha



Source: SE, Khordha Irrigation Division, Khordha

Location of the Project and Affected Plots



Source: SE, Khordha Irrigation Division, Khordha

1.5.2 Capacity, Outputs, Production Targets

The 15 villages of Khordha District 1273 50 ha. and 21 villages of Puri District 1392.50 ha. will be benefited. Maps showing location of the project & affected plots,



Source: SE, Khordha Irrigation Division, Khordha

୧.୫.୨ ପ୍ରକଳ୍ପର କ୍ଷମତା, ଉତ୍ପାଦନର ପରିଣାମ ଓ ଉତ୍ପାଦନ ଲକ୍ଷ୍ୟ

ଏହାଦ୍ୱାରା ଖୋର୍ଦ୍ଧା ଜିଲ୍ଲାର ୧୫ଟି ଗ୍ରାମର ୧୨୭୩.୫୦ ହେକ୍ଟର ଜମି ଏବଂ ପୁରୀ ଜିଲ୍ଲାର ୨୧ଟି ଗ୍ରାମର ୧୩୯୨.୫୦ ହେକ୍ଟର ଜମିରେ ଜଳସେଚିତ ହେବ । ପ୍ରକଳ୍ପର ଅବସ୍ଥିତି ଓ ପ୍ରଭାବିତ ପ୍ଲଟ୍ ତଥା ପ୍ରଭାବିତ ଗ୍ରାମର ମାନଚିତ୍ର ନିମ୍ନରେ ଦିଆଯାଇଛି ।

୧.୫.୩ ପ୍ରକଳ୍ପର ବ୍ୟୟ ଅଟକଳ

ପ୍ରକଳ୍ପର ବ୍ୟୟ ଅଟକଳ

Expenditure details schemewise

Page. No.

Sl No.	Year	Expenditure	Scheme
1	2001-02	7.07	NABARD
2	2002-03	94.13	NABARD
3	2003-04	79.35	NABARD
4	2004-05	79.61	NABARD
5	2005-06	82.87	NABARD
6	2006-07	80.91	NABARD
7	2007-08	117.48	NABARD
8	2008-09	116.26	NABARD
9	2009-10	120.18	NABARD
10	2010-11	192.94	NABARD
11	2011-12	107.19	NABARD
12	2012-13	79.00	NABARD
13	2013-14	29.61	NABARD
14	2014-15	57.93	NABARD
2001-02 to 2014-15	Sub-total	1244.53	
15	2015-16	20	Completion of incomplete project (carried on Sl. No. 23 WSIDP-VIII pg-80)
16	2016-17	224.19	Completion of incomplete project
17	2017-18	316.87	Completion of incomplete project
18	2018-19	342.50	Completion of incomplete project
19	2019-20	47.42	Completion of incomplete project
20	2020-21	160.00	Completion of incomplete project
21	2021-22	41.88	Completion of incomplete project
22	2022-23	100.00	Completion of incomplete project
	Total	2497.39	

64 to 79

23 — 24 — 25 — 27 — 29 — 31 — 36 —

Junior Engineer
Rajua Irrigation Section No-III
Khurda

Assistant Engineer
Rajua Irrigation Section No-II
Khurda

Assistant Engineer
Rajua Irrigation Section-I
Khurda

Asst. Executive Engineer,
Rajua Irrigation Sub-Division,
Khurda

Superintending Engineer,
Khurda Irrigation Division,
Khurda

Additional Chief Engineer
Central Irrigation Circle
Bhubaneswar - 12

Chief Engineer & BM
Mahanadi Kathajodi System
Bhubaneswar

Source: SE, Khordha Irrigation Division, Khordha

ସଂଶୋଧିତ ଆକଳନ

ମୂଳ ଆକଳନ ପ୍ରସ୍ତୁତି ସମୟରେ, ଡାଇଭର୍ସନ ୱେୟାର ଏବଂ କେନାଲ ପ୍ରକଳ୍ପ ସଂରଚନାର ଗଠନର ନକ୍ସା ଏବଂ ଡ୍ରଇଂ ପ୍ରସ୍ତୁତ ହୋଇନଥିଲା । ପରବର୍ତ୍ତୀ ସମୟରେ ବିସ୍ତୃତ ସର୍ଭେ, ତଦନ୍ତ ଏବଂ କେନାଲ ଆଲାଇନମେଣ୍ଟ୍ ଆକଳନର ଚୂଡ଼ାନ୍ତକରଣ ପରେ ପ୍ରସ୍ତୁତ କରାଯାଇଥିଲା। ଯଦିଓ ପ୍ରମୁଖ କାର୍ଯ୍ୟ ସମାପ୍ତ ହୋଇଛି, ସ୍କୁଇସ୍ ଗେଟ୍ ଏବଂ H/R ଗେଟ୍ ପୂର୍ବରୁ ସ୍ଥିର କରାଯାଇଛି। ସଂଶୋଧିତ ଆକଳନ ପରି ମାନୁଆଲ୍ କାର୍ଯ୍ୟ ପରିବର୍ତ୍ତେ ଯାନ୍ତ୍ରିକ କାର୍ଯ୍ୟ ପାଇଁ ବ୍ୟବସ୍ଥା ରଖାଯାଇଛି । ଏହାକୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ପ୍ରଶାସନିକ ଅନୁମୋଦନ ପ୍ରଦାନ କରାଯାଇଛି।

୨୦୦୬ର ଆକଳନ ହାର ଏବଂ ୨୦୧୭ ପରବର୍ତ୍ତୀ ଜି.ଏସ୍.ଟି ହାର ବିଶ୍ଳେଷଣ ସହିତ ଶ୍ରମ ଏବଂ ସାମଗ୍ରୀ ହାର ବୃଦ୍ଧି କରି ପ୍ରକଳ୍ପର ସଂଶୋଧିତ ଆକଳନ ୪୩୨୧.୭୬ ଲକ୍ଷ ଟଙ୍କା ପ୍ରସ୍ତୁତ କରାଯାଇଛି । ଅବଶିଷ୍ଟ କାର୍ଯ୍ୟର ଆନୁମାନିକ ମୂଲ୍ୟ ୧୮୨୪.୩୭ ଲକ୍ଷ ଟଙ୍କା ରଖାଯାଇଛି ।

MOWR ର ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରକଳ୍ପର ଲାଭ ମୂଲ୍ୟ ଅନୁପାତ ଜଳସେଚନ ଚାହିଦାକୁ ବିଚାରକୁ ନେଇ ହିସାବ କରାଯାଇଛି ଏବଂ ପୁଞ୍ଜି ନିଷ୍କାସନ ଉପରେ ୧୦% ସୁଧରେ ୪.୨୩ ଲକ୍ଷ ଆକଳନ ହୋଇଛି । ଆଭ୍ୟନ୍ତରୀଣ ରିଟର୍ଣ୍ଣ ହାର ୧୨% ରିହାତି କାରକରେ ୪୨.୦୮% ଅଟେ ।

ଉକ୍ତ ଆଦେଶ ପତ୍ରର ଏକ ନକଲ ନିମ୍ନରେ ପ୍ରଦାନ କରାଯାଇଛି।

୧.୫.୪ ପ୍ରକଳ୍ପ ଜନିତ ଆଶଙ୍କା

ଏହି ପ୍ରକଳ୍ପ ନିର୍ମାଣ ହେଲେ ପରିବେଶ ଏବଂ ପରିବେଶ ସମ୍ବନ୍ଧୀୟ କୌଣସି ସମସ୍ୟା ରହିବ ନାହିଁ କାରଣ ବହୁତ କମ୍ ଗଛ କାଟିବା ଆବଶ୍ୟକ ହୋଇପାରେ ଯାହା ନଗଣ୍ୟ ଏବଂ ଏହି ପ୍ରକଳ୍ପର ଅନ୍ୟ କୌଣସି ଦିଗ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ।

୧.୬ ବିକଳ୍ପର ପରୀକ୍ଷଣ

ଖୋର୍ଦ୍ଧା ଜଳସେଚନ ଡିଭିଜନ, ଖୋର୍ଦ୍ଧାର ଏସ୍ଇର ଅଧିକାରୀମାନେ ବିଭିନ୍ନ ପରିମାଣ ଏବଂ ବିକଳ୍ପ ଯାଞ୍ଚ କରିଥିଲେ ଏବଂ ତା'ପରେ ଡିହଖଳା ସବ-ମାଇନର୍ ନିର୍ମାଣର କାର୍ଯ୍ୟସୂଚୀକୁ ଚୂଡ଼ାନ୍ତ କରିଥିଲେ। ସେମାନେ ଏକ ପୁଙ୍ଖାନୁପୁଙ୍ଖ ପରୀକ୍ଷା ପ୍ରକ୍ରିୟା ପରେ ପ୍ରସ୍ତାବିତ ପ୍ରକଳ୍ପର ଗତିପଥ ଏବଂ ଶ୍ରେଣୀବଦ୍ଧ ଭାବରେ ସଜ୍ଜୀକରଣକୁ (ଆଲାଇନ୍ମେଣ୍ଟ) ଚୂଡାନ୍ତ ରୂପ ଦିଆଯାଇଛି । ପ୍ରକଳ୍ପରୁ କୃଷି କ୍ଷେତ୍ରକୁ ଜଳର ସୁଗମ ପ୍ରବାହ ପାଇଁ ବୈଷୟିକ ବିଶେଷଜ୍ଞଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଭୌଗୋଳିକ କ୍ଷେତ୍ରର କଣ୍ଟୋର ରେଖା ଅନୁସାରେ କେନାଲର ଗତିପଥକୁ ଚୂଡ଼ାନ୍ତ କରାଯାଇଛି। ତେଣୁ ବିଦ୍ୟମାନ ଆଲାଇନ୍ମେଣ୍ଟ ସର୍ବୋତ୍ତମ ଏବଂ ସ୍ଥିର ଅଟେ । ପ୍ରକଳ୍ପ ପାଇଁ ବ୍ୟକ୍ତିଗତ ଜମି ଅଧିଗ୍ରହଣ ଅର୍ଥାତ୍ ୦.୬୧୫୦ ଏକର ହେଉଛି ସର୍ବନିମ୍ନ ଆବଶ୍ୟକତା ।

୧.୭ ପ୍ରକଳ୍ପ ନିର୍ମାଣର ବିଭିନ୍ନ ପର୍ଯ୍ୟାୟ

ପ୍ରସ୍ତାବିତ ପ୍ରକଳ୍ପଟି ୭ ଗୋଟି ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ହୋଇଛି ଯାହାର ବିବରଣୀ ନିମ୍ନମତେ ପ୍ରଦାନ କରାଯାଇଛି ।

(କ) ପ୍ରଥମ ପର୍ଯ୍ୟାୟ ହେଉଛି ପ୍ରକଳ୍ପର ଯୋଜନା, ଏବଂ ପ୍ରସ୍ତୁତି, ପ୍ରକଳ୍ପର ମାନଚିତ୍ର ଅଙ୍କନ, କେନାଲ ଦୈର୍ଘ୍ୟକୁ ନେଇ ନିୟନ୍ତ୍ରଣ ରେଖା ଟାଣିବା, ଏବଂ ଜମିର ଆବଶ୍ୟକତା ଚିହ୍ନିତ କରିବା । ଏସବୁ ବିସ୍ତୃତ ତଥା ଅତି ଯତ୍ନଶୀଳ କ୍ଷେତ୍ର ଅନୁସନ୍ଧାନ ମୂଳକ କାର୍ଯ୍ୟ କରିବା ସହ କିଛି ପ୍ରାରମ୍ଭିକ ଯାନ୍ତ୍ରିକ କାର୍ଯ୍ୟ ଆଧାରରେ କରାଯାଇଛି ।

(ଖ) ଦ୍ୱିତୀୟ ପଦକ୍ଷେପ ହେଉଛି ନିର୍ମାଣ କାର୍ଯ୍ୟର ପରିବ୍ୟୟର ଅଟକଳ । ଏଥିରେ ରହିଛି ନିର୍ମାଣ ସାମଗ୍ରି, ଆବଶ୍ୟକୀୟ ନିର୍ମାଣ ଯନ୍ତ୍ରପାତି ବା ସାଜସରଞ୍ଜାମ, ପ୍ରୟୋଗାତ୍ମକ ପ୍ରଯୁକ୍ତି ବିଦ୍ୟା, କୁଶଳୀ ଓ ଅଣକୁଶଳୀ ଲୋକଶକ୍ତି, ଏବଂ ମୌଳିକ ପ୍ରକ୍ରିୟା ଜନିତ ଇତ୍ୟାଦି । ଏହି ଅଟକଳ ସମୁଚିତ ପ୍ରାଧିକାରୀଙ୍କ ଦ୍ୱାରା ଅନୁମୋଦିତ ।

(ଗ) ପ୍ରକଳ୍ପଟି ଯୋଗ୍ୟ ପ୍ରାଧିକାରୀଙ୍କ ଦ୍ୱାରା ଅନୁଧ୍ୟାନ ଓ ଅନୁମୋଦନ ଲାଭ କଲାପରେ, ଏହାର ସାମାଜିକ ପ୍ରଭାବ ମୂଲ୍ୟାୟନ ନିମନ୍ତେ ଗୋଟିଏ ବିଶେଷଜ୍ଞ ଦଳ (ଟିମ୍) କୁ ନିଯୁକ୍ତ କରାଯାଇଥାଏ । ସେମାନେ ସାମାଜିକ ପ୍ରଭାବ ମୂଲ୍ୟାୟନର ସର୍ବେକ୍ଷଣ କରି ରିପୋର୍ଟ ପ୍ରଦାନ କରିଥାନ୍ତି । ତାଙ୍କର ରିପୋର୍ଟ ବା ବିବରଣୀ ମାଧ୍ୟମରେ ସେ ପ୍ରକଳ୍ପର ଆବଶ୍ୟକତା, ଏହାର ସାମାଜିକ-ଅର୍ଥନୈତିକ ପ୍ରଭାବ, ପରିବ୍ୟୟ-ଫାଇଦା (କଷ୍ଟ୍ ବେନିଫିଟ୍) ବିଶ୍ଳେଷଣ ଇତ୍ୟାଦି ଅନୁଧ୍ୟାନ କରି ଦର୍ଶାଇବା ସହ ଏକ କାର୍ଯ୍ୟକାରୀ ହୋଇ ପାରୁଥିବା ***ସାମାଜିକ ପ୍ରଭାବ ଉପଶମ ବା ଲଘୁକରଣ ଯୋଜନା*** ପ୍ରସ୍ତୁତ କରିବେ ଓ ପ୍ରକଳ୍ପର ଯଥାର୍ଥତା ପ୍ରତିପାଦନ କରିଥାନ୍ତି ।

(ଘ) ଚତୁର୍ଥ ପଦକ୍ଷେପ ହେଉଛି ପ୍ରକଳ୍ପ ନିମନ୍ତେ ପ୍ରସ୍ତୁତ ହୋଇଥିବା ଅଟକଳ, ଯେଉଁଥିରେ ରହିଛି ନିର୍ମାଣ ଖର୍ଚ୍ଚ, ଜମି ଅଧିଗ୍ରହଣ ନିମନ୍ତେ କ୍ଷତିପୂରଣ ପ୍ରଦାନ ଓ ସେହିପରି ଅନ୍ୟାନ୍ୟ ପରିବ୍ୟୟ; ଏସବୁକୁ ଆଧାର କରି ଏକ ବଜେଟ ପ୍ରସ୍ତୁତ କରିବା ।

(ଙ) ପରବର୍ତ୍ତୀ ପଦକ୍ଷେପ ହେଉଛି ସରକାରୀ ଓ ବେସରକାରୀ (ଘରୋଇ) ଜମି, ତଥା ସର୍ବସାଧାରଣ ଭୂସମ୍ପତ୍ତି, ଯାହାସବୁ ଆବଶ୍ୟକତା ଅନୁଯାୟୀ ଅଧିଗ୍ରହଣ ହେବ, ସେ ସବୁକୁ ସଂପୃକ୍ତ ବିଭାଗ ଓ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କ ଠାରୁ ଅନୁମୋଦନ କରିବା ।

(ଚ) ଏହାପରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟର ନିଲାମ ନିମନ୍ତେ ବିଜ୍ଞାପନ ପ୍ରଦାନ କରିବା । କେବଳ ଲାଇସେନସ୍ ପ୍ରାପ୍ତ କଣ୍ଟ୍ରାକ୍ଟର ଏହି ନିଲାମ ପ୍ରକ୍ରିୟାରେ ଭାଗ ନେଇଥାନ୍ତି । ସବୁଠାରୁ କମ୍ ନିଲାମ ଡାକିଥିବା କଣ୍ଟ୍ରାକ୍ଟରଙ୍କୁ କାର୍ଯ୍ୟ କରିବା ପାଇଁ ଅନୁମତି ମିଳିବାର ବିଧି ରହିଛି ।

(ଛ) ଶେଷ ପଦକ୍ଷେପ ହେଉଛି ଡାଇଭର୍ସନ ୱେର୍ ପ୍ରକଳ୍ପର ନିର୍ମାଣ । ସମସ୍ତ ନିର୍ମାଣ କାର୍ଯ୍ୟ ଅନୁମୋଦନ ଲାଭ କରିଥିବା ଓ ଗୁଣବତ୍ତା ରକ୍ଷାକରୁଥିବା ସୁନିର୍ଦ୍ଦିଷ୍ଟ ବିବରଣ, ଯାହାକି ନିଲାମ କାଗଜ ପତ୍ରରେ ଦର୍ଶାଯାଇଥାଏ, ସେହି ଅନୁସାରେ ସମ୍ପନ୍ନ ହୁଏ

। ଏହାକୁ କ୍ଷୁଦ୍ର ଜଳସେଚନ ବିଭାଗ କର୍ତ୍ତୃପକ୍ଷ ପର୍ଯ୍ୟବେକ୍ଷଣ; ନିରୀକ୍ଷଣ, ଓ ପର୍ଯ୍ୟାଲୋଚନା କରିଥାନ୍ତି, ଯାହାଫଳରେ କାର୍ଯ୍ୟର ମାନ ଓ ଗୁଣବତ୍ତା ରକ୍ଷା ହୋଇପାରିଥାଏ ।

ଏହାପରେ ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଏ ଏବଂ ଏକ ଔପଚାରିକ ଉଦଘାଟନ ପରେ ଡାଇଭର୍ସନ ୱେର୍ ପ୍ରକଳ୍ପକୁ ବ୍ୟବହାର ପାଇଁ ଖୋଲି ଦିଆଯାଏ ।

୧.୮ ପ୍ରକଳ୍ପର ମୁଖ୍ୟ ନକ୍ସାର ଅଙ୍କନ ଏବଂ ଆକାର ଏବଂ ସୁବିଧା ସୁଯୋଗର ପ୍ରକାର

୧.୮.୧ ପ୍ରକଳ୍ପର ମୁଖ୍ୟ ନକ୍ସାର ଲକ୍ଷଣ

ଡାଇଭର୍ସନ ୱେୟାରର ବାମପଟ କେନାଲ ଏବଂ ଡାହାଣ କେନାଲର ମୁଖ୍ୟ (ମେନ୍) ରେଗୁଲେଟର ସହିତ ଡାଇଭର୍ସନ ୱେୟାରର ଡିଜାଇନ୍ ଏବଂ ଚିତ୍ର ଏବଂ କେନାଲ ପ୍ରଣାଳୀର (ସିଷ୍ଟମ) ସମସ୍ତ ଗଠନ DOWR ର ଡିଜାଇନ୍ ୱିଙ୍ଗ ଦ୍ୱାରା ସମାପ୍ତ ହୋଇଛି।

Core Design Features



Source: SE, Khordha Irrigation Division, Khordha

ପରିବେଶ ଏବଂ ପରିବେଶ ବିଜ୍ଞାନ

ପରିବେଶ ଏବଂ ପରିବେଶ ବିଜ୍ଞାନ ସହିତ କୌଣସି ସମସ୍ୟା ରହିବ ନାହିଁ କାରଣ ବହୁତ କମ୍ ଗଛ କଟା ହେବ ଯାହା ନଗଣ୍ୟ ଏବଂ ଏହି ପ୍ରକଳ୍ପର ଅନ୍ୟ କୌଣସି ଦିଗ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ।

୧.୮.୨ ପ୍ରକଳ୍ପର ଆକାର ଏବଂ ସୁବିଧା ସୁଯୋଗର ପ୍ରକାର

ଡାଇଭର୍ସନ ୱେୟାର ନିର୍ମାଣ ଦ୍ୱାରା ଉପଲବ୍ଧ ସୁବିଧାଗୁଡ଼ିକର **ଆକାର ଏବଂ ପ୍ରକାର** ଜଳସେଚନ ଉଦ୍ଦେଶ୍ୟରେ ଜଳ ଯୋଗାଣରେ ଅନ୍ତର୍ଭୁକ୍ତ ।

୧.୯ ଆନୁସଙ୍ଗିକ ଭିତ୍ତିଭୂମି ସୁବିଧାର ଆବଶ୍ୟକତା

ପ୍ରକଳ୍ପର ଏକ ଅଂଶ ଭାବରେ ନିର୍ମାଣ ପାଇଁ ଅତିରିକ୍ତ ଭିତ୍ତିଭୂମି ସୁବିଧା ଆବଶ୍ୟକ । ଏଗୁଡିକ କେନାଲ ପାର୍ଶ୍ୱରେ ନିର୍ମାଣ କରାଯାଏ । କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ କେତେକ ଆନୁସଙ୍ଗିକ ଭିତ୍ତିଭୂମି ଆଦିର ଆବଶ୍ୟକତା ପଡିଥାଏ । ଏ ସବୁ କେନାଲ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକଲାବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥାଏ ।

୧.୧୦ ଆବଶ୍ୟକ ମାନବ ସମ୍ବଳ (କ) ଅସ୍ଥାୟୀ ଓ (ଖ) ସ୍ଥାୟୀ

କେନାଲ ନିର୍ମାଣ ମୁଖ୍ୟତଃ ଏକ ଶ୍ରମ-ସଘନ କାର୍ଯ୍ୟ ଏବଂ ମୋଟ ମୂଲ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ କାର୍ଯ୍ୟସ୍ଥଳରେ ନିୟୋଜିତ ଶ୍ରମିକଙ୍କୁ (ଅନ-ସାଇଟ୍) ଦେୟ ପ୍ରଦାନ କରିବାରେ ଖର୍ଚ୍ଚ ହୁଏ । କେନାଲ ନିର୍ମାଣ 'ସାମଗ୍ରୀ ଏବଂ 'ଯନ୍ତ୍ରପାତି' ଉପାଦାନ କାର୍ଯ୍ୟସ୍ଥଳୀ ବାହାରେ ନିୟୋଜିତ ଲୋକମାନଙ୍କ ପାଇଁ (ଅଫ୍ ସାଇଟ୍) ରୋଜଗାର ସୃଷ୍ଟି କରେ । ସେମାନେ ଅସ୍ଥାୟୀ ଶ୍ରମିକ, ଯେଉଁମାନେ ନିଲାମ (ବିଡିଂ) ପ୍ରକ୍ରିୟା ଦ୍ୱାରା ମନୋନୀତ କଣ୍ଟ୍ରାକ୍ଟର ଦ୍ୱାରା ନିୟୋଜିତ । ଖୋର୍ଦ୍ଧା ଜଳସେଚନ ଡିଭିଜନ, ଖୋର୍ଦ୍ଧାର ଏସ୍.ଇର ବୈଷୟିକ କର୍ମଚାରୀଙ୍କ ଦ୍ୱାରା ସ୍ଥଳ କାର୍ଯ୍ୟ ନିୟମିତ ଭାବରେ ଯାଞ୍ଚ କରାଯିବା ଆବଶ୍ୟକ ଏବଂ ସେମାନେ ସାଧାରଣତଃ ଇଞ୍ଜିନିୟର ଏବଂ ଅଧିକାରୀ ଅଟନ୍ତି ଯେଉଁମାନଙ୍କୁ ପ୍ରକଳ୍ପର ସ୍ଥାୟୀ କର୍ମଚାରୀ ଭାବରେ ବିବେଚନା କରାଯାଏ।

୧.୧୧ ପୂର୍ବରୁ ଯଦି କୌଣସି ସାମାଜିକ ପ୍ରଭାବ/ପରିବେଶ ପ୍ରଭାବ ଆକଳନ ହୋଇଥାଏ କିମ୍ବା ପ୍ରାୟୋଗିକ କାର୍ଯ୍ୟକାରିତା ବିବରଣୀ ପ୍ରସ୍ତୁତ ହୋଇଥାଏ, ସେ ସବୁର ବିବରଣୀ

ବର୍ତ୍ତମାନର ନିର୍ମାଣ ପ୍ରକଳ୍ପ କାର୍ଯ୍ୟର ପୂର୍ବରୁ କିଛି ସାମାଜିକ ପ୍ରଭାବ ଆକଳନ/ପରିବେଶ ପ୍ରଭାବ ଆକଳନ କାର୍ଯ୍ୟ ହୋଇଥିବାର ବିବରଣୀ ଉପଲବ୍ଧ ନୁହେଁ ବା ସେପରି କୌଣସି ବୈଷୟିକ କାର୍ଯ୍ୟକାରିତା ରିପୋର୍ଟ ପୂର୍ବରୁ ଏହି ପ୍ରକଳ୍ପ ନିମନ୍ତେ ହୋଇଥିବାର ପ୍ରମାଣ ନାହିଁ ।

୧.୧୨ ପ୍ରଯୁଜ୍ୟ ବିଧିବିଧାନ ଓ ନୀତି ସମୁହ

ଦେଶର ପ୍ରଚଳିତ ଆଇନ୍ ଅନୁସାରେ କେନାଲ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ନିମନ୍ତେ ଘରୋଇ ଜମି ଅଧିଗ୍ରହଣ କରାଯିବାର ବିଧି ରହିଛି। ଏହାଦ୍ୱାରା ଜମି ହରାଉଥିବା ପରିବାର ବିଶେଷଭାବେ କ୍ଷତି ସହିବେ କାରଣ ଏହାଫଳରେ ତାଙ୍କର ଜୀବନ-ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପଡିବ । ଦେଶର ପ୍ରଚଳିତ ନିୟମ ଅନୁସାରେ ଉନ୍ନତିମୂଳକ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ କରିବାକୁ ହେଲେ, ପ୍ରକଳ୍ପର ଯୋଜନା ମଧ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ପ୍ରାବଧାନ ରହିଛି । ସେହିପରି

ଜମି ଅଧିଗ୍ରହଣ ପ୍ରଚଳିତ ଜାତୀୟ ଓ ଉପଜାତୀୟ ନ୍ୟାୟିକ ଢ଼ାଞ୍ଚାର ପରିସରଭୁକ୍ତ । ପ୍ରକଳ୍ପ ପ୍ରଭାବ ଓ ପରିବାରଙ୍କ ଠାରୁ ଜମି ଅଧିଗ୍ରହଣ ହେଲେ ପ୍ରକଳ୍ପ ହେତୁ ସେମାନଙ୍କର ସମ୍ଭାବ୍ୟ ଲାଭ ଓ କ୍ଷତିର ହିସାବକୁ ବିଚାରକୁ ନେବା ସହିତ ସେମାନେ ଯଦି କ୍ଷତି ସହିବାକୁ ଯାଉଛନ୍ତି ତେବେ ସେ ପ୍ରତିକୂଳ ଅବସ୍ଥାକୁ କିପରି ହ୍ରାସ କରାଯାଇ ପାରିବ ବା ଲାଘବ କରାଯାଇ ପାରିବ ସେଥିପାଇଁ ଉପଯୁକ୍ତ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ ନିମନ୍ତେ ପ୍ରସ୍ତାବ ଦେବାର ବୈଧାନିକ ଆବଶ୍ୟକତା ରହିଛି । ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ଭାରତ ସରକାରଙ୍କର ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ, ୨୦୧୩ (RFCTLAR Act 2013) ଅନୁଯାୟୀ ତଥା ଓଡିଶା ସରକାରଙ୍କର ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ନିୟମ ୨୦୧୬ (ORFCTLAR and R Rules, 2016) ଦୃଷ୍ଟିରେ ହେବା ମଧ୍ୟ ଜରୁରୀ । ଏହି ଦୁଇଗୋଟି ନୀତି ଓ ନିୟମ ଏ ସଂକ୍ରାନ୍ତୀୟ ପୂର୍ବରୁ ଥିବା ଅନ୍ୟାନ୍ୟ ନିୟମକାନୁନ, ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଏକ ଦୃଢ ମୂଳଦୁଆ ରୂପେ ବିବେଚିତ । ସାଂପ୍ରତିକ ପ୍ରକଳ୍ପ କ୍ଷେତ୍ରରେ ଏ ସମସ୍ତ ନୀତି ନିୟମ ପାଳନ ଆବଶ୍ୟକ ।

୧.୧୨.୧ ଜମି ଅଧିଗ୍ରହଣ ଅଧିନିୟମ ୧୮୯୪

ଜମି ଅଧିଗ୍ରହଣ ଅଧିନିୟମ ୧୮୯୪ ଓ ଏହାର ପରବର୍ତ୍ତୀ ସଂଶୋଧନ ୧୯୮୪ ହେଉଛି ସାର୍ବଜନୀନ ଉଦ୍ଦେଶ୍ୟରେ ଘରୋଇ ମାଲିକାନାରେ ଥିବା ଜମି ଅଧିଗ୍ରହଣ ନିମନ୍ତେ ମୌଳିକ ନିୟମ ବା ବିଧାନ । ଏହି ଅଧିନିୟମରେ ସାର୍ବଜନୀନ ଉଦ୍ଦେଶ୍ୟରେ ଜମି ବାବଦକୁ ଓ ଜମିରେ କୌଣସି ନିର୍ମାଣଥିଲେ ସେଥିପାଇଁ କ୍ଷତିପୂରଣ ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ମାତ୍ର ଏହି ଅଧିନିୟମରେ ***"ସାର୍ବଜନୀନ ଉଦ୍ଦେଶ୍ୟ"*** କୁ ସ୍ପଷ୍ଟ ଭାବରେ ବାଖ୍ୟା କରାନଯାଇ ଜମି ଅଧିଗ୍ରହଣକୁ ନେଇ କେବଳ କେତେକ ଉଦାହରଣମାନଙ୍କୁ ଅବତାରଣା କରାଯାଇଥିଲା ।

ଏଥିରେ ଜମି ଅଧିଗ୍ରହଣ ପାଇଁ ନିମ୍ନ ପ୍ରଦର୍ଶିତ ଜମି ଓ ଉଦ୍ଦେଶ୍ୟ ବିଷୟରେ ଉଲ୍ଲେଖ ଅଛି:

(୧) ଗ୍ରାମାଞ୍ଚଳ ସ୍ଥାନ ।

(୨) ଗ୍ରାମାଞ୍ଚଳ କିମ୍ବା ସହରୀ ଯୋଜନା ।

(୩) ସରକାରୀ ଯୋଜନା ଓ ନିୟମ ଆଧାରରେ ଓ ସରକାରୀ ନିଧିବ୍ୟୟରେ ଯୋଜନାବଦ୍ଧ ଭାବେ ଜମି ବା ଭୂମିର ବିକାଶ କରିବା ।

(୪) ସରକାରୀ ମାଲିକାନା କିମ୍ବା ସରକାରୀ ନିୟନ୍ତ୍ରଣରେ ଥିବା ନିଗମ ।

(୫) ପ୍ରାକୃତିକ ଦୁର୍ବିପାକ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବେ କିମ୍ବା ସରକାରୀ ଯୋଜନା କିମ୍ବା ପ୍ରକଳ୍ପ ହେତୁ ବାସଚ୍ୟୁତ ହୋଇଥିବ, ଗରିବ ଓ ଭୂମିହୀନ ପରିବାରଙ୍କ ପାଇଁ ବାସଗୃହ ସୁବିଧାଯୋଗାଇ ଦେବା ।

(୬) ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କିମ୍ବା ବସ୍ତି ଉଚ୍ଛେଦ ଆଦି ପାଇଁ ଯଦି କେହି ବାସଚ୍ୟୁତ ହୋଇଥିବେ।

(୭) ସରକାର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କୋଣସି ଉନ୍ନତିମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ଏବଂ,

(୮) ସରକାରୀ କାର୍ଯ୍ୟାଳୟ ନିମନ୍ତେ ଗୃହନିର୍ମାଣ ।

"ସାର୍ବଜନୀନ ଉଦ୍ଦେଶ୍ୟ" ର ମୁଳ ସ୍ୱରୂପଟି ଏଠାରେ ବିତର୍କର ବିଷୟ ହୋଇ ରହିଯାଇଛି । ଏହି ଅଧିନିୟମର ଦ୍ୱିତୀୟ ଦୁର୍ବଳତାଟି ହେଉଛି, ଏହା କେବଳ ବ୍ୟକ୍ତି ବିଶେଷଙ୍କ ଜମିଅଧିକାରକୁ ସାବ୍ୟସ୍ତ କରୁଛି, କିନ୍ତୁ ସର୍ବସାଧାରଣ ସମ୍ପତ୍ତି

(Common Property Resource ବା CPR) ବିଷୟରେ, କିମ୍ବା ଉତ୍ତରାଧିକାରୀ ସୂତ୍ରରେ ଭୋଗାଧିକାର ସମ୍ବନ୍ଧରେ କିଛି ସୂଚନା ଦେଉନାହିଁ ।

୧.୧୨.୨ ଓଡିଶା ସରକାରଙ୍କର ଥଇଥାନ ଓ ପୁନର୍ବସତି ନିୟମ-୨୦୦୬

ଓଡିଶା ସରକାର ପ୍ରଣିତ କରିଥିବା ଥଇଥାନ ଓ ପୁନର୍ବସତି ଆଇନ୍ ୨୦୦୬ ଏକ ଉନ୍ନତ ବ୍ୟବସ୍ଥା । ଏହା ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ବହନ କରୁଥିବା ଏକ ଅଧିନିୟମ । ଏହାପୂର୍ବରୁ ଏସମ୍ବନ୍ଧୀୟ ସମସ୍ତ ନିୟମ, ଯାହାସବୁ ଜାତୀୟ ଓ ଉପଜାତୀୟ ସ୍ତରରେ ଥିଲା, ସେସବୁଠାରୁ ଏହି ନିୟମଟି ଉନ୍ନତ ମାନର । ଏହି ଅଧିନିୟମରେ ସ୍ପଷ୍ଟଭାବେ କୁହାଯାଇଛି ଯେ ସାର୍ବଜନୀନ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବା ପୂର୍ବରୁ, ସେ ଅଞ୍ଚଳର ସାମାଜିକ-ସାଂସ୍କୃତିକ ସ୍ଥିତି ଓ ତା ଉପରେ ପ୍ରକଳ୍ପର ପ୍ରଭାବ, ସମ୍ବଳର ଚିତ୍ର ପ୍ରସ୍ତୁତି ଏବଂ ଭିତ୍ତିଭୂମିର ଅବସ୍ଥା ଆଦିକୁ ବିଚାରକୁ ନେଇ ଏକ ସାମାଜିକ-ଅର୍ଥନୈତିକ ସର୍ବେକ୍ଷଣ କରାଯିବ । ଅନୂସୂଚୀତ ଅଞ୍ଚଳରେ ଜମି ଅଧିଗ୍ରହଣ ପୂର୍ବରୁ ପଞ୍ଚାୟତ ସ୍ତରରେ ଗ୍ରାମସଭା ଡକାଯାଇ ଆଲୋଚନା କରି, ଅନୂମୋଦନ ଆବଶ୍ୟକ । ଏହି ନୀତିର ଅନ୍ୟ ବିଷୟମାନ ହେଲା,

(କ) ପ୍ରତ୍ୟେକ ଜମିହରା ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦେବା,

(ଖ) ଆତ୍ମନିଯୁକ୍ତି ନିମନ୍ତେ ତାଲିମ ପ୍ରଦାନ,

(ଗ) ବାସଚ୍ୟୁତ ହୋଇ ଉଚ୍ଛେଦ ହେଉଥିବା ପରିବାର ନିମନ୍ତେ ଘରଡିହ ଯୋଗାଇ ଦେବା,

(ଘ) କ୍ଷତିପୂରଣରେ ମିଳିଥିବା ଅର୍ଥକୁ ବିନିମୟକ୍ଷମ ପସନ୍ଦ ଯୋଗ୍ୟ ସେୟାର (ଅଂଶପୁଞ୍ଜି) କିଣିବାରେ ସୁଯୋଗଦେବା ।

ଏହି ନୀତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଯେଉଁ ଆଦିମ ଅଧିବାସୀ ପରିବାରମାନେ ବାସଚ୍ୟୁତ ହୋଇଥିବେ, ସେମାନଙ୍କୁ ତାଙ୍କର ମୂଳ ବସତି ପାଖାପାଖି ସ୍ଥାନରେ ଗୋଟିଏ ସ୍ଥଳୀରେ ଥଇଥାନ କରିବା ।

୧.୧୨.୩ ଅନୁସୂଚୀତ ଜନଜାତି ଓ ଅନ୍ୟ ପାରମ୍ପରିକ ଜଙ୍ଗଲ ବାସିନ୍ଦା (ଜଙ୍ଗଲ ଅଧିକାର ସ୍ୱୀକୃତି) ଅଧିନିୟମ,୨୦୦୬

ଅନୁସୂଚୀତ ଜନଜାତି ଓ ଅନ୍ୟ ପାରମ୍ପରିକ ଜଙ୍ଗଲ ବାସିନ୍ଦା (ଜଙ୍ଗଲ ଅଧିକାର ସ୍ୱୀକୃତି) ଅଧିନିୟମ, ୨୦୦୬ ମସିହା ଡିସେମ୍ବର ମାସରେ ଏକ ବିଧାନ ରୂପେ ଦେଶର ସଂସଦରେ ଅନୁମୋଦନ ଲାଭକଲା । ଏହି ନିୟମ ଅନୁସାରେ ୩୧ ଡିସେମ୍ବର ୨୦୦୫ ସୁଦ୍ଧା ଯେଉଁ ଆଦିବାସୀ ପରିବାର ଜଙ୍ଗଲ ଜମି ଉପଭୋଗ କରି ଆସୁଥିବେ, ସେ ଜମି ଉପରେ ସେ ମାଲିକାନା ଅଧିକାର ପ୍ରାପ୍ତ ହେବେ । କିନ୍ତୁ ଅନ୍ୟ ପାରମ୍ପରିକ ଜଙ୍ଗଲ ଜମି ବାସିନ୍ଦାଙ୍କ କ୍ଷେତ୍ରରେ ଏହି ଅବଧିକୁ ତିନି ପିଢି ବା ତିନି ପୁରୁଷରେ ସୀମିତ ରଖାଯାଇଛି । ପୁନଶ୍ଚ, କେବଳ ସେହି ଜଙ୍ଗଲ ଜମି ଉପରେ ମାଲିକାନା ଅଧିକାର ଦିଆଯିବ, ଯେଉଁ ଜମିକୁ ସଂପୃକ୍ତ ପରିବାର ନିଜ ଚାଷ ବା କାର୍ଯ୍ୟରେ ବ୍ୟବହାର କରି ଆସୁଥିବେ । ଖୋର୍ଦ୍ଧା ଜିଲ୍ଲାର ଓରାବାଲସିଂ ପଞ୍ଚାୟତ ଡିହଖଳା କ୍ଷୁଦ୍ର ମାଇନର ପ୍ରକଳ୍ପ ନିର୍ମାଣ (ToR 78 – 00006) ନିମନ୍ତେ ଖୋର୍ଦ୍ଧା ତହସିଲରୁ ଯେଉଁ ଜମି ଅଧିଗ୍ରହଣ ହେବାକୁ ଯାଉଛି ସେଠାରେ ଉପର ବର୍ଣ୍ଣିତ ସମସ୍ୟା ଉପୁଜୁ ନାହିଁ । କିନ୍ତୁ ଭବଷ୍ୟତରେ ଯଦି ସେପରି କିଛି ଦୃଷ୍ଟାନ୍ତ ନଜରକୁ ଆସେ ତେବେ ସେପରି ଜମି ପାଇଁ ନିୟମ ଅନୁସାରେ କ୍ଷତିପୂରଣ ପ୍ରଦାନ କରାଯିବ ।

୧.୧୨.୪ ରାଷ୍ଟ୍ରୀୟ ଥଇଥାନ ଓ ପୁନର୍ବସତି ନୀତି ୨୦୦୭

ଭାରତ ସରକାରଙ୍କର ରାଷ୍ଟ୍ରୀୟ ପୁନର୍ବାସ ଓ ଥଇଥାନ ନୀତି ୨୦୦୭ ହେଉଛି ଭୂମି ଅଧିଗ୍ରହଣ ଓ ତତଜନିତ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ । ପୁରୁଣା ନିୟମରେ ରହି ଯାଇଥିବା ଅସୁବିଧା ମାନଙ୍କୁ ସୁଧାରିବା ଲକ୍ଷ୍ୟ ନେଇ ଏହାକୁ ପ୍ରସ୍ତୁତ ଓ ଲାଗୁ କରାଯାଇଛି । ପୂର୍ବ ନୀତି/ନିୟମରେ ରହିଯାଇଥିବା ଅସୁବିଧା ଗୁଡିକ ହେଲା –

(୧) ସମତଳ ଅଞ୍ଚଳରେ ୫୦୦ ପରିବାର ଓ ସମ୍ବିଧାନର ଅନୁସୂଚୀ ୫ ଓ ୬ର ଅନ୍ତର୍ଭୁକ୍ତ ହୋଇଥିବା ଅନୁସୂଚୀତ ଅଞ୍ଚଳରେ ଓ ମରୁ ଅଞ୍ଚଳ ବିକାଶ ବ୍ଲକରେ ୨୫୦ ପରିବାର ପାଇଁ ଆଇନର ପ୍ରଯୁଜ୍ୟତାର ସୀମାବଦ୍ଧତା ।

(୨) ପରିଯୋଜନାରେ ଅଣବିସ୍ଥାପନ କିମ୍ବା ଅତି କମ୍ ବିସ୍ଥାପିତ ଲୋକଙ୍କ ପାଇଁ ସ୍ଥାନର ବ୍ୟବସ୍ଥା ନେଇ ବିଫଳତା ।

(୩) ଭୂମି ଅଧିଗ୍ରହଣ କାରଣରୁ ତଥା ବିସ୍ଥାପନ ପୂର୍ବରୁ ପ୍ରଭାବିତ ପରିବାରର ପୂର୍ବ-ସହମତିକୁ ବିଚାରକୁ ନ ନେବା ।

(୪) ସାମାଜିକ ପ୍ରଭାବ ସର୍ବେକ୍ଷଣ ର ଅଭାବ ।

(୫) ଜୀବିକା ସୁରକ୍ଷାପାଇଁ ସୀମିତ ବ୍ୟବସ୍ଥା ।

(୬) ପ୍ରଭାବିତ ପରିବାର ଗୁଡିକର ଜୀବନ ଧାରଣ ମାନରେ ସୁଧାର ଆଣିବା ନିମନ୍ତେ ନେବାକୁ ଥିବା ପଦକ୍ଷେପ ବିଷୟରେ ଉପଯୁକ୍ତ ବିଚାର ନକରିବା ।

(୭) କେବଳ ଭୂମି ଅଧିଗ୍ରହଣକୁ ଛାଡି ଅନ୍ୟ ସମସ୍ୟାର ବିଚାର ପାଇଁ ବ୍ୟବସ୍ଥା ନାହିଁ ।

(୮) ପ୍ରକଳ୍ପର ଯଥାର୍ଥତା ଓ ବାଞ୍ଛନୀୟତାକୁ ମୂଲ୍ୟାୟନ କରିବା ଓ ଭୂମି ଅଧିଗ୍ରହଣର ଅତ୍ୟୁତ୍ତମ କ୍ଷେତ୍ରର ଆକଳନ କରିବା ନିମନ୍ତେ କୌଣସି ପ୍ରାବଧାନ ନାହିଁ ।

(୯) କ୍ଷତିପୂରଣ ପୈଠ, ପୁନଃସ୍ଥାପନ ଓ ପୁନର୍ବସତି, ଅଧିଗ୍ରହଣ କରାଯାଇଥିବା ଜମିର ଉପଯୁକ୍ତ ବ୍ୟବହାର ଓ ହାସଲ କରିଥିବା ଅଧିକ ଜମିର ହସ୍ତାନ୍ତରୀକରଣ ଇତ୍ୟାଦି ବିଷୟରେ କୌଣସି ସମୟ ସୀମାର ବ୍ୟବସ୍ଥା ନାହିଁ ।

(୧୦) ଦୁର୍ବଳ ବର୍ଗ, ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତିଙ୍କର ସମସ୍ୟାମାନଙ୍କୁ ସମାଧାନ କରିବା ପାଇଁ ବ୍ୟବସ୍ଥାର ଅଭାବ, ଏବଂ

(୧୧) ଯଥାସମ୍ଭବ ଶିଘ୍ର ଅଭିଯୋଗ ଉପଶମ ପାଇଁ ବ୍ୟବସ୍ଥାର ଅଭାବ ।

ପୁନର୍ବାସ ଓ ଥଇଥାନ ନୀତି, ୨୦୦୭ ରେ ଦୁର୍ବଳ ଶ୍ରେଣୀ ଉପରେ ଧ୍ୟାନ ଦେଇ ଅତିକମ୍ ବିସ୍ଥାପନ କରିବା କିମ୍ବା ବିସ୍ଥାପନ ନ କରାଇବା ଆଦି ଅଭାବଗୁଡିକ ସୁଧାରିବା ପାଇଁ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଛି । ଧାର୍ଯ୍ୟ ସୀମାଠାରୁ ଅଧିକ ବିସ୍ଥାପନ ଆଶଙ୍କାକୁ ଦୃଷ୍ଟିରେ ରଖି ପରିଯୋଜନା ପାଇଁ ସାମାଜିକ ପ୍ରଭାବ ଆକଳନର ଅଧ୍ୟୟନ ଓ ଜନଜାତୀୟ ଆଦିବାସୀ ଉନ୍ନୟନ ଯୋଜନା (ଟି.ଡି.ପି) ପ୍ରସ୍ତୁତିକୁ ଏଥିରେ ବାଧ୍ୟତାମୂଳକ କରାଯାଇଛି । ଏହି ନୂତନ ନୀତିରେ ଭୂମି ଅଧିଗ୍ରହଣ କ୍ଷେତ୍ରରେ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ କ୍ଷତି ଭରଣାପାଇଁ ବିତ୍ତୀୟ ସହାୟତା, ସୁଗଠିତ ଅଞ୍ଚଳରେ ପୁନର୍ବାସ ଓ ଜୀବନବ୍ୟାପି ପେନସନ୍ ସ୍ୱରୂପ ବାର୍ଷିକ କ୍ଷତିପୂରଣର ବ୍ୟବସ୍ଥା ରହିଛି । ସମତଳ ଅଞ୍ଚଳରେ ୪୦୦ ଆଦିବାସୀ ତଥା ପାହାଡିଆ ଅଞ୍ଚଳରେ ୨୦୦ ଲୋକଙ୍କ ବିସ୍ଥାପନ କ୍ଷେତ୍ରରେ ଏହି ସୁବିଧାକୁ ଲାଗୁ କରାଯାଇଛି। ଲୋକମାନଙ୍କର ଭାଗିଦାରିତା, ଜନଶୁଣାଣି, ପ୍ରଭାବିତ ପରିବାରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ପୁନର୍ବାସ ଓ ଥଇଥାନ କମିଟିରେ ପ୍ରଭାବିତ ବ୍ୟକ୍ତିଙ୍କର ପ୍ରତିନିଧିତ୍ୱ, ଶୀଘ୍ର ଅଭିଯୋଗ ଶୁଣାଣି ଇତ୍ୟାଦି ହେଉଛି ୨୦୦୭ ପୁନର୍ବାସ ଓ ଥଇଥାନ ନୀତିରେ ଥିବା ସ୍ୱାଗତଯୋଗ୍ୟ ବ୍ୟବସ୍ଥା ।

୧.୧୨.୫ ସାମ୍ବିଧାନିକ ବ୍ୟବସ୍ଥା

ରାଷ୍ଟ୍ର ବା ସରକାରଙ୍କ ନ୍ୟାୟିକ କ୍ଷମତା ଫଳରେ ଜଣେ ଲୋକର ବ୍ୟକ୍ତିଗତ ସମ୍ପତ୍ତିକୁ ସର୍ବସାଧାରଣ ଉଦ୍ଦେଶ୍ୟ ସାଧନ ବା ବ୍ୟବହାର ନିମନ୍ତେ ଅଧିଗ୍ରହଣ କରିବା ଏକ ବିତର୍କର ବିଷୟ। ଭାରତର ସମ୍ବିଧାନର ଧାରା ୧୯ ଓ ୩୧ ଅନୁଯାୟୀ ଦେଶର ନାଗରିକ ମାନଙ୍କର ସମ୍ପତ୍ତି ଉପରେ ଅଧିକାର ସାବ୍ୟସ୍ତ କରାଯାଇଛି । ଧାରା ୧୯ ଅନୁସାରେ ଦେଶର ନାଗରିକମାନେ ନିଜପାଇଁ ସମ୍ପତ୍ତି ଅଧିଗ୍ରହଣ, ଧାରଣ ଏବଂ କ୍ରୟବିକ୍ରୟ ବା ହସ୍ତାନ୍ତର କରିପାରିବେ । ଧାରା -୩୧ ଅନୁସାରେ କୌଣସି ନାଗରିକଙ୍କୁ ନିଜ ସମ୍ପତ୍ତିରୁ (ସରକାରଙ୍କ ବିଧି, ନିୟମ ବା କର୍ତ୍ତୃତ୍ୱ ବ୍ୟତୀତ) କେହି ବଞ୍ଚିତ କରିପାରିବେ ନାହିଁ । ଏହା ମଧ୍ୟ ସୂଚିତ ହୋଇଛି ଯେ, ଯେଉଁମାନଙ୍କର ସମ୍ପତ୍ତିକୁ ସର୍ବସାଧାରଣଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯିବ, ତାହାର ଉପଯୁକ୍ତ କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯିବ । ୧୯୭୮ ମସିହାରେ ୪୪ତମ ସମ୍ବିଧାନ ସଂଶୋଧନ କରାଯାଇ ସମ୍ପତ୍ତିଗତ ଅଧିକାର ଶବ୍ଦକୁ ଉଠାଇ ଦିଆଯାଇ ଏହା ପରିବର୍ତ୍ତେ ଧାରା ୩୦୦ (କ) ରେ ଏକ ନୂତନ ବ୍ୟବସ୍ଥା ସାମିଲ କରାଯାଇଛି ଯେ, "ସରକାରଙ୍କର ଆଇନଗତ ପ୍ରାଧିକାର ବ୍ୟତୀତ କୌଣସି ବ୍ୟକ୍ତିଙ୍କୁ ତାଙ୍କର ସମ୍ପତ୍ତିଗତ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ" । ଏହା ସୂଚୀତ କରେ ଯେ, ସମ୍ପତ୍ତି ମାଲିକର ଅନିଚ୍ଛା ସତ୍ତ୍ୱେ, କିନ୍ତୁ ଦେଶର ହିତ ଦୃଷ୍ଟିରୁ ସମ୍ବିଧାନିକ ନୀତି ନିୟମ ଅନୁସାରେ ଜଣେ ବ୍ୟକ୍ତିଙ୍କର ସମ୍ପତ୍ତିକୁ ଅଧିଗ୍ରହଣ କରାଯାଇପାରିବ (ବାସୁ, ୨୦୧୫ :୧୩୭)। "ଯଦି ଜଣେ ଜମି ମାଲିକର ନିଜେ ଚାଷ କରୁଥିବା ଜମିକୁ ସରକାର ଅଧିଗ୍ରହଣ କରିବାକୁ ଚାହାନ୍ତି ଏବଂ ସେ ଜମି ଯଦି ବୈଧାନିକ ସର୍ବୋଚ୍ଚ ସୀମା ବା ସିଲିଙ୍ଗକୁ ଅତିକ୍ରମ କରୁନାହିଁ, ସେପରି ସ୍ଥଳେ ସରକାର ଜମି ମାଲିକକୁ ଜମିର ସମ୍ପୂର୍ଣ୍ଣ ବଜାର ଦର ସହିତ, ଜମିରେ ଥିବା ବାସଗୃହ ବା ଅନ୍ୟ କୌଣସି ନିର୍ମାଣ ଆଦିର କ୍ଷତିପୂରଣ ସାମ୍ପ୍ରତିକ ବଜାର ମୂଲ୍ୟରେ ଦେବାକୁ ପଡିବ (Ibid: p.41)।

୧.୧୨.୫(କ) ସମଥା ରାୟ

ଏହି ପରିପ୍ରେକ୍ଷିରେ ୧୯୯୭ ମସିହା ଜୁଲାଇ ମାସ ୧୧ ତାରିଖରେ ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କର ତିନି ଜଣିଆ ଖଣ୍ଡପିଠ ଦ୍ୱାରା ସମଥା ବନାମ ଆନ୍ଧ୍ରପ୍ରଦେଶ ରାଜ୍ୟ ଓ ଅନ୍ୟମାନଙ୍କ ମାମଲା କୁ ବିଚାର କରି ପ୍ରଦାନ କରିଥିବା ଐତିହାସିକ ରାୟର ପ୍ରାସଙ୍ଗିକତା ରହିଛି । (1997-Supp-2, SCR, 205)। ୭୩ତମ ସମ୍ବିଧାନ ସଂଶୋଧନ ଆଇନ ୧୯୯୨ରେ କୁହାଯାଇଛି ଯେ, ନିଜ ଅଞ୍ଚଳରେ ଥିବା ଗୋଷ୍ଠୀଗତ ସମ୍ପତ୍ତିକୁ ସୁରକ୍ଷା ଦେବା, ଏବଂ ଅନୁସୂଚୀତ ଅଞ୍ଚଳରେ ଜମି ହସ୍ତାନ୍ତରୀକରଣ କୁ ରୋକିବା ଏବଂ ଯଦି କୌଣସି ଆଦିବାସୀର ଜମି ବେଆଇନ ଭାବରେ ହସ୍ତାନ୍ତର ହୋଇଛି ବୋଲି ଜଣାଯାଏ ତେବେ ତାହାକୁ ପୁନର୍ବାର ଫେରାଇ ଆଣିବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବାପାଇଁ ପ୍ରତ୍ୟେକ ଗ୍ରାମସଭାର କ୍ଷମତା ରହିବ ।

୧.୧୨.୫(ଖ) ଭୁରିଆ କମିଟି ରିପୋର୍ଟ

ଅନୁସୂଚୀତ ଅଞ୍ଚଳରେ ଜମି ଅଧିଗ୍ରହଣର ସମସ୍ୟାକୁ ଭୁରିଆ କମିଟି ଦ୍ୱାରା ଯତ୍ନର ସହିତ ପରୀକ୍ଷା ନୀରିକ୍ଷା କରାଯାଇଛି। ଏଥିରେ ସୂଚାଇ ଦିଆଯାଇଛି ଯେ, ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ରାଜ୍ୟ ସରକାର ସର୍ବସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ବ୍ୟକ୍ତିଗତ ଜମିକୁ ନୀତି ମୁତାବକ ଅଧିଗ୍ରହଣ କରିପାରିବେ ଏବଂ ଆଦିବାସୀ ଅଞ୍ଚଳରେ ଲୋକମାନଙ୍କର ପାରମ୍ପରିକ ପ୍ରଥା ଅନୁଯାୟୀ ରହିଥିବା ଗୋଷ୍ଠୀଗତ ସମ୍ପତ୍ତି ଏହାର ପରିସର ମଧ୍ୟରେ ଆସିବ ନାହିଁ। ଅନେକ ଆଦିବାସୀ ଗୋଷ୍ଠୀଙ୍କ ମଧ୍ୟରେ ଜମି ଏବଂ ସେହିପରି ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ କ୍ଷେତ୍ରରେ ଗୋଷ୍ଠୀ ବା ସମ୍ପ୍ରଦାୟର ମାଲିକାନାକୁ ପାରମ୍ପରିକ ଭାବେ ମିଳିତ ସ୍ୱୀକୃତି ଦିଆଯାଇଥାଏ ଏବଂ ଗୋଷ୍ଠୀ ବା ସମ୍ପ୍ରଦାୟର ଜଣେ ବ୍ୟକ୍ତିକୁ ସେହି ସମ୍ପତ୍ତି ବ୍ୟବହାର କରିବାର ଅଧିକାର ମିଳିଥାଏ ।

ଯେହେତୁ ଆଦିବାସୀ ଅଞ୍ଚଳରେ ଜମି ହସ୍ତାନ୍ତରୀକରଣ ନିୟମ ଏହି ମୌଳିକ ନୀତିକୁ ସ୍ୱୀକୃତି ଦେଇନାହିଁ, ତେଣୁ ଏହା ବାସ୍ତବତା ଉପରେ ଆଧାରିତ ନୁହେଁ। କମିଟି ଏ କ୍ଷେତ୍ରରେ ମତାମତ ଦିଅନ୍ତି ଯେ, ଅଧିନିୟମରେ ଥିବା ଏହି ମୌଳିକ ଅସୁବିଧାକୁ ଉଚ୍ଛେଦ କରିବା ଏବଂ ଏ କ୍ଷେତ୍ରରେ ସ୍ଥାନୀୟ ଗୋଷ୍ଠୀର ମତାମତକୁ ବିଚାରକୁ ନେବା ବାଧ୍ୟତାମୂଳକ ହେବା ଆବଶ୍ୟକ। ଅନ୍ୟ ଅର୍ଥରେ କହିବାକୁ ଗଲେ ସର୍ବସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ଅନୁସୂଚୀତ ଅଞ୍ଚଳରେ ଜମି ଅଧିଗ୍ରହଣ କରାଗଲେ, ଗ୍ରାମସଭାର ଅନୁମୋଦନ ଆବଶ୍ୟକ ହେବ ଏବଂ ଦିଆଯାଉଥିବା ପ୍ରସ୍ତାବିତ ତଥା ବିକଳ୍ପ ଜୀବନଧାରଣର ଉତ୍ସ ସେମାନଙ୍କ ଦ୍ୱାରା ଗ୍ରହଣୀୟ ହେବା ଆବଶ୍ୟକ (Bhuria Committee Report, 1995 (mimeo),p.11)।

୧.୧୨.୬ ପେସା ଅଧିନିୟମ – ୧୯୯୬

ଭୁରିଆ କମିଟିର ସୁପାରିଶକୁ ଭାରତୀୟ ସଂସଦରେ ବିଚାରକୁ ନିଆଯାଇ ୧୯୯୬ ମସିହା ଡିସେମ୍ବର ମାସରେ ଭାରତର ପାର୍ଲିଆମେଣ୍ଟ ୭୩ତମ ସମ୍ବିଧାନ ସଂଶୋଧନ ଆଇନର ପଞ୍ଚମ ସୂଚୀ ଅନୁଯାୟୀ ଘୋଷିତ ଅନୁସୂଚୀତ ଅଞ୍ଚଳ ନିମନ୍ତେ ଲାଗୁ କରାଗଲା ଯାହାର ଶିର୍ଷକ "ପଞ୍ଚାୟତ ଅଧିନିୟମ (ଅନୁସୂଚୀତ ଅଞ୍ଚଳକୁ ସମ୍ପ୍ରସାରିତ) ଅଧିନିୟମ ଯାହା ପେସା ଅଧିନିୟମ ୧୯୯୬ ନାମରେ ସର୍ବଜନ ବିଦିତ । ଏହି ଅଧିନିୟମଟି ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ କାରଣ ଏହା ଗ୍ରାମସଭାକୁ ବୈଧାନିକ ମାନ୍ୟତା ପ୍ରଦାନ କରିଥାଏ, ଯେଉଁଥିରେକି ଏହାକୁ ବ୍ୟାପକ ଶକ୍ତି ଓ ଶାସନ ଅଧିକାର ପ୍ରଦତ୍ତ ହୋଇଛି ।

ଏଥିରେ ଉଲ୍ଲେଖ କରାଯାଇଛି ଯେ, କୌଣସି ବିକାଶ ମୂଳକ ପ୍ରକଳ୍ପ ନିମନ୍ତେ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁସୂଚୀତ ଅଞ୍ଚଳରେ ଜମି ଅଧିଗ୍ରହଣ ତଥା ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକମାନଙ୍କୁ ଥଇଥାନ ବା ପୁନଃବସବାସ ବ୍ୟବସ୍ଥା କରିବାପୂର୍ବରୁ ଗ୍ରାମସଭା କିମ୍ବା ପଞ୍ଚାୟତ ପ୍ରଶାସନ, ଯେଉଁଠାରେ ଯେପରି ପ୍ରଜୁଯ୍ୟ (ଅର୍ଥାତ୍ ମଧ୍ୟବର୍ତ୍ତୀ ଓ ଜିଲ୍ଲାସ୍ତର), ସହିତ ପରାମର୍ଶ କରିବାକୁ ପଡିବ । ଖୋର୍ଦ୍ଧା ଜିଲ୍ଲାର ରାଜୁଆ ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପର ନିର୍ମାଣ (ToR 78 – 00006) ନିମନ୍ତେ ଜମି ଅଧିଗ୍ରହଣ କଲାବେଳେ ଅନୁସୂଚୀତ ଜନଜାତି ଓ ଅନ୍ୟ ପାରମ୍ପରିକ ଜଙ୍ଗଲ ବାସିନ୍ଦା (ଜଙ୍ଗଲ ଅଧିକାର ସ୍ୱୀକୃତି) ଅଧିନୀୟମ, ୨୦୦୬, ଓ ପଞ୍ଚାୟତ ଅଧିନିୟମ (ଅନୁସୂଚୀତ ଅଞ୍ଚଳକୁ ସମ୍ପ୍ରସାରିତ) ଅଧିନିୟମ, ୧୯୯୬ କୁ ସମାନ ଭାବରେ ପାଳନ ନ କଲେ ଉକ୍ତ ଅଧିନୀୟମ ପ୍ରାସଙ୍ଗିକତା ହରାଇବ ।

୧.୧୨.୭ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ନ୍ୟାୟୋଚିତ କ୍ଷତିପୂରଣ ଓ ସ୍ୱଚ୍ଛତା (ଆର୍.ଏଫ୍.ସି.ଟି.ଏଲ୍.ଏ.ଆର୍.ଆର୍) ଅଧିନିୟମ ୨୦୧୩

ଜମି ଅଧିଗ୍ରହଣ ଅଧିନିୟମ ୧୮୯୪ ଟି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ନ୍ୟାୟୋଚିତ କ୍ଷତିପୂରଣ ଓ ସ୍ୱଚ୍ଛତା (ଆର୍.ଏଫ୍.ସି.ଟି.ଏଲ୍.ଏ.ଆର୍.ଆର୍) ଅଧିନିୟମ ୨୦୧୩ ଅଧିନିୟମ ଦ୍ୱାରା ପରିବର୍ତ୍ତନ କରାଯାଇ ବର୍ତ୍ତମାନ ଲାଗୁ କରାଯାଉଛି । ଏହି ଅଧିନିୟମଟି ୨୦୧୪ ମସିହା ଜାନୁଆରୀ ୧ ତାରିଖରୁ କାର୍ଯ୍ୟକାରୀ କରାଯାଇ ଏବଂ ଜାମ୍ମୁ କାଶ୍ମୀର ରାଜ୍ୟ ବ୍ୟତିତ ଅନ୍ୟ ସମସ୍ତ ରାଜ୍ୟ ସରକାର, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଶିଳ୍ପାୟନ ଭିତ୍ତିଭୂମିର ବିକାଶ ଏବଂ ସହରୀକରଣ ନିମନ୍ତେ ଜମି ଅଧିଗ୍ରହଣକୁ ନିୟନ୍ତ୍ରଣ କରିବାପାଇଁ ନିଜନିଜ ରାଜ୍ୟ ପାଇଁ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ନ୍ୟାୟୋଚିତ କ୍ଷତିପୂରଣ ଓ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ଅନୁଯାୟୀ ନିୟମ ପ୍ରଣୟନ କରିବାର ଅଧିକାର ପାଇଛନ୍ତି । ୧୯୯୬ ମସିହାରେ ପ୍ରଣିତ ଅନୁସୂଚୀତ ଅଞ୍ଚଳର ପଞ୍ଚାୟତ ସମ୍ପ୍ରସାରଣ ଆଇନର ସାରମର୍ମକୁ ଏହି ଆଇନର ପରିସରଭୁକ୍ତ କରାଯାଇଛି । ଏହି ଆଇନରେ ସମ୍ବିଧାନ ଦ୍ୱାରା ପ୍ରତିଷ୍ଠିତ ଗ୍ରାମସଭା ଓ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ବିଭିନ୍ନ ଅନୁଷ୍ଠାନ ସହ ପରାମର୍ଶ କରିବାର ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି । ଏହି ଆଇନଟି "ଶିଳ୍ପବିକାଶ, ଅତ୍ୟାବଶ୍ୟକ ଭିତ୍ତିଭୂମିର ବିକାଶ ଏବଂ ସହରୀକରଣ ଇତ୍ୟାଦି ନିମନ୍ତେ ଜମି ଅଧିଗ୍ରହଣ କରିବା ହେତୁ, ଜମି

ମାଲିକ ଏବଂ ଅନ୍ୟ ପ୍ରଭାବିତ ପରିବାର ମାନେ ଯେପରି ସର୍ବନିମ୍ନ ଅସୁବିଧାର ସମ୍ମୁଖୀନ ହୁଅନ୍ତି ତାହା ସୁନିଶ୍ଚିତ କରି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହ ଏକ ମାନବୀୟ, ସହଭାଗି, ସୂଚିତ ଏବଂ ସ୍ୱଚ୍ଛ ପ୍ରକ୍ରିୟା ସୁନିଶ୍ଚିତ କରିଥାଏ"। ଏଥିରେ ପ୍ରଭାବିତ ବ୍ୟକ୍ତିମାନଙ୍କର ପୁନର୍ବାସ ଓ ଥଇଥାନ ନିମନ୍ତେ ପର୍ଯ୍ୟାପ୍ତ ବନ୍ଦୋବସ୍ତ କରାଯାଇଛି ଓ ପ୍ରଭାବିତ ବ୍ୟକ୍ତିମାନେ ଯେପରି ଅଧିଗ୍ରହଣ ପରବର୍ତ୍ତୀ ସାମାଜିକ ଓ ଆର୍ଥିକ ସ୍ଥିତିର ବିକାଶ ପ୍ରକ୍ରିୟାରେ ଅଂଶୀଦାର ହୋଇପାରିବେ ତାହା ସୁନିଶ୍ଚିତ କରାଯାଇଛି । ସରକାରଙ୍କ ଦ୍ୱାରା କୌଣସି ବିଶେଷ କାର୍ଯ୍ୟର ଉଦ୍ଦେଶ୍ୟ ସାଧନ ଏବଂ ଭିତ୍ତିଭୂମିର ବିକାଶ ନିମନ୍ତେ ଜମି ଅଧିଗ୍ରହଣ ସମୟରେ ଏହି ଆଇନରେ ଥିବା ବ୍ୟବସ୍ଥାକୁ ପ୍ରୟୋଗ କରାଯାଉଛି ।

ନିମ୍ନଲିଖିତ ପ୍ରମୁଖ ବ୍ୟବସ୍ଥାଗୁଡିକ ଏହି ଆଇନରେ ଅନ୍ତର୍ଭୁକ୍ତ ହୋଇଛି ।

କ) ଜମି ହରାଉଥିବା ଲୋକଙ୍କ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା,

ଖ) ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସ୍ୱଚ୍ଛତା,

ଗ) ସ୍ଥାନଚ୍ୟୁତ ଲୋକମାନଙ୍କ ନିମନ୍ତେ ଥଇଥାନର ବ୍ୟବସ୍ଥା,

ଘ) ପ୍ରଭାବିତ ପରିବାରଗୁଡିକର ସର୍ବନିମ୍ନ ସାମାଜିକ ଓ ଆର୍ଥିକ ବିଘ୍ନ ଘଟିବା,

ଙ) ଗ୍ରାମସଭା ସହ ପରାମର୍ଶ,

ଚ) ପ୍ରତିକୂଳ ପ୍ରଭାବକୁ ପ୍ରଶମନ କରିବା ନିମନ୍ତେ ଏକ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତି, ଏବଂ

ଛ) ଜମିଅଧିଗ୍ରହଣ ନିମନ୍ତେ ୭୦% ପ୍ରଭାବିତ ପରିବାରର ସହମତି ଗ୍ରହଣ କରିବା ।

ଏହି ଆଇନକୁ ପ୍ରତିପାଦିତ କରିବା ନିମନ୍ତେ ଆଇନର ଦ୍ୱିତୀୟ ଅନୁଚ୍ଛେଦରେ ପ୍ରଭାବିତ ପରିବାର, ଜମିର ବିସ୍ତାର, ଘର, ବସତି ଏବଂ ପ୍ରକଳ୍ପ ହେତୁ ପ୍ରଭାବିତ ହେବାର ସମ୍ଭାବନା ଥିବା ବ୍ୟକ୍ତିଗତ ମାଲିକାନା କିମ୍ବା ସାର୍ବଜନୀନ ମାଲିକାନାରେ ଥିବା ଅନ୍ୟାନ୍ୟ ସାଧାରଣ ସମ୍ପତ୍ତି ଗୁଡିକୁ ବିସ୍ତୃତ ଭାବରେ ଯାଞ୍ଚ କରି 'ସାମାଜିକ ପ୍ରଭାବ' ଏବଂ 'ସର୍ବସାଧାରଣ ଉଦ୍ଦେଶ୍ୟ' ନିର୍ଦ୍ଧାରଣ କରିବା ଏବଂ 'ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରସ୍ତୁତ' କରିବାର ପ୍ରାବଧାନ ରହିଛି। ଆଇନର ଚତୁର୍ଥ ଅନୁଚ୍ଛେଦରେ 'ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ' କୁ ବାଧ୍ୟତାମୂଳକ କରାଯାଇଛି ଏବଂ ୪(୧) ରେ କୁହାଯାଇଛି "ଯେତେବେଳେ ଗୋଟିଏ ଉପଯୁକ୍ତ ସରକାର ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବାକୁ ଆଗ୍ରହ କରନ୍ତି, ତେବେ ସମ୍ପୃକ୍ତ ପଞ୍ଚାୟତ, ମୁନ୍‌ସିପାଲିଟି, କିମ୍ବା ମୁନ୍‌ସିପାଲ କର୍ପୋରେସନ, ଯେଉଁଠାରେ ଯେପରି ପ୍ରଜୁଯ୍ୟ, ତାଙ୍କ ସହ ପରାମର୍ଶ କରିବେ ଏବଂ ପ୍ରଭାବିତ ଅଞ୍ଚଳରେ ୱାର୍ଡ ସ୍ତରରେ ବା ଗ୍ରାମ ସ୍ତରରେ ଲୋକମାନଙ୍କ ସହ ବିଚାର ବିମର୍ଶ କରି ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବେ, ଏବଂ ସେହି ମର୍ମରେ ସେହି ତାରିଖରେ ସରକାରଙ୍କ ଦ୍ୱାରା ଏକ ଅଧିସୂଚନା ଜାରି କରାଯିବ। ଏଥିସହିତ ଗ୍ରହଣ କରାଯିବାକୁ ଥିବା ଆବଶ୍ୟକ ପ୍ରଶମନ ଉପାୟ ଗୁଡିକର ତାଲିକା ପ୍ରସ୍ତୁତ କରି ***'ସାମାଜିକ ପ୍ରଭାବ ପରିଚାଳନା ଯୋଜନା'*** ପ୍ରସ୍ତୁତ କରିବା ନିମନ୍ତେ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି । ଚତୁର୍ଥ ଅଧ୍ୟାୟର ଧାରା-୨୦୯ରେ ଉଲ୍ଲେଖ କରାଯାଇଛି ଯେ, ଅଧିଗ୍ରହଣ ହେଉଥିବା ଜମିରେ ଥିବା ଅନ୍ୟାନ୍ୟ ବସ୍ତୁମାନ ଏବଂ ବାସଗୃହ ଆଦିର ମୂଲ୍ୟକୁ ଅଭିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ । ଏଥିରେ ମଧ୍ୟ ବ୍ୟବସ୍ଥା ଅଛି ଯେ, ଏକକାଳୀନ ସାନ୍ତ୍ୱନା ମୂଳକ ରାଶୀ ର ମୂଲ୍ୟ ଏପରି ହେବା ଆବଶ୍ୟକ ଯାହାକି କ୍ଷତିପୂରଣ ରାଶୀର ୧୦୦% ହୋଇଥିବ ।

ଏ ସବୁ ବ୍ୟବସ୍ଥାମାନ ଗ୍ରହଣ କରିବାର ଉଦ୍ଦେଶ୍ୟ ହେଉଛି, ପ୍ରଭାବିତ ପରିବାରଗୁଡିକ ତାଙ୍କର ଜମି ଅଧିଗ୍ରହଣ ପରେ ଯେପରି ଏକ ଉନ୍ନତତର ସାମାଜିକ ଓ ଅର୍ଥନୈତିକ ଜୀବନଯାପନ କରିପାରିବେ ତାହା ସୁନିଶ୍ଚିତ କରିବା ।

୧.୧୨.୮ ଓଡିଶା ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ନ୍ୟାୟୋଚିତ କ୍ଷତିପୂରଣ ଓ ସ୍ୱଚ୍ଛତା (ଆର୍.ଏଫ୍.ସି.ଟି.ଏଲ୍.ଏ ଆର୍.ଆର୍)ନିୟମ ୨୦୧୬

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩ ର ଧାରା ୧୦୯ ର ଉପଧାରା (୧) ବଳରେ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ନିୟମ ୨୦୧୫ ପ୍ରସ୍ତୁତ କରାଯାଇ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ମାଧ୍ୟମରେ ଓଡିଶା ଗେଜେଟର ସଂଖ୍ୟା ୧୪୮୦, ତା ୧୯.୧୦.୨୦୧୫ ରିଖରେ ଅତିରିକ୍ତ ପ୍ରକାଶନ ରେ ପ୍ରକାଶିତ ହୋଇଛି । ଏ ସଂକ୍ରାନ୍ତରେ ପ୍ରଭାବିତ ହେବାକୁ ଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କ ଠାରୁ ଆପତ୍ତି, ଅଭିଯୋଗ ଓ ମତାମତକୁ ଆହ୍ୱାନ କରାଯିବାର ବ୍ୟବସ୍ଥା ରହିଛି । ଯେହେତୁ ଏହି କଥିତ ଚିଠା ଖସଡା ଉପରେ କୌଣସି ଆପତ୍ତି ଅଭିଯୋଗ ବା ମତାମତ ଆସିନଥିଲା, ତେଣୁ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ନିୟମ ୨୦୧୬ ଟି ୧୯ ଅକ୍ଟୋବର ୨୦୧୬ ତାରିଖଠାରୁ ଲାଗୁ କରାଯାଉଛି । ଉପରୋକ୍ତ ୨୦୧୬ ନିୟମ ଅନୁସାରେ, ଜମି ଆବଶ୍ୟକ କରୁଥିବା ସଂସ୍ଥା ଦ୍ୱାରା ଜମି ଅଧିଗ୍ରହଣ ପ୍ରକ୍ରିୟାର ସମ୍ପୂର୍ଣ୍ଣ ବିବରଣୀ, ଜିଲ୍ଲାପାଳଙ୍କ ଦ୍ୱାରା ଜମି ଦରଖାସ୍ତ ଯାଞ୍ଚ ଓ ସଂପୃକ୍ତ ତହସିଲଦାରଙ୍କ ଦ୍ୱାରା ଜମିର ରେକର୍ଡ ପତ୍ରକୁ ଅଧୁନାତନ କରିବା ପ୍ରକ୍ରିୟା ଆଦି ଜମିଜମା ସମ୍ବନ୍ଧୀୟ କାଗଜପତ୍ର ଜିଲ୍ଲାପାଳଙ୍କ ଠାରୁ ପାଇବାର ତିନିମାସ ମଧ୍ୟରେ ଶେଷ କରାଯିବାର ବ୍ୟବସ୍ଥା ଅଛି । ଏହି ସମସ୍ତ ନିୟମକୁ ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ କଡାକଡି ଭାବରେ ଅନୁସରଣ କରାଯାଇଛି । ନିୟମର ଭାଗ-୬ ଅନୁଯାୟୀ ଓଡିଶା ସରକାର, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱର କୁ ରାଜ୍ୟ ଏସ୍.ଆଇ.ଏ ୟୁନିଟ୍ ଭାବରେ ଦାୟୀତ୍ୱ ପ୍ରଦାନ କରିଛନ୍ତି ଏବଂ ନିୟମର ବ୍ୟବସ୍ଥା ଅନୁଯାୟୀ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସୁନିଶ୍ଚିତ କରିବାର ଦାୟୀତ୍ୱ ପ୍ରଦାନ କରିଛନ୍ତି। ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କ୍ଷେତ୍ରରେ ଅଭିଜ୍ଞତା ଓ ଦକ୍ଷତା ଥିବା ଅନୁଷ୍ଠାନ/ସଂସ୍ଥାମାନଙ୍କୁ ଏହା ଉପରେ କାର୍ଯ୍ୟ କରିବାକୁ ମନୋନୀତ କରାଯିବାର ବ୍ୟବସ୍ଥା ରହିଛି । ସେହି ଅନୁସାରେ ଅଧ୍ୟୟନ କରିବାର ଦାୟୀତ୍ୱ କୋଟସକୁ ଦିଆଯାଇଛି ।

ଆଲୋଚିତ ନିୟମ ୨୦୧୬ରେ ଉଲ୍ଲେଖ କରାଯାଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ବନ୍ଧୀୟ ବିସ୍ତୃତ ବର୍ଣ୍ଣନା ଅନୁଯାୟୀ 'ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅଧୀନସ୍ଥ ଓରାବାରସିଂ ପଞ୍ଚାୟତ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ ଏକର ପରିମାଣର ଘରୋଇ ଜମିରେ ରାଜୁଆ ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପ ନିର୍ମାଣ (ToR 78 – 00006) ନିମନ୍ତେ ଭୂମି ଅଧିଗ୍ରହଣ ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ଦିଗମାନ ନିମ୍ନମତେ ପ୍ରଦାନ କରାଗଲା ।

କ୍ର. ସଂ.	ଧାରା ସଂ.	ଧାରାରେ ଥିବା ବିଷୟ ବସ୍ତୁ
୧	୬	ଗୋଟିଏ ସ୍ୱୟଂଶାସିତ ଅନୁଷ୍ଠାନକୁ ରାଜ୍ୟ ସାମାଜିକ ପ୍ରଭାବ ଆକଳନ ସଂସ୍ଥା ଭାବେ ଚିହ୍ନଟ କରିବା ।
୨	୮	ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ଜାରି ।
୩	୯	ସମ୍ପୃକ୍ତ ପଞ୍ଚାୟତ, ୱାର୍ଡ କିମ୍ବା ଗ୍ରାମ ମାନଙ୍କ ସହିତ ବିଚାର ବିମର୍ଷ କରି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବା ।
୪	୧୦	ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବା ନିମନ୍ତେ ଯୋଗ୍ୟ ସଂଶାଧନ ଅଂଶୀଦାର ଭାବରେ ଅନୁବନ୍ଧିତ ବା ତାଲିକାଭୁକ୍ତ ହୋଇଥିବା ବ୍ୟକ୍ତି ଓ ଅନୁଷ୍ଠାନ, ଯେଉଁମାନଙ୍କର ଏହିପରି କାର୍ଯ୍ୟ ସମ୍ପାଦନ କରିବାକୁ ଯୋଗ୍ୟତାଥିବ, ସେହିମାନଙ୍କ ମଧ୍ୟରୁ ପ୍ରତ୍ୟେକ ପ୍ରକଳ୍ପ ନିମନ୍ତେ ସାମାଜିକ ପ୍ରଭାବ ଆକଳନ

		ଅଧ୍ୟୟନ ଦଳ ମନୋନିତ କରାଯିବ ।
୫	୧୧	ସାମାଜିକ ପ୍ରଭାବ ଆକଳନ କରିବା ପ୍ରକ୍ରିୟା ।
୬	୧୨	ପୁନର୍ବାସ ଓ ଥଇଥାନ ନିମନ୍ତେ ହକ୍ ଦାର ବ୍ୟକ୍ତିମାନଙ୍କ ସାରଣୀ ସମେତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତି ।
୭	୧୪	ସାମାଜିକ ପ୍ରଭାବ ଆକଳନରୁ ଉପଲବ୍ଧ ତଥ୍ୟ ସମ୍ପର୍କରେ ଗ୍ରାମ ସଭା କିମ୍ବା ୱାର୍ଡ ସଭା ରେ ଜନଶୁଣାଣି ସଭାର ଆୟୋଜନ ।
୮	୧୫	ସାମାଜିକ ପ୍ରଭାବ ଆକଳନ ବିବରଣୀ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀ ପ୍ରକାଶନ ।
୯	୧୬	ବିଶେଷଜ୍ଞ ଦଳର ସୁପାରିଶ ର ପ୍ରକାଶନ ।
୧୦	୧୭	ରାଜ୍ୟ ସରକାରଙ୍କର ଚୂଡାନ୍ତ ନିଷ୍ପତ୍ତିର ପ୍ରକାଶନ ।

ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅଧୀନସ୍ଥ ଓରାବାରସିଂ ପଞ୍ଚାୟତ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ ଏକର ପରିମାଣର ଘରୋଇ ଜମିରେ ରାଜୁଆ ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପ ନିର୍ମାଣ (ToR 78 – 00006) ନିମନ୍ତେ ଭୂମି ଅଧିଗ୍ରହଣର ଆବଶ୍ୟକତା ଅଛି । ଏହି ଡାଇଭର୍ସନ ଓ୍ୱୋୟାର ନିର୍ମାଣ ଦ୍ୱାରା ଜନ ସାଧାରଣଙ୍କର ମଙ୍ଗଳ ସାଧିତ । ସେଥିପାଇଁ ଅତି ଅଳ୍ପ ପରିମାଣର ଜମି ଅଧିଗ୍ରହଣ ହେଉଛି ।

୧.୧୩. ଡ୍ରାଫ୍ଟ ବିବରଣୀ

ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅଧୀନସ୍ଥ ଓରାବାରସିଂ ପଞ୍ଚାୟତ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ ଏକର ପରିମାଣର ଘରୋଇ ଜମିରେ ରାଜୁଆ ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପ ନିର୍ମାଣ (ToR 78 – 00006) ନିମନ୍ତେ ଭୂମି ଅଧିଗ୍ରହଣ ଉପରେ SIA ଅଧ୍ୟୟନ ପାଇଁ ଏହି ଚିଠା ରିପୋର୍ଟ ପ୍ରାଥମିକ ଏବଂ ମାଧ୍ୟମିକ ତଥ୍ୟର ମୂଲ୍ୟାଙ୍କନ ଏବଂ ବିଶ୍ଳେଷଣ ଉପରେ ଆଧାର କରି ଉଭୟ ଆଞ୍ଚଳିକ ଭାଷା (ଓଡିଆ) ଓ ଇଂରାଜୀରେ ପ୍ରସ୍ତୁତ କରାଯାଇଛି ।

ପ୍ରାରମ୍ଭରେ ଦିଆଯାଇଥିବା କାର୍ଯ୍ୟ ନିର୍ବାହୀ ବିବରଣୀ ବ୍ୟତୀତ ସାମାଜିକ ପ୍ରଭାବ ମୂଲ୍ୟାୟନ ଆକଳନ ବିବରଣୀରେ ସାତଗୋଟି ଅଧ୍ୟାୟ ରହିଛି । ରାଜ୍ୟ ସାମାଜିକ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ଚିଠା ବିବରଣୀର ମୂଲ୍ୟାୟନ ଏବଂ ଅନୁମୋଦନ ପରେ, ଚିଠା ବିବରଣୀର ନକଲଗୁଡିକ ଜଳସେଚନ ସଂସ୍ଥା (ଯଥା ଜମି ଆବଶ୍ୟକ କରୁଥିବା ସଂସ୍ଥା), ସଂପୃକ୍ତ ଜିଲ୍ଲାର କଲେକ୍ଟର, ସବ୍-କଲେକ୍ଟର, ଭୂମି ଅଧିଗ୍ରହଣ ଅଧିକାରୀ, ଖୋର୍ଦ୍ଧା ଦହସିଲର ତହସିଲଦାର ଏବଂ ସ୍ଥାନୀୟ ଓରାବାରସିଂ ଗ୍ରାମ ପଞ୍ଚାୟତର

୧.୧୫. ରିପୋର୍ଟର ଗଠନ

ପ୍ରାରମ୍ଭରେ ଦିଆଯାଇଥିବା କାର୍ଯ୍ୟ ନିର୍ବାହୀ ବିବରଣୀ ବ୍ୟତୀତ ସାମାଜିକ ପ୍ରଭାବ ମୂଲ୍ୟାୟନ ଆକଳନ ବିବରଣୀରେ ସାତଗୋଟି ଅଧ୍ୟାୟ ରହିଛି। ପ୍ରଥମ ଅଧ୍ୟାୟଟି ଉପକ୍ରମ ଅଧ୍ୟାୟ ଅଟେ। ଏଥିରେ ପ୍ରକଳ୍ପର ଉପସ୍ଥାପନା, ପୃଷ୍ଠଭୂମି, ନୀତି ନିୟମ ମାନ ସ୍ଥାନିତ ହୋଇଛି । ଦ୍ୱିତୀୟ ଅଧ୍ୟାୟରେ ଅଧ୍ୟୟନ ଟିମ୍ ଗଠନ, ଆରମ୍ଭମାର୍ଗ, କାର୍ଯ୍ୟ ପଦ୍ଧତି ଓ ଅଧ୍ୟୟନର ଉଦ୍ଦେଶ୍ୟ ଓ ସୀମାବଦ୍ଧତା ଆଦି ରହିଛି । ତୃତୀୟ ଅଧ୍ୟାୟରେ ଜମି ମୂଲ୍ୟାୟନର ଏକ ବିସ୍ତୃତ ଚିତ୍ର ପ୍ରଦାନ କରାଯାଇଛି । ଚତୁର୍ଥ ଅଧ୍ୟାୟରେ ପ୍ରଭାବିତ ପରିବାରଗୁଡିକର ଚିହ୍ନଟ, ଅଟକଳ ଓ ଗଣନା କରାଯାଇଛି ଯେଉଁଥିରେ ସେମାନଙ୍କର ସ୍ଥାବର ସମ୍ପତ୍ତିର ଆକଳନ କରାଯାଇଛି । ପଞ୍ଚମ ଅଧ୍ୟାୟରେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାର ଗୁଡିକର ସାମାଜିକ ଓ ଆର୍ଥିକ

ଅବସ୍ଥାର ଚିତ୍ର ପ୍ରଦାନ କରାଯାଇଛି । ଏଥିରେ ପ୍ରତ୍ୟକ୍ଷଭାବେ ପ୍ରଭାବିତ ପରିବାରଙ୍କ ସହ ୧୦ ଗୋଟି ଅଣ ପ୍ରଭାବିତ ନମୁନା ପରିବାରଙ୍କର ମତାମତ ନିଆଯାଇଛି । ପ୍ରାଥମିକ ସର୍ବେକ୍ଷଣ ଆଧାରରେ ସମ୍ଭାବ୍ୟ ସାମାଜିକ ପ୍ରଭାବକୁ ଷଷ୍ଠ ଅଧ୍ୟାୟରେ ସ୍ଥାନୀତ କରାଯାଇଛି । ସପ୍ତମ ଅଧ୍ୟାୟରେ ଅଧ୍ୟୟନରୁ ମିଳିଥିବା ତଥ୍ୟ ସହ ପ୍ରକଳ୍ପର ପରିବ୍ୟୟ-ଫାଇଦାର ବିଶ୍ଳେଷଣ କରାଯାଇଛି ଓ ଏଥିସହ ଗୋଟିଏ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରଦାନ ସହିତ କେତେକ ସୁପାରିଶ ପ୍ରଦାନ କରାଯାଇଛି ।

୧.୧୬. ଅଧ୍ୟୟନର ସୀମାବଦ୍ଧତା

ପୂର୍ବରୁ ହୋଇଥିବା ସମାନ ପ୍ରକାର ଅଧ୍ୟୟନ ଶୈଳୀରେ ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟିର ପରିକଳ୍ପନା, ପ୍ରବେଶ ମାର୍ଗ, ସାଧନ, ପଦ୍ଧତି ଓ କାର୍ଯ୍ୟଧାରା ଆଦି ବ୍ୟବହାର କରାଯାଇ ତଥ୍ୟ ସଂଗ୍ରହ, ସେ ସବୁକୁ ବିଶ୍ଳେଷଣ, ଫଳାଫଳ ଲିପିବଦ୍ଧ କରିବା ଓ ଉପସଂହାରରେ ପହଞ୍ଚିବା ଆଦି ସମ୍ଭବ ହୋଇଛି । କିନ୍ତୁ ଏସବୁ ସ୍ୱତନ୍ତ୍ର ପ୍ରଚେଷ୍ଟା ସତ୍ତ୍ୱେ ଏହି କାର୍ଯ୍ୟଟି ସମ୍ପୂର୍ଣ୍ଣ ରୂପେ ତ୍ରୁଟି ଶୂନ୍ୟ ଓ ପରିପୂର୍ଣ୍ଣ ବୋଲି ଦାବୀ କରାଯାଇ ପାରିବ ନାହିଁ । ତଥାପି ଏଥିରେ କିଛି ଅଭାବ ରହିଗଲା ପରି ଅନୁଭବ ହେଉଛି । ଅଧ୍ୟୟନର ଗୋଟିଏ ସୀମାବଦ୍ଧତା ହେଉଛି ଯେ ପ୍ରକଳ୍ପ ହେତୁ ଲୋକମାନଙ୍କ ଉପରେ ପ୍ରକୃତରେ ଯେଉଁ ପ୍ରଭାବ ପଡିବାକୁ ଯାଉଛି, ତାହା ଏହି ଅଧ୍ୟୟନ ମାଧ୍ୟମରେ ନିର୍ଦ୍ଧାରଣ କରାଯାଇଥିବା ପ୍ରଭାବ ଠାରୁ କେତେ ପରିମାଣରେ ଭିନ୍ନ ହୋଇପାରେ । ଏହାର କାରଣ ହୋଇଛିଯେ ବାସ୍ତବ ଅବସ୍ଥାକୁ ଠିକ୍ ରୂପେ ମୂଲ୍ୟାୟନ କରିବା ଏତେଟା ସହଜ ନୁହେଁ । ଏଣୁ ବିବରଣୀରେ କିଛି ପ୍ରାନ୍ତିକ ଭୁଲ ଭଟକା ହୁଏତ ରହିଯାଇ ପାରିଥାଏ ।

ସେ ଯାହାହେଉ ଏ ସବୁ ସତ୍ତ୍ୱେ ଅଧ୍ୟୟନଟିକୁ ଯଥାର୍ଥ ଓ ବାସ୍ତବିକ କରିବା ପାଇଁ ସମସ୍ତ ଯତ୍ନ ନିଆଯାଇଛି ।

Site Photographs

Source: Household Survey and Field Visits, 2026

The Canal on the Affected Plots

Sign Board of Rajua Diversion Weir

Source: Household Survey and Field Visits, 2026

ଦ୍ୱିତୀୟ ଅଧ୍ୟାୟ

ଦଳ ସଂରଚନା, ଦୃଷ୍ଟିକୋଣ, କାର୍ଯ୍ୟ ପଦ୍ଧତି ଏବଂ ସାମାଜିକ ପ୍ରଭାବ ଆକଳନର ଅନୁସୂଚୀ

୨.୧ ଉପକ୍ରମ

ଭାରତ ସରକାରଙ୍କ ଜମି ଅଧିଗ୍ରହଣରେ ନ୍ୟାୟୋଚିତ କ୍ଷତିପୂରଣ ଏବଂ ପୁନର୍ବାସ, ଓ ଥଇଥାନରେ ସ୍ୱଚ୍ଛତା ଅଧିକାର ଅଧିନିୟମ, ୨୦୧୩ (ଆର. ଏଫ୍. ସି. ଏଲ୍, ଏ. ଆର୍. ଏଣ୍ଡ. ଆର୍ ଅଧିନିୟମ ୨୦୧୩) ଏବଂ ଓଡିଶା ସରକାରଙ୍କର ଆର୍. ଏଫ. ସି. ଟି. ଏଲ୍. ଏ. ଆର୍. ଏଣ୍ଡ ଆର୍, ନିୟମ ୨୦୧୬ ଭାଗ ୪(୧) ଅନୁସାରେ ଯେକୌଣସି ସାର୍ବଜନୀନ ଓ ବିକାଶ ମୂଳକ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ପ୍ରଭାବିତ ପରିବାର ଓ ଅଞ୍ଚଳ ବିଷୟରେ ଏକ ସାମାଜିକ ପ୍ରଭାବ ଆକଳନ (ଏସ.ଆଇ.ଏ) ଅଧ୍ୟୟନ କରିବା ଆବଶ୍ୟକ । ବର୍ତ୍ତମାନ କ୍ଷେତ୍ରରେ ରାଜ୍ୟ ସାମାଜିକ ପ୍ରଭାବ ଆକଳନ କର୍ତ୍ତୃପକ୍ଷ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅଧୀନସ୍ଥ ଓରାବାରସିଂ ପଞ୍ଚାୟତ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ ଏକର ପରିମାଣର ଘରୋଇ ଜମିରେ ରାଜୁଆ ଡାଇଭର୍ସନ ଓ୍ୱାୟାର ପ୍ରକଳ୍ପ ନିର୍ମାଣ (ToR 78 – 00006) ନିମନ୍ତେ ଘରୋଇ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ସାମାଜିକ ପ୍ରଭାବ ଆକଳନ (ଏସ.ଆଇ.ଏ.) ଅଧ୍ୟୟନ ପାଇଁ କୋରାପୁଟ ସ୍ଥିତ ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ (କୋଟସ୍)କୁ ଦାୟୀତ୍ୱ ପ୍ରଦାନ କରିଛିନ୍ତି । କେନାଲ ପ୍ରକଳ୍ପ ପାଇଁ ୦୯ ଜଣ ପଟ୍ଟାଧାରୀ ଜମି ମାଲିକଙ୍କ ଠାରୁ ଜମି ଅଧିଗ୍ରହଣ କରାଯିବ ।

୨.୨ ଅଧ୍ୟୟନର ଉଦ୍ଦେଶ୍ୟ

ନିମ୍ନଲିଖିତ ଉଦ୍ଦେଶ୍ୟ ସାଧନ ନିମନ୍ତେ କଥିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି କରାଯାଇଛି;

୧. ପ୍ରକଳ୍ପ ଉଦ୍ଦେଶ୍ୟରେ ଯେଉଁ ଜମି ଅଧିଗ୍ରହଣ କରାଯିବ ତାହା ***'ସାର୍ବଜନୀନ ଉଦ୍ଦେଶ୍ୟ'*** ସାଧନ କରୁଛି ନା ନାହିଁ ତାହା ଅନୁଧ୍ୟାନ କରିବା ।

୨. ଜମି ଅଧିଗ୍ରହଣ ହେତୁ ପ୍ରଭାବିତ ହେଉଥିବା ପରିବାରର ସଂଖ୍ୟା ଆକଳନ କରିବା, ସେମାନଙ୍କ ମାଲିକାନାଧୀନ ଭୂସମ୍ପତ୍ତି କ୍ଷତିର ପରିମାଣ ନିର୍ଦ୍ଧାରଣ ଏବଂ ସମ୍ଭାବ୍ୟ ବାସ ଓ ଜୀବିକା ବା ବୃତ୍ତି ବିସ୍ଥାପନ (ଯଦି ବିସ୍ଥାପିତ ହେଉଥାନ୍ତି) ଆଦିର ପ୍ରକୃତ ସଂଖ୍ୟା ଓ ପରିମାଣ ପ୍ରାକ୍ କଳନ କରିବା ।

୩. ପ୍ରସ୍ତାବିତ ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହେବାକୁ ଯାଉଥିବା ସରକାରୀ ଓ ବେସରକାରୀ ଜମି, ଘରଦ୍ୱାର, ବସ୍ତି ଅଞ୍ଚଳ ଏବଂ ଅନ୍ୟାନ୍ୟ ସାମୁହିକ ସମ୍ପତ୍ତି ଆଦିର ଯେଉଁ କ୍ଷତି ହେବ ତା'ର ଆକଳନ କରିବା ।

୪. ପ୍ରସ୍ତାବିତ ପ୍ରକଳ୍ପଟିର କାର୍ଯ୍ୟାନ୍ୱୟନ ପାଇଁ ଅଧିଗ୍ରହଣ ହେବାକୁ ଯାଉଥିବା ଜମିର ପରିମାଣ ସର୍ବନିମ୍ନ ଆବଶ୍ୟକତା କି ନୁହେଁ ତାହାର ପରୀକ୍ଷଣ କରିବା ।

୫. ପ୍ରକଳ୍ପ ନିମନ୍ତେ କୌଣସି ବିକଳ୍ପ ସ୍ଥାନ, ଯେଉଁଠାରେ କି ଏହାଠାରୁ ସର୍ବନିମ୍ନ ବାସ ଓ ସ୍ଥାନଚ୍ୟୁତ ହେବାର ସମ୍ଭାବନା ଅଛି ସେହି ସ୍ଥାନଟି ପ୍ରକଳ୍ପ ପାଇଁ ଉପଯୁକ୍ତକି ନୁହେଁ, ତାହାକୁ ନିର୍ଦ୍ଧାରଣ କରିବା ।

୬. ପ୍ରକଳ୍ପର ସାମାଜିକ ପ୍ରଭାବ (ସାମାଜିକ-ଅର୍ଥନୈତିକ, ସାଂସ୍କୃତିକ ଏବଂ ପର୍ଯ୍ୟାବରଣ) ର ଅଧ୍ୟୟନ କରିବା ସମୟରେ ପ୍ରତ୍ୟକ୍ଷ ଭାବରେ ଜମି ହରାଉଥିବା ପରିବାର ସହିତ ସର୍ବସାଧାରଣ ସମ୍ପଦ (ସି.ପି.ଆର.) ତଥା ସାମାଜିକ-ଅର୍ଥନୈତିକ ଭିତ୍ତିଭୂମି ପ୍ରଭୃତିର କ୍ଷତି ହେଉଥିବାହେତୁ ପରୋକ୍ଷ ଭାବରେ ପ୍ରଭାବିତ ପରିବାରଗୁଡ଼ିକ

ଉପରେ ପ୍ରକଳ୍ପର ପ୍ରଭାବ ଏବଂ ପ୍ରକଳ୍ପ ବାବଦରେ ହେଉଥିବା ମୋଟ ବ୍ୟୟ ସହିତ ପ୍ରକଳ୍ପରୁ ମିଳିବାକୁ ଥିବା ଲାଭ ବା ଫାଇଦା ("କଷ୍ଟ-ବେନିଫିଟ୍ ବିଶ୍ଳେଷଣ") ସମ୍ବନ୍ଧରେ ଏକ ତୁଳନାତ୍ମକ ଅଧ୍ୟୟନ କରିବା ।

୭. ବିଭିନ୍ନ ପ୍ରତିକାରାତ୍ମକ ହସ୍ତକ୍ଷେପ ଜନିତ କାର୍ଯ୍ୟକ୍ରମର ଢାଞ୍ଚା ପ୍ରସ୍ତୁତ କରି ଉପଯୁକ୍ତ ଉପଶମ ପଦକ୍ଷେପ ଦ୍ୱାରା ନକାରାତ୍ମକ ପ୍ରଭାବକୁ କପିରି କମ୍ କରିବାକୁ ହେବ, ସେ ସବୁକୁ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ସୋସିଆଲ ଇମ୍ପାକ୍ଟ ମ୍ୟାନେଜମେଣ୍ଟ ପ୍ଲାନ) ମାଧ୍ୟମରେ ଉପସ୍ଥାପନା କରିବା ।

୨.୩ ଦଳ (ଟିମ୍) ର ସଦସ୍ୟ ଓ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା

ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି ପାଇଁ ମୁଖ୍ୟତଃ ପ୍ରଭାବିତ ଲୋକଙ୍କ ସହ ପ୍ରତ୍ୟକ୍ଷ ସାକ୍ଷାତକାର ମାଧ୍ୟମରେ ପ୍ରାଥମିକ ତଥ୍ୟ ସଂଗ୍ରହ କରାଯାଇଛି । ଏଥିପାଇଁ ଏକ ପାରିବାରିକ ତଥ୍ୟ ସଂଗ୍ରହ ପ୍ରଶ୍ନାବଳୀ ପ୍ରସ୍ତୁତ କରାଯାଇ ପ୍ରତ୍ୟକ୍ଷଭାବେ ଓ ଆବଶ୍ୟକ ସ୍ଥଳେ ପରୋକ୍ଷ ଭାବେ ସଂଗୃହୀତ ତଥ୍ୟମାନଙ୍କୁ ବ୍ୟବହାର କରାଯାଇଛି । ଏହି ତଥ୍ୟଗୁଡିକୁ ଠିକ୍ ଭାବେ ବିଶ୍ଳେଷଣ କରିବା ଉଦ୍ଦେଶ୍ୟରେ ଆବଶ୍ୟକୀୟ ପ୍ରକ୍ରିୟା ଅବଲମ୍ବନ କରାଯାଇଛି । କାର୍ଯ୍ୟଟିକୁ ସମାପନ କରିବା ଉଦ୍ଦେଶ୍ୟରେ ସାତ ଜଣଙ୍କୁ ନେଇ ଏକ ସାମାଜିକ ପ୍ରଭାବ ଆକଳନ ଦଳ (ଟିମ୍) ଗଠନ କରାଯାଇଥିଲା । ଉକ୍ତ ଦଳର ସଦସ୍ୟମାନଙ୍କର ଗବେଷଣା ଓ ମୂଲ୍ୟାୟନ କାର୍ଯ୍ୟର ପୂର୍ବରୁ ଅଭିଜ୍ଞତା ରହିଛି । ଏହି ଦଳର ବିଷଦ ସୂଚନା ନିମ୍ନରେ ପ୍ରଦାନ କରାଯାଇଛି ।

ସାରଣୀ ୨.୧ ସାମାଜିକ ପ୍ରଭାବ ଆକଳନ ଦଳର ସଂରଚନା

କ୍ର. ସଂ.	କର୍ମକର୍ତ୍ତା ମାନଙ୍କର ନାମ ଓ ଯୋଗ୍ୟତା	ପଦବୀ ଓ ଦାୟୀତ୍ୱ	ସର୍ବେକ୍ଷଣ କ୍ଷେତ୍ରରେ ଗବେଷଣା ଜନିତ ଅଭିଜ୍ଞତା	ମୋବାଇଲ୍ ନମ୍ବର
୧	ଡଃ. ପି.ସି. ମହାପାତ୍ର, ଏମ୍.ଏ, ପି.ଏଚ୍.ଡି	ନିର୍ଦ୍ଦେଶକ, କୋଟସ	୪୦ ବର୍ଷ	୯୪୩୭୦୯୪୩୨୩
୨	ଡଃ ଜଗବନ୍ଧୁ ସାମଲ, ଏମ୍.ଏ, ଏମ୍. ଫିଲ୍, ପି.ଏଚ୍.ଡି	ପ୍ରଫେସର, କୋଟସ	୪୦ ବର୍ଷ	୯୪୩୭୨୩୩୩୮୨
୩	ଡଃ . ମାଗୁଣି ଚରଣ ବେହେରା ଏମ୍.ଏ, ପି.ଏଚ୍.ଡି	ସମ୍ମାନୀତ ପ୍ରଫେସର, କୋଟସ୍,	୩୫ ବର୍ଷ	୯୩୩୭୪୭୬୯୮୬
୪	ଡଃ ରବିନାରାୟଣ ପାତ୍ର, ଏମ୍.ଏ, ପି.ଏଚ୍.ଡି	ପରିଦର୍ଶନ ପ୍ରଫେସର ଏବଂ ଦଳ ମୂଖ୍ୟ	୩୬ ବର୍ଷ	୯୪୩୭୩୧୭୫୪୩
୫	ଶ୍ରୀ ଗୋପୀନାଥ ପ୍ରଧାନ, ଏମ୍. ଏ, ଏମ୍. ଫିଲ୍	କ୍ଷେତ୍ର ଅନୁସଂଧାନକାରୀ	୧୪ ବର୍ଷ	୮୭୬୩୯୧୪୭୭୦
୬	ଡଃ. ଅଶୋକ କୁମାର ନନ୍ଦ, ଏମ୍. ଏ, ଏମ୍. ଫିଲ୍	କ୍ଷେତ୍ର ପର୍ଯ୍ୟବେକ୍ଷକ	୧୪ ବର୍ଷ	୯୩୩୭୫୫୪୨୮୨
୭	ଶ୍ରୀ ସନ୍ତୋଷ କୁମାର ପଣ୍ଡା, ଏମ୍.ସି.ଏ	କମ୍ପ୍ୟୁଟର ଅପରେଟର	୧୦ ବର୍ଷ	୯୪୩୭୮୨୧୦୨୧
୮	ଶ୍ରୀ ରାମକୃଷ୍ଣ ଚୌଧୁରୀ, ଏମ୍.ବି.ଏ	ହିସାବ ରକ୍ଷକ ତଥା କମ୍ପୁଟର୍ ସହାୟକ	୪ ବର୍ଷ	୭୯୭୮୮୩୨୮୭୭

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ କ୍ଷେତ୍ର ସର୍ବେକ୍ଷଣ, ଡାଟା-ପ୍ରୋସେସିଂ, ସାମାଜିକ ପ୍ରଭାବ ଆକଳନ ମୂଲ୍ୟାୟନ ବିବରଣୀ ପ୍ରସ୍ତୁତି, ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଆଦି ଅନ୍ତର୍ଭୁକ୍ତ । ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅଧୀନସ୍ଥ ଓରାବାରସିଂ ପଞ୍ଚାୟତ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ ଏକର ପରିମାଣର ଘରୋଇ ଜମିରେ ରାଜୁଆ ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପ ନିର୍ମାଣ (ToR 78 – 00006) ନିମନ୍ତେ ଉପରେ ହେଉଥିବା ଉକ୍ତ ଅଧ୍ୟୟନଟି କୋଟସର ପରିଦର୍ଶନ ପ୍ରଫେସର ଡଃ ରବିନାରାୟଣ ପାତ୍ର ଏବଂ ସମ୍ମାନୀତ ପ୍ରଫେସର, ଡଃ . ମାଗୁଣି ଚରଣ ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମାପନ ହୋଇଛି । ସେ ହେଉଛନ୍ତି ଦଳର ମୁଖ୍ୟ, ତାଙ୍କର ଅଧ୍ୟାପନା ଓ ଗବେଷଣା କ୍ଷେତ୍ରରେ ୩୬ ବର୍ଷର ଅଭିଜ୍ଞତା ରହିଛି। ଡଃ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ନିର୍ଦ୍ଦେଶକ କୋଟସ ଓ ଡଃ ଜଗବନ୍ଧୁ ସାମଲ, ପ୍ରଫେସର, କୋଟସ୍, ଯେଉଁମାନଙ୍କର ୪୦ ବର୍ଷର ଗବେଷଣାଜନିତ ଅଭିଜ୍ଞତା ରହିଛି ସେମାନେ ଏହି ପ୍ରକଳ୍ପର ତତ୍ତ୍ୱାବଧାନ ତଥା ଚିଠା ବିବରଣୀ ପ୍ରସ୍ତୁତିରେ ସାହାଯ୍ୟ କରିଛନ୍ତି । ୧୨ ବର୍ଷର ଗବେଷଣା ଅଭିଜ୍ଞ ଅଧ୍ୟାପକ ଶ୍ରୀ ଅଶୋକ କୁମାର ନନ୍ଦ ଚିଠା ବିବରଣୀ ପସ୍ତୁତିରେ ଆବଶ୍ୟକୀୟ ବୈଷୟିକ ସାହାଯ୍ୟ କରିଛନ୍ତି । କୋଟସର ଅଧ୍ୟାପକ ଶ୍ରୀ ଗୋପୀନାଥ ପ୍ରଧାନଙ୍କର ୧୪ ବର୍ଷର ଗବେଷଣା ଜନିତ ଅଭିଜ୍ଞତା ରହିଛି । ଏହାପୂର୍ବରୁ ସେ ସମାନ ପ୍ରକାରର ଆଠଟି ସାମାଜିକ ପ୍ରଭାବ ମୂଲ୍ୟାୟନ ସର୍ବେକ୍ଷଣ କାର୍ଯ୍ୟରେ ନିୟୋଜିତ ହୋଇ ଉତ୍ତମ ରୂପେ କାର୍ଯ୍ୟ ସଂପାଦନ କରିଛନ୍ତି । ସେ ଏହି ପ୍ରକଳ୍ପର କ୍ଷେତ୍ର ଅନୁସନ୍ଧାନକାରୀ ଭାବେ ସର୍ବେକ୍ଷଣକରି ତଥ୍ୟ ସଂଗ୍ରହ କରିଛନ୍ତି । ଶ୍ରୀ ରାମକୃଷ୍ଣ ଚୌଧୁରୀ, ଆକାଉଣ୍ଟାଟ୍-ତଥା-କମ୍ପ୍ୟୁଟର ସହାୟକ ଭାବେ ସାମାଜିକ ପ୍ରଭାବ ମୂଲ୍ୟାୟନ ରିପୋର୍ଟ ପ୍ରସ୍ତୁତିରେ ସହାୟତା କରିଛନ୍ତି । ଶ୍ରୀ ସନ୍ତୋଷ କୁମାର ପଣ୍ଡାଙ୍କର କମ୍ପୁଟର ପରିଚାଳନାରେ ଅଭିଜ୍ଞତା ସହିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର କମ୍ପୁଟର କାର୍ଯ୍ୟର ବିଶେଷ ବୈଷୟିକ ଜ୍ଞାନ ଥିବାରୁ ଏହାର କମ୍ପୁଟର ପ୍ରୋଗ୍ରାମିଙ୍ଗ କାର୍ଯ୍ୟ କରିଛନ୍ତି।

୨.୪ ସାମାଜିକ ପ୍ରଭାବ ମୂଲ୍ୟାୟନ ଉଦ୍ଦେଶ୍ୟରେ ତଥ୍ୟ ହାସଲ କରିବା ନିମନ୍ତେ ଉପଯୋଗ କରଯାଇଥିବା କାର୍ଯ୍ୟ ପ୍ରଣାଳୀ, ସମାଧାନର ବର୍ଣ୍ଣନା ଓ ଅନୁମାନ ସିଦ୍ଧ ବ୍ୟାଖ୍ୟା

୨.୪.୧ ଦୃଷ୍ଟିକୋଣ

କୌଣସି ଗୋଟିଏ ଅଞ୍ଚଳରେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରାଗଲେ, ଲୋକମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତି ତଥା ପରିବେଶ ଉପରେ ପଡ଼ିବାକୁ ଯାଉଥିବା ସାମ୍ଭାବ୍ୟ ପ୍ରଭାବ ଆଦିବିଷୟରେ ତଥ୍ୟ ଆହରଣ ଓ ମୂଲ୍ୟାୟନ କରିବା ହେଉଛି ସାମାଜିକ ପ୍ରଭାବ ଆକଳନର ମୂଳ ଲକ୍ଷ୍ୟ । ବର୍ତ୍ତମାନ କ୍ଷେତ୍ରରେ ଜନ ସହଯୋଗିତା ଓ ଭାଗିଦାରୀତାକୁ ଗୁରୁତ୍ୱ ଦେଇ ଏହି ମୂଲ୍ୟାୟନ ତଥା ଗବେଷଣାଯୁକ୍ତ କାର୍ଯ୍ୟଟି ସମ୍ପାଦନ କରାଯାଇଛି ।

୨.୪.୨ ବିସ୍ତୃତ କାର୍ଯ୍ୟପଦ୍ଧତି

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର କାର୍ଯ୍ୟପ୍ରଣାଳୀଟି ପ୍ରକଳ୍ପର ଉଦ୍ଦେଶ୍ୟ ତଥା କାର୍ଯ୍ୟ ପରିସର ଏବଂ ଆଇନଗତ ପ୍ରାବଧାନ ଅନୁସାରେ ପ୍ରସ୍ତୁତ କରାଯାଇଛି । ଏଥିରେ ସହଭାଗୀତା ମୂଳକ ମୂଲ୍ୟାୟନ ସାଧନ ଏବଂ କାର୍ଯ୍ୟଧାରା ଯଥା ସାମାଜିକ ଚିତ୍ର ପ୍ରସ୍ତୁତି, ସମ୍ବଳର ଚିତ୍ର, ଓ ଗୋଷ୍ଠୀଭିତ୍ତିକ ଆଲୋଚନା ଇତ୍ୟାଦି ମାଧ୍ୟମର ବ୍ୟବହାର କରାଯାଇଛି । ପ୍ରଭାବିତ ଡିହଖଳା ଗ୍ରାମରେ ଏହା କରାଯାଇଛି । ଏଥିରେ ନିମ୍ନସୂଚୀତ ପଦକ୍ଷେପମାନ ସାମିଲ ହୋଇଛି ।

୧. ପ୍ରଦତ୍ତ ପ୍ରଭାବିତ ଗ୍ରାମର ଚିହ୍ନଟ ।

୨. କେଉଁସବୁ ତଥ୍ୟ ଆବଶ୍ୟକ ତାହା ନିର୍ଣ୍ଣୟ କରିବା ସହିତ ସେସବୁ ଉତ୍ସର ଚିହ୍ନଟ ।

୩. ଜମି ହରାଇଥିବା ଓ ହିତାଧିକାରୀ ମାନଙ୍କୁ ଚିହ୍ନଟ ଏବଂ ସେମାନଙ୍କର ଭାଗିଦାରୀତା ନିର୍ଣ୍ଣୟ କରିବା।

୪. ପରିବାର ଗୁଡିକର ତାଲିକା ପ୍ରସ୍ତୁତି ଏବଂ ପ୍ରକଳ୍ପ ହେତୁ ସେମାନଙ୍କ ଉପରେ ଥିବା ପ୍ରଭାବର ଆକଳନ ।

୫. କାର୍ଯ୍ୟ କ୍ଷେତ୍ରର ପରିସର ନିର୍ଦ୍ଧାରଣ କରିବା ।

୬. ଜମିହରାଇ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହୋଇଥିବା ପରିବାର ଗୁଡିକର ଜନସଂଖ୍ୟା ସର୍ବେକ୍ଷଣ ପଦ୍ଧତିରେ ସର୍ବେକ୍ଷଣ କରିବା ଏବଂ ଜମି ନହରାଇ ପରୋକ୍ଷ ଭାବରେ ପ୍ରଭାବିତ ହେଉଥିବା ପରିବାର ଗୁଡିକ ନିମନ୍ତେ ଯଦୃଚ୍ଛା ନମୁନା ସଂଗ୍ରହ ପ୍ରଣାଳୀ ମାଧ୍ୟମରେ ସର୍ବେକ୍ଷଣ କରିବା ।

୭. ଉପରେ କ୍ରମିକ ନମ୍ବର ୬ ରେ କୁହାଯାଇଥିବା ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ଗୁଡିକ ଉପରେ ପଡିଥିବା ପ୍ରଭାବର ଆକଳନ ତଥା କ୍ଷତିପୂରଣ ଓ ଆୟର ପୁନଃ ସ୍ଥାପନ ବିଷୟରେ ଲୋକମାନଙ୍କ ସହିତ ଅନୌପଚାରିକ ଆଲୋଚନା ।

୮. ସମସ୍ତ ପ୍ରଭାବିତ ଜନ ସମୁଦାୟ ବା ବ୍ୟକ୍ତି ବିଶେଷ, ପରିବାର ଓ ଜନଗୋଷ୍ଠୀକୁ ଦୃଷ୍ଟିରେ ରଖି ସେମାନଙ୍କର ପ୍ରାପ୍ୟ ଓ ଦାବି ଭିତ୍ତିରେ ଗୋଟିଏ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତି ।

୯. ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଚିଠା ବିବରଣୀ ପ୍ରସ୍ତୁତି ।

୧୦. ଚିଠା ବିବରଣୀ ଉପରେ କ୍ଷତିଗ୍ରସ୍ତ ଓ ହିତାଧିକାରୀ ପରିବାର ମାନଙ୍କର ପ୍ରତିକ୍ରିୟା ଓ ମତାମତ ଜାଣିବା ନିମନ୍ତେ ଜନ ଶୁଣାଣିର ଆୟୋଜନ କରିବା ।

୧୧. ଜନଶୁଣାଣି ମାଧ୍ୟମରେ ଲୋକମାନଙ୍କଠାରୁ ମିଳିଥିବା ତଥ୍ୟ ଓ ମତାମତକୁ ସ୍ଥାନୀତ କରି ଏକ ଚୁଡାନ୍ତ ବିବରଣୀ ପ୍ରସ୍ତୁତ କରି ରାଜ୍ୟ ସାମାଜିକ ପ୍ରଭାବ ଆକଳନ ସଂସ୍ଥାକୁ ପ୍ରଦାନ କରିବା ।

SIA ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ପର୍ଯ୍ୟାକ୍ରମେ କାର୍ଯ୍ୟକଳାପର ପ୍ରବାହ ଚାର୍ଟ



Source: COATS Survey team,2026

୨.୪.୩ ଅତିରିକ୍ତ ସାହାଯ୍ୟକାରୀ ଗବେଷଣା

ପ୍ରକଳ୍ପ ଅଧ୍ୟୟନ ନିମନ୍ତେ କୋଟସ୍ ଦ୍ୱାରା ପ୍ରାଥମିକ କାର୍ଯ୍ୟ ସ୍ୱରୂପ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ସହିତ ସମ୍ପର୍କ ସ୍ଥାପନ କରାଯାଇ ଜିଲ୍ଲା କର୍ତ୍ତୃପକ୍ଷଙ୍କ ଠାରୁ ଉପାଦେୟ ତଥ୍ୟ ମାନ ସଂଗ୍ରହ କରାଯାଇଥିଲା ଓ ତଥ୍ୟ ସଂଗ୍ରହକାରୀମାନେ ଖୋର୍ଦ୍ଧା ତହସିଲର ଅଧିକାରୀଙ୍କୁ ସାକ୍ଷାତକରି ଆବଶ୍ୟକୀୟ ତଥ୍ୟମାନ ସଂଗ୍ରହ କରିଥିଲେ ।

ଏସବୁ ପାଇଁ ପ୍ରାସଙ୍ଗିକ ଦସ୍ତାବିଜ, ଦଲିଲ ଓ ପଟ୍ଟା ସମ୍ପର୍କିତ ଦସ୍ତାବିଜ, ପ୍ରକଳ୍ପ ପ୍ରଭାବିତ ଗ୍ରାମ ମାନଙ୍କର ଓ ଅଞ୍ଚଳର ତଥ୍ୟ, ଆଇନଗତ ଢାଞ୍ଚା ଓ ପ୍ରକଳ୍ପକୁ ସଂଚାଳିତ କରୁଥିବା ସଂସ୍ଥାଗତ କୌଶଳ ଇତ୍ୟାଦି ସଂଗ୍ରହ କରାଯାଇଥିଲା । ସଂଗୃହୀତ ତଥ୍ୟ ମାନଙ୍କର ସତ୍ୟାସତ୍ୟକୁ ସିଦ୍ଧ କରିବା ନିମନ୍ତେ ୨୦୧୧ ମସିହାର ଜନଗଣନା ତଥ୍ୟକୁ ବ୍ୟବହାର କରାଯାଇଥିଲା ।

୨.୪.୪ ପ୍ରଭାବିତ ଅଞ୍ଚଳର ଚିହ୍ନଟ

ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟର ସଂଯୋଜକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜମି ଜମା ସଂକ୍ରାନ୍ତିୟ ଅନୁସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଓରାବାରସିଂ ପଞ୍ଚାୟତର ଡିହଖଳା ଗ୍ରାମଟି ହେଉଛି ଏହି କ୍ଷେତ୍ରର ପ୍ରଭାବିତ ଅଞ୍ଚଳ ।

୨.୪.୫ ବିଶ୍ଳେଷଣାତ୍ମକ ସାଧନ ଏବଂ ବିଚାର ବିମର୍ଶ ପ୍ରକ୍ରିୟା

ସାମାଜିକ ପ୍ରଭାବ ଆକଳନ ନିମନ୍ତେ ତଥ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ଚାରିପ୍ରକାର ସାଧନ ବ୍ୟବହାର କରଯାଇଥିଲା, ଯଥା ପାରିବାରିକ ସାକ୍ଷାତକାର ଅନୁସୂଚୀ, ଗ୍ରାମ ପାର୍ଶ୍ୱଚିତ୍ର ଅନୁସୂଚୀ, ଗୋଷ୍ଠୀ ଭିତ୍ତିକ ଆଲୋଚନା (FGD) ଅନୁସୂଚୀ, ଏବଂ ସାମାଜିକ ଓ ସମ୍ବଳର ଚିତ୍ର (Social and Resource Mapping) ।

୨.୫ ତଥ୍ୟର ଉତ୍ସ ବା ଅଧାର

ଅଧ୍ୟୟନଟି ଉଭୟ ପ୍ରତ୍ୟକ୍ଷ ପ୍ରାଥମିକ ସର୍ବେକ୍ଷଣ ଓ ପରୋକ୍ଷ ତଥ୍ୟ ଉପରେ ଆଧାରିତ ।

୨.୫.୧ ପରୋକ୍ଷ ବା ଗୌଣ ତଥ୍ୟ

ଯେଉଁ ସବୁ ଉତ୍ସରୁ ପରୋକ୍ଷ ତଥ୍ୟ ସଂଗ୍ରହ କରାଯାଇଛି, ସେଗୁଡିକ ହେଲା (କ) ପ୍ରକଳ୍ପ ଓ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳ ସମ୍ବନ୍ଧରେ ବିବରଣୀ, (ଖ) ଜନଗଣନା ରିପୋର୍ଟ ଓ (ଗ) ଓଡିଶା ସରକାରଙ୍କର ଦଲିଲ ମାନ । ପରୋକ୍ଷ ତଥ୍ୟ ଗୁଡିକ ଜମିର ଅନୁସୂଚୀ, ପ୍ରଭାବିତ ଗ୍ରାମର ଜନସଂଖ୍ୟା, ପ୍ରକଳ୍ପ ଅଞ୍ଚଳର ମାନଚିତ୍ର ଓ ପ୍ରକଳ୍ପର ବିସ୍ତୃତ ବିବରଣୀ, ଅଧିନିୟମ, ଦଲିଲ, ନୀତି ନିର୍ଦ୍ଦେଶିକା, ଜିଲ୍ଲା ପରିସଂଖ୍ୟାନ ପୁସ୍ତିକା ଓ ଅନ୍ୟାନ୍ୟ ନଥିପତ୍ରରୁ ସଂଗ୍ରହ କରାଯାଇଛି । ଖୋର୍ଦ୍ଧା ଓ ଖୋର୍ଦ୍ଧା ଜଳସେଚନ କାର୍ଯ୍ୟାଳୟରୁ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇ ଏହି ବିବରଣୀ ପ୍ରସ୍ତୁତିରେ ବ୍ୟବହୃତ ହୋଇଛି ।

୨.୫.୨ ପ୍ରାଥମିକ ତଥ୍ୟ, ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ, ନମୁନାସଂଗ୍ରହ ପ୍ରକ୍ରିୟା, ବିଶ୍ଳେଷଣାତ୍ମକ ସାଧନ ଏବଂ ବିଚାରବିମର୍ଶ ପ୍ରକ୍ରିୟା

ପ୍ରାଥମିକ ତଥ୍ୟ ସଂଗ୍ରହର ଉତ୍ସଗୁଡିକ ହେଲା, (୧) ପରିବାର ସର୍ବେକ୍ଷଣ, (୨) କ୍ଷେତ୍ର ପରିଦର୍ଶନ, (୩) ଗୋଷ୍ଠୀଗତ ଆଲୋଚନା, (୪) ସହଭାଗୀ ଭିତ୍ତିକ ଅବଧାରଣା, (୫) ପ୍ରମୁଖ ସୂଚନା ଦାତା ଏବଂ ଦାବିଦାରଙ୍କ ସହିତ ସାକ୍ଷାତକାର ଏବଂ (୬) ଜନଶୁଣାଣି ସଭା । ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରମାନଙ୍କର ଘରକୁ ଯାଇ ସେମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତି, ଜୀବିକାର ଉତ୍ସ, ଗ୍ରାମର ଭିତ୍ତିଭୂମି, ଏବଂ ସାମାଜିକ-ଆର୍ଥିକ ସ୍ଥିତି ସମ୍ବନ୍ଧୀୟ ପ୍ରଶ୍ନ ମାନଙ୍କୁ ନେଇ ପ୍ରସ୍ତୁତ ଅନୁସୂଚୀ ସାହାଯ୍ୟରେ

ପ୍ରାଥମିକ ତଥ୍ୟ ମାନ ସଂଗ୍ରହ କରାଯାଇଥିଲା । ପ୍ରଭାବିତ ଡିହଖଳା ଗ୍ରାମରୁ ତଥ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାର ଗୁଡିକ ନିମନ୍ତେ ଜନସଂଖ୍ୟା ପଦ୍ଧତି ଏବଂ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ନିମନ୍ତେ ଯଦୃଚ୍ଛା ନମୁନା ସଂଗ୍ରହ ପ୍ରଣାଳୀ ଅନୁସରଣ କରାଯାଇଥିଲା । ପ୍ରକଳ୍ପ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହେଉଥିବା ପରିବାର ଏବଂ ପ୍ରଭାବିତ ହେଉନଥିବା ପରିବାର ଏବଂ ପଞ୍ଚାୟତ ବା ୱାର୍ଡ଼ ସ୍ତରୀୟ କାର୍ଯ୍ୟକର୍ତ୍ତାମାନଙ୍କ ଠାରୁ ପ୍ରକଳ୍ପର ପ୍ରଭାବ, କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ସମ୍ପର୍କରେ ଅବଗତ ହେବା ନିମନ୍ତେ - ସମସ୍ତଙ୍କୁ ନେଇ ଏକ ଦଳଗତ ତଥା କେନ୍ଦ୍ରିଭୁତ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ମୁଖ୍ୟ ସୂଚନା ଦାତା, ସରକାରୀ କ୍ଷେତ୍ର ସ୍ତରୀୟ କର୍ମଚାରୀ, ଏବଂ ଅଧିକାରୀମାନଙ୍କୁ ମଧ୍ୟ ପ୍ରଶ୍ନ ପଚରାଯାଇଥିଲା ଓ ସେମାନଙ୍କ ସହ ବିଚାର ବିମର୍ଶ କରାଯାଇଥିଲା ।

୨.୬ ନମୂନା ସଂଗ୍ରହ ପଦ୍ଧତି

ପରିବାର ସ୍ତରରେ ସାମାଜିକ ପ୍ରଭାବ ଆକଳନ ନିମନ୍ତେ ଯେଉଁ ସବୁ ମୌଳିକ ତଥ୍ୟ ମାନ ଆବଶ୍ୟକ ସେସବୁ ଦୁଇଗୋଟି ଉତ୍ସରୁ ସଂଗୃହୀତ ହୋଇଛି; ଯଥା ଜନଗଣନା ପଦ୍ଧତି ଓ ନମୂନା ପଦ୍ଧତି; ପ୍ରଥମ ପଦ୍ଧତି ମାଧ୍ୟମରେ ପ୍ରଭାବିତ ପରିବାର ଗୁଡିକରୁ ସିଧାସଳଖ ବା ପ୍ରତ୍ୟକ୍ଷ ତଥ୍ୟ ସଂଗ୍ରହ ଓ ନମୂନା ପଦ୍ଧତି ଅନୁସାରେ ଯେଉଁ ପରିବାର ଗୁଡିକ ପ୍ରକଳ୍ପ ଦ୍ୱାରା ପରୋକ୍ଷ ଭାବେ ପ୍ରଭାବିତ ହେବାକୁ ଯାଉଛନ୍ତି ବା ଆଦୌ ପ୍ରଭାବିତ ନ ହେଉଛନ୍ତି ସେମାନଙ୍କଠାରୁ ତଥ୍ୟ ସଂଗ୍ରହ । ଏହି କ୍ଷେତ୍ରରେ ଯେଉଁ ସ୍ୱତନ୍ତ୍ର ନମୂନା ପଦ୍ଧତିର ସାହାଯ୍ୟ ନିଆଯାଇଛି, ତାହା ହେଉଛି ସରଳ ଯାଦୃଚ୍ଛିକ (Simple Random) ନମୂନା ପଦ୍ଧତି । ସର୍ବମୋଟ ଜମିହରାଉ ନଥିବା ୧୦ ଟି ପରିବାରଙ୍କୁ ସଂପୃକ୍ତ କେବଡାତୁଲା ଗ୍ରାମରୁ ବଛାଯାଇଛି ।

ଅନେକ ଗୁଡିଏ ଗୁଣାତ୍ମକ (Qualitative) ତଥ୍ୟ, ଯଥା ସାମାଜିକ ପ୍ରଭାବ ସଂକ୍ରାନ୍ତରେ ଲୋକ ମାନଙ୍କର ଉପଲବ୍ଧି ଓ ସାମାଜିକ ପରିବ୍ୟୟ (Social Cost) ଏବଂ ଫାଇଦା (Social Benefit), ଦାରିଦ୍ର୍ୟ, ତଥା ଖାଦ୍ୟ ନିରାପତ୍ତା ଇତ୍ୟାଦି ଉପରେ ସେମାନଙ୍କର ଉପଲବ୍ଧି, ଏ ସବୁକୁ ପାରିବାରିକ ସାକ୍ଷାତକାର ପ୍ରଶ୍ନାବଳୀ ମାଧ୍ୟମରେ ସଂଗ୍ରହ କରାଯାଇଛି ।

୨.୭ ଜନ ପ୍ରତିନିଧି ଓ ହିତାଧିକାରୀଙ୍କ ସହ ପରାମର୍ଶ ମୂଳକ ଅନୁସୂଚୀ

ବସ୍ତୁତଃ କହିବାକୁ ଗଲେ ଛଅ ପ୍ରକାର ତଥ୍ୟ ଉପରେ ଏହି ଅଧ୍ୟୟନଟି ଆଧାରିତ ଯଥା, (କ) ପ୍ରକଳ୍ପ ଆରମ୍ଭ ପୂର୍ବରୁ ପରିବାର ଗୁଡିକର ସାମାଜିକ ଓ ଆର୍ଥିକ ଅବସ୍ଥା ସମ୍ପର୍କରେ ଭିତ୍ତିରେଖା ସୂଚନା (Baseline Information), (ଖ) ସମ୍ଭାବ୍ୟ ସାମାଜିକ ଓ ଆର୍ଥିକ ପ୍ରଭାବ, ସେସବୁର ପରିମାଣ, ବିତରଣ ଏବଂ ସମୟ ଆଧାର ବିଷୟରେ ତଥ୍ୟ, (ଗ) ପ୍ରକଳ୍ପ ଦ୍ୱାରା ସକାରାତ୍ମକଭାବେ ଓ ନକାରାତ୍ମକ ଭାବେ ପ୍ରଭାବିତ ଗୋଷ୍ଠୀଙ୍କ ବିଷୟରେ ତଥ୍ୟ, (ଘ) ପ୍ରକଳ୍ପ ହେତୁ କେତେ ଲାଭ ଓ କ୍ଷତି ପହଞ୍ଚିବ ସେ ବିଷୟରେ ଲୋକମାନଙ୍କର ଉପଲବ୍ଧି; (ଙ) ପ୍ରକଳ୍ପ ହେତୁ ଯେଉଁ ପ୍ରତିକୂଳ ପ୍ରଭାବ ପଡିବ ସେଗୁଡିକୁ ସୁଧାରିବା ନିମନ୍ତେ ଯେଉଁ ସମ୍ଭାବ୍ୟ ପଦକ୍ଷେପମାନ ଜରୁରୀ ତା'ଉପରେ ଲୋକମାନଙ୍କର ଉପଲବ୍ଧି, ଓ (ଚ) ପ୍ରତିକାରାତ୍ମକ କାର୍ଯ୍ୟ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ ଆନୁଷ୍ଠାନିକ ଦକ୍ଷତା ଓ ପ୍ରସ୍ତୁତି ଇତ୍ୟାଦି ବିଷୟରେ ତଥ୍ୟ ।

ଜମି ହରାଉଥିବା ଓ ନମୂନା-ଜମି ହରାଉ ନଥିବା ପରିବାର ଗୁଡିକରୁ ତଥ୍ୟ ସଂଗ୍ରହ ନିମନ୍ତେ ପାରିବାରିକ ସାକ୍ଷାତକାର ଅନୁସୂଚୀ ଫର୍ଦ୍ଦର ବ୍ୟବହାର କରାଯାଇଛି । ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଗ୍ରାମରୁ ତଥ୍ୟ ସଂଗ୍ରହ ପାଇଁ ଗ୍ରାମ୍ୟ ପାର୍ଶ୍ୱଚିତ୍ର ଅନୁସୂଚୀ ଫର୍ଦ୍ଦ ବ୍ୟବହାର କରାଯାଇଛି, ଗ୍ରାମବାସୀ ଓ ସ୍ଥାନୀୟ ଜ୍ଞାନୀ-ଗୁଣୀ ଲୋକଙ୍କ ନିମନ୍ତେ ଗୋଷ୍ଠୀ ଭିତ୍ତିକ ଆଲୋଚନା (FGD) ଅନୁସୂଚୀ ବ୍ୟବହାର କରାଯାଇ ଆବଶ୍ୟକ ତଥ୍ୟମାନ ସଂଗ୍ରହ କରାଯାଇଛି। ସଂପୃକ୍ତ ଗ୍ରାମରେ ରହୁଥିବା ଅଣପ୍ରଭାବିତ, ପ୍ରଭାବିତ ଓ ହିତାଧିକାରୀ ପରିବାର ଏବଂ ଜ୍ଞାନୀ-ଗୁଣୀ ଲୋକମାନଙ୍କୁ ଏହି ଗୋଷ୍ଠୀ ଭିତ୍ତିକ ଆଲୋଚନାକୁ ନିମନ୍ତ୍ରଣ କରାଯାଇ ସେମାନଙ୍କ ଠାରୁ ପ୍ରକଳ୍ପ ଦ୍ୱାରା ପଡିବାକୁ ଯାଉଥିବା ସାମାଜିକ, ଆର୍ଥିକ, ସାଂସ୍କୃତିକ, ଓ ପରିବେଶ ଭିତ୍ତିକ ପ୍ରଭାବ

ଉପରେ ସେମାନଙ୍କର ମତାମତ ସଂଗ୍ରହ କରାଯାଇଥିଲା । ଏଭଳି ଆଲୋଚନା ଗୁଡିକରୁ ଯେଉଁସବୁ ତଥ୍ୟ ମିଳିଲା ତାହାରା ସାମାଜିକ ପ୍ରଭାବ ଆକଳନ ଦଳକୁ, ଜମି ଅଧିଗ୍ରହଣ ହେତୁ କିପ୍ରକାର ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ପଡିଛି ସେ ବିଷୟରେ ଯଥା ସମ୍ଭବ ଠିକ୍ ତଥ୍ୟ ପ୍ରାପ୍ତ ହୋଇଥିଲା । ସେହିପରି ପ୍ରଭାବିତ ପରିବାର ଗୁଡିକ ସମ୍ପତ୍ତି ହରାଇଥିବାରୁ କ୍ଷତିପୂରଣ ନିମନ୍ତେ ସେମାନଙ୍କର କିପ୍ରକାର ଆଶା ରହିଛି ତା ଉପରେ ବିଶେଷଭାବେ ଆଲୋଚନା ହୋଇଥିଲା । ଏହାଫଳରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳକୁ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତି କରିବା ସହଜ ହୋଇଥିଲା ।

ପ୍ରକଳ୍ପ ନିମନ୍ତେ ଲୋକମାନଙ୍କଠାରୁ ଅଧିଗୃହୀତ ଜମି ଓ ସ୍ଥାନ ପରିଦର୍ଶନ କରିବା ପାଇଁ ସାମାଜିକ ପ୍ରଭାବ ଆକଳନ ଟିମ୍ ସହଭାଗୀ ମୂଲ୍ୟାୟନ ପଦ୍ଧତି ଗ୍ରହଣ କରିଥିଲା । ପ୍ରଭାବିତ ଗ୍ରାମରେ ବାସ କରୁଥିବା ଦୁର୍ବଳ ବା ଅସୁରକ୍ଷିତ ଗୋଷ୍ଠୀଙ୍କୁ ଚିହ୍ନଟ କରିବା ନିମନ୍ତେ ସ୍ଥାନୀୟ ଲୋକଙ୍କ ସହଯୋଗରେ ସମ୍ପତ୍ତି ଶ୍ରେଣୀଭୁକ୍ତ ପ୍ରଣାଳୀ ଏବଂ/କିମ୍ବା ସୁସ୍ଥାବସ୍ଥା ଶ୍ରେଣୀଭୁକ୍ତ ପ୍ରଣାଳୀ ପ୍ରୟୋଗ କରାଯାଇଥିଲା ।

୨.୮ ଜନ ଶୁଣାଣି ଓ ଏଥିରୁ ନିଃସୃତ ମତାମତର ବିବରଣୀରେ ଅନ୍ତର୍ଭୁକ୍ତିକରଣ

ଏହି ପ୍ରକଳ୍ପ ସମ୍ପର୍କିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଚିଠା ବିବରଣୀରେ ପ୍ରଦତ୍ତ ସିଦ୍ଧାନ୍ତ ଗୁଡିକୁ ଏଥିନିମିତ୍ତ ଆହୂତ ଏକ ଜନ ଶୁଣାଣୀ ସଭାରେ ପ୍ରକାଶ କରାଯାଇ ତା ଉପରେ ବିଶଦ ଆଲୋଚନା କରାଯିବ । ସଭାରେ ଉପସ୍ଥିତ ଜନ ସାଧାରଣ, ଭୂମି ହରାଇଥିବା ଦୁଇଟି କ୍ଷତିଗ୍ରସ୍ତ ପରିବାରର ଲୋକ ଏବଂ ସମ୍ପୃକ୍ତ ଅଧିକାରୀ ମାନଙ୍କର ମତାମତ ଲୋଡାଯାଇ ତାହାର ସାରକୁ ଚୂଡାନ୍ତ ବିବରଣୀରେ ପ୍ରକାଶ କରାଯିବ ।

୨.୯ ତଥ୍ୟ ସଙ୍କଳନ ଓ ତଥ୍ୟ ବିଶ୍ଳେଷଣ

ସଂଗୃହିତ ତଥ୍ୟ ଗୁଡିକୁ ଏକତ୍ରିତ କରି କମ୍ପ୍ୟୁଟରରେ ସଠିକ ରୂପେ ସଜାଇ ରଖାଯାଇ ତଥ୍ୟ ଭିତ୍ତିକ ବିବରଣୀ ପ୍ରସ୍ତୁତି ପାଇଁ ସେ ସବୁକୁ ସଠିକ୍ ରୂପେ ବିଶ୍ଳେଷଣ କରାଯାଇଛି । ଏହି ସବୁ ପ୍ରସ୍ତୁତ ତଥ୍ୟ ଭିତ୍ତିରେ ପ୍ରକଳ୍ପର ବିବରଣୀ ପ୍ରସ୍ତୁତ କରାଯାଇଛି । ଏହା ବ୍ୟତୀତ ବିବରଣୀଟିକୁ ତଥ୍ୟ ଭିତ୍ତିକ ତଥା ବୋଧଗମ୍ୟ କରିବା ଉଦ୍ଦେଶ୍ୟରେ ଲୋକମାନଙ୍କ ସହଯୋଗରେ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ମାନ ସଂଗ୍ରହ କରାଯାଇ ଏଥିରେ ସ୍ଥାନୀତ କରାଯାଇଛି ।

୨.୧୦ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତି

ସାମାଜିକ ପ୍ରଭାବ ଆକଳନ ଦଳ ସାମାଜିକ ପ୍ରଭାବ ଆକଳନ ସମୟରେ ଚିହ୍ନଟ କରାଯାଇଥିବା ନକାରାତ୍ମକ ପ୍ରଭାବକୁ କିପରି ପ୍ରଶମନ କରାଯାଇ ପାରିବ ତାହାକୁ ନେଇ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିଛନ୍ତି । ପ୍ରକଳ୍ପ ହେତୁ ସାମାଜିକ ପରିବ୍ୟୟ ଓ ଫାଇଦା (ଲାଭ), ଏବଂ ଜମି ଉପରେ ନିର୍ଭର କରୁଥିବା ପ୍ରଭାବିତ ପରିବାର ଗୁଡିକ ଜମି ହରାଇଥିବା ହେତୁ ଯେଉଁସବୁ ଅସୁବିଧା ବା କ୍ଷତିର ସମ୍ମୁଖୀନ ହେଉଛନ୍ତି, ସେସବୁ ବିଷୟ ଓ ସେମାନଙ୍କର ଥଇଥାନ, ତଥା ପ୍ରାପ୍ୟ ଆଦିକୁ ବିଚାରକୁ ନେଇ ଏହି ଯୋଜନା ପ୍ରସ୍ତୁତି କରାଯାଇଛି । ଏହି ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରାଗଲେ ଏହା ପ୍ରଭାବିତ ଅଞ୍ଚଳରେ ଥିବା ପରିବାର ଗୁଡିକର ସାମାଜିକ-ଅର୍ଥନୈତିକ ଅବସ୍ଥାର ଉନ୍ନତି ଆଣିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଏ ।

୨.୧୧ ଅଧ୍ୟୟନର ସୀମାବଦ୍ଧତା

ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନର ଡିଜାଇନ୍ ଏବଂ ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ କରିବା, ସେଠାରୁ ଫଳାଫଳ ଆହରଣ କରିବା ଏବଂ ନିଷ୍କର୍ଷକୁ ବ୍ୟାଖ୍ୟା କରିବା ପାଇଁ ବ୍ୟବହୃତ ପଦ୍ଧତି, ଉପକରଣ, ପଦ୍ଧତି ଏବଂ ପ୍ରକ୍ରିୟାଗୁଡ଼ିକ ପୂର୍ବରୁ

କରାଯାଇଥିବା ସମାନ ଅଧ୍ୟୟନ ସହିତ ସମାନ। କିନ୍ତୁ ବିଶେଷ ପ୍ରୟାସ ସତ୍ତ୍ୱେ, କାର୍ଯ୍ୟଟି ସମ୍ପୂର୍ଣ୍ଣ ନୁହେଁ ଏବଂ ସମ୍ପୂର୍ଣ୍ଣତା ଦାବି କରିପାରିବ ନାହିଁ। ତଥାପି କିଛି ଆଶା କରାଯିବା ବାକି ଅଛି। ଅଧ୍ୟୟନର ସୀମା ରହିଛି ଯେ ପ୍ରକୃତ ପ୍ରଭାବ ଅଧ୍ୟୟନରେ ମୂଲ୍ୟାଙ୍କିତ ପ୍ରଭାବଠାରୁ ଭିନ୍ନ ହେବାର ସମ୍ଭାବନା ଅଛି। କାରଣ ପ୍ରକୃତ ପରିସ୍ଥିତି ସଠିକ୍ ମୂଲ୍ୟାଙ୍କନ ପାଇଁ ସଂଶୋଧନଯୋଗ୍ୟ ନୁହେଁ। ତେଣୁ, ରିପୋର୍ଟରେ ସାମାନ୍ୟ ତ୍ରୁଟି ରହିଥାଇପାରେ।

ତଥାପି, ଅଧ୍ୟୟନକୁ ଯୁକ୍ତିଯୁକ୍ତ ଭାବରେ ବାସ୍ତବ ରୂପ ଦେବା ପାଇଁ ସମସ୍ତ ଯତ୍ନ ନିଆଯାଇଛି |

୨.୧୨ ସାମାଜିକ ପ୍ରଭାବ ମୂଲ୍ୟାୟନ ଚିଠା ବିବରଣୀ ଉପରେ ଜନ ଶୁଣାଣି (ଅବିକଳ ଅଭିଲିଖନ)

ଜମି ଅଧିଗ୍ରହଣ, ଅଇଥାନ ଓ ପୁନର୍ବସତି ଅଧିନିୟମ ଅନୁସାରେ ଉଚିତ କ୍ଷତିପୂରଣ ଓ ସ୍ୱଚ୍ଛତା ଅଧିକାର-୨୦୧୩ ଆଇନର ପଞ୍ଚମ ଧାରାରେ ମୁତାବକ କୌଣସି ପ୍ରକଳ୍ପ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅନୁଧ୍ୟାନ ରେ ପ୍ରଭାବିତ ଅଞ୍ଚଳରେ ଏକ ଜନ ଶୁଣାଣିର ପ୍ରାବଧାନ ରହିଛି । ପ୍ରଭାବିତ ତଥା ଅଣ-ପ୍ରଭାବିତ ପରିବାରର ମତାମତ ଜାଣିବା, ସେମାନଙ୍କ ଭିଡିଓ ରେକର୍ଡ କରିବା ଏବଂ ଚୂଡ଼ାନ୍ତ ସାମାଜିକ ପ୍ରଭାବ ଆକଳନ ରିପୋର୍ଟରେ ଅନ୍ତର୍ଭୁକ୍ତ କରିବା ପାଇଁ ଜନ ଶୁଣାଣି ପାଇଁ ତାରିଖ, ସମୟ ଏବଂ ସ୍ଥାନ ବିଷୟରେ ପର୍ଯ୍ୟାପ୍ତ ପ୍ରଚାର କରିବା ପରେ ଏହି ବୈଠକ ଅନୁଷ୍ଠିତ ହେବ। ସେହି ଅନୁସାରେ, ***"ରାଜୁଆ ଡାଇଭର୍ସନ ୱୋୟାର (ToR 78-00006) ନିର୍ମାଣ ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ ଏକର ପରିମିତ ଘରୋଇ ଜମି ଅଧିଗ୍ରହଣ"*** ସମ୍ବନ୍ଧରେ ଡିହଖଳା ସହକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାନୀୟ ପ୍ରଶାସନର ସହଯୋଗରେ ତା. ୨୦-୦୩-୨୦୨୬ ରିଖ ୧୧.୦୦ ଘଟିକାରେ ଏକ ଜନ ଶୁଣାଣି ସଭାର ଆୟୋଜନ କରାଯାଇଥିଲା । . ଏହି ବୈଠକ ଅପରାହ୍ନ ଘ୧.୦୦ ପର୍ଯ୍ୟନ୍ତ ଚାଲିଥିଲା ।

ଜନ ଶୁଣାଣିର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ଓ ଏଥିସହ ଜନ ଶୁଣାଣିରେ ଉଠାଯାଇଥିବା ଫଟୋ, ଓ ଯୋଗ ଦେଇଥିବା ବ୍ୟକ୍ତି ମାନଙ୍କର ଦସ୍ତଖତର ସ୍କାନ କପିମାନ ସଂଯୋଗ କରାଗଲା ।

୨.୧୨.୨ ଡିହଖଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜନ ଶୁଣାଣି

ସମୟ- ଘ୧୧.୦୦ମି ରୁ ଘ. ୧୩.୦୦ମି.

ତା – ୨୦୨୬ ମସିହା, ମାର୍ଚ୍ଚ ମାସ ୨୦ ତାରିଖ

ସ୍ଥାନ- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡିହଖଳା

ଉପସ୍ଥିତ ଅଧିକାରୀଗଣ:

୧. ସୁଶ୍ରୀ ଅନମୟ ସୃଷ୍ଟି ଶତପଥୀ, ଡେପୁଟି କଲେକ୍ଟର-କମ୍-ଏଲ.ଏ.ଓ, ଖୋର୍ଦ୍ଧା
୨. ଶ୍ରୀ ରଞ୍ଜନ କୁମାର ମହାନ୍ତି, ଡେପୁଟି କଲେକ୍ଟର, ଉପ-ଜିଲ୍ଲାପାଳ କାର୍ଯ୍ୟାଳୟ, ଖୋର୍ଦ୍ଧା
୩. ଶ୍ରୀ ରିଷବ ତ୍ରିପାଠୀ, ଆସିଷ୍ଟାଣ୍ଟ କଲେକ୍ଟର, ଖୋର୍ଦ୍ଧା
୪. ଶ୍ରୀ. ସୌମେନ୍ଦ୍ର ବାରିକ, ଏସ୍.ଡି.ଓ, ରାଜୁଆ ଜଳସେଚନ ପ୍ରକଳ୍ପ, ଖୋର୍ଦ୍ଧା ଜଳସେଚନ ଡିଭିଜନ୍, ଖୋର୍ଦ୍ଧା
୫. ଶ୍ରୀ ପପୁନ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ, ରାଜୁଆ ଜଳସେଚନ ପ୍ରକଳ୍ପ, ଖୋର୍ଦ୍ଧା ଜଳସେଚନ ଡିଭିଜନ୍, ଖୋର୍ଦ୍ଧା
୬. ଶ୍ରୀ ନିବାସ ନାୟକ, କନିଷ୍ଠ ରାଜସ୍ୱ ସହାୟକ, (ଜେ.ଆର.ଏ), ଭୂ-ଅଧିଗ୍ରହଣ ଅଧିକାରୀଙ୍କ କାର୍ଯ୍ୟଳୟ, ଖୋର୍ଦ୍ଧା
୭. ଶ୍ରୀ ଦେବିପ୍ରସାଦ ସାହୁ, ରାଜସ୍ୱ ନିରୀକ୍ଷକ, ଭୂ-ଅଧିଗ୍ରହଣ ଅଧିକାରୀଙ୍କ କାର୍ଯ୍ୟଳୟ, ଖୋର୍ଦ୍ଧା

ଉପସ୍ଥିତ ଜନପ୍ରତିନିଧି:

୧. ଶ୍ରୀ ସଞ୍ଜୟ କୁମାର ରତାସିଂ, ସରପଞ୍ଚଙ୍କ ପ୍ରତିନିଧି, ଓରାବାରସିଂ ଗ୍ରାମ ପଞ୍ଚାୟତ
୨. ଶ୍ରୀ ଦୁଃଶାସନ ସୁନ୍ଦରାୟ, ପୂର୍ବତନ ସରପଞ୍ଚ, ଓରାବାରସିଂ ଗ୍ରାମ ପଞ୍ଚାୟତ
୩. ଶ୍ରୀ ବିଜୟ କୁମାର ହରିଜନ୍ଦନ, ପୂର୍ବତନ ସରପଞ୍ଚ, ଓରାବାରସିଂ ଗ୍ରାମ ପଞ୍ଚାୟତ
୪. ଶ୍ରୀ ଅବକାଶ ମହାନ୍ତି, ପୂର୍ବତନ ସରପଞ୍ଚ, ଓରାବାରସିଂ ଗ୍ରାମ ପଞ୍ଚାୟତ

ଉପସ୍ଥିତ ଅଂଶଗ୍ରହଣକାରୀ (କୋଟସ୍, କୋରାପୁଟ ଅଧ୍ୟୟନ ଦଳର ସଦସ୍ୟ ବୃନ୍ଦ):

- ଡଃ. ଅଶୋକ କୁମାର ନନ୍ଦ, ସହଯୋଗୀ ପ୍ରଫେସର ଏବଂ ପ୍ରକଳ୍ପ ପର୍ଯ୍ୟବେକ୍ଷକ
- ଶ୍ରୀ ଗୋପୀନାଥ ପ୍ରଧାନ, ସହଯୋଗୀ ପ୍ରଫେସର, କୋଟସ୍, କୋରାପୁଟ
- ଶ୍ରୀ ଦେବାଶିଷ ପଣ୍ଡା, କ୍ଷେତ୍ର ଅନୁସନ୍ଧାନକାରୀ , କୋଟସ୍, କୋରାପୁଟ

ଅଂଶଗ୍ରହଣକାରୀ (୧୫ ଜଣ ଗ୍ରାମବାସୀ)

ପ୍ରାରମ୍ଭରେ, କ୍ଷେତ୍ର ପର୍ଯ୍ୟବେକ୍ଷକ ଡକ୍ଟର ଅଶୋକ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ, ଜନଶୁଣାଣି ବୈଠକର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ଭୂମି ହରାଇଥିବା ପରିବାର ଏବଂ ଗ୍ରାମବାସୀମାନଙ୍କୁ ଦେଶ ଗଠନର ଏକ ବୃହତ ଉଦ୍ଦେଶ୍ୟ ପାଇଁ ସେମାନଙ୍କର ପ୍ରଭାବିତ ଜମି ତ୍ୟାଗ କରିବାରେ ଜିଲ୍ଲା ପ୍ରଶାସନ ଏବଂ ଜଳସେଚନ ଡିଭିଜନ ସହିତ ସହଯୋଗ କରିବାକୁ ଅନୁରୋଧ କରିଥିଲେ। SIA ଅଧ୍ୟୟନ ଦଳର ନେତା ମୁଖ୍ୟ ନିଷ୍କର୍ଷ ଉପରେ ଆଲୋଚନା କରିଥିଲେ ଏବଂ ଗ୍ରାମର ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଅଭିଯୋଗ ଓ ଦାବିଗୁଡିକୁ ଉପସ୍ଥାପନ କରିବାକୁ ଆମନ୍ତ୍ରଣ କରିଥିଲେ। ଡକ୍ଟର ଅଶୋକ କୁମାର ନନ୍ଦ ଭୂମି ହରାଇଥିବା ଲୋକଙ୍କୁ ଚିହ୍ନଟ କରିଥିଲେ ଏବଂ ସେମାନଙ୍କ ଭୂମି ହରାଇବାର ପରିମାଣ ଉପରେ ଆଲୋକପାତ କରିଥିଲେ।

ଶ୍ରୀ ଦୁଃଶାସନ ସୁନ୍ଦରାୟ, ଶ୍ରୀ ସିଦ୍ଧେଶ୍ୱର ଶ୍ରୀଚନ୍ଦନ ଏବଂ ଶ୍ରୀ ବିଜୟ କୁମାର ହରିଚନ୍ଦନ ଜଳସେଚନ ବିଭାଗ ଦ୍ୱାରା ସେମାନଙ୍କ ଜମି ପାଇଁ କ୍ଷତିପୂରଣ ପ୍ରଦାନ କରିବାର ସଠିକ୍ ଜମିର ହାର (@acre) ଏବଂ ସମୟସୀମା ଜାଣିବାକୁ ଚାହୁଁଥିଲେ। ଏହି ପ୍ରଶ୍ନର ଉତ୍ତରରେ, ସହକାରୀ ଜିଲ୍ଲାପାଳ / ସ୍ୱତନ୍ତ୍ର ଭୂମି-ଅଧିଗ୍ରହଣ ଅଧିକାରୀ କହିଥିଲେ ଯେ BMV ଦେଖି କ୍ଷତିପୂରଣ ଜମିର ପରିମାଣ ସ୍ଥିର କରାଯିବ ଯାହା ବହୁତ କମ୍ ସମୟ ନେବ ଏବଂ ନିଶ୍ଚିତ କରିଛନ୍ତି ଯେ ଚଳିତ ବର୍ଷ ଅକ୍ଟୋବର / ନଭେମ୍ବର ସୁଦ୍ଧା ସେମାନଙ୍କୁ ନିୟମ ଅନୁଯାୟୀ ସର୍ବାଧିକ କ୍ଷତିପୂରଣ ଦିଆଯିବ। ସଞ୍ଜୟ କୁମାର ରତାସିଂ, ସରପଞ୍ଚଙ୍କ ପ୍ରତିନିଧି ଜମି ହରାଇଥିବା ଏବଂ ଗ୍ରାମବାସୀଙ୍କ ଦାବି ବିଚାର କରିବାକୁ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ।

ପଦାଧିକାରୀ ମାନଙ୍କର ମତାମତ

ଜନଶୁଣାଣି ସଭାରେ ଉପସ୍ଥିତ ଗ୍ରାମବାସୀ ମାନଙ୍କର ଅନୁରୋଧ, ଦାବୀ ଓ ଅଭିଯୋଗ ଆଦି ଶୁଣିବା ପରେ ସେଠାରେ ଉପସ୍ଥିତ ସରକାରୀ ଅଧିକାରୀମାନେ ସେମାନଙ୍କର ମତ ନିମ୍ନମତେ ରଖିଥେଲେ ।

ସହାୟକ ଜିଲ୍ଲାପାଳ / ଭୂମି-ଅଧିଗ୍ରହଣ ଅଧିକାରୀ, ଖୋର୍ଦ୍ଧା ଜନଶୁଣାଣୀ ବୈଠକରେ ପ୍ରକାଶିତ ଲୋକଙ୍କ ଚିନ୍ତା ଏବଂ ଦାବିକୁ ପ୍ରଭାବଶାଳୀ ପ୍ରତିକାର ଏବଂ ଅନୁକୂଳ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ଜଣାଇବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ଏହା ମଧ୍ୟ କହିଥିଲେ ଯେ ରେକର୍ଡ ଦେଖିବା ପରେ ଉଚିତ୍ କ୍ଷତିପୂରଣ ହାର ନିର୍ଣ୍ଣୟ କରାଯାଇପାରିବ ଏବଂ କ୍ଷତିପୂରଣ ପ୍ରଦାନକୁ ତ୍ୱରାନ୍ୱିତ କରାଯିବ ଯାହା ୨୦୨୬ ଶେଷ ସୁଦ୍ଧା ସମାପ୍ତ ହେବ।

ଜନସାଧାରଣଙ୍କ ଅଭିଯୋଗର ଜବାବରେ ଜଳସେଚନ ବିଭାଗର ଏସ୍.ଡି.ଓ/କନିଷ୍ଠ ଯନ୍ତ୍ରୀ ଜନସାଧାରଣଙ୍କୁ ବୁଝାଇବାକୁ ଚେଷ୍ଟା କରି କହିଥିଲେ ଯେ ଜଳ ବଣ୍ଟନ ନିରପେକ୍ଷ ହେବ ଏବଂ ପ୍ରଭାବଶାଳୀ ପରିଚାଳନା ସହିତ ଜଳ କେନାଲର ଶେଷ ବିନ୍ଦୁ ପର୍ଯ୍ୟନ୍ତ ପହଞ୍ଚିବ, ଯାହା ପାଇଁ ସରକାର ପାଣି ପଞ୍ଚାୟତ କମିଟି ଗଠନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି । ତେଣୁ, କ୍ଷତି ହେବାର ଆଶଙ୍କା ବାସ୍ତବ ନୁହେଁ । ଜଳର ସୁପରିଚାଳନା ପାଇଁ କେନାଲ ସହିତ, ପାଣି ପଞ୍ଚାୟତ କମିଟି ଗଠନ କରାଯିବ।

ବିକ୍ରେତାଙ୍କ ସହିତ ପଟ୍ଟା ଏବଂ କ୍ରେତାଙ୍କ ସହିତ ଜମି କାଗଜପତ୍ର ଭଳି ମାଲିକାନା ବିବାଦ ବିଷୟରେ ଗ୍ରାମବାସୀଙ୍କ ପ୍ରଶ୍ନର ଉତ୍ତରରେ, ଭୂମି-ଅଧିଗ୍ରହଣ ଅଧିକାରୀ (LAO) ଅବଗତ କରି କହିଥିଲେ ଯେ, ଯଦି ବିବାଦର ସମାଧାନ ହୋଇପାରିବ ନାହିଁ, ତେବେ ଆମେ ଦାବିଦାରମାନଙ୍କୁ ଏଥିପାଇଁ ଗଠିତ ଆଇନ ପ୍ରାଧିକରଣ ସମ୍ମୁଖରେ ସେମାନଙ୍କର ମାମଲା ଉପସ୍ଥାପନ କରିବାକୁ ସୁବିଧା ଦେଉଛୁ । ଜମି ବିବାଦର ଚୂଡ଼ାନ୍ତ ପରେ କ୍ଷତିପୂରଣ ପ୍ରଦାନ କରାଯିବ । ସେ ମତବ୍ୟକ୍ତ କରି କହିଥିଲେ ଯେ, ଦାବିଦାରମାନେ ଦେୟର ବିଜ୍ଞପ୍ତି ସମୟସୀମା ଶେଷ ହେବା ପର୍ଯ୍ୟନ୍ତ ଆବେଦନ କରିପାରିବେ।

୨.୩ ଜମି ହରାଇଥିବା ଜନସାଧାରଣଙ୍କ ନିର୍ଦ୍ଦିଷ୍ଟ ମତାମତ ରିପୋର୍ଟରେ ଅନ୍ତର୍ଭୁକ୍ତ ହୋଇଛି ।

୨୦ ମାର୍ଚ୍ଚ, ୨୦୨୬ରେ ହୋଇଥିବା ଜନ ଶୁଣାଣି ବୈଠକରେ ଅଂଶଗ୍ରହଣକାରୀଙ୍କ ଠାରୁ ପ୍ରାପ୍ତ ନିର୍ଦ୍ଦିଷ୍ଟ ମତାମତର ସାରାଂଶ ସାରଣୀ ୨.୨ରେ ଅନ୍ତର୍ଭୁକ୍ତ କରାଯାଇଛି ।

- ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର କରିବାରେ ଲୋକମାନଙ୍କର କୌଣସି ଆପତ୍ତି ନାହିଁ । କିନ୍ତୁ ପ୍ରସ୍ତାବିତ କେନାଲର ଉପର ଭାଗ ବର୍ଷର ଅଧିକାଂଶ ମାସ ଶୁଖିଲା ରହିଥାଏ । ତେଣୁ, ଆମ ସ୍ଥାନରେ ପାଣି ରହିବାର ସମ୍ଭାବନା ବହୁତ କମ୍ । ଆବଶ୍ୟକ ସମୟରେ ସେମାନଙ୍କ ଜମି ପାଇଁ ପାଣି ନ ପାଇଲେ ଜମି ହସ୍ତାନ୍ତର କରିବାର ଲାଭ କ'ଣ ହେବ ବୋଲି ଲୋକମାନେ ନିଜର ମତ ରଖିଥିଲେ ।
- ଆମ ଜମିକୁ ଜଳସେଚନ ପାଇଁ ଏକ ପୂର୍ବରୁ କେନାଲ ଅଛି। ଯଦି ପୂର୍ବରୁ ଥିବା କେନାଲଟି ପୁନଃରୁଦ୍ଧାର ହୋଇ ପ୍ରସ୍ତାବିତ କେନାଲ ସହିତ ମିଶିଯାଏ, ତେବେ ପ୍ରସ୍ତାବିତ କେନାଲ ପାଇଁ ଜମି ସ୍ଥାନାନ୍ତର କରିବାର ଆବଶ୍ୟକତା ରହିବ ନାହିଁ ଏବଂ ଯେଉଁଠାରୁ ଆମେ ପାଣି ପାଇବୁ ନାହିଁ।
- ପ୍ରସ୍ତାବିତ କେନାଲଟି ଏକ ସେବା ପ୍ରଦାନକାରୀ କେନାଲ ହେବ, ଯାହା ମୁଖ୍ୟ କେନାଲ ରାଜୁଆରୁ ଚ୍ୟାନେଲାଇଜ କରାଯିବ। ଆମର ଏକ ନିର୍ଭରଯୋଗ୍ୟ କେନାଲ ଥିବାରୁ ଏହି ପ୍ରସ୍ତାବିତ ନୂତନ କେନାଲ ଆମର କୌଣସି ଲାଭ ଦେବ ନାହିଁ ବୋଲି ଲୋକେ ମତବ୍ୟକ୍ତ କରିଥିଲେ ।
- ଆମେ ଜମି ହରାଇବୁ, ପାଣି ପାଇବୁ ନାହିଁ ଏବଂ କ୍ଷତି ପାଇଁ ପର୍ଯ୍ୟାପ୍ତ କ୍ଷତିପୂରଣ ମଧ୍ୟ ପାଇବୁ ନାହିଁ।
- ଯଦି କେନାଲ ନିର୍ମାଣ କରାଯାଏ, ତେବେ ଆମର ଜମି ଗୁଡ଼ିକ ବିଭକ୍ତ ହୋଇଯିବ। ଏହା ଫଳରେ ଗାଈଗୋରୁ, କୃଷି ଉପକରଣ, ଯେପରିକି ଟ୍ରାକ୍ଟର, ପାୱାର ଟିଲର, ଅମଳ ଯନ୍ତ୍ର, ଇତ୍ୟାଦିର ପରିବହନ ସମ୍ଭବ ହେବ ନାହିଁ । ଏପରି ପରିସ୍ଥିତିରେ, କେନାଲ ସହିତ, କେନାଲ ଉପରେ ଏକ ସେତୁ ନିର୍ମାଣକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ।
- ଜମି ହରାଉଥିବା ପରିବାର ସଦସ୍ୟଙ୍କ ମଧ୍ୟରେ ଜମି ହସ୍ତାନ୍ତର ପାଇଁ ସ୍ୱାକ୍ଷର ବିବାଦ ସମାଧାନ ଆବଶ୍ୟକ । ତେଣୁ, ଜମି ଅଧିଗ୍ରହଣ ପୂର୍ବରୁ ସରକାରଙ୍କୁ ବିବାଦ ସମାଧାନ ପାଇଁ ପଦକ୍ଷେପ ନେବାକୁ ପଡିବ ।
- ଆମେ ଦେଖୁଛୁ ଯେ ପ୍ରସ୍ତାବିତ କେନାଲ ନିର୍ମାଣ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିର ପରିମାଣ ଅପେକ୍ଷା ଅଧିକ ଜମି ଅଞ୍ଚଳରେ ଖୁଣ୍ଟ/ଖମ୍ବ ସ୍ଥାପନ କରାଯାଇଛି । ଏହା ଲୋକମାନଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରୁଛି । ତେଣୁ

ଗ୍ରାମବାସୀମାନେ ନିବେଦନ କରିଛନ୍ତି ଯେ, ଏ ସମ୍ପର୍କରେ ଯେକୌଣସି ନିଷ୍ପତ୍ତି ଏବଂ କାର୍ଯ୍ୟପ୍ରଣାଳୀ ଗ୍ରାମବାସୀଙ୍କୁ ଜଣାଇ ସେମାନଙ୍କ ପରାମର୍ଶରେ ନିଆଯିବା ଉଚିତ। ଗ୍ରାମବାସୀମାନେ ଆଶ୍ୱାସନା ଦେଇଛନ୍ତି ଯେ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସେମାନେ ସର୍ବଦା ସରକାରଙ୍କୁ ସହଯୋଗ କରିବାକୁ ପ୍ରସ୍ତୁତ।

ସାରଣୀ: ୨.୨ରୋ ଜନ ଶୁଣାଣି ସଭାରେ ଗ୍ରହଣ କରାଯାଇଥିବା ମତାମତର ଅବଧାରଣା ।

କ୍ର.ନଂ	ଲୋକମାନଙ୍କର ଉଦବେଗ	ଆବେଦନ ଏବଂ ଦାବି
୧.	ଜୀବିକା ହାନୀ	• ଗ୍ରାମ ପଞ୍ଚାୟତ ମାନଦଣ୍ଡ ଅନୁଯାୟୀ ମନରେଗା ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ପ୍ରଭାବିତ ପରିବାରମାନଙ୍କୁ ନିଯୁକ୍ତି ସୁଯୋଗ ଏବଂ ସୁବିଧା ପ୍ରଦାନ କରିବା ।
୨.	ବିକାଶ	• ଯଦି ଡାଇଭର୍ସନ ୱେୟାର ନିର୍ମାଣ କରାଯାଏ, ତେବେ ଆମର ଜମି ଗୁଡ଼ିକ ବିଭକ୍ତ ହୋଇଯିବ। ଗାଈଗୋରୁ, କୃଷି ଉପକରଣ, ଯେପରିକି ଟ୍ରାକ୍ଟର, ପାୱାର ଟିଲର, ଅମଳ ଯନ୍ତ୍ର, ଇତ୍ୟାଦିର ପରିବହନ ସମ୍ଭବ ହେବ ନାହିଁ। ଏପରି ପରିସ୍ଥିତିରେ, କେନାଲ ସହିତ, କେନାଲ ଉପରେ ଏକ ସେତୁ ନିର୍ମାଣକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ ।
୩.	କ୍ଷତିପୂରଣ ପ୍ରଦାନ	• ଜମିର ବେଞ୍ଚମାର୍କ ଦର ଠାରୁ ଅଧିକ ପ୍ରଚଳିତ ଦର ଆଧାରରେ ଜମିର କ୍ଷତିପୂରଣ ପ୍ରଦାନ । • ସର୍ବ ଭାରତୀୟ ସ୍ତରରେ ଏକକ ଜାତୀୟ ଦର ଆଧାରରେ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ।

୨.୧୪. ଉପସଂହାର

ଏହା ଉଲ୍ଲେଖନୀୟ ଯେ ଜନଶୁଣାଣି ବୈଠକରେ ସମସ୍ତ ଅଂଶଗ୍ରହଣକାରୀ ରାଜୁଆ ଡାଇଭର୍ସନ ୱେୟାର ନିର୍ମାଣ ପାଇଁ ଜମି ଅଧିଗ୍ରହଣର ଆବଶ୍ୟକତାକୁ ନିଃସର୍ତ୍ତ ସମର୍ଥନ କରିଥିଲେ । କୋଟସ୍, କୋରାପୁଟର ଶ୍ରୀ ଦେବାଶିଷ ପଣ୍ଡାଙ୍କ ଦ୍ୱାରା ଜମି ହରାଇଥିବା ବ୍ୟକ୍ତି, ଜନସାଧାରଣ ଏବଂ ଅଧିକାରୀମାନଙ୍କୁ ସେମାନଙ୍କର ମୂଲ୍ୟବାନ ସମୟ ବିତାଇ, ସକ୍ରିୟ ଅଂଶଗ୍ରହଣ ଏବଂ ଗଠନମୂଳକ ପରାମର୍ଶ ଦେଇ ଜନଶୁଣାଣି ବୈଠକକୁ ସଫଳ କରିଥିବାରୁ ସମସ୍ତଙ୍କୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରି ବୈଠକ ସମାପ୍ତ ହୋଇଥିଲା।
ଜନଶୁଣାଣୀ ବୈଠକର ବିବରଣୀ ଭିଡିଓ ରେକର୍ଡ କରାଯାଇଛି ଏବଂ ଏହି ଅଧ୍ୟାୟର ଶେଷରେ ଅଧିକାରୀ ଏବଂ ଅଂଶଗ୍ରହଣକାରୀଙ୍କ ଦସ୍ତଖତର ସ୍କାନ ହୋଇଥିବା କପି ଏହି ଅଧ୍ୟାୟର ଶେଷରେ ସଂଲଗ୍ନ କରାଯାଇଛି।

ଜନଶୁଣାଣୀ ବୈଠକଟି ଶାନ୍ତି ଓ ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଥିଲା।

PUBLIC HEARING : OFFICIALS AND THE PUBLIC PRESENT

ରାଜୁଆ ଡାଇଭର୍ସନ ୱେୟାର (ଟିଓଆର ୭୮-୦୦୦୦୬) ନିର୍ମାଣ ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ ଏକର ପରିମାଣର ଘରୋଇ ଜମି ଅଧିଗ୍ରହଣ ଜନିତ ସାମାଜିକ ପ୍ରଭାବ ଆଧ୍ୟୟନ ସମ୍ବନ୍ଧୀୟ ଜନଶୁଣାଣି ।

ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡ଼ିହଖଳା

ତାରିଖ: ୨୦/୦୩/୨୦୨୬ ସମୟ: ପୂର୍ବାହ୍ନ ୧୧:୦୦ ଘଟିକା

ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ

କ୍ର.ନଂ	ଅଂଶ ଗ୍ରହଣକାରୀଙ୍କ ନାମ	ପଦବୀ	ଦୂରଭାଷ ନଂ.	ଦସ୍ତଖତ
1	Amanya Jyoti Patpathy	Dy Collector-cum LAO, Khordha	8328860657	20/03/26
2	Ranjan Kumar Mohanty	Dy. Collector, o/o. Sub-Collector Khordha	9861453867	20/03/2026
3	Rishab Tripathy	Asst. collector, Khordha	8763003454	20/3/26
4.	Soumendra Barik	SDO, Rajua Irr. Sub-Divn	7978671413	20-3-26
5	Sangram Kumar Pattajoshi	Ex, Sarapanch Orabanghgi	8456924461	
6.	Dushasan Sunday	Village	9937262977	
7	Bijay Ku. Harichandan	village	9777115550	
8	Asamasri Mohanty	village	7064673319	
9	Sukhi Shyam Jaiswal	Social worker	8453059295	
10	[illegible]			
11	[illegible]	village	7381471997	
12	Charadhar Nishank	village	8456957172	
13	Padmanav Panichadha	farmer	9937371917	
14	[illegible]	farmer	9938546589	
15	[illegible]			[illegible]
16	[illegible]			[illegible]
17	Nabakishore Rautary			Nabakishore Rautary
18	Pranayash Charana Bhujabal		6372297742	Pranayash Charana Bhujabal

ରାଜୁଆ ଡାଇଭର୍ସନ ୱେୟାର (ଟିଓଆର ୭୮-୦୦୦୦୬) ନିର୍ମାଣ ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ ଏକର ପରିମାଣର ଘରୋଇ ଜମି ଅଧିଗ୍ରହଣ ଜନିତ ସାମାଜିକ ପ୍ରଭାବ ଆଧ୍ୟୟନ ସମ୍ବନ୍ଧୀୟ ଜନଶୁଣାଣି ।

ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡ଼ିହଖଳା

ତାରିଖ: ୨୦/୦୩/୨୦୨୬ ସମୟ: ପୂର୍ବାହ୍ନ ୧୧:୦୦ ଘଟିକା

ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ

କ୍ର.ନଂ	ଅଂଶ ଗ୍ରହଣକାରୀଙ୍କ ନାମ	ପଦବୀ	ଦୂରଭାଷ ନଂ.	ଦସ୍ତଖତ
19	Mahendra Rautaray	Villager		
20	Rapun Jurin	JE Rajua	6370139644	20/03/26
21	Nibash Nayak	IRA Engineer	4095	
22	Debprasad Sahu	R.I. L.A. section	7504114604	
23	Sidheswar Sricharan			
24	Chakradh Mishank			
25	Dr. A.K. Nanda.	Asso. Prof. CDMS,	9337554282	

Public Hearing: Views from the Venue- Government Upper Primary School, Dihakhala

Source: SIA Study Team, COATS, Koraput, 2026

Source: SIA Study Team, COATS, Koraput, 2026

HOUSEHOLD SURVEY

Source: Household Survey and Field Visits, 2026

ତୃତୀୟ ଅଧ୍ୟାୟ
ଜମିର ଆକଳନ

୩.୧ ଉପକ୍ରମ

ଖୋର୍ଦ୍ଧା ଜିଲ୍ଲାରେ ଡାଇଭର୍ସନ ୱେୟାର ଏବଂ ଡିହଖଳା ସବ-ମାଇନର୍ ନିର୍ମାଣ (ToR 78-00006)" ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଓରାବାରସିଂ ଗ୍ରାମ ପଞ୍ଚାୟତର ଡିହଖଳା ଗ୍ରାମରୁ ୦.୬୧୫୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ ଉପରେ ଏହି SIA ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଭାବିତ ଗ୍ରାମ ଏବଂ ପରିବାରର ସାମାଜିକ-ଅର୍ଥନୈତିକ ପାର୍ଶ୍ୱଚିତ୍ରକୁ ଅନୁଧ୍ୟାନ କରିବା, ପ୍ରକଳ୍ପ-ପ୍ରଭାବିତ ଲୋକମାନେ, ପ୍ରଭାବିତ ସମ୍ପତ୍ତିର ବିବରଣୀ ସହିତ ଏହାର ପ୍ରକାର ଏବଂ ମାଲିକାନା, ଅଧିଗ୍ରହଣ ହେବାକୁ ଥିବା ଜମିର ପ୍ରକୃତି ଏବଂ ପରିସୀମା, ପ୍ରକଳ୍ପ ଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ଉପରେ ସାମାଜିକ ପ୍ରଭାବ, ଏବଂ ପ୍ରଭାବର ପ୍ରକାର ଏବଂ ଏହାର ପରିମାଣ ତଦନ୍ତ କରିବା ।

କଥିତ ପ୍ରକଳ୍ପ ଅଞ୍ଚଳଟି ଡିହଖଳା ଗ୍ରାମର । ଏହା ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଓରାବାରସିଂ ଗ୍ରାମପଞ୍ଚାୟତ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପଟିର ସଫଳ ରୂପାୟନ ହେତୁ ବହୁ ସଂଖ୍ୟାରେ ଜନ ସାଧାରଣ ଏଥିରୁ ଉପକୃତ ହେଉଛନ୍ତି, କାରଣ ଜଳସେଚନ ପାଇଁ କେନାଲ ନିର୍ମାଣ ହେତୁ ଲୋକ ମାନଙ୍କୁ ବିଭିନ୍ନ ପ୍ରକାର ଫାଇଦା ମିଳିପାରୁଛି, ଯଥା: ଡିହଖଳା, ଓରାବାରସିଂ ଓ ଢୋଲପାଟଣା ଅଞ୍ଚଳର ବିଭିନ୍ନ ଆୟକଟ କ୍ଷେତ୍ରରେ ଜଳସେଚନ ସୁବିଧା ହୋଇଛି । ସାମାଜିକ ଓ ଆର୍ଥିକ ସର୍ବେକ୍ଷଣ ପାଇଁ ପ୍ରତ୍ୟକ୍ଷଭାବେ ପ୍ରଭାବିତ ମୂଳ ୯ଟି ପଟ୍ଟା ଧାରୀ ପରିବାର ବର୍ଦ୍ଧିତ ହୋଇ ୨୪ ଟି ପରିବାର ଏବଂ ୧୦ଟି ନମୁନା ପରୋକ୍ଷଭାବେ ତଥା ଅଣ ପ୍ରଭାବିତ ପରିବାରଙ୍କ ବିଷୟରେ ପରିବାର ଭିତ୍ତିକ ସାକ୍ଷାତକାର ଓ ପ୍ରଶ୍ନାବଳୀ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି ।

ଡିହଖଳା ଗାଁରେ ଡାଇଭର୍ସନ ୱେୟାର ନିର୍ମାଣ (ToR 78-00006) ପାଇଁ ଜମି ଅଧିଗ୍ରହଣ ଆବଶ୍ୟକ।

ପ୍ରକଳ୍ପ ନିର୍ମାଣ ପାଇଁ ପୁଞ୍ଜି ଲଗାଣ ଓ ଜମିହରା ପରିବାରଙ୍କୁ କ୍ଷତି ପୂରଣ ପ୍ରଦାନ ବାବଦରେ ବ୍ୟୟ ପ୍ରକଳ୍ପର ବଜେଟକୁ ବହୁଭାବେ ପ୍ରଭାବିତ କରିବ । ଯେହେତୁ ଜମି ଏକ ଦୁର୍ଲଭ ବସ୍ତୁ ଏବଂ ଜମିହରା ପରିବାର ମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ କରାଯିବ, ଏହାକୁ ଦୃଷ୍ଟିରେ ରଖି ଯଥା ସମ୍ଭବ କମ୍ ପରିମାଣର ଜମି ଅଧିଗ୍ରହଣ କରାଯିବାର ବ୍ୟବସ୍ଥା ହୋଇଛି । ଅନ୍ୟ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିକାଶ ମୂଳକ ପ୍ରକଳ୍ପ ପରି ଏହି କ୍ଷେତ୍ରରେ ମଧ୍ୟ ନ୍ୟୁନତମ ଜମି ଅଧିଗ୍ରହଣ ନୀତିକୁ ଗ୍ରହଣ କରାଯାଇଛି । ଜମିର ଆକଳନ ଓ ମୂଲ୍ୟାୟନ ଖୋର୍ଦ୍ଧା ଜିଲ୍ଲାରେ ଡିହଖଳା ସବ-ମାଇନର୍ ନିର୍ମାଣ (ToR 78-00006 ପରି ଏକ କୃଷି ସଂରଚନା ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପ୍ରଚଳିତ ବିଧି ଅନୁଯାୟୀ ଅପରିହାର୍ଯ୍ୟ ଅଟେ ।

୩.୨ ପ୍ରଭାବିତ ଅଞ୍ଚଳ ଓ ତା'ର ମାନଚିତ୍ର

ପ୍ରଭାବିତ ଅଞ୍ଚଳଟି ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଓରାବାରସିଂ ଗ୍ରାମ ପଞ୍ଚାୟତର ଡିହଖଳା ଗ୍ରାମର ୯ଟି RoR ଧାରକ ପରିବାରର । ଜମି ଅଧିଗ୍ରହଣ ଯୋଗୁଁ ସିଧାସଳଖ ପ୍ରଭାବିତ ପରିବାରର କ୍ଷତି ୦.୬୧୫୦ ଏକର । ରାଜୁଆ ନଦୀ ପାର ଢୋଲପାଟଣାରେ ଡାଇଭର୍ସନ ୱେୟାର ନିର୍ମାଣ କରି ଏବଂ ଡାଇଭର୍ସନ ୱେୟାରର ଉପରମୁଣ୍ଡରେ ଉଭୟ ପାର୍ଶ୍ୱରେ ଆଫ୍ଲକ୍ସ ବନ୍ଧ ନିର୍ମାଣ କରି ଏହି ପ୍ରକଳ୍ପ ସମାପ୍ତ କରିବାକୁ ଯୋଜନା କରାଯାଇଥିଲା। ରବି ଋତୁରେ ଡାଇଭର୍ସନ ୱେୟାରର ଉଭୟ ପାର୍ଶ୍ୱରେ ଜଳସେଚନ ଯୋଗାଇବା ପାଇଁ ଦୁଇଟି ମୁଖ୍ୟ କେନାଲ ଯଥା ୭.୮୮ କିଲୋମିଟର ଲମ୍ବ ପାଇଁ ବାମ ମୁଖ୍ୟ କେନାଲ ଏବଂ ୧୨.୦୫ କିଲୋମିଟର ଲମ୍ବ ପାଇଁ ଡାହାଣ ମୁଖ୍ୟ କେନାଲ ଏବଂ ଏହାର ବଣ୍ଟନ ବ୍ୟବସ୍ଥା ସହିତ ନିର୍ମାଣ

କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେଣୁ କାର୍ଯ୍ୟର ପରିସର ମଧ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ପ୍ରଭାବ କ୍ଷେତ୍ର ଦର୍ଶାଉଥିବା ମାନଚିତ୍ରଗୁଡ଼ିକ ପ୍ରଥମ ଅଧ୍ୟାୟରେ ଦିଆଯାଇଛି।

RAJUA DIVERSION WEIR PROJECT (DETAIL LENGTH OF CANAL)

			NAME OF CANAL	LENGTH IN MTR	MAIN CANAL IN MTR	DISTRIBUTARY IN MTR	MINOR IN MTR	SUB-MINOR IN MTR
(A)			RIGHT MAIN CANAL					
	1		MAIN CANAL	12050	12050			
	2	I	SANAPUT MINOR	3070			3070	
		II	SARADHAPUR MINOR	3295			3295	
	3	I	BRAJAMOHANPUR SUB-MINOR-I	1870				1870
		II	BRAJAMOHANPUR SUB-MINOR-II	1690				1690
		III	SARADHAPUR SUB-MINOR	2045				2045
		IV	DIHAKHALA SUB-MINOR	300				300
			RIGHT MAIN CANAL SUB-TOTAL =	24320	12050	0	6365	5905
(B)			LEFT MAIN CANAL					
	1		MAIN CANAL	7880	7880			
	2	I	SIMILIPATNA DISTRIBUTARY	5630		5630		
	3	I	BADAPUT MINOR	1173			1173	
	4	I	BADAPUT SUB-MINOR	720				720
		II	NANAKERA SUB-MINOR	594				594
		III	BARADA SUB-MINOR	3500				3500
			LEFT MAIN CANAL SUB-TOTAL =	19497	7880	5630	1173	4814
			TOTAL RIGHT & LEFT MAIN CANAL SUB-TOTAL =	43817	19930	5630	7538	10719

୩.୩ ଜମିର ଆବଶ୍ୟକତା, ପରିମାଣ ଏବଂ ଅବସ୍ଥିତି, ଜମିର ପ୍ରକାର ଏବଂ ବର୍ତ୍ତମାନ ବ୍ୟବହାର

ଖୋର୍ଦ୍ଧା ଜିଲ୍ଲା ଜମି ଅଧିଗ୍ରହଣ କାର୍ଯ୍ୟାଳୟରୁ ପ୍ରାପ୍ତ ମୂଳ ଦସ୍ତାବିଜ ଆଧାରରେ ରାଜ୍ୟ ସାମାଜିକ ପ୍ରଭାବ ଆକଳନ ସଂସ୍ଥା ନବକୃଷ୍ଣ ଚୌଧୁରୀ ଉନ୍ନୟନ ଅଧ୍ୟୟନ କେନ୍ଦ୍ର (ଏନ୍.ସି.ଡି.ଏସ୍) ଙ୍କ ଦ୍ୱାରା ପ୍ରଦତ୍ତ ଦସ୍ତାବିଜରୁ ଜଣାଯାଏ ଯେ ପ୍ରକଳ୍ପ ପ୍ରଭାବିତ ଡିହଖଳା ଗ୍ରାମରୁ ୦୯ଟି ପଟ୍ଟାଦାର ପରିବାର ଠାରୁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମ୍ବନ୍ଧରେ ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି । ଏହାର ବିଶେଷ ସୂଚନା ସାରଣୀ ୩.୧ରେ ଦିଆଯାଇଛି ।

ସାରଣୀ ୩.୧: ସର୍ବେକ୍ଷଣ କରାଯାଇଥିବା ପ୍ରଭାବିତ ପରିବାରଙ୍କ ସମ୍ବନ୍ଧରେ ସୂଚନା

ଗ୍ରାମ	ପରିବାର ସଂଖ୍ୟା								ଉଦ୍ଦେଶ୍ୟ
	ପଟ୍ଟା ଅଧିକାରୀ	ପଟ୍ଟାଧାରୀ ମାନେ		ଚିହ୍ନଟ ହୋଇଥିବା ପରିବାର ସଂଖ୍ୟା	ସର୍ବେକ୍ଷଣ ହୋଇଥିବା ପରିବାର ସଂଖ୍ୟା	ବାସ୍ତବରେ ସର୍ବେକ୍ଷଣ ହୋଇଥିବା ପରିବାର ସଂଖ୍ୟା			
		ଟିପି	ଜୀବିତ			ପଟ୍ଟା ଅଧିକାରୀ	ପରିବର୍ତ୍ତିତ ପରିବାର	ସମ୍ପୂର୍ଣ୍ଣ ସର୍ବେକ୍ଷଣ	
ଡିହଖଳା	୦୩	୦୧	୦୩	୦୧	୦୪	୩	୦୧	୦୪	ଡିହଖଳା ସବ୍-ମାଇନର ନିର୍ମାଣ ନିମନ୍ତେ
	୦	୦	୧	୦	୧	୧	୦	୧	
	୦	୬	୦	୫	୫	୦	୫	୫	
	୦	୧	୦	୩	୩	୦	୩	୩	
	୦	୨	୦	୨	୨	୦	୨	୨	
	୦	୧	୦	୨	୨	୦	୨	୨	
	୦	୧	୦	୩	୩	୦	୩	୩	
	୧	୦	୧	୦	୧	୧	୦	୧	
	୦	୨	୦	୧	୧	୦	୧	୧	
	୦	୧	୦	୨	୨	୦	୨	୨	
	୪	୧୫	୫	୧୯	୨୪	୫	୧୯	୨୪	

ଉତ୍ସ-ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୩



"ଖୋର୍ଦ୍ଧା ଜିଲ୍ଲାର ଡିହଖଳା ସବ-ମାଇନରରେ କେନାଲ ନିର୍ମାଣ (ToR 78-00006)" ନିମନ୍ତେ ୦.୬୧୫୦ ଏକର ବ୍ୟକ୍ତିଗତ ଜମି ଜମି ଆବଶ୍ୟକ କରୁଛି । ଯାହା ପାଇଁ SIA ଅଧ୍ୟୟନ ବର୍ତ୍ତମାନ କରାଯାଉଛି। ପ୍ରକଳ୍ପ ପାଇଁ ଜମି ଆବଶ୍ୟକତା ଏବଂ ଜମି ଅଧିଗ୍ରହଣର ବିବରଣୀ ସାରଣୀ ୩.୨ ରେ ଦିଆଯାଇଛି।

ସାରଣୀ ୩.୨: ଘରୋଇ ଉତ୍ସରୁ ହେବାକୁ ଥିବା ଜମି ଅଧିଗ୍ରହଣ (ଏକର ଆକାରେ)

ଖାତା ନଂ	ପ୍ଲଟ୍ ନଂ	ଜମିର ପ୍ରକାର (ଏକରରେ)	ମୋଟ ଜମିର ପରିମାଣ (ଏକରରେ)	ଅଧିଗ୍ରହଣ ହେବାକୁ ଥିବା ଜମିର ପରିମାଣ (ଏକରରେ)	ବଳକା ଜମି	ଉଦ୍ଦେଶ୍ୟ
୧୫୦/୭୫	୪୭	ସାରଦ-୨	୦.୩୮୦୦	୦.୧୩୨୦	୦.୨୪୮୦	ଡିହଖଳା ସବ-ମାଇନର କେନାଲ ନିର୍ମାଣ
୧୫୦/୮୦	୩୫	ସାରଦ-୩	୦.୧୯୦୦	୦.୦୧୮୦	୦.୧୭୨୦	
୫୦	୩୭	ସାରଦ-୨	୦.୩୧୫୦	୦.୦୪୫୦	୦.୨୭୦୦	
୫୦	୩୯	ସାରଦ-୨	୦.୩୮୦୦	୦.୦୮୫୦	୦.୨୯୫୦	
୫୭ ୦୪-୧୫	୩୧	ସାରଦ-୨	୦.୩୭୫୦	୦.୦୦୫୦	୦.୩୭୦୦	
୫୭ ୦୪-୧୭	୪୮	ସାରଦ-୨	୦.୧୪୦୦	୦.୦୩୨୦	୦.୧୦୮୦	
୫୭ ୦୪-୧୫	୩୮	ସାରଦ-୨	୦.୧୬୦୦	୦.୦୬୫୦	୦.୦୯୫୦	
୫୭ ୦୪-୧୯	୧୩୫	ସାରଦ-୨	୦.୮୫୫୦	୦.୦୩୦୦	୦.୮୨୫୦	
୯୫	୫୮	ସାରଦ-୩	୦.୩୧୦୦	୦.୦୦୫୦	୦.୩୦୫୦	
୧୫୦/୪୭	୩୪	ସାରଦ-୩	0.୫୪୦୦	୦.୧୫୩୦	୦.୩୮୭୦	
୧୦୧	୧୪୩	ସାରଦ-୨	୦.୪୦୦୦	୦.୦୧୫୦	୦.୩୮୫୦	
୧୫୦/୧୧	୩୩	ସାରଦ-୨	0.୩୧୫୦	୦.୦୩୦୦	୦.୨୮୫୦	
			୪.୩୬୦୦	୦.୬୧୫୦	୩.୭୪୫୦	

ଉତ୍ସ- ଆର୍ ଓ ଆର୍ ରେକର୍ଡ, ୨୦୨୬



୩.୫ ସର୍ବନିମ୍ନ ପରିମାଣର ପ୍ରସ୍ତାବିତ ଜମି ଅଧିଗ୍ରହଣ ଏବଂ ବିକଳ୍ପ ବିଚାରର ଅବକାଶ ନାହିଁ

ଏହି ପ୍ରକଳ୍ପରୁ କୃଷି କ୍ଷେତ୍ରକୁ ଜଳର ସୁଗମ ପ୍ରବାହ ପାଇଁ ବୈଷୟିକ ବିଶେଷଜ୍ଞଙ୍କ ଦ୍ୱାରା ପରିକଳ୍ପିତ ଭୌଗୋଳିକ କ୍ଷେତ୍ରର ବିଷୟବସ୍ତୁ ଅନୁଯାୟୀ ଡାଇଭର୍ସନ ଓ୍ୱୋୟାରର ଅଗ୍ରଗତି ଚୂଡାନ୍ତ କରାଯାଇଛି । ତେଣୁ ବିଦ୍ୟମାନ ଡାଇଭର୍ସନ ଓ୍ୱୋୟାରର ଶ୍ରେଣୀବଦ୍ଧତା (ଆଲାଇନ୍ମେଣ୍ଟ) ସର୍ବୋତ୍ତମ ଏବଂ ସ୍ଥିର ଅଟେ । ବିକଳ୍ପ ସ୍ଥାନ ବିଷୟ ଡାଇଭର୍ସନ ଓ୍ୱୋୟାରର ନିର୍ମାଣ ପୂର୍ବରୁ ଅନୁସନ୍ଧାନ କରାଯାଇସାରିଛି ଏବଂ ଅଧିଗ୍ରହଣ ହୋଇଥିବା ଜମିରେ ରାଜୁଆ ଡାଇଭର୍ସନ ଓ୍ୱୋୟାରର ନିର୍ମାଣ ବୈଷୟିକ ଦୃଷ୍ଟିକୋଣରୁ ସର୍ବୋତ୍ତମ ବୋଲି ବିବେଚନା କରାଯାଇଛି । ଏହି ପ୍ରକଳ୍ପ ପାଇଁ ଅଧିଗୃହୀତ ହୋଇଥିବା ୦.୬୧୫୦ ଏକର ପରିମାଣର ଘରୋଇ ଜମି ହେଉଛି ସର୍ବନିମ୍ନ । ତେଣୁ ବିକଳ୍ପ ଅନୁସନ୍ଧାନ ଓ ବିକଳ୍ପ ଜମି ବିଷୟ ଏ କ୍ଷେତ୍ରରେ ଅପ୍ରାସଙ୍ଗିକ ।

୩.୬ ସମ୍ଭାବ୍ୟ ବିକଳ୍ପ ସ୍ଥାନ ଓ ତା'ର ରୂପାୟନ ଯୋଗ୍ୟତା

୨୦୨୩ ମସିହାରେ ରାଜୁଆ ଡାଇଭର୍ସନ ଓ୍ୱୋୟାରର କେନାଲ ନିର୍ମାଣଁ ସମୟରେ ବିକଳ୍ପ ସ୍ଥାନ ପାଇଂ ପୂର୍ବରୁ ଅନୁସନ୍ଧାନ କରାଯାଇଛି ଏବଂ ବର୍ତ୍ତମାନ ଏହାକୁ ଏହାର ସମ୍ଭାବ୍ୟତା ଯାଞ୍ଚ କରିବାର କୌଣସି ସୁଯୋଗ ନାହିଁ ।

୩.୭ ଅନୁସୂଚୀତ ଅଞ୍ଚଳରେ, ଅନ୍ତିମ ରୂପେ ପ୍ରସ୍ତାବିତ ଜମି ଅଧିଗ୍ରହଣ ହେବ

ଖୋର୍ଦ୍ଧା ଜିଲ୍ଲାର ଡିହାଖଳା ଠାରେ ରାଜୁଆ ଡାଇଭର୍ସନ ଓ୍ୱୋୟାରର କେନାଲଟି (ToR 78-00006) ଅଣ-ଅନୁସୂଚୀତ ଅଞ୍ଚଳ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଖୋର୍ଦ୍ଧା ତହସିଲରେ ଅବସ୍ଥିତ । ବୈଷୟିକ ବିଶେଷଜ୍ଞଙ୍କ ପ୍ରଦତ୍ତ ନକ୍ସା ଅନୁଯାୟୀ କେନାଲର ଅଗ୍ରଗତି ଚୂଡାନ୍ତ ହୋଇ ଶ୍ରେଣୀବଦ୍ଧତା (ଆଲାଇନମେଣ୍ଟ) ଅନୁସାରେ ଏହା ନିର୍ମାଣ କରାଯାଇଛି । ତେଣୁ ଅଣ-ଅନୁସୂଚୀତ ଅଞ୍ଚଳରେ ହୋଇଥିଲେ ମଧ୍ୟ ଅଧିଗୃହୀତ ଜମି ଅନ୍ତିମ ସ୍ଥଳ ବୋଲି ନିର୍ଦ୍ଧାରିତ ।

୩.୮ ପୂର୍ବରୁ କିଣାଯାଇଥିବା ଏବଂ ବିଚ୍ଛିନ୍ନ ହୋଇଥିବା ଜମି ଏବଂ ସେମାନଙ୍କର ଉଦ୍ଦେଶ୍ୟମୂଳକ ବ୍ୟବହାର

ଉପରେ ଉଲ୍ଲେଖ କରାଯାଇଛି ଯେ ସରକାରୀ ଏବଂ ବେସରକାରୀ ଉତ୍ସରୁ ଆବଶ୍ୟକୀୟ ଜମି ଅଧିଗ୍ରହଣ କରି ***ରାଜୁଆ ଡାଇଭର୍ସନ ୱୋୟାରର କେନାଲଟି*** ବହୁ ପୂର୍ବରୁ ନିର୍ମାଣ କରାଯାଇଛି। ଏହି SIA ଅଧ୍ୟୟନ ବର୍ତ୍ତମାନ କରାଯାଉଥିବା ୦.୬୧୫୦ ଏକର ବ୍ୟତୀତ ସମସ୍ତ ବେସରକାରୀ ଜମି ଅଧିଗ୍ରହଣ ପାଇଁ କ୍ଷତିପୂରଣ ପୂର୍ବରୁ ପ୍ରଦାନ କରାଯାଇଛି। ଯଦିଓ ଏହି ୦.୬୧୫୦ ଏକର ପରିମିତ ଜମି ମଧ୍ୟ ଅଧିଗ୍ରହଣ ଏବଂ ନିର୍ମାଣ ପାଇଁ ବ୍ୟବହାର କରାଯାଇଛି, କର୍ତ୍ତୃପକ୍ଷଙ୍କ ଦ୍ୱାରା SIA ଅଧ୍ୟୟନ ରିପୋର୍ଟ ଅନୁମୋଦନ ପରେ ମାଲିକମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ।

୩.୯ ପ୍ରକଳ୍ପ ପାଇଁ ସାର୍ବଜନୀନ ଏବଂ ଅବ୍ୟବହୃତ ଜମିର ବ୍ୟବହାର

ଏହି ପ୍ରକଳ୍ପଟି ଦୁଇ ପ୍ରକାରର ଜମି ବ୍ୟବହାର କରି ନିର୍ମାଣ କରାଯାଇଛି ଯଥା କରକାରୀ ଏବଂ ବ୍ୟକ୍ତିଗତ ଜମି । କିନ୍ତୁ କେନାଲ ନିର୍ମାଣ ପାଇଁ ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯାଇଛି କାରଣ ପ୍ରକଳ୍ପ ପାଇଁ ଅନ୍ୟ କୌଣସି ଅବ୍ୟବହୃତ ଜମି ବ୍ୟବହାର କରାଯାଇପାରି ନଥାନ୍ତା । ଏହାର ଅର୍ଥ ହେଉଛି ପ୍ରକଳ୍ପ କ୍ଷେତ୍ର ନିକଟରେ କୌଣସି ଅବ୍ୟବହୃତ ଜମି ନାହିଁ। ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯାଇଥିବା ବ୍ୟକ୍ତିଗତ ଜମି କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥିଲା।

୩.୧୦ ଭୂମିର ପ୍ରକୃତି, ବର୍ତ୍ତମାନର ବ୍ୟବହାର ଜଳ ସେଚନର ପରିସର ଏବଂ ଫସଲ ପଦ୍ଧତି

ଡିହଖଳା ସବ-ମାଇନର ନିର୍ମାଣ ପାଇଁ, ଘରୋଇ ଉତ୍ସରୁ ଜମି ପ୍ରାପ୍ତ ହୋଇଥିଲା । ୦.୬୧୫୦ ଏକର ପରିମିତ ଘରୋଇ ଜମି ଯାହା ସାରଦା-୨ ଜମି ଏବଂ ସାରଦା-୩ ଜମି ଅନ୍ତର୍ଭୁକ୍ତ । ସାରଦା-୨ ଏବଂ ସାରଦା-୩ ଜମି ହେଉଛି କୃଷି ଜମି । ଏହି ଜମିରେ ଧାନ, ପନିପରିବା ଏବଂ ଚିନାବାଦାମ ଚାଷ କରାଯାଉଥିଲା, ଯେତେବେଳେ ସାରଦା-୩ ଜମିରେ କୋଳଥ ଏବଂ ବିରି ଚାଷ କରାଯାଉଥିଲା।

୩.୧୧ ଖାଦ୍ୟ ନିରାପତ୍ତା ଜନିତ ସମସ୍ୟା

ଜମି ହରାଉଥିବା ପରିବାରଗୁଡିକର କାର୍ଯ୍ୟସୂଚୀ ଓ ଉତ୍ତରଦାତାଙ୍କ ପ୍ରତିକ୍ରିୟା ଅନୁଯାୟୀ, ଅଧିଗ୍ରହଣ ହୋଇଥିବା ଜମିରେ ଡିହଖଳା ସବ-ମାଇନର ନିର୍ମାଣ ପ୍ରକଳ୍ପରେ କେନାଲ ନିର୍ମାଣ ସେମାନଙ୍କ ଘରର ଖାଦ୍ୟ ସୁରକ୍ଷା ପାଇଁ କିଛି ବିପଦ ସୃଷ୍ଟି କରିଛି। ଏହାର କାରଣ ହେଉଛି, ସେମାନେ ଅଧିଗୃହୀତ ହୋଇଥିବା ଜମିରୁ ପୂର୍ବେ ଅମଳ ହେଉଥିବା ଖାଦ୍ୟ ଶସ୍ୟ ପରିମାଣରେ ହ୍ରାସ ସହୁଛନ୍ତି । ତଥାପି, ସରକାରୀ ପିଡିଏସ୍ ବ୍ୟବସ୍ଥା ବର୍ତ୍ତମାନ ଖାଦ୍ୟ ନିରାପତ୍ତା ଜନିତ ସମସ୍ୟାର ସମାଧାନ କରିଛି ।

୩.୧୨ ଜମିର ଆକାର, ମାଲିକାନାର ପ୍ରକାର, ଜମି ବଣ୍ଟନ ଏବଂ ବାସଗୃହ ମାନ

ପ୍ରଭାବିତ ପରିବାର ଗୁଡ଼ିକର ଜମିର ସ୍ଥିତି ସମ୍ବନ୍ଧରେ ସୂଚନା ସାରଣୀ ୩.୩ ରେ ଦିଆଯାଇଛି ।

ସାରଣୀ ୩.୩: ଜମିର ଜୋତ (ହୋଲଡିଂ)ର ଆୟତନକୁ ନେଇ ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡ଼ିକର ବଣ୍ଟନ

କ୍ରସଂ	ଗ୍ରାମ	ଜମିର ଆୟତନ ଅନୁସାରେ ସର୍ଭେ ହୋଇଥିବା ପରିବାର ଗୁଡିକର ଆବଣ୍ଟନ					
		ନାମମାତ୍ର ଚାଷୀ (୧ ହେକ୍ଟରରୁ କମ୍)	କ୍ଷୁଦ୍ର ଚାଷୀ (୧ରୁ୨ ହେକ୍ଟର)	ଆଂଶିକ ମଧ୍ୟମ ଚାଷୀ (୨ରୁ୪ ହେକ୍ଟର)	ମଧ୍ୟମ ବର୍ଗ ଚାଷୀ (୪ରୁ୧୦ ହେକ୍ଟର)	ବଡଚାଷୀ (୧୦ ହେକ୍ଟରରୁ ଅଧିକ)	ସମସ୍ତ ପ୍ରକାର ପରିବାର
୧	ଡିହଖଳା	୨୪ (୧୦୦.୦୦)	-	--	-	-	୨୪ (୧୦୦.୦୦)

ଉତ୍ସ-ପ୍ରାଥମିକ ପରିବାର ସର୍ବେକ୍ଷଣ । *ଦ୍ରଷ୍ଟବ୍ୟ- ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ଶତକଡ଼ାକୁ ସୂଚାଏ ।*

ଜମି ହରାଉଥିବା ତଥା ସର୍ଭେ କରାଯାଇଥିବା ୦୪ଟି ପ୍ରଭାବିତ ପରିବାର ଙ୍କୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ଅନ୍ତର୍ଭୁକ୍ତ କରାଯାଇଛି । ମୋଟ ୪ଟି ପରିବାର ମଧ୍ୟରୁ ତିନୋଟି ପରିବାର (୭୫ ଶତକଡା) ଯେଉଁମାନେ ମୃତ ପଟ୍ଟାଧାରୀ ପରିବାରର ପୁତ୍ରମାନେ, ସେମାନେ ହେଉଛନ୍ତି ନାମ ମାତ୍ର ଚାଷୀ, ଏବଂ ଗୋଟିଏ ପରିବାର (୨୫ ଶତକଡା), ଯିଏ ଜଣେ ମୃତ ପଟ୍ଟାଧାରୀଙ୍କ ପତ୍ନି ଅଟନ୍ତି, ସିଏ ଆଂଶିକ ମଧ୍ୟମ ଚାଷୀ ବୋଲି ସର୍ବେକ୍ଷଣରୁ ଜଣାଯାଏ । ସୂଚନାଯୋଗ୍ୟ ଯେ ମୃତ ପଟ୍ଟାଧାରୀଙ୍କ ପତ୍ନୀ, ଯିଏ ଆଂଶିକ ମଧ୍ୟମ ଚାଷୀ, ତାଙ୍କର ପାଞ୍ଚ ପୁଅ ଅଛନ୍ତି ଏବଂ ତାଙ୍କ ମୃତ୍ୟୁପରେ ଏହି ପାଞ୍ଚଜଣଙ୍କ ଅବସ୍ଥା ନାମ ମାତ୍ର ଚାଷୀ ବର୍ଗକୁ ହ୍ରାସ ପାଇବ ।

ଏହା ବ୍ୟତୀତ, ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଜାଣିବା ଆବଶ୍ୟକ, ତାହା ହେଉଛି ସେ ଜମିକୁ ପରିବାର ସ୍ତରରେ କିପରି ଭାବେ ବର୍ତ୍ତମାନ ବ୍ୟବହାର କରାଯାଉଛି । ଏ କ୍ଷେତ୍ରରେ ଜମି ବ୍ୟବହାରର ବିବରଣୀ ସାରଣୀ ୩.୪ ରେ ଦିଆଯାଇଛି । ଏହା ଦର୍ଶାଏ ଯେ ସମସ୍ତ ଜମି କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ ।

ସାରଣୀ ୩.୪ ପ୍ରଭାବିତ ପରିବାର ଗୁଡିକର ଜମି ଉପଯୋଗ ପ୍ରଣାଳୀ (ଜମିର ଆକର ଏକରରେ)

ଗ୍ରାମ	ଶସ୍ୟ ଉତ୍ପନ ହେଉଥିବା ଚାଷ ଜମି	ବଗିଚା ଜମି	ଘରବାଡି ଜମି/ ବାସଗୃହ ସହିତ	ବ୍ୟବସାୟିକ ଗୃହ	ଜଙ୍ଗଲ ଜମି	ଅବ୍ୟବହୃତ ଜମି	ଅନ୍ୟାନ୍ୟ	ମୋଟ
ଡିହଖଳା	୦.୨୪୦ (୧୧.୪୬)	-	-	-	-	୧.୬୪୫ (୭୮.୫୨)	୦.୨୧୦ (୧୦.୦୨)	୨.୦୯୫ (୧୦୦.୦୦)

ଉତ୍ସ-ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬ *ଦ୍ରଷ୍ଟବ୍ୟ- ବନ୍ଧନୀ ମଧ୍ୟରେ ଥିବା ଅଙ୍କ ଶତକଡ଼ାକୁ ସୂଚାଉଛି ।*

୩.୧୩ ଜମି ମାଲିକାନା ଓ ବ୍ୟବହାର ପ୍ରଣାଳୀରେ ଏବର ପରିବର୍ତ୍ତନ

ମିଳିଥିବା ସୂଚନା ଅନୁସାରେ, ପ୍ରକଳ୍ପ ପ୍ରଭାବିତ ଗ୍ରାମର ୨୪ଟି ପରିବାରରେ ଗତ ତିନିବର୍ଷ ମଧ୍ୟରେ ଜମିର ମାଲିକାନାରେ କୌଣସି ପରିବର୍ତ୍ତନ ହୋଇନାହିଁ କି ପ୍ରଭାବିତ ଜମିର ବ୍ୟବହାରରେ କୌଣସି ପରିବର୍ତ୍ତନ ଆସିନାହିଁ । ପୁନଶ୍ଚ, ସେସବୁ ଜମିର କୌଣସି କିଣାବିକା ବା ହସ୍ତାନ୍ତର ମଧ୍ୟ ହୋଇନାହିଁ ।

୩.୧୪ ଜମିର ମୂଲ୍ୟ

୩.୧୪.୧ ସଂପୃକ୍ତ ଜମିର ବଜାର ମୂଲ୍ୟ

ଘରୋଇ ମାଲିକାନାରେ ଥିବା ଜମି ଅଧିଗ୍ରହଣ କାରଣରୁ କ୍ଷତି ଭୋଗୁଥିବା ଘରୋଇ ମାଲିକମାନଙ୍କର ଜମିର ମୂଲ୍ୟ ନିମ୍ନଲିଖିତ ନିୟମ ଆଧାରରେ ଆକଳନ କରାଯିବ ।

(କ) ଯେଉଁସ୍ଥାନରେ ପ୍ରଭାବିତ ଜମି ଅବସ୍ଥିତ ସେଠାରେ (ଭାରତୀୟ ଷ୍ଟାମ୍ପ ଆଇନ-୧୮୯୯ ଅନୁଯାୟୀ) ବିକ୍ରି କବଲାରେ ଉଲ୍ଲେଖ କରାଯାଇଥିବା ମୂଲ୍ୟକୁ ବିଚାରକୁ ନେବାକୁ ପଡିବ । ଏଠାରେ ଖୋର୍ଦ୍ଧା ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରୁ ଯୋଗାଇ ଦିଆଯାଇ ଥିବା ତଥ୍ୟ ଆଧାରରେ ଜମି ଅଧିଗ୍ରହଣ ସେକ୍ସନ୍ ୧୧(୧) କୁ ବିଚାରକୁ ନିଆଯାଇ ମୂଲ୍ୟ ନିର୍ଦ୍ଧାରଣ ହେବା ବିଧେୟ ।

(ଖ) ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ପରିଚାଳିତ ବିକ୍ରୟ କାର୍ଯ୍ୟରେ ଉଲ୍ଲେଖ କରାଯାଇଥିବା ମୂଲ୍ୟରୁ ଜମି ଅଧିଗ୍ରହଣ ପାଇଁ ପ୍ରାଥମିକ ବିଜ୍ଞପ୍ତି ତାରିଖର ତିନି ବର୍ଷ ପୂର୍ବରୁ ଏହି ଅଞ୍ଚଳରେ କାରବାର ହୋଇଥିବା ଜମିର ଏକର ମୂଲ୍ୟର ହାରାହାରି ଗଣନା ଗତ ତିନି ବର୍ଷ ମଧ୍ୟରେ ପ୍ରକଳ୍ପ ପ୍ରଭାବିତ ଗ୍ରାମ ବା ଏହାର ଆଖପାଖ ଅଞ୍ଚଳରେ କ୍ରୟ-ବିକ୍ରୟ ହୋଇଥିବା ଜମି ମଧ୍ୟରୁ ସର୍ବାଧିକ ମୂଲ୍ୟରେ ବିକ୍ରି କରାଯାଇଥିବା (କବଲାଭୁକ୍ତ) ଜମି ମଧ୍ୟରୁ ୫୦ ପ୍ରତିଶତ ଜମିର ହାରାହାରି ମୂଲ୍ୟ ।

(ଗ) ଦଲିଲରେ ଉଲ୍ଲେଖ ହୋଇଥିବା (କ) ଓ (ଖ)ରେ ଲିଖିତ ଏକର ପ୍ରତି ଦର ମଧ୍ୟରୁ ଯେଉଁଟି ଅଧିକ ତାହା ହିଁ ବେଞ୍ଚମାର୍କ ମୂଲ୍ୟ (BMV) ।

ଖୋର୍ଦ୍ଧା ରେଜିଷ୍ଟ୍ରେସନ୍ ଅଫିସରୁ ମିଳିଥିବା ତଥ୍ୟ ଆଧାରରେ ପ୍ରଭାବିତ ଜମିର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ କ, ଖ, ମଧ୍ୟରୁ ଯେଉଁଟି ସର୍ବାଧିକ ତାହାକୁ ବିଚାରକୁ ନିଆଯିବ। ଜମିର ବଜାର ମୂଲ୍ୟକୁ, ଯେଉଁ ତାରିଖରେ ପ୍ରଥମେ ବିଜ୍ଞପ୍ତି ପ୍ରକାଶ ପାଇଛି (ସେକ୍ସନ ୧୧(୧) ଅନୁସାରେ), ସେଥିପାଇଁ ବିଚାରକୁ ନିଆଯିବ ।

ଅଧିଗ୍ରହଣ ହେଉଥିବା ଜମିର ବେଞ୍ଚମାର୍କ ମୂଲ୍ୟାୟନ ନିମ୍ନ ସାରଣୀ ୩.୫ ରେ ଦିଆଯାଇଛି ।

ସାରଣୀ ୩.୫ ପ୍ରଭାବିତ ଜମିର ବେଞ୍ଚମାର୍କ ମୂଲ୍ୟ

ଗ୍ରାମ	ଖାତା ସଂଖ୍ୟା	ପ୍ଲଟ୍ ସଂଖ୍ୟା	ଅଧିଗ୍ରହଣ କରାଯାଉଥିବା ଜମି (ଏକରରେ)	ଜମିର ପ୍ରକାର	ଏକର ପ୍ରତି ଜମି ଦର (ତା.୦୧.୦୪.୨୦୨୪ ଠାରୁ ୩୧.୦୩.୨୦୨୬ ପର୍ଯ୍ୟନ୍ତ)	ଅଧିଗ୍ରହଣ ହେବାକୁ ଥିବା ଜମିର ବେଞ୍ଚମାର୍କ ମୂଲ୍ୟ (@Rs./Acre)
Dihakhala	150/75	47	0.1320	Sarada- 2	***146410***	***19326.12***
	150/80	35	0.0180	Sarada- 3	***146410***	***2635.38***
	50	37	0.0450	Sarada- 2	***146410***	***6588.45***
	50	39	0.0850	Sarada- 2	***146410***	***12444.85***
	57 04-15	31	0.0050	Sarada- 2	***146410***	***732.05***
	57 04-17	48	0.0320	Sarada- 2	***146410***	***4685.12***
	57 04-15	38	0.0650	Sarada- 2	***146410***	***9516.65***

	57 04-19	135	0.0300	Sarada- 2	***146410***	***4392.30***
	95	58	0.0050	Sarada- 3	***146410***	***732.05***
	150/47	34	0.1530	Sarada- 3	***146410***	***22400.73***
	101	143	0.0150	Sarada- 2	***146410***	***2196.15***
	150/11	33	0.0300	Sarada- 2	***146410***	***4392.30***
Total			***0.6150***			***90042.15***

ଉତ୍ସ- ବେଞ୍ଚମାର୍କ ମୂଲ୍ୟୟନ ତଥ୍ୟ ସବ୍ ରେଜିଷ୍ଟ୍ରାର ଅଫିସ୍, ଖୋର୍ଦ୍ଧା,୨୦୨୪-୨୦୨୬

ଏହି କ୍ଷେତ୍ରରେ, ସାରଣୀ ୩.୫ରେ ଦର୍ଶା ଯାଇଥିବା ପ୍ରତ୍ୟେକ ବର୍ଗର ଜମି ପାଇଁ ବେଞ୍ଚମାର୍କ ମୂଲ୍ୟାୟନ (ଏକର ପ୍ରତି ମୂଲ୍ୟ) ଏଠାରେ ପ୍ରାସଙ୍ଗିକ ଅଟେ କାରଣ ଏହି ଆଧାରରେ କ୍ଷତିପୂରଣ ସ୍ଥିର ହେବ ।

ବଜାର ମୂଲ୍ୟ ବ୍ୟତିରକେ, ପ୍ରଭାବିତ ଜମିର କ୍ଷତି ପୂରଣ ପ୍ରଦାନ ହିସାବ କଲାବେଳେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ ।

୩.୧୪.୨ ଗୁଣକ ଏବଂ ସ୍ଲାଇଡିଙ୍ଗ୍ ସ୍କେଲ୍

ଜମିର ମୂଲ୍ୟ ଆକଳନ ନିମନ୍ତେ କ୍ରମିକ ରୂପମାନ ବା ସ୍ଲାଇଡିଙ୍ଗ୍ ସ୍କେଲ ଅନୁସାରେ ବିଭିନ୍ନ ଗୁଣକଗୁଡିକ ଓଡ଼ିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶିତ ବୈଧ ବିଜ୍ଞପ୍ତି ନଂ LA (A)-23/2014/9068 dated 19.03.2016 ରେ ପ୍ରକାଶିତ ହୋଇଛି । ଏହାକୁ ସାରଣୀ ୩.୬ରେ ଉଲ୍ଲେଖ କରାଯାଇଛି।

ସାରଣୀ ୩.୬ ଦୂରତ୍ୱର ପରିଧି ଭିତ୍ତିରେ ବିଭିନ୍ନ ଗୁଣକ ଏବଂ କ୍ରମିକ ରୂପମାନ (Sliding Scale)

କ୍ର. ସଂ	ସ୍ତର (ସ୍ଲାବ୍)	ନିକଟସ୍ଥ ସହର ଠାରୁ ଦୂରତ୍ୱ (କି.ମି)	ଗୁଣକ
୧	୧	୦-୧୦	୧.୦୦
୨	୨	୧୧-୨୦	୧.୨୦
୩	୩	୨୧-୩୦	୧.୪୦
୪	୪	୩୧-୪୦	୧.୮୦
୫	୫	୪୦ରୁ ଉର୍ଦ୍ଧ	୨.୦୦

ଉତ୍ସ- ବିଜ୍ଞାପନ ନଂ.RDM-LAA-CLRFIC-2002-2015 (Part) 22485/R&DM, dated.22/06/2018. ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ।

ଡିହଖଳା ଗ୍ରାମର ପ୍ରଭାବିତ ଜମି ନିକଟସ୍ଥ ଖୋର୍ଦ୍ଧା ସହର ଠାରୁ ୧୮.୬୦୦ କି.ମି. ଦୂରରେ ଅବସ୍ଥିତ । ତେଣୁ ବର୍ତ୍ତମାନ କ୍ଷେତ୍ରରେ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ରାଜୁଆ ଡାଇଭର୍ସନ ଓ୍ୱାୟାର ପ୍ରକଳ୍ପରେ କେନାଲ ନିର୍ମାଣ (ToR 78-00006) ନିମନ୍ତେ ଜମି ଅଧିଗ୍ରହଣ ହେତୁ କ୍ଷତିପୂରଣ ହିସାବ ପାଇଁ ସ୍ତର (ସ୍ଲାବ୍)-୨ ଏବଂ ଗୁଣକ ୧.୨୦ ପ୍ରାସଙ୍ଗିକ ଅଟେ ।

୩.୧୪.୩ ସମ୍ପତ୍ତିର ମୂଲ୍ୟ- ଜମି ଉପରେ ଥିବା ବୃକ୍ଷ ଇତ୍ୟାଦି

ଆର୍.ଟି.ଏଫ୍.ସି.ଟି.ଏଲ୍.ଏ.ଆର୍.ଆର୍. ଅଧିନିୟମ ୨୦୧୩ ର ୨୯(୧) ଅନୁଯାୟୀ ଅଧିଗ୍ରହଣ କରାଯାଉଥିବା ଜମିର ମୂଲ୍ୟ ନିର୍ଦ୍ଧାରଣ ବେଳେ ଜମିର ମୂଲ୍ୟ ସହିତ ଯାହାର ମୂଲ୍ୟକୁ ବିଚାରକୁ ନିଆଯିବ, ସେ ସବୁ ହେଉଛି, (କ) ଅଧିଗ୍ରହଣ ହେଉଥିବା ଜମି ସଂଲଗ୍ନ କୋଠାବାଡି, ଘର ଏବଂ ଅନ୍ୟାନ୍ୟ ଅଚଳ ସମ୍ପତ୍ତି, ଏବଂ (ଖ) ସେହି ଜମି ଉପରେ ଥିବା ବୃକ୍ଷର ମୂଲ୍ୟ । ଜିଲ୍ଲାର ଜିଲ୍ଲାପାଳ, ଯିଏ କି ଜମିର ମୂଲ୍ୟ ସ୍ଥିର କରନ୍ତି, ଆବଶ୍ୟକ ପଡିଲେ ଜଣେ ଇଞ୍ଜିନିୟର କିମ୍ବା ପ୍ରାସଙ୍ଗିକ

ବିଷୟରେ ଜ୍ଞାନ ଥିବା ବ୍ୟକ୍ତି, ଯେପରି କି, କୃଷି, ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ, ରେଶମ ପୋକ ଚାଷ, ମତ୍ସ୍ୟ ଚାଷ ଇତ୍ୟାଦିରେ ଜ୍ଞାନ ଥିବା ବିଶେଷଜ୍ଞଙ୍କର ପରାମର୍ଶ ଗ୍ରହଣ କରିପାରିବେ।

ପ୍ରଭାବିତ ଜମିରେ ଥିବା ଘରଦ୍ୱାର ଓ ଗଢଣ ଆଦି, ଯାହାସବୁ ଜମି ଅଧିଗ୍ରହଣରେ କ୍ଷତି ହେବାକୁ ଯାଉଛି ସେ ସବୁର ମୂଲ୍ୟଧାର୍ଯ୍ୟ ପାଇଁ ଜିଲ୍ଲାପାଳ ଆବଶ୍ୟକସ୍ଥଳେ ନିର୍ବାହୀଯନ୍ତ୍ରୀ (ରାସ୍ତା ଓ ଗୃହ ନିର୍ମାଣ), ନିର୍ବାହୀଯନ୍ତ୍ରୀ (ଜନ ସ୍ୱାସ୍ଥ୍ୟ ବିଭାଗ) କିମ୍ବା ଜଳ ସମ୍ପଦ ବିଭାଗର ଉପଯୁକ୍ତ ଅଧିକାରୀଙ୍କର ପରାମର୍ଶ ନେଇ ପାରନ୍ତି ।

ସଂପୃକ୍ତ ଜମିରେ ଯେଉଁ ଗଛ ମାନ ରହିଛି ଓ ଜମି ଅଧିଗ୍ରହଣ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଯାଉଛି, ସେ ସବୁର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଜିଲ୍ଲାପାଳ ଜଙ୍ଗଲ ବିଭାଗ/ଉଦ୍ୟାନ ବିଭାଗ ଅଧିକାରୀଙ୍କ ସହ ପରାମର୍ଶ କରିପାରିବେ ।

ବର୍ତ୍ତମାନର ପ୍ରକଳ୍ପ କ୍ଷେତ୍ରରେ ଏତିକି କୁହାଯାଇ ପାରେ ଯେ, ପ୍ରଭାବିତ ଜମି ଉପରେ କୌଣସି ଘର ଦ୍ୱାର କି ଅଟ୍ଟାଳିକା ନାହିଁ । କିନ୍ତୁ ସେହି ଜମିରେ ଗଛମାନ ଥିଲା ଏବଂ ଏବେ ମଧ୍ୟ ଗୋଟିଏ ଅଛି, ଯାହାର ମୂଲ୍ୟାୟନ ଆବଶ୍ୟକ।

୩.୧୪.୪ ୧୦୦% ଅନୁକମ୍ପା ରାଶି (Solatium)

ଉପର ବର୍ଣ୍ଣିତ ଅଧିନିୟମ, ୨୦୧୩ର ଧାରା ୩୦ (e) ଅନୁଯାୟୀ, ଅଧିଗ୍ରହଣ କରାଯାଉଥିବା ଜମି ମୂଲ୍ୟର ଶତ ପ୍ରତିଶତ ଅନୁକମ୍ପା ରାଶି ପ୍ରଦାନ କରାଯିବ । ଜମିର ମୂଲ୍ୟସହ ଗୁଣକର ମୂଲ୍ୟକୁ ଗୁଣନ କରାଯିବା ପରେ ଉପଲବ୍ଧ ପରିମାଣ ସହ ସଂଲଗ୍ନ ସମ୍ପତ୍ତି ମୂଲ୍ୟକୁ ମିଶାଇ ଜମିର ମୂଲ୍ୟ ନିର୍ଦ୍ଧାରଣ ହେବ ବୋଲି ପୂର୍ବରୁ ସୂଚାଇ ଦିଆଯାଇଛି ।

୩.୧୪.୫ ଅତିରିକ୍ତ ପାଉଣା

ଆଇନର ଧାରା ୩୦(୩) ଅନୁଯାୟୀ, ଭୂମି ଅଧିଗ୍ରହଣ ନିମନ୍ତେ ଉଦ୍ଦିଷ୍ଟ ୧୧(୧) ଧାରା ଅନୁସାରେ ପ୍ରକାଶିତ ପ୍ରାଥମିକ ବିଜ୍ଞପ୍ତି ତାରିଖ ଠାରୁ ବର୍ଷପ୍ରତି ଅତିରିକ୍ତ ୧୨% ସୁଧ, ପୁନର୍ବାସ ଓ ଥଇଥାନର ଘୋଷଣା ପ୍ରକାଶନ ତାରିଖ ପର୍ଯ୍ୟନ୍ତ ଏହି ନିୟମର ଧାରା ୧୯(୧) ଅନୁଯାୟୀ ପ୍ରଭାବିତ ପରିବାରକୁ, ଅତିରିକ୍ତ ପାଉଣା ପ୍ରଦାନର ତାରିଖ ପର୍ଯ୍ୟନ୍ତ କିମ୍ବା ଜିଲ୍ଲାପାଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ କରିବା ପର୍ଯ୍ୟନ୍ତ, ଯାହା ପ୍ରଥମେ ଆସିବ (ସାଧାରଣ ଭାବରେ ପ୍ରତ୍ୟେକ ନିମନ୍ତେ ଏକ ବର୍ଷ ହିସାବରେ ଦୁଇ ବର୍ଷ ପର୍ଯ୍ୟନ୍ତ), ଜମିର ମୂଲ୍ୟ ଉପରେ ଅତିରିକ୍ତ ପାଉଣା ପ୍ରଦାନ କରାଯିବ। ଉପର ବର୍ଣ୍ଣିତ ୩.୧୧.୧- ୩.୧୧.୫ରେ ଦିଆଯାଇଥିବା ତଥ୍ୟ ଭିତ୍ତିରେ ଏହା ନିର୍ଦ୍ଧାରଣ କରାଯିବ।

ଆର୍.ଏଫ୍.ସି.ଟି.ଏଲ୍.ଏ.ଆର୍.ଆର୍ ଅଧିନିୟମ ୨୦୧୩ ଧାରା ୧୧(୧), ୧୯(୧), ୨୯(୧), ଏବଂ ୩୦(୩) ଅନୁଯାୟୀ ଅଧିଗୃହୀତ ଜମିର କ୍ଷତିପୂରଣ ପରିମାଣର ଏକ କାଳ୍ପନିକ ନମୁନା ଜମିର ମାନକ ମୂଲ୍ୟ (Benchmark Value) କୁ ଟ.୧,୦୦,୦୦୦/-, ଅଧିଗୃହୀତ ଜମିର ନିକଟସ୍ଥ ସହର ଠାରୁ ଦୂରତା ୪୦ କି.ମି ରୁ ଅଧିକ ଏବଂ ଜମି ଉପରେ ନିର୍ମାଣ ଓ ବୃକ୍ଷାଦି ଅନ୍ୟାନ୍ୟ ସମ୍ପତ୍ତିର ମୂଲ୍ୟକୁ ଟ.୧,୦୦,୦୦୦/- ଧରାଯାଇ ନିମ୍ନ ସାରଣୀ ୩.୭ରେ ପ୍ରଦାନ କରାଯାଇଛି ।

ସାରଣୀ ୩.୭: କ୍ଷତିପୂରଣ ହିସାବ ପ୍ରଣାଳୀର ନମୁନା

କ୍ର.ସଂ	ବିଷୟ	ମୂଲ୍ୟ (ଟଙ୍କାରେ)
୧	ବଜାର ମୂଲ୍ୟ	୧୦୦୦୦୦
୨	ଗୁଣକ	୨
୩	ମୋଟ (୧+୨)	୨୦୦୦୦୦
୪	ସେହି ଜମି ଉପରେ ଥିବା ସମ୍ପତ୍ତି ଓ ବୃକ୍ଷର ମୂଲ୍ୟ	୧୦୦୦୦୦
୫	ମୋଟ (୩+୪)	୩୦୦୦୦୦

କ୍ର.ସଂ	ବିଷୟ	ମୂଲ୍ୟ (ଟଙ୍କାରେ)
୬	୧୦୦% ଅନୁକମ୍ପା ରାଶୀ	୩୦୦୦୦୦
୭	ଉପରେ ୧ ନମ୍ବରରେ ପ୍ରଦାନ କରାଯାଇଥିବା ଜମିର ମୂଲ୍ୟ ଉପରେ ୨ ବର୍ଷ ୧୨% ହିସାବରେ; (୧୧(୧)ରୁ ୧୯(୧) ପର୍ଯ୍ୟନ୍ତ ୧ ବର୍ଷ ଏବଂ ୧୯(୧) ଅଧିନିୟମ ଅନୁଯାୟୀ ୧ ବର୍ଷ, ଏହି ପରି ୨ ବର୍ଷ ପର୍ଯ୍ୟନ୍ତ ୧୨% ହିସାବରେ	୨୪୦୦୦
ସର୍ବମୋଟ (୫ + ୬ + ୭)		**୬୨୪୦୦୦**

ଉତ୍ସ- ବିଜ୍ଞପ୍ତି No. RDM-LAA-CLRFCI-2002-2015 (Part)/ 22485/R and DM, 22.06.2018. ଅନୁଯାୟୀ

ଦ୍ରଷ୍ଟବ୍ୟ – ୧ରୁ ୪ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ସଂଖ୍ୟାମାନ କାଳ୍ପନିକ ଅଟେ ।

Fax/Email

GOVERNMENT OF ODISHA
REVENUE AND DISASTER MANAGEMENT DEPARTMENT
****

No. RDM-LAA-CLRFIC-0002-2015(part)/ 22485/R&DM, Dated. 22 JUN 2018

From

Dr. C. S. Kumar, IAS
Principal Secretary to Government

To

All RDCs
All Collectors
All LAOs/ Spl LAOs

Sub: Calculation of solatium for determuination of compensation under RFCTLAR&R Act, 2013: Clarification regarding

Ref: This Department letter No.4030 dated 07.02.2014/ Lt No 29747 dated 7.09.2017 and Notification No.14131 dated19.04.2018

Sir/ Madam,

In inviting a reference to the subject cited above, I am directed to say that confusion regarding calculation of compensation under the RFCTLAR&R Act still persists in certain quarters in the field. In this connection, Commerce and Transport Department has sought clarification as to whether 100% solatium will be paid on the cost of land alone or on the cost of land and the cost of structure and or trees attached to the land taken together.

2. In this connection, the relevant provision of the RFCTLAR&R Act, 2013 were examined. The term 'Land' is defined under Section-3(p) of the Act as that "Land includes benefits to arise out of the land and things attached to the earth or permanently fastened to anything attached the earth". Section-27 of the Act provides that "The Collector having determined the market value of the land to be acquired shall calculate the total amount of compensation to be paid to the land owner (whose land has been acquired) by including all assets attached to the land". Similarly, Section-30(1) of the Act envisages that "The Collector having determined the total compensation to be paid, shall, to arrive at the final award, impose a "Solatium" amount equivalent to one hundred percent of the compensation amount. In the explanation, it further states that "For the removal of doubts it is hereby declared that

solatium amount shall be in addition to the compensation payable to any person whose land has been acquired." Further the First Schedule of the Act at sl No 5 while prescribing the manner of determination of value of Solatium states that solatium is " equivalent to one hundred percent of the market value of land mentioned against serial No.1 multiplied by the factor specified against serial number 2 for rural areas or serial number 3 for urban areas plus value of assets attached to land or building against serial number 4 under column 2."

3. It is relevant to reiterate that the State Government in the Notification under reference has prescribed the following sliding scale (from 1 to 2 in urban- rural continuum) on the basis of the radial distance from the nearest urban area to determine the multiplying factor.

Radial Distance from nearest Urban area (in Km)	Multiplying factor
0-10	1
>10- 20	1.2
>20-30	1.4
>30-40	1.8
Above 40	2

4. In careful consideration of the facts above, the Government have been pleased to clarify that solatium will be calculated on the cost of land and cost of building taken together, but not on the additional market value.

5. For better appreciation, the calculation of total compensation to be awarded, supposing the cost of market value of land as Rs.1,00,000/-, multiplying factor being 2 supposing that the land issituated beyond 40 km from the nearest urban area and cost of structure being Rs.1,00,000/-is illustrated below;

Sl	Items (supposing the land value to be Rs.1.00 lakh)	Amount
1	Market Value	1,00,000/-
2	Multiplied factor as per distance- 2	X 2
3	Total	2,00,000/-

4	Cost of structure, trees etc	1,00,000/-
5	Total (3+4)	3,00,000/-
6	100% Solatium	3,00,000/-
7	Additional Market value on cost of land @ 12% per year for two years (cut off date being the date of preliminary notification, from 11(1) to 19(1) one year and from 19(1) to Award maxm one year)	24,000/-
8	Grand total (5+6+7)	6,24,000/-

Yours faithfully,

22.6.2018

Principal Secretary to Government

22486
Memo No._____/R&DM Date 22 JUN 2018

Copy forwarded to P.S. Minister, Revenue and DM/ OSD to Chief Secretary for kind information of Hon'ble Minister and Chief Secretary, respectively.

22/6/18

Joint Secretary to Government

22487
Memo No._____/R&DM Date 22 JUN 2018

Copy forwarded to CRC-cum-Special Secretary to Government, C&T Department for information and necessary action.

22/6/18

Joint Secretary to Government

22488
Memo No._____/R&DM Date 22 JUN 2018

Copy forwarded to Secretary, Board of Revenue, Odisha, Cuttack for information and necessary action.

22/6/18

Joint Secretary to Government

22489
Memo No._____/R&DM Date 22 JUN 2018

Copy forwarded to Joint Secretary, LA(B) and (C) Branch, R&R Cell/ IMU Cell for information and necessary action. Joint Secretary, IMU Cell with a request to upload the circular in the Department website.

22/6/18

Joint Secretary to Government

ଚତୁର୍ଥ ଅଧ୍ୟାୟ
ପ୍ରଭାବିତ ପରିବାର ଗୁଡ଼ିକର ଅଟକଳ ଓ ପରିଗଣନା

୪.୧ ଉପକ୍ରମ

ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଡିହଖଳା ଗ୍ରାମର ରାଜୁଆ ଡାଇର୍ଭସନ ଓ୍ୱୋୟାର ପ୍ରକଳ୍ପରେ କେନାଲ (ToR 78-00006) ନିର୍ମାଣ ପାଇଁ ଅଧିଗୃହୀତ ୦.୬୧୫୦ ଏକର ଘରୋଇ ଜମି । ସମ୍ବନ୍ଧୀୟ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ୦୨ଟି ପରିବାର ଓ ପରୋକ୍ଷଭାବେ ପ୍ରଭାବିତ ୧୦ଟି ପରିବାରଠାରୁ ସଂଗୃହୀତ ତଥ୍ୟ ଉପରେ ଆଧାରିତ । ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ପରିବାରମାନେ ଜମି ହରାଇବା ସହ ସେ ଜମିରୁ ପାଉଥିବା ଶସ୍ୟ ଏବଂ ବୃକ୍ଷମାନଙ୍କୁ ମଧ୍ୟ ହରାଉଛନ୍ତି । ଏସବୁ ହେତୁ ସେମାନଙ୍କର ଜୀବିକା ବହୁଳାଂଶରେ ପ୍ରଭାବିତ । କିଏ କେତେ ପରିମାଣରେ କ୍ଷତିଗ୍ରସ୍ତ ତାହା ସେମାନେ ହରାଉଥିବା ଜମି ଓ ଜମି ସହିତ ସଂପୃକ୍ତ ଜୀବିକା ଉପାର୍ଜନର ଆଧାର ଉପରେ ନିର୍ଭର କରେ । ଏଥିସହ କ୍ଷତିଗ୍ରସ୍ତ ପରିବାର ମାନ କିଏ ଓ ସେମାନେ କ'ଣ ହରାଉଛନ୍ତି ଓ କେତେ ପରିମାଣରେ ହରାଉଛନ୍ତି ତାହା ମଧ୍ୟ ଜାଣିବା ଆବଶ୍ୟକ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ଏହିସବୁ ବିଷୟକୁ ଅନୁଧ୍ୟାନ କରିବା ଏକାନ୍ତ ଜରୁରୀ । ଏ ପରିପ୍ରେକ୍ଷୀରେ ଜମି ଅଧିଗ୍ରହଣ ଜନିତ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଏହି ଅଧ୍ୟାୟରେ ଉପସ୍ଥାପନ କରାଯାଇଛି।

୪.୨ ଯେଉଁ ପରିବାର ମାନଙ୍କ ଠାରୁ ଜମି ଓ ଅନ୍ୟାନ୍ୟ ଅଚଳନ୍ତି ସମ୍ପତ୍ତିର ଅଧିଗ୍ରହଣ ହେବ

ପ୍ରଭାବିତ ପରିବାର ଏବଂ ସେମାନଙ୍କ ଠାରୁ ଯେଉଁ ପ୍ରକାର ଜମି ଅଧିଗ୍ରହଣ ହୋଇଛି ତାହାର ସୂଚନା ସାରଣୀ ୪.୧ରେ ଦିଆଯାଇଛି।

ସାରଣୀ ୪.୧: କ୍ଷତିଗ୍ରସ୍ତ ହେବାକୁ ଯାଉଥିବା ଜମି ଓ ଜମିର ପ୍ରକାର

Details of Acquisition of Private Land (Area in Acre)						
Village	Khata No	Plot No.	Type of Land	Total Area	Area to be Acquired	Purpose
Dihakhala	150/75	47	Sarada- 2	0.3800	0.1320	b- Minor
	50	37	Sarada- 2	0.3150	0.0450	
	50	39	Sarada- 2	0.3800	0.0850	
	57	31	Sarada- 2	0.3750	0.0050	
	04-15					
	57	48	Sarada- 2	0.1400	0.0320	
	04-17					
	57	38	Sarada- 2	0.1600	0.0650	
	04-15					
	57	135	Sarada- 2	0.8550	0.0300	
	04-19					
	101	143	Sarada- 2	0.4000	0.0150	
	150/11	33	Sarada- 2	0.3150	0.0300	
	Sub total			***3.3200***	***0.4390***	
	150/80	35	Sarada- 3	0.1900	0.0180	
	95	58	Sarada- 3	0.3100	0.0050	
	150/47	34	Sarada- 3	0.5400	0.1530	
	Sub total			***1.0400***	***0.1760***	
Grand Total				**4.3600**	**0.6150**	

ଉତ୍ସ : ପ୍ରାଥମିକ ପାରିବାରିକ ସର୍ବେକ୍ଷଣ, ୨୦୨୬

ପ୍ରଭାବିତ ଗ୍ରାମର 24 ଟି ପରିବାରଙ୍କ ଠାରୁ ଚାଷ ଉପଯୋଗୀ ଜମି (ଶରଦ -୨ ଏବଂ ଶରଦ-୩) ଅଧିଗ୍ରହଣ କରାଯାଇଛି । ଏ ସମସ୍ତ ଜମି କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ । ପ୍ରକଳ୍ପ ହେତୁ ପ୍ରଭାବିତ କୌଣସି ପରିବାର ଘରବାରୀ ଜମି ହରାଉ ନାହାନ୍ତି । ସମସ୍ତ ପରିବାର ସାମାଜିକ-ଆର୍ଥିକ ଦୃଷ୍ଟିରୁ ଅସୁରକ୍ଷିତ ଏ ବିଷୟ ସାରଣୀ ୪.୨ରେ ଦର୍ଶାଯାଇଛି ।

ସାରଣୀ ୪.୨: ପ୍ରଭାବିତ (ଜମି ହରାଇଥିବା) ପରିବାର ଗୁଡିକର ଅସୁରକ୍ଷିତ ସ୍ଥିତି

Village	No of Households							
	Joint Family	Nuclear Family	Women Headed Families	Physically/Mentally Disabled Person		Priority Household	Loss of Cultivable Land Families	All affected Households Survey
				Households Having	Family Headed By			
Dihakhala	13	11	7	-	-	24	23	24
	(54.17)	(45.83)	(29.17)	-	-	(100)	(95.83)	(100)

ଉତ୍ସ – ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬

ଜମି ହରାଉଥିବା ସମସ୍ତ ୨୪ଟି ପରିବାର ସାମାଜିକ-ଅର୍ଥନୈତିକ ଦୃଷ୍ଟି କୋଣରୁ ଅସୁରକ୍ଷିତ । ସମସ୍ତଙ୍କର ରେସନ୍ କାର୍ଡ ଅଛି । ସେମାନଙ୍କ ମଧ୍ୟରୁ ଦୁଇଜଣ ବିଧବା, ତିନିଜଣ ନାମମାତ୍ର କୃଷକ, କେବଳ ଜଣେ ଆଂଶିକ ମଧ୍ୟମ କୃଷକ, ଏବଂ ସେମାନେ ସମସ୍ତେ କୃଷିକାର୍ଯ୍ୟ ଏବଂ ଶ୍ରମ ଆୟରୁ ରୋଜଗାର କରନ୍ତି । ସେମାନେ ସମସ୍ତେ ହେଉଛନ୍ତି ଅନ୍ୟାନ୍ୟ ପଛୁଆ ବର୍ଗର ।

୪.୩ ପ୍ରଜା ବା ବଖରାଦାରଙ୍କ ଦଖଲରେ ଥିବା ଜମି

ପ୍ରଜା ବା ବଖରାଦାର ଭାବରେ ୪ଟି ପରିବାରର କୌଣସି ଲୋକ ନଥିବାର ଜଣାଯାଇଛି । ସମସ୍ତେ ନିଜ ନିଜର ପଟ୍ଟା ଅଧିକୃତ ଜମି ଓ ଡଙ୍ଗର ଜମି ଚାଷ କରୁଛନ୍ତି । ସେମାନଙ୍କ ମଧ୍ୟରୁ କେହି ମଧ୍ୟ ଅନ୍ୟକୁ ନିଜର ଜମି ଲିଜରେ ଦେଇନାହାଁନ୍ତି ।

୪.4 ଅନୁସୂଚୀତ ଜନଜାତି (ଆଦିବାସୀ) ଓ ପାରମ୍ପରିକ ଜଙ୍ଗଲ ଅଧିବାସୀ

ଯେଉଁ ସମସ୍ତ ୪ଟି ପରିବାରଙ୍କ ଠାରୁ ଜମି ଅଧିଗ୍ରହଣ ହୋଇଛି ସେମାନେ ସମସ୍ତେ ଅନ୍ୟାନ୍ୟ ପଛୁଆ ବର୍ଗର (ଓ.ବି.ସି)। କୌଣସି ପରିବାର ପାରମ୍ପରିକ ଜଙ୍ଗଲ ଅଧିବାସୀ ନୁହନ୍ତି । ପ୍ରତ୍ୟକ୍ଷଭାବେ ପ୍ରଭାବିତ ୪ଟି ପରିବାର ମଧ୍ୟରୁ କେହି ହେଲେ ଜମି ଅଧିଗ୍ରହଣ ହେତୁ ସେମାନଙ୍କର ଜଙ୍ଗଲ ଅଧିକାର ହରାଇବେ ନାହିଁ ।

୪.୫ କୃଷି ଶ୍ରମିକ ପରିବାର, ବଖରା ବା ଅଧିକାର ସୂତ୍ରରେ ଅନ୍ୟଜଣଙ୍କ ଜମିର ଉପଯୋଗ କର୍ତ୍ତା, ସୁଧଖୋରୀ ବା ଭୋଗାଧିକାର ବଳରେ ପ୍ରାପ୍ତ ଜମି ମାଲିକ ଗତ ତିନି ବର୍ଷ ମଧ୍ୟରେ ପ୍ରକଳ୍ପ ପ୍ରଭାବିତ ଚାଷଜମିରେ କାର୍ଯ୍ୟ କରୁଥିବା ଭାଗଚାଷୀ ବା କାରିଗର

ସର୍ବେକ୍ଷଣ ସମୟରେ ଏହା ଜଣା ପଡିଛି ଯେ, ଜମି ହରାଉଥିବା ପ୍ରଭାବିତ ସମସ୍ତ ୪ଟି ପରିବାର କୃଷି ମଜୁରିଆ ଶ୍ରେଣୀର କର୍ମଚାରୀ ଏବଂ ସେମାନେ ମଧ୍ୟ ନିଜ ନିଜର ଜମି ଚାଷ କରନ୍ତି । ସେମାନଙ୍କ ମଧ୍ୟରୁ କେହିହେଲେ ଭଡ଼ାଟିଆ କିମ୍ବା ଉପଯୋଗୀ ଅଧିକାରର ଧାରକ, ଭାଗଚାଷୀ କିମ୍ବା କାରିଗର ବର୍ଗର ନୁହଁନ୍ତି, ଯେଉଁମାନେ ଜମି ଅଧିଗ୍ରହଣ ପୂର୍ବରୁ ତିନି ବର୍ଷ ଧରି ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି ।

୪.୬ ରାଜ୍ୟ ଓ କେନ୍ଦ୍ର ସରକାରୀ ଯୋଜନାରେ ଜମି ପାଇଥିବା ପରିବାର

ଜମି ହରାଉଥିବା ୪ଟି ପରିବାରରୁ କୌଣସି ପରିବାର ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଠାରୁ କୌଣସି ପ୍ରକାର ଯୋଜନାରେ ପ୍ରଭାବିତ ଜମି ପାଇନାହାନ୍ତି ।

୪.୭ ଜମି ଅଧିଗ୍ରହଣର ତିନି ବର୍ଷ ପୂର୍ବରୁ ବା ତା'ଠାରୁ ଅଧିକ ଦିନ ସହରାଞ୍ଚଳରେ ବସବାସ କରୁଥିବା ପରିବାର

ଜମି ହରାଉଥିବା ୪ଟି ପରିବାର ମଧ୍ୟରୁ କୌଣସିଟି ପରିବାର ଏହି ବର୍ଗର ନୁହଁନ୍ତି ।

୪.୮ ଜଙ୍ଗଲ ପଦାର୍ଥ ସଂଗ୍ରହକାରୀ, ଶିକାରୀ, କେଉଟ ବା ମାଛଧରାଳୀ ଓ ନାବିକ ଶ୍ରେଣୀର ପରିବାର

ସମସ୍ତ ପ୍ରଭାବିତ ପରିବାର ମାନେ ଜଙ୍ଗଲଜାତ ଫଳ ମୂଳ, କାଠ ଆଦି ପଦାର୍ଥ ସଂଗ୍ରହ କରନ୍ତି । କିନ୍ତୁ ସେମାନଙ୍କର ମୁଖ୍ୟ ଜୀବିକା ହେଉଛି କୃଷି । ସେମାନଙ୍କ ମଧ୍ୟରୁ କେହି ଶିକାରୀ, ମାଛଧରାଳୀ ବା କେଉଟ ନୁହନ୍ତି କିମ୍ବା ନାବିକ ନୁହଁନ୍ତି ।

୪.୯ ପ୍ରଭାବିତ ପ୍ଲଟ୍ ଓ ଜମିର ମାଲିକାନାର ସମୟ ସୀମା

ଏହି ପ୍ରକଳ୍ପ ପାଇଁ ଅଧିଗ୍ରହଣ ହୋଇଥିବା ଜମି ଅଧିଗ୍ରହଣ ପୂର୍ବରୁ ବହୁତ ଦିନ ଧରି ଘରର ମାଲିକାନାରେ ଥିଲା | ତଥାପି, ସେମାନଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ଦିଆଯାଇ ନାହିଁ ଯଦିଓ ଅନେକ ବର୍ଷ ପୂର୍ବରୁ ସେମାନଙ୍କର ଜମି ଅଧିଗ୍ରହଣ ହୋଇ କେନାଲ ନିର୍ମାଣ ପାଇଁ ବ୍ୟବହୃତ ହୋଇସାରିଛି ।

୪.୧୦ ଉତ୍ପାଦନକ୍ଷମ ପରିସମ୍ପତ୍ତିର ତାଲିକା ଓ ତାତ୍ପର୍ଯ୍ୟପୂର୍ଣ୍ଣ ଜମି

ଏହି ପ୍ରକଳ୍ପ ପାଇଁ ଅଧିଗ୍ରହଣ ହୋଇଥିବା ସମସ୍ତ ଘରୋଇ ଜମି କୃଷି ଜମି (ଡଙ୍ଗର-୨ ଏବଂ ଧାନ -୩) ହୋଇଥିବାରୁ କୌଣସି ପରିବାର ପ୍ରଭାବିତ ଜମିରେ ଘରବାରୀ ଜମି ଏବଂ କୋଠା ହରାଇବାକୁ ଯାଉ ନାହାଁନ୍ତି । ଗୋଟିଏ ପ୍ରଭାବିତ ପରିବାର ଅଧିଗୃହୀତ ଜମିରେ ଗଛ ହରାଇଛନ୍ତି । ଅଧିଗ୍ରହଣ ହେବାକୁ ଥିବା ଅଞ୍ଚଳରେ କୌଣସି ଗୁରୁତ୍ୱପୂର୍ଣ୍ଣ ଜମି ନାହିଁ।

୪.୧୧ ଧର୍ମସ୍ଥଳୀ ଜମି

ପ୍ରଭାବିତ ଜମି ଉପରେ କୌଣସି ଧାର୍ମିକ ବା ଦେବା ଦେବୀ ପୀଠ ନାହିଁ ।

ପଞ୍ଚମ ଅଧ୍ୟାୟ
ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ପାର୍ଶ୍ୱଚିତ୍ର

୫.୧ ଉପକ୍ରମ

ବିକାଶ ମୂଳକ ପ୍ରକଳ୍ପ ନିର୍ମାଣ ପାଇଁ ଲୋକମାନଙ୍କଠାରୁ ଘରୋଇ ଜମି ଅଧିଗ୍ରହଣ ହେବା ଦ୍ୱାରା ଜମି ହରାଉଥିବା ପରିବାରମାନେ ବ୍ୟକ୍ତିଗତ ଭାବେ ଓ ସ୍ଥାନୀୟ ଅଞ୍ଚଳବାସୀ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ ହୋଇଥାନ୍ତି । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନକୁ ସଠିକ୍ ରୂପେ ବୁଝିବା ପାଇଁ କ୍ଷତିଗ୍ରସ୍ତ ପରିବାରଙ୍କ ସର୍ବେକ୍ଷଣ, ଗୋଷ୍ଠୀଗତ ଆଲୋଚନା, ସ୍ଥାନୀୟ ବିଜ୍ଞ ବ୍ୟକ୍ତି ଓ ସରକାରୀ କର୍ମଚାରୀଙ୍କ ସହିତ ପରାମର୍ଶ ମାଧ୍ୟମରେ ଲୋକମାନଙ୍କର ଓ ଅଞ୍ଚଳର ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକ ପାର୍ଶ୍ୱଚିତ୍ର ଆଦି କୋଟସର ସର୍ବେକ୍ଷଣ ଦଳ ଦ୍ୱାରା ତଥ୍ୟ ସଂଗ୍ରହ କରାଯାଇଥିଲା । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ଏହିସବୁ ବିଷୟକୁ ଅନୁଧ୍ୟାନ କରିବା ଏକାନ୍ତ ଜରୁରୀ । ଏହି ଅଧ୍ୟୟନ ମାଧ୍ୟମରେ ପ୍ରାପ୍ତ ସାମାଜିକ-ଅର୍ଥନୈତିକ ପାର୍ଶ୍ୱଚିତ୍ର, ତଥା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ ପରିବାରଗୁଡିକ ବିଷୟରେ ବିବରଣୀମାନ ଏହି ଅଧ୍ୟାୟରେ ସ୍ଥାନୀତ କରାଯାଇଛି ।

୫.୨ ଖୋର୍ଦ୍ଧା ଜିଲ୍ଲା

୧୯ ଅଗଷ୍ଟ ୧୯୪୯ରେ କଟକ ବଦଳରେ ଭୁବନେଶ୍ୱରକୁ ଓଡ଼ିଶାର ରାଜଧାନୀ (ପୂର୍ବରୁ ଓଡ଼ିଶା ନାମରେ ଜଣାଶୁଣା) କରାଯାଇଥିଲା, ଯଦିଓ ଏହି ନିଷ୍ପତ୍ତି ୧୯୪୬ରେ ନିଆଯାଇଥିଲା। ରାଜଧାନୀ ଭୁବନେଶ୍ୱର ସହରଟି ହେଉଛି ଖୋର୍ଦ୍ଧା ଜିଲ୍ଲାର ଏକ ଅଂଶ । ଓଡ଼ିଶାର ଜିଲ୍ଲାଗୁଡ଼ିକର ପୁନର୍ଗଠନ ପ୍ରକ୍ରିୟାରେ ୧ ଏପ୍ରିଲ ୧୯୯୩ରେ ପୂର୍ବତନ ପୁରୀ ଜିଲ୍ଲାରୁ ଖୋର୍ଦ୍ଧା ଜିଲ୍ଲା ଗଠନ କରାଯାଇଥିଲା । ପୁରୀ ଜିଲ୍ଲାକୁ ତିନୋଟି ଜିଲ୍ଲାରେ ବିଭକ୍ତ କରାଯାଇଥିଲା, ଯଥା ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ । ଖୋର୍ଦ୍ଧା ଜିଲ୍ଲାଟି ଏହାର ମୁଖ୍ୟାଳୟ ସହର ଖୋର୍ଦ୍ଧା ଅନୁସାରେ ନାମିତ ହୋଇଛି । ଖୋର୍ଦ୍ଧା ପୂର୍ବରୁ ଜାଜରସିଂହ କିମ୍ବା କୁରଡା ଭାବରେ ଜଣାଶୁଣା ଥିଲା ଯାହାର ଅର୍ଥ ଦୁର୍ଗନ୍ଧ। ଏହି ଅଞ୍ଚଳର ପୁରୁଣା ମାଇଲଖୁଣ୍ଟଗୁଡ଼ିକରେ କୁରଡା ଶବ୍ଦ ଥିଲା ଯାହାକୁ ବର୍ତ୍ତମାନ ଧଳା ରଙ୍ଗ ଦିଆଯାଇଛି ଏବଂ ସେଥିରେ "ଖୋରଧା" ଶବ୍ଦ ଲେଖାଯାଇଛି । ଏହା ମଧ୍ୟ କୁହାଯାଏ ଯେ "ଖୋରଧା" ଶବ୍ଦ ଦୁଇଟି ଓଡ଼ିଆ ଶବ୍ଦରୁ ଆସିଛି - "ଖୁରା" ଅର୍ଥ କ୍ଷୁର ଏବଂ "ଧାରା" ଅର୍ଥ ଧାର । ଏହାର ଅର୍ଥ ପୂର୍ବତନ ଖୋର୍ଦ୍ଧାର ସୈନିକମାନେ କ୍ଷୁର ଧାର ପରି ତୀକ୍ଷ୍ଣ ଏବଂ ଭୟଙ୍କର ଥିଲେ । ୨୦୦୦ ମସିହାରେ ଜିଲ୍ଲାର ନାମ ଖୋରଧାରୁ ଖୋର୍ଦ୍ଧାକୁ ପରିବର୍ତ୍ତନ କରାଯାଇଥିଲା।

ଏହା 84º 55” ରୁ 86º 5” ପୂର୍ବ ଦ୍ରାଘିମା ଏବଂ 19º40” ରୁ 20º25” ଉତ୍ତର ଅକ୍ଷାଂଶ ମଧ୍ୟରେ ଅବସ୍ଥିତ ଏବଂ ଏହା ୨୮୧୩ ବର୍ଗ କିଲୋମିଟର ଭୌଗୋଳିକ କ୍ଷେତ୍ରଫଳ ପରିବ୍ୟାପ୍ତ, ଯାହା ରାଜ୍ୟ କ୍ଷେତ୍ରଫଳର ୧.୮୧ ପ୍ରତିଶତ ଅଟେ । ଏହା ରାଜ୍ୟର ଏକ ବିକଶିତ ଜିଲ୍ଲା ଏବଂ ଏହି ଜିଲ୍ଲାରେ ରାଜଧାନୀ ଭୁବନେଶ୍ୱରରେ ଅବସ୍ଥିତ। ଏହି ଜିଲ୍ଲା ଉତ୍ତରରେ କଟକ ଜିଲ୍ଲା, ଦକ୍ଷିଣରେ ଗଞ୍ଜାମ ଜିଲ୍ଲା, ପୂର୍ବରେ ପୁରୀ ଜିଲ୍ଲା ଏବଂ ପଶ୍ଚିମରେ ନୟାଗଡ଼ ଜିଲ୍ଲା ଦ୍ୱାରା ପରିବେଷ୍ଟିତ ।

ବଙ୍ଗୋପସାଗରରୁ କମ ରେଡିଆଲ ଦୂରତା ଏବଂ ଚିଲିକା ହ୍ରଦ ଭଳି ଏକ ବିଶାଳ ଜଳାଶୟ ଉପସ୍ଥିତି ଏହାର ଜୈବ ଜଳବାୟୁକୁ ବହୁତ ପ୍ରଭାବିତ କରିଥାଏ। ଏହି ଜିଲ୍ଲାରେ ସାଧାରଣତଃ ୧୪୦୮ ମିମି ବର୍ଷା ହୋଇଥାଏ ଏବଂ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୪୨.୨ ଡିଗ୍ରୀ ସେଲସିୟସ୍ ଏବଂ ୧୧.୧ ଡିଗ୍ରୀ ସେଲସିୟସ୍ ହୋଇଥାଏ। ହାରାହାରି ଆପେକ୍ଷିକ ଆର୍ଦ୍ରତା ୪୬% ରୁ ୮୯% ପର୍ଯ୍ୟନ୍ତ ହୋଇଥାଏ। ଏହା ପୂର୍ବ ଏବଂ ଦକ୍ଷିଣ-ପୂର୍ବ ଉପକୂଳ ସମତଳରେ ଅବସ୍ଥିତ ଏବଂ କୃଷି-ଜଳବାୟୁ କ୍ଷେତ୍ର ବିଭିନ୍ନ କୃଷି-ପରିବେଶ ପ୍ରଣାଳୀରେ ବାଲିଆ-ଦୋରସା, ଲୋମ, କ୍ଲେ-ଲୋମ ଏବଂ କ୍ଲେ ମାଟିରେ

ଆଶୀର୍ବାଦପ୍ରାପ୍ତ । ଏହି ଜିଲ୍ଲାଟି ଦୁଇଟି ଉପ-ଅଞ୍ଚଳରେ ବିଭକ୍ତ ଯେପରିକି ଡେଲ୍ଟାଏକ୍ ଆଲଭିୟମ୍ ଉପ-ଅଞ୍ଚଳ ଯାହା ୩ଟି ବ୍ଲକ ଯଥା ବାଲିଅନ୍ତା, ବାଲିପାଟଣା ଏବଂ ଚିଲିକା ନେଇ ଗଠିତ; ଏବଂ ଅନ୍ୟଟି ହେଉଛି ଲାଟେରିକ୍ ଉପ-ଅଞ୍ଚଳ ଯାହା ୭ଟି ବ୍ଲକ ଯଥା ବାଣପୁର, ବେଗୁନିଆ, ଭୁବନେଶ୍ୱର, ବୋଲଗଡ଼, ଜଟଣୀ, ଖୋର୍ଦ୍ଧା ଏବଂ ଟାଙ୍ଗୀ ବ୍ଲକ ନେଇ ଗଠିତ।

ଖୋର୍ଦ୍ଧା ଜିଲ୍ଲାର ଏକ ବିସ୍ତୃତ ରୂପରେଖ ସାରଣୀ ୫.୧ ରେ ଉପସ୍ଥାପିତ ହୋଇଛି।

ସାରଣୀ ୫.୧ ଖୋର୍ଦ୍ଧା ଜିଲ୍ଲାର ବିସ୍ତୃତ ପାର୍ଶ୍ୱଚିତ୍ର

କ୍ର. ନଂ.	ସୂଚନା/ସାଙ୍କେତିକ	ସୂଚନା ପ୍ରଦାନ ବର୍ଷ	ଏକକ	ପରିମାଣ
୧	ଭୌଗୋଳିକ ପରିସୀମା (ବର୍ଗ କି.ମି.)	୨୦୨୪	ବର୍ଗ କି. ମି.	୨୮୧୩
୨	ଦ୍ରାଘିମା	୨୦୨୪	ଡିଗ୍ରି	୮୪⁰ ୫୫’ to ୮୬⁰୫’ ପୂର୍ବ
୩	ଅକ୍ଷାଂଶ	୨୦୨୪	ଡିଗ୍ରି	୧୯⁰୪୦’ to ୨୦⁰୨୫’ ଉତ୍ତର
୪	ଜଙ୍ଗଲ ଅଞ୍ଚଳ	୨୦୨୪	ବର୍ଗ କି. ମି.	୬୬୯.୭୪ (୨୩.୮୧%)
୫	ସବଡିଭିଜନ୍	୨୦୨୪	ସଂଖ୍ୟା	୦୨
୬	ବ୍ଲକ୍/ତହସିଲ	୨୦୨୪	ସଂଖ୍ୟା (ନମ୍ବର)	୧୦
୭	ମୁନିସପାଲ କରପୋରେସନ	୨୦୨୪	ସଂଖ୍ୟା	୦୧
୮	ପୌର ପରିଷଦ (ମ୍ୟୁନିସିପାଲିଟି)	୨୦୨୪	ସଂଖ୍ୟା	୦୨
୯	ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍.ଏ.ସି)	୨୦୨୪	ସଂଖ୍ୟା	୦୨
୧୦	ଗ୍ରାମ ପଞ୍ଚାୟତ	୨୦୨୪	ସଂଖ୍ୟା	୧୯୦
୧୧	ଗ୍ରାମ	୨୦୨୪	ସଂଖ୍ୟା	୧୫୩୪
୧୨	ପରିବାର	୨୦୨୪	ସଂଖ୍ୟା	୪୯୪୨୧୨
୧୩	ଜନସଂଖ୍ୟା	୨୦୧୧	ସଂଖ୍ୟା (ନମ୍ବର)	୨୨୫୧୬୭୩
୧୪	ଅନୁସୂଚୀତ ଜାତି (ଏସ୍.ସି) ଜନସଂଖ୍ୟା	୨୦୧୧	ପ୍ରତିଶତ (%)	୨୯୭୪୭୨(୧୩.୨%)
୧୫	ଅନୁସୂଚୀତ ଜନଜାତି (ଏସ୍.ଟି) ଜନସଂଖ୍ୟା	୨୦୧୧	ପ୍ରତିଶତ (%)	୧୧୫୦୫୧(୫.୧%)
୧୬	ଜନସଂଖ୍ୟାର ସାନ୍ଦ୍ରତା	୨୦୧୧	ବର୍ଗ କି. ମି.	୮୦୦
୧୭	ସାକ୍ଷରତା ହାର	୨୦୧୧	ପ୍ରତିଶତ (%)	୮୬.୮୮
୧୮	ମହିଳା ସାକ୍ଷରତା ହାର	୨୦୧୧	ପ୍ରତିଶତ (%)	୮୧.୬୧
୧୯	ଲିଙ୍ଗ ଅନୁପାତ (୧୦୦୦ ପୁରୁଷରେ)	୨୦୧୧	ମହିଳା ସଂଖ୍ୟା	୯୨୯
୨୦	ଶିଶୁ ସଂଖ୍ୟା (୦-୬ ବର୍ଷ)	୨୦୧୧	ସଂଖ୍ୟା	୨୩୭୩୯୪
୨୧	ମୁଣ୍ଡପିଛା ନେଟ୍ ଘରୋଇ ଉତ୍ପାଦନ (NDDP) (ଟଙ୍କା)	୨୦୧୦-୧୧	ଟଙ୍କା	୩୬୦୮୮*

ଉତ୍ସ – ଜିଲ୍ଲା ପରିସଂଖ୍ୟାନ ସହାୟକ ପୁସ୍ତିକା – ରାୟଗଡା - ୨୦୨୫

* *ଓଡିଶା ଇକୋନମିକ୍ ସର୍ଭେ – ୨୦୧୪-୧୫ - ୨୦୦୪-୦୫ ଦର ହାରରେ ମୂଲ୍ୟାୟନ*

ଜିଲ୍ଲାର ଶ୍ରମିକମାନଙ୍କ ସମ୍ବନ୍ଧରେ ସୂଚନା ସାରଣୀ ୫.୨ରେ ପ୍ରଦାନ କରାଯାଇଛି।

ସାରଣୀ – ୫.୨ ଖୋର୍ଦ୍ଧା ଜିଲ୍ଲାର ଶ୍ରମିକମାନଙ୍କ ସମ୍ବନ୍ଧରେ ସୂଚନା

କ୍ର. ନଂ.	ବିଷୟ	ସୂଚନା ପ୍ରଦାନ ବର୍ଷ	ଏକକ	ପରିମାଣ
୧	ମୋଟ ଶ୍ରମିକ	୨୦୧୧	ସଂଖ୍ୟା (%)	୭୯୨୧୯୩
୨	ମୁଖ୍ୟ ଶ୍ରମିକ (ମେନ୍ ୱାର୍କର)	୨୦୧୧	ସଂଖ୍ୟା (%)	୬୩୨୬୨୫ (୭୯.୮୬%)
୩	ନାମମାତ୍ର (ମାର୍ଜିନାଲ୍) ଶ୍ରମିକ	୨୦୧୧	ସଂଖ୍ୟା (%)	୧୫୯୫୬୮ (୨୦.୧୪%)
୪	କୃଷକ (ମୁଖ୍ୟ ଶ୍ରମିକଙ୍କର %)	୨୦୧୧	ସଂଖ୍ୟା (%)	୯୨୬୬୨ (୧୧.୭୦%)
୫	କୃଷି ଶ୍ରମିକ (ମୁଖ୍ୟ ଶ୍ରମିକଙ୍କର %)	୨୦୧୧	ସଂଖ୍ୟା (%)	୧୧୬୨୭୪ (୧୪.୬୮%)
୬	ଗୃହ ଶିଳ୍ପ ଶ୍ରମିକ (ମୁଖ୍ୟ ଶ୍ରମିକଙ୍କର %)	୨୦୧୧	ସଂଖ୍ୟା (%)	୩୯୪୭୧ (୪.୯୮%)
୭	ଅନ୍ୟାନ୍ୟ ଶ୍ରମିକ (ମୁଖ୍ୟ ଶ୍ରମିକଙ୍କର %)	୨୦୧୧	ସଂଖ୍ୟା (%)	୫୪୩୭୮୬ (୬୮.୬୪%)
୮	ବେକାରୀ ହାର*	୨୦୧୧-୧୨	ସଂଖ୍ୟା	ପ୍ରତି ୧୦୦୦ କର୍ମଚାରୀଙ୍କ ପାଇଁ ୨୪ ଜଣ

ଉତ୍ସ – ଜିଲ୍ଲା ପରିସଂଖ୍ୟାନ ସହାୟକ ପୁସ୍ତିକା – ଖୋର୍ଦ୍ଧା- ୨୦୨୫

**ଜିଲ୍ଲା ସ୍ତରରେ କର୍ମ ନିୟୋଜନ ଓ ଅଣ ନିୟୋଜନ ଅବସ୍ଥା – ଓଡିଶା ସରକାର - ୨୦୧୧-୧୨*

ଜିଲ୍ଲାରେ ମୋଟ ଶ୍ରମିକ ମାନଙ୍କ ମଧ୍ୟରୁ ୧୧.୭୦% ହେଉଛନ୍ତି କୃଷକ, ୧୪.୬୮% କୃଷି ଶ୍ରମିକ, ଗୃହ ଶିଳ୍ପ କାମରେ ୪.୯୮% ନିୟୋଜିତ ଅଛନ୍ତି, ଏବଂ ୬୮.୬୪% ଅନ୍ୟାନ୍ୟ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଜିଲ୍ଲାରେ ମୋଟ ୭୯୨୧୯୩ ଶ୍ରମିକଙ୍କ ମଧ୍ୟରୁ ୬୩୨୬୨୫ ବା ୭୯.୮୬% ହେଉଛନ୍ତି ମୁଖ୍ୟ ଶ୍ରମିକ ଏବଂ ୧୫୯୫୬୮ (୨୦.୧୪%) ହେଉଛନ୍ତି ନାମମାତ୍ର (ବା ମାର୍ଜିନାଲ) ଶ୍ରମିକ। ଜିଲ୍ଲାର ବେକାରୀ ହାର ପ୍ରତି ୧୦୦୦ କର୍ମଚାରୀଙ୍କ ପାଇଁ ୨୪ ଜଣ (୨୦୧୧-୧୨)।

୫.୩ କୃଷି ଏବଂ ଏହାର ଆନୁଷଙ୍ଗିକ କ୍ଷେତ୍ର

୫.୩.୧ ଭୌଗୋଳିକ ଏବଂ କୃଷି-ଜଳବାୟୁ ଅବସ୍ଥା

ଏହି ଜିଲ୍ଲା ପୂର୍ବ ଏବଂ ଦକ୍ଷିଣ-ପୂର୍ବ ଉପକୂଳ ସମତଳରେ ଅବସ୍ଥିତ। ଏହା ବିଭିନ୍ନ ଗଭୀରତାରେ ବାଲିଆ-ଦୋରସା, ଦୋରସା, କୃମି-ଦୋରସା ଏବଂ କୃମି ମାଟିରେ ପରିପୂର୍ଣ୍ଣ । ଏହାର ଜୈବ ଜଳବାୟୁ ବଙ୍ଗୋପସାଗରରୁ କମ୍ ରେଡିଆଲ ଦୂରତା ଏବଂ ଚିଲିକା ହ୍ରଦ ପରି ଏକ ବିଶାଳ ଜଳାଶୟର ଉପସ୍ଥିତି ଦ୍ୱାରା ବହୁତ ପ୍ରଭାବିତ। ଏହାର ପୂର୍ବଘାଟରେ କିଛି ପାହାଡ଼ ଶ୍ରେଣୀ ଏବଂ ଘନ ଜଙ୍ଗଲ ମଧ୍ୟ ରହିଛି । ଜିଲ୍ଲାର ସାଧାରଣ ବାର୍ଷିକ ବର୍ଷା ୧୪୦୮ ମିମି ଏବଂ ତାପମାତ୍ରା ସର୍ବାଧିକ ୪୨.୨º ଏବଂ ସର୍ବନିମ୍ନ ୧୧.୧୦^{0} ମଧ୍ୟରେ ଭିନ୍ନ ହୋଇଥାଏ। ଏହାର ହାରାହାରି RH ୪୬% ରୁ ୮୯% ପର୍ଯ୍ୟନ୍ତ ହୋଇଥାଏ। ଜିଲ୍ଲାରେ ଜଳସେଚନ ସୁବିଧା କମ୍ ଅଛି ଏବଂ ଚାଷ ପାଇଁ ମୌସୁମୀ ବର୍ଷା ଉପରେ ବହୁତ ନିର୍ଭରଶୀଳ। ଅସମାନ ଏବଂ ଅନିୟମିତ ବର୍ଷା ଯୋଗୁଁ ଜିଲ୍ଲା ପ୍ରାୟ ପ୍ରତି ବର୍ଷ ବନ୍ୟା ଏବଂ ମରୁଡି ପରିସ୍ଥିତିର ସମ୍ମୁଖୀନ ହୁଏ।

୫.୩.୨ ପ୍ରକୃତି ଏବଂ ମୃତ୍ତିକାର ପ୍ରକାର

ମୃତ୍ତିକା, ଜଳବାୟୁ, ଭୂ-ଜଳବିଜ୍ଞାନ ଏବଂ ଅନ୍ୟାନ୍ୟ ସମ୍ପଦ ଆଧାରରେ, ଖୋର୍ଦ୍ଧା ଜିଲ୍ଲା ଦୁଇଟି ଜିଲ୍ଲା ଉପ-ଅଞ୍ଚଳରେ ବିଭକ୍ତ - ଡେଲ୍ଟାଏକ୍ ଆଲଭିୟମ୍ ଉପ-ଅଞ୍ଚଳ, ଯାହା ବାଲିପାଟଣା, ବାଲିଅନ୍ତା ଏବଂ ଚିଲିକା ଭଳି ତିନୋଟି ବ୍ଲକକୁ ନେଇ ଗଠିତ ଏବଂ ଲାଟେରିଟିକ୍ ଉପ-ଅଞ୍ଚଳ ଯାହା ଭୁବନେଶ୍ୱର, ବେଗୁନିଆ, ବୋଲାଗଡ, ଟାଙ୍ଗୀ, ବାଣପୁର, ଜଟଣୀ ଏବଂ ଖୋର୍ଦ୍ଧା ଭଳି ସାତଟି ବ୍ଲକକୁ ନେଇ ଗଠିତ।

୫.୩.୩ ଭୂମି ବ୍ୟବହାର ଢାଞ୍ଚା

ଜିଲ୍ଲାର ମୋଟ ଭୌଗୋଳିକ ଅଞ୍ଚଳ (୨୮୧୩୦୦ ହେକ୍ଟର) ମଧ୍ୟରୁ ୨୦୧୪-୧୫ ମଧ୍ୟରେ ୧୨୪୬୫୦ ହେକ୍ଟର ଚାଷ ପାଇଁ ଉପଲବ୍ଧ । ଜଙ୍ଗଲ ୬୧୮୬୭ ହେକ୍ଟର । ଅଣକୃଷି ବ୍ୟବହାର ପାଇଁ ଉଦ୍ଦିଷ୍ଟ ଜମି ୪୪୨୫୦ ହେକ୍ଟର । ନିଟ୍ ବୁଣା ଅଞ୍ଚଳ ୧୨୪୨୪୦ ହେକ୍ଟର । ଜିଲ୍ଲାରେ ଜଳସେଚନ ସୁବିଧା ବହୁତ କମ ଥିବାରୁ, ଦ୍ୱିଗୁଣିତ ଫସଲ କ୍ଷେତ୍ର ସୀମିତ ଅଟେ । ତେଣୁ ଫସଲ ତୀବ୍ରତା ସମଗ୍ର ଓଡ଼ିଶାର ହାରାହାରି ୧୬୭% ତୁଳନାରେ କମ୍ (୧୫୯%) ରହିଛି ।

ତଳେ ଦିଆଯାଇଥିବା ବିବୃତ୍ତିଟି ୨୦୧୪-୧୫ ବର୍ଷରେ ଜିଲ୍ଲାରେ ଭୂମି ବ୍ୟବହାର ଢାଞ୍ଚା ସାରଣୀ ୫.୩ରେ ପ୍ରଦାନ କରେ।

ସାରଣୀ- ୫.୩: ଭୂମି ବ୍ୟବହାର ଢାଞ୍ଚା ସାରଣୀ ୫.୩ରେ ପ୍ରଦାନ କରେ।

କ୍ର. ସଂ	ଭୂମି ବ୍ୟବହାର ଢାଞ୍ଚା	ହେକ୍ଟରରେ ଭୂମି ଉପଯୋଗ ଢାଞ୍ଚା କ୍ଷେତ୍ର ୨୦୧୪-୧୫
୧	ଭୌଗୋଳିକ କ୍ଷେତ୍ର	୨୮୧୩୦୦
୨	ଚାଷଯୋଗ୍ୟ କ୍ଷେତ୍ର	୧୩୮୩୨୧
୩	ଚାଷଯୋଗ୍ୟ ଅନୁଶୀଳନ କ୍ଷେତ୍ର	୧୨୪୬୫୦
୪	ଅନୁର୍ବର ଏବଂ ଅଣ-କୃଷି ଜମି	୧୪୪୬୭
୫	ଜଙ୍ଗଲ କ୍ଷେତ୍ର	୬୧୮୬୭
୬	ଅଣ-କୃଷି ପାଇଁ ଦିଆ ଯାଇଥିବା ଜମି ବ୍ୟବହାର	୪୪୨୫୦
୭	ସ୍ଥାୟୀ ଚାରଣଭୂମି	୫୪୯୮
୮	ବିବିଧ ଗଛ ଫସଲ ଏବଂ ଉପବନ	୧୦୩୬୯
୯	ଚାଷଯୋଗ୍ୟ ଅପଚୟ	୬୫୫୧
୧୦	ଅନ୍ୟାନ୍ୟ ପତିତ ଜମି	୧୨୨୨୨
୧୧	ବର୍ତ୍ତମାନର ପତିତ	୧୮୩୬
୧୨	ନିଟ୍ ବୁଣା ଅଞ୍ଚଳ	୧୨୪୨୪୦
୧୩	ମୋଟ ଫସଲ କ୍ଷେତ୍ର	୧୯୮୧୮୦
୧୪	ଫସଲ ତୀବ୍ରତା	୧୫୯%

ଉତ୍ସ: କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

୫.୩.୪ ଜଳସେଚନ ଅଧୀନ ଅଞ୍ଚଳ

ଜିଲ୍ଲାରେ ଏପର୍ଯ୍ୟନ୍ତ ସୃଷ୍ଟି ହୋଇଥିବା ମୋଟ ଜଳସେଚନ କ୍ଷମତା ୫୮୧୭୫ ହେକ୍ଟର। ଜିଲ୍ଲାର ୧୦ଟି ବ୍ଲକ ମଧ୍ୟରୁ ୬ଟି ବ୍ଲକ ରବି ଋତୁରେ ୨୦% ରୁ କମ୍ ଏବଂ ଖରିଫ ଋତୁରେ ୩୫% ରୁ କମ୍ ଜଳସେଚନ କରିଥାଏ । କେନାଲ ଜଳସେଚନ ଜଳସେଚନର ପ୍ରମୁଖ ଉତ୍ସ ହେଉଛି ବାଲିଅନ୍ତା ଏବଂ ବାଲିପାଟଣା ଭଳି ଦୁଇଟି ବ୍ଲକକୁ ଅନ୍ତର୍ଭୁକ୍ତ କରେ । ଏହି ଦୁଇଟି ବ୍ଲକର ୯୦% ରୁ ଅଧିକ ଚାଷ ଜମି କେନାଲ ଜଳସେଚନ ଅଧୀନରେ ଅଛି । ୭୭୦୦ ଘରୋଇ ଲିଫ୍ଟ ପଏଣ୍ଟ ବ୍ୟତୀତ, ୨୦୦ ଟି ସରକାରୀ ଲିଫ୍ଟ ପଏଣ୍ଟ ଜିଲ୍ଲାରେ କାର୍ଯ୍ୟ କରୁଛି । ୨୦୧୪-୧୫ ମଧ୍ୟରେ ଜଳସେଚିତ ଅଞ୍ଚଳର ଉତ୍ସ-ଭିତ୍ତିକ ବିଭାଜନ ନିମ୍ନରେ ପ୍ରଦତ୍ତ ହୋଇଛି:

ଉତ୍ସ		କ୍ଷେତ୍ରଫଳ (ହେକ୍ଟରରେ)
ପ୍ରମୁଖ ଜଳସେଚନ ପ୍ରକଳ୍ପ	:	୧୭୯୮୭
ମଧ୍ୟମ ଜଳସେଚନ ପ୍ରକଳ୍ପ	:	୬୮୧୫
କ୍ଷୁଦ୍ର ଜଳସେଚନ ପ୍ରକଳ୍ପ	:	୧୬୧୧୨
ସରକାରୀ ଉଠା ଜଳସେଚନ ପ୍ରକଳ୍ପ	:	୫୨୫୫
ଘରୋଇ ଉଠା ଜଳସେଚନ ପ୍ରକଳ୍ପ	:	୭୭୫୩
ଖୋଳା କୂପ	:	୨୧୭୮
ଅନ୍ୟାନ୍ୟ ଉତ୍ସ	:	୨୦୭୫

ବର୍ଷ ବର୍ଷ ଧରି ଉଠା ଜଳସେଚନ ଅଞ୍ଚଳରେ ଦ୍ରୁତ ବୃଦ୍ଧି ଘଟିଛି ଏବଂ ବିଭିନ୍ନ ଆନୁଷ୍ଠାନିକ ସଂସ୍ଥା, ବିଶେଷକରି ସମବାୟ, CARD ଏବଂ ଚାଷୀମାନଙ୍କୁ ଋଣ ପ୍ରଦାନ କରୁଥିବା ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ଦ୍ୱାରା ଋଣ ଯୋଗାଣ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଓଡ଼ିଶା ସରକାର ମଧ୍ୟ ଜିଲ୍ଲାରେ ବହୁ ସଂଖ୍ୟକ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରିଛନ୍ତି ।

୫.୪ ଖୋର୍ଦ୍ଧା ବ୍ଲକର ପାର୍ଶ୍ୱଚିତ୍ର

"ଖୋର୍ଦ୍ଧା ଜିଲ୍ଲାର ଡିହଖଳା ଗ୍ରାମରେ ଡାଇଭର୍ସନ ୱେୟାର ନିର୍ମାଣ (ToR 78-00006)" ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି ।

ଖୋର୍ଦ୍ଧା ଜିଲ୍ଲାର ୧୦ ଟି ବ୍ଲକ ମଧ୍ୟରୁ, ଖୋର୍ଦ୍ଧା ବ୍ଲକ ଡିହଖଳା ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ନିର୍ମାଣ ଦ୍ୱାରା ପ୍ରଭାବିତ ହେବାକୁ ଯାଉଛି । ଖୋର୍ଦ୍ଧା ବ୍ଲକ ହେଉଛି ଜିଲ୍ଲା ମୁଖ୍ୟାଳୟ ନିକଟରେ ଅବସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ କେନ୍ଦ୍ର । ଖୋର୍ଦ୍ଧା ଜିଲ୍ଲା ୨,୮୧୩ ବର୍ଗ କିଲୋମିଟରର ଭୌଗୋଳିକ କ୍ଷେତ୍ରଫଳ ପରିବ୍ୟାପ୍ତ ଏବଂ ଏଥିରେ ୧,୫୩୪ଟି ଜନବସତି ଗ୍ରାମ ରହିଛି। ୨୦୧୧ ଜନଗଣନା ଅନୁଯାୟୀ ଖୋର୍ଦ୍ଧା ବ୍ଲକ ମଧ୍ୟରେ ମୋଟ ୨୭,୪୨୩ ପରିବାର ଅଛନ୍ତି ଯାହାର ଜନସଂଖ୍ୟା ୧,୩୬,୨୪୪ । କର୍ମଶକ୍ତି ବିଷୟରେ, ବ୍ଲକରେ ମୋଟ ୪୬,୩୯୫ ଜଣ ଶ୍ରମିକ ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୩୪,୧୫୭ ଜଣ ମୁଖ୍ୟ ଶ୍ରମିକ ଏବଂ ୧୨,୨୩୮ ଜଣ ସୀମାନ୍ତ ଶ୍ରମିକ। ଖୋର୍ଦ୍ଧା ଅଞ୍ଚଳର ହାରାହାରି ବାର୍ଷିକ ବୃଷ୍ଟିପାତ ପ୍ରାୟ ୧,୪୦୮.୪ ମିମି, ଯାହା ଏକ ଉଷ୍ଣକଟିବନ୍ଧୀୟ ଜଳବାୟୁ ଦ୍ୱାରା ପରିଗଣିତ । କୃଷି କାର୍ଯ୍ୟକଳାପ ବିବିଧ ପ୍ରକାରର; ଧାନ ଏବଂ ମକା ଭଳି ଶସ୍ୟ ମୁଖ୍ୟ ଫସଲ, ମୁଗ, ବିରି ଏବଂ କୋଳଥ ଭଳି ଡାଲି ଜାତୀୟ ଫସଲ । ଚିନାବାଦାମ ଏବଂ ସୋରିଷ ସମେତ ତୈଳବୀଜ ମଧ୍ୟ ଚାଷ କରାଯାଏ। ଜିଲ୍ଲାର ଅନନ୍ୟ ମାଟି ଏବଂ ଜଳସେଚନ ସୁବିଧା ହେତୁ, ପନିପରିବା ଏବଂ ଆମ୍ବ ପ୍ରମୁଖ ଉତ୍ପାଦ, ଯେତେବେଳେ ଆଖୁ ବ୍ଲକର ଜଳସେଚିତ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥକାରୀ ଫସଲ ଭାବରେ ରହିଛି । ଖୋର୍ଦ୍ଧା ବ୍ଲକର ଏକ ସଂକ୍ଷିପ୍ତ ରୂପରେଖା ସାରଣୀ ୫.୪ ରେ ପ୍ରଦର୍ଶିତ ହୋଇଛି ।

ସାରଣୀ ୫.୪ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଖୋର୍ଦ୍ଧା ବ୍ଲକର ଏକ ବିସ୍ତୃତ ପାର୍ଶ୍ୱଚିତ୍ର

କ୍ର.ନଂ.	ସୂଚନା/ସାଙ୍କେତିକ	ସୂଚନା ପ୍ରଦାନ ବର୍ଷ	ଏକକ	ପରିମାଣ
-୧-	-୨-	-୩-	-୪-	-୫-
୦	ଭୌଗୋଳିକ ପରିସୀମା	୨୦୨୪	ବର୍ଗ. କିମି	୩୦୨.୬୭
୧	ଗ୍ରାମ ସଂଖ୍ୟା	୨୦୨୪	ସଂଖ୍ୟା	୧୩୨

୨	ମୋଟ ପରିବାର	୨୦୨୪	ସଂଖ୍ୟା	୨୭୪୨୩
୩	ବ୍ଲକର ମୋଟ ଜନସଂଖ୍ୟା	୨୦୨୪	ସଂଖ୍ୟା (%)	୧୩୬୨୪୪ ପୁରୁଷ = ୬୯୬୮୩(୫୧.୧୫%) ମହିଳା = ୬୬୫୬୧ (୪୮.୮୫%)
	ଅନୁସୂଚୀତ ଜାତିଙ୍କ ଜନସଂଖ୍ୟା	୨୦୨୪	ସଂଖ୍ୟା	୧୫୮୮୦ ପୁରୁଷ=୮୦୨୩(୫୦.୫୨%) ମହିଳା = ୭୮୫୭(୪୯.୫୯%)
	ଅନୁସୂଚୀତ ଜନଜାତି ଜନସଂଖ୍ୟା	୨୦୨୪	ସଂଖ୍ୟା	୧୧୨୦୫ ପୁରୁଷ=୫୫୬୭ (୪୯.୬୮%) ମହିଳା = ୫୬୩୮ (୫୦.୩୨%)
୪	ସାକ୍ଷରତା ହାର	୨୦୨୪	ସଂଖ୍ୟା (%)	୮୩.୮୪% ପୁରୁଷ = ୮୯.୭୩% ମହିଳା = ୭୭.୬୮%
୫	ଲିଙ୍ଗ ଅନୁପାତ	୨୦୨୪	୧୦୦୦ ପୁରୁଷରେ ମହିଳା	୯୨୯
୬	ମୋଟ ଶ୍ରମିକ, ଓ ଶ୍ରମିକ ଜନସଂଖ୍ୟା ହାର	୨୦୨୪	ସଂଖ୍ୟା (%)	୪୬୩୯୫(୩୪.୦୫%)
୭	ମୁଖ୍ୟ (ମେନ୍) ଶ୍ରମିକ	୨୦୨୪	ସଂଖ୍ୟା (%)	୩୪୧୫୭(୭୩.୬୨%)
୮	ନାମମାତ୍ର (ମାର୍ଜିନାଲ୍) ଶ୍ରମିକ	୨୦୨୪	ସଂଖ୍ୟା (%)	୧୨୨୩୮(୨୬.୩୮%)
୯	କୃଷକ (ମୋଟ ଶ୍ରମିକଙ୍କର %)	୨୦୨୪	ସଂଖ୍ୟା (%)	୭୪୭୨(୧୬.୧୧%)
୧୦	କୃଷି ଶ୍ରମିକ (ମୋଟ ଶ୍ରମିକଙ୍କର %)	୨୦୨୪	ସଂଖ୍ୟା (%)	୯୯୨୬(୨୧.୦୩%)
୧୧	କୁଟୀର ଶିଳ୍ପରେ ନିଯୁକ୍ତ ଶ୍ରମିକ (ମୋଟ ଶ୍ରମିକଙ୍କ %)	୨୦୨୪	ସଂଖ୍ୟା (%)	୨୫୩୯(୫.୪୭%)
୧୨	ଅନ୍ୟାନ୍ୟ ଶ୍ରମିକ (ମୋଟ ଶ୍ରମିକଙ୍କର %)	୨୦୨୪	ସଂଖ୍ୟା (%)	୨୬୪୫୮(୫୭.୨୩%)

ଉତ୍ସ – ଜିଲ୍ଲା ପରିସଂଖ୍ୟାନ ସହାୟକ ପୁସ୍ତିକା, ରାୟଗଡା– ୨୦୨୪

୫.୪ ଡିହଖଳା ଗ୍ରାମର ପାର୍ଶ୍ୱଚିତ୍ର

ଡିହଖଳା ହେଉଛି ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ବ୍ଲକରେ ଅବସ୍ଥିତ ଏକ ମଧ୍ୟମ ଧରଣର ଗ୍ରାମ। ଏଠାରେ ମୋଟ ୧୦୨ ପରିବାର ବାସ କରନ୍ତି । ଡିହଖଳା ଗ୍ରାମର ଜନସଂଖ୍ୟା ୪୪୧ ଜଣ, ଯେଉଁଥିରୁ ୨୩୧ ଜଣ ପୁରୁଷ ଏବଂ ୨୧୦ ଜଣ ମହିଳା ଅଟନ୍ତି (୨୦୧୧ ଜନଗଣନା ଅନୁଯାୟୀ)।

ଡିହଖଳା ଗ୍ରାମରେ ୦-୬ ବର୍ଷ ବୟସର ଶିଶୁଙ୍କ ସଂଖ୍ୟା ୪୫, ଯାହା ଗ୍ରାମର ମୋଟ ଜନସଂଖ୍ୟାର ୧୦.୨୦%। ଡିହଖଳା ଗ୍ରାମର ହାରାହାରି ଲିଙ୍ଗ ଅନୁପାତ ୯୦୯, ଯାହା ଓଡ଼ିଶା ରାଜ୍ୟ ହାରାହାରି ୯୭୯ ତୁଳନାରେ କମ୍। ଜନଗଣନା ଅନୁଯାୟୀ ଡିହଖଳାର ଶିଶୁ ଲିଙ୍ଗ ଅନୁପାତ ୮୦୦, ଯାହା ଓଡ଼ିଶାର ହାରାହାରି ୯୪୧ ତୁଳନାରେ କମ୍ ।

ଡିହଖଳା ଗାଁର ସାକ୍ଷରତା ହାର ଓଡ଼ିଶା ତୁଳନାରେ ଅଧିକ । ୨୦୧୧ ମସିହାରେ ଡିହଖଳା ଗାଁର ସାକ୍ଷରତା ହାର ୮୪.୩୪% ଥିଲା ଯାହା ଓଡ଼ିଶାର ୭୨.୮୭% ଥିଲା। ଡିହଖଳାରେ ପୁରୁଷ ସାକ୍ଷରତା ହାର ୯୩.୨୦% ଏବଂ ମହିଳା ସାକ୍ଷରତା ହାର ୭୪.୭୪% ଅଟେ ।

ସାରଣୀ ୫.୫: ଡିହଖଳା ଗ୍ରାମର ଜନସାଂଖ୍ୟିକ ପାର୍ଶ୍ୱଚିତ୍ର

ସୂଚନା/ସାଙ୍କେତିକ	ସୂଚନା ପ୍ରଦାନ ବର୍ଷ	ଏକକ	ପରିମାଣ
ମୋଟ ପରିବାର ସଂଖ୍ୟା	୧୦୨	-	-
ମୋଟ ଜନସଂଖ୍ୟା	୪୪୧	୨୩୧	୨୧୦
ଶିଶୁ ସଂଖ୍ୟା (୦-୬)	୪୫	୨୫	୨୦
ଅନୁସୂଚୀତ ଜାତିଙ୍କ ଜନସଂଖ୍ୟା	୦୦	୦୦	୦୦
ଅନୁସୂଚୀତ ଜନଜାତି ଜନସଂଖ୍ୟା	୦୦	୦୦	୦୦
ସାକ୍ଷରତା ହାର	୮୪.୩୪%	୯୩.୨୦%	୭୪.୭୪%
ମୋଟ ଶ୍ରମିକ, ଓ ଶ୍ରମିକ ଜନସଂଖ୍ୟା ହାର	୧୫୨	୧୩୪	୧୮
ମୁଖ୍ୟ (ମେନ୍) ଶ୍ରମିକ	୧୩୬	-	-
ନାମମାତ୍ର (ମାର୍ଜିନାଲ୍) ଶ୍ରମିକ	୧୬	୭	୯

ଉତ୍ସ: Indian Village Directory, https://villageinfo.in › Odisha › Khordha › Khordha › Dihakhala

ଗୁଗୁଲ୍ ସୂତ୍ରରୁ ପ୍ରାପ୍ତ ଡିହଖଳା ଗାଁର ଏକ ଦୃଶ୍ୟ ନିମ୍ନ ମାନଚିତ୍ରରୁ ମିଳିପାରିବ ।



୫.୫ ପ୍ରଭାବିତ ପରିବାର ଗୁଡ଼ିକର ଜନସାଂଖ୍ୟିକ ତଥ୍ୟ

ଗ୍ରାମର ପ୍ରଭାବିତ ପରିବାର ଗୁଡ଼ିକର ଜନସଂଖ୍ୟା ତଥା ସାମାଜିକ ଅର୍ଥନୈତିକ ବିଶେଷତ୍ୱ ଏହି ବିଭାଗରେ ଉପସ୍ଥାପିତ ହୋଇଛି। ଉଭୟ ଜଳସେଚିତ ଏବଂ ବର୍ଷାଜଳ ଜମିରେ କୃଷି କାର୍ଯ୍ୟ କରାଯାଇଥାଏ ।

୫.୫.୧ ସାମାଜିକ ଓ ଧାର୍ମିକ ପାର୍ଶ୍ୱଚିତ୍ର

ଐତିହାସିକ କାଳରୁ ପରିବାର ସମୁହର ସାମାଜିକ ଏବଂ ଆର୍ଥିକ ସ୍ଥିତିକୁ ପର୍ଯ୍ୟାଲୋଚନା କଲାବେଳେ ସେମାନଙ୍କର ଜାତି ଓ ଧର୍ମକୁ ବିଚାରକୁ ନିଆଯାଇଛି । ପ୍ରଭାବିତ ପରିବାରଗୁଡିକର ସାମାଜିକ-ଧାର୍ମିକ ରଚନା ଦର୍ଶାଏ ଯେ ଜମି ହରାଉଥିବା ସମସ୍ତ ୨୪ଟି ପରିବାର ଅନ୍ୟାନ୍ୟ ପଛୁଆ ବର୍ଗର (ଓ.ବି.ସି) ଏବଂ ହିନ୍ଦୁ ଅଟନ୍ତି ଏବଂ ସେମାନଙ୍କ ମଧ୍ୟରୁ ମହିଳା ମୁଖ୍ୟ ପରିବାର ମଧ୍ୟ ଅଟନ୍ତି ।

୫.୫.୨ ଜନସଂଖ୍ୟାର ଲିଙ୍ଗଗତ ସଂରଚନା

ସାରଣୀ ୫.୬ରେ ପ୍ରଭାବିତ ପରିବାର ଜନସଂଖ୍ୟାର ଲିଙ୍ଗଗତ ବିତରଣକୁ ଦର୍ଶାଯାଇଛି।

ସାରଣୀ ୫.୬: ପ୍ରଭାବିତ ପରିବାର ଗୁଡ଼ିକର ଲିଙ୍ଗଗତ ବିତରଣ

ଗ୍ରାମ	ମୋଟ ଜନସଂଖ୍ୟା			ପରିବାରର ହାରାହାରି ଆକାର (ସଂଖ୍ୟା)	ଲିଙ୍ଗାନୁପାତ
	ପୁରୁଷ	ମହିଳା	ମୋଟ		
ଡିହଖଳା	୬୮ (୫୪.୪୦)	୫୭ (୪୫.୬୦)	୧୨୫ (୧୦୦.୦୦)	୦୫	୮୩୮

ଉତ୍ସ – ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬ (ସୂଚନା – ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ଶତକଡ଼ାକୁ ସୂଚାଏ)

ପ୍ରଭାବିତ ୨୪ଟି ପରିବାରର ମୋଟ ଲୋକସଂଖ୍ୟା ୧୨୫ ଅଟେ । ସେମାନଙ୍କ ମଧ୍ୟରୁ ୬୮ ଜଣ ଅର୍ଥାତ୍ ୫୪.୪୦% ହେଉଛନ୍ତି ପୁରୁଷ ଏବଂ ୫୭ ଜଣ ଅର୍ଥାତ୍ ୪୫.୬୦% ହେଉଛନ୍ତି ମହିଳା । ପରିବାରର ହାରାହାରି ଲୋକସଂଖ୍ୟା ହେଉଛି ୫ ଜଣ ଏବଂ ଲିଙ୍ଗ ଅନୁପାତ ହେଉଛି ୮୩୮ ।

୫.୫.୩ ବୟସ ସଂରଚନା

ଜନସଂଖ୍ୟାରେ ବୟସଗତ ବିତରଣ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହା ମାଧ୍ୟମରେ ଜନସଂଖ୍ୟାର କେତେ ଅଂଶ ଲୋକ କାର୍ଯ୍ୟକ୍ଷମ ଅଛନ୍ତି ଏବଂ କେତେ ଲୋକ ନିର୍ଭରଶୀଳ ତାହା ଜଣା ପଡିଥାଏ। ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ମଧ୍ୟରେ ଜନସଂଖ୍ୟା ବିତରଣର ଏକ ଚିତ୍ର ସାରଣୀ ୫.୭ରେ ଦିଆଯାଇଛି।

ସାରଣୀ ୫.୭ ପ୍ରଭାବିତ ପରିବାର ଗୁଡ଼ିକର ଜନସଂଖ୍ୟାର ବୟସଗତ ବିତରଣ

ଗ୍ରାମ	୦ – ୬			୭ – ୧୪			୧୫ – ୪୫		
	ପୁ	ମ	ମୋ	ପୁ	ମ	ମୋ	ପୁ	ମ	ମୋ
ଡିହଖଳା	୦୮	୦୧	୦୯ (୭.୨୦)	୦୬	୦୩	୦୯ (୭.୨୦)	୩୨	୩୧	୬୩ (୫୦.୪୦)
	୪୬-୬୦			୬୦ରୁ ଊର୍ଦ୍ଧ୍ୱ			ସର୍ବମୋଟ		
	ପୁ	ମ	ମୋ	ପୁ	ମ	ମୋ	ପୁ	ମ	ମୋ
	୧୨	୧୨	୨୪ (୧୯.୨୦)	୧୦	୧୦	୨୦ (୧୬.୦)	୬୮	୫୭	୧୨୫

ଉତ୍ସ:ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬. ପୁ – ପୁରୁଷ ମ – ମହିଳା (ସୂଚନା – ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ଶତକଡ଼ାକୁ ସୂଚାଏ)

ସାରଣୀ ୫.୭ରୁ ଜଣା ଯାଏ ଯେ ସବୁଠାରୁ କାର୍ଯ୍ୟକ୍ଷମ ବୟସ (୧୫-୪୫)ର ଲୋକ ହେଉଛନ୍ତି ୫୦.୪୦%। ଏହା ପଛକୁ ଅଛନ୍ତି ୪୬ ରୁ ୬୦ ବର୍ଷ ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ବର୍ଗର ୧୯.୨୦% ଏବଂ ୧୬ %। ୭-୧୪ ବର୍ଷ ମଧ୍ୟରେ ୭.୨୦% ପିଲା ଅଛନ୍ତି । ୦ ରୁ ୬ ବର୍ଷର ପିଲାସଂଖ୍ୟା ନଅ ଜଣ ଯାହା ମୋଟ ଜନସଂଖ୍ୟାର ୭.୨୦% ଅଟେ। ମୋଟ କାର୍ଯ୍ୟକ୍ଷମ ଲୋକ (୧୫–୬୦ ବର୍ଷ) ହେଉଛନ୍ତି ମୋଟ ଜନ ସଂଖ୍ୟାର ୬୯.୬୦%। ଏଥିରୁ ଜଣାଯାଏ ୨୩.୨୦% ଲୋକ ଅନ୍ୟ ଉପରେ ନିର୍ଭରଶୀଳ ଏବଂ ଏହି ନିର୍ଭରତା ହାର ଉଚ୍ଚ ଅଟେ।

୫.୫.୪ ବୈବାହିକ ସ୍ଥିତି

ପ୍ରଭାବିତ ପରିବାରଗୁଡ଼ିକରେ ଲୋକମାନଙ୍କର ବୈବାହିକ ସ୍ଥିତି ସାରଣୀ ୫.୮ରେ ଦର୍ଶାଯାଇଛି।

ସାରଣୀ ୫.୮ ପ୍ରଭାବିତ ପରିବାରଗୁଡ଼ିକର ବୈବାହିକ ସ୍ଥିତି

ଗ୍ରାମ	ବୈବାହିକ ସ୍ଥିତି (ସଂଖ୍ୟାରେ)				ମୋଟ
	ବିବାହିତ	ଅବିବାହିତ	ବିଧବା/ବିପତ୍ନୀକ	ପିଲା	
ଡିହଖଳା	୮୦ (୬୪.୦)	୧୯ (୧୫.୨)	୦୮ (୬.୪)	୧୮ (୧୪.୪)	୧୨୫ (୧୦୦.୦)

ଉତ୍ସ – ପ୍ରାଥମିକ ପାରିବାରିକ ସର୍ବେକ୍ଷଣ, ୨୦୨୬
ସୂଚନା – ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟାମାନ ଶତକଡ଼ାକୁ ବୁଝାଏ

ସାରଣୀଟିରୁ ଏହା ଜଣାପଡେ ଯେ, ମୋଟ ଲୋକ ସଂଖ୍ୟାରେ ବିବାହିତଙ୍କ ସଂଖ୍ୟା ୬୪ ପ୍ରତିଶତ, ୧୫.୨ ପ୍ରତିଶତ ଅବିବାହିତ, ୬.୪ ପ୍ରତିଶତ ବିଧବା ଏବଂ ବିବାହ ଯୋଗ୍ୟ ବୟସରୁ କମ୍ (< ୧୮ ବର୍ଷ) ଲୋକଙ୍କ ସଂଖ୍ୟା ହେଉଛନ୍ତି ୧୪.୪ ପ୍ରତିଶତ ।

୫.୫.୫ ଜନସଂଖ୍ୟାର ସାକ୍ଷରତା ଓ ଶିକ୍ଷାଗତ ସ୍ଥିତି

ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ଏକ ପ୍ରମୁଖ ଉପାଦାନ ଯାହା ଏକ ଜନସଂଖ୍ୟାର ସାମାଜିକ-ଅର୍ଥନୈତିକ ସ୍ଥିତି ଏବଂ ଜମି ଅଧିଗ୍ରହଣ କାର୍ଯ୍ୟକ୍ରମ ଅଧିନରେ ପୁନଃ ଥଇଥାନ ପାଇଁ ସେମାନଙ୍କର ଯୋଗ୍ୟତା ନିର୍ଣ୍ଣୟ କରେ। ପ୍ରଭାବିତ ପରିବାରଗୁଡିକରେ ଲୋକଙ୍କ ଶିକ୍ଷାଗତ ସ୍ଥିତି ସାରଣୀ ୫.୯ ଏବଂ ୫.୧୦ରେ ପ୍ରତିଫଳିତ ହୋଇଛି।

ସାରଣୀ ୫.୯: ସାକ୍ଷରତା ସ୍ଥିତି

ଗ୍ରାମ	ଅଣ ବିଦ୍ୟାଳୟ ବୟସ			ନିରକ୍ଷର			ସାକ୍ଷର			ମୋଟ ଜନସଂଖ୍ୟା		
	ପୁରୁଷ	ମହିଳା	ମୋଟ	ପୁରୁଷ	ମହିଳା	ମୋଟ	ପୁରୁଷ	ମହିଳା	ମୋଟ	ପୁରୁଷ	ମହିଳା	ମୋଟ
ଡିହଖଳା	୬	୧	୦୭ (୫.୬)	-	୦୨	୦୨ (୧.୬)	୬୨	୫୪	୧୧୬ (୯୨.୮୦)	୬୮	୫୭	୧୨୫ (୧୦୦.୦)

ଉତ୍ସ – ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬ *(ସୂଚନା – ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ଶତକଡ଼ାକୁ ସୂଚାଏ)*

ସାରଣୀ ୫.୯ ରୁ ଏହା ସ୍ପଷ୍ଟ ଯେ ୨୪ଟି ପ୍ରଭାବିତ ପରିବାରରେ ମୋଟ ଜନସଂଖ୍ୟା ୧୨୫ ଜଣ । ଅଣ ବିଦ୍ୟାଳୟ ବୟସ (୦-୬ ବର୍ଷ) ବୟସର ୭ ଜଣ ପିଲା ଅଛନ୍ତି । ୦୨ ଜଣ (୧.୬ ପ୍ରତିଶତ) ହେଉଛନ୍ତି ଅଶିକ୍ଷିତ ଏବଂ ୧୧୬ ଜଣ ବା ୯୨.୮ ଶତଗଡା ଲୋକ ହେଉଛନ୍ତି ସାକ୍ଷର । ପ୍ରଭାବିତ ଜନ ସମୁଦାୟରେ ନିରକ୍ଷରତା ସ୍ତର କମ୍ । ଏହିପରି ହେବାର କାରଣ

ପ୍ରଭାବିତ ଗ୍ରାମ ଖୋର୍ଦ୍ଧା ବ୍ଲକ ମୁଖ୍ୟାଳୟଠାରୁ ଦୂରରେ ଅବସ୍ଥିତ ଏବଂ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ଅଛି । ପ୍ରାଥମିକ ଶିକ୍ଷା ସ୍ତର ସମାପ୍ତ ପରେ ବାହାରେ ଶିକ୍ଷା ପାଇଁ ବାଳକ ଏବଂ ବାଳିକାମାନଙ୍କୁ ଅଳ୍ପ ଦୂରତା ଅତିକ୍ରମ କରିବାକୁ ପଡୁଛି ଯାହା ଅଧ୍ୟୟନ କରିବା ପାଇଁ ଏକ ଉତ୍ସାହଜନକ ପରିବେଶ ସୃଷ୍ଟି କରୁଛି ।

ସାକ୍ଷରତା ଓ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଜନ ସମୁଦାୟଙ୍କ ବିତରଣ ସାରଣୀ ୫.୧୦ ରେ ଦର୍ଶାଯାଇଛି ।

ସାରଣୀ ୫.୧୦: ସାକ୍ଷରତା ଓ ଶିକ୍ଷାଗତ ଯୋଗ୍ୟତା

ଗ୍ରାମ	ନାମକୁ ମାତ୍ର ସାକ୍ଷର			ପ୍ରାଥମିକ			ଉଚ୍ଚ ବିଦ୍ୟାଳୟ		
	ପୁଅ	ଝିଅ	ମୋଟ	ପୁରୁଷ	ମହିଳା	ମୋଟ	ପୁରୁଷ	ମହିଳା	ମୋଟ
ଡିହଖଳା	-	୦୫	୦୫ (୪.୩୧)	୦୯	୦୪	୧୩ (୧୧.୨୧)	୧୧	୧୦	୨୧ (୧୮.୧୦)

ଗ୍ରାମ	ମାଟ୍ରିକ ପାସ			+୨ ପାସ			ସ୍ନାତକ		
	ପୁଅ	ଝିଅ	ମୋଟ	ପୁରୁଷ	ମହିଳା	ମୋଟ	ପୁରୁଷ	ମହିଳା	ମୋଟ
ଡିହଖଳା	୦୬	୦୬	୧୨ (୧୦.୩୪)	୦୭	୦୯	୧୬ (୧୩.୭୯)	୨୨	୧୧	୩୩(୨୮.୪୫)

ଗ୍ରାମ	ସ୍ନାତକୋତ୍ତର			ବୈଷୟିକ ଶିକ୍ଷା			ମୋଟ ସାକ୍ଷରତା		
	ପୁଅ	ଝିଅ	ମୋଟ	ପୁରୁଷ	ମହିଳା	ମୋଟ	ପୁରୁଷ	ମହିଳା	ମୋଟ
ଡିହଖଳା	୦୧	୦୫	୦୬ (୫.୧୭)	୦୬	୦୪	୧୦ (୮.୬୨)	୬୨	୫୪	୧୧୬

ଉତ୍ସ: ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬ ଟିପ୍ପଣୀ: ବନ୍ଧନୀର ସଂଖ୍ୟାଗୁଡ଼ିକ ଶତକଡ଼ା

୧୧୬ ଜଣ ସାକ୍ଷରମାନଙ୍କ ମଧ୍ୟରେ ୫ ଜଣ ବା ୪.୩୧ ପ୍ରତିଶତ ହେଉଛନ୍ତି ନାମକୁ ମାତ୍ର ସାକ୍ଷର (ଅର୍ଥାତ୍ ସେମାନେ କେବଳ ନିଜ ସ୍ଥାନୀୟ ଭାଷାରେ କଥା କୁହନ୍ତି ଓ ସ୍ୱାକ୍ଷର କରନ୍ତି), ୧୩ ଜଣ ବା ୧୧.୨୧ ଶତକଡା ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ପଢିଛନ୍ତି, ୨୧ଜଣ ବା ୧୮.୧୦ ଶତକଡା ଦଶମ ଶ୍ରେଣୀ, ୧୨ ବା ୧୦.୩୨ ଶତକଡା ସ୍ନାତକ ପର୍ଯ୍ୟନ୍ତ ପଢିଛନ୍ତି ଏବଂ ୧୦ ଜଣ ବା ୮.୬୨ ଶତକଡା ବୈଷୟିକ ଶିକ୍ଷା ଲାଭ କରିଛନ୍ତି ।

୫.୫.୬ ଲୋକମାନଙ୍କର ବୃତ୍ତିଗତ ବଣ୍ଟନ

କାର୍ଯ୍ୟକଳାପ ସ୍ଥିତି ଯଥା ଏକ ଜନସଂଖ୍ୟାରେ ଲୋକମାନେ ଯାହା କରୁଛନ୍ତି, ତାହା ସେମାନଙ୍କର ସାମାଜିକ-ଅର୍ଥନୈତିକ ସ୍ଥିତିର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ । ବିଶ୍ଳେଷଣାତ୍ମକ ଉଦ୍ଦେଶ୍ୟରେ ୧୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପ ସ୍ଥିତିକୁ ପରଖିବାକୁ ଉଚିତ୍ ବିବେଚନା କରାଯାଏ । ଏହି ସମ୍ବନ୍ଧରେ ସବିଶେଷ ବିବରଣୀ ସାରଣୀ ୫.୧୧ ଏବଂ ୫.୧୨ ରେ ଦିଆଯାଇଛି ।

ସାରଣୀ ୫.୧୧: ଲୋକମାନଙ୍କର କାର୍ଯ୍ୟଗତ ସ୍ଥିତି

ଗ୍ରାମ	କର୍ମ ନିଯୁକ୍ତ			ଗୃହିଣୀ	ଅବସରପ୍ରାପ୍ତ କର୍ମଚାରୀ			ବେକାର		
	ଷ୍ଟେଟ୍	ପ୍ରାଇଭେଟ୍	ସ୍ୱୟଂ		ଷ୍ଟେଟ୍	ପ୍ରାଇଭେଟ୍	ସ୍ୱୟଂ	ଷ୍ଟେଟ୍	ପ୍ରାଇଭେଟ୍	ସ୍ୱୟଂ
ଡିହଖଳା	୩୬	୦୭	୪୩ (୪୦.୧୯)	୩୨ (୨୯.୯୧)	୦୪	୦୧	୦୫ (୪.୬୭)	୦୩	୦୨	୦୫ (୪.୬୭)

ଗ୍ରାମ	60+ ବୟସର ବେକାର ଶାରୀରିକ ଭାବରେ ଅକ୍ଷମ ଏବଂ କାମ କରୁନଥିବା ବୃଦ୍ଧାବୃଦ୍ଧ			ଅଧ୍ୟୟନରତ			ମୋଟ		
	ଷ୍ଟେଟ୍	ପ୍ରାଇଭେଟ୍	ସ୍ୱୟଂ	ଷ୍ଟେଟ୍	ପ୍ରାଇଭେଟ୍	ସ୍ୱୟଂ	ଷ୍ଟେଟ୍	ପ୍ରାଇଭେଟ୍	ସ୍ୱୟଂ
ଡିହଖଳା	୦୧	୦୫	୦୬ (୫.୬୧)	୧୦	୦୬	୧୬ (୧୪.୯୫)	୫୪ (୫୦.୪୭)	୫୩ (୪୯.୫୩)	୧୦୭ (୧୦୦.୦୦)

ଉତ୍ସ: ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬

ଟିପ୍ପଣୀ: ବନ୍ଧନୀର ସଂଖ୍ୟା ଶତକଡ଼ା ସୂଚିତ କରେ

ପ୍ରଭାବିତ ପରିବାରଙ୍କ ମୋଟ ଜନସଂଖ୍ୟା ୧୨୫ ଜଣ । ସେମାନଙ୍କ ମଧ୍ୟରୁ ୧୬ ଜଣ (୧୪.୯୫ ଶତକଡା) ହେଉଛନ୍ତି ୦-୧୪ ବର୍ଷ ବୟସ ବର୍ଗର ଏବଂ ୧୦୭ ଜଣ ହେଉଛନ୍ତି ୧୫ ବର୍ଷରୁ ଅଧିକ ବୟସ ବର୍ଗର ଯେଉଁମାନେ କି ବିଭିନ୍ନ ପ୍ରକାର ଅର୍ଥନୈତିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ୧୦୭ ଜଣଙ୍କ ମଧ୍ୟରୁ ୪୩ ଜଣ (୪୦.୧୯ ଶତକଡା) ଉତ୍ପାଦନଶୀଳ କାର୍ଯ୍ୟକଳାପରେ ନିୟୋଜିତ ଅଛନ୍ତି । ୫ ଜମ ବା ୪.୬୭ ଶତକଡା ହେଉଛନ୍ତି ଅବସରପ୍ରାପ୍ତ କର୍ମଚାରୀ । ୩୨ ଜଣ ହେଉଛନ୍ତି ଗୃହିଣୀ ଏବଂ ୧୬ ଜଣ ହେଉଛନ୍ତି ଅଧ୍ୟୟନରତ । ଏହାର ଅର୍ଥ ହେଉଛି ୧୦୭ ଜଣଙ୍କୁ ପାଳିବା ପାଇଁ ୪୩ ଜଣ (୪୦.୧୯ ଶତକଡା) କାର୍ଯ୍ୟ କରୁଛନ୍ତି । ଅତଏବ, ପରିବାର ସମୂହରେ ନିର୍ଭରଶୀଳତା ଭାର ଅଧିକ । ଏଠାରେ ନିର୍ଭରଶୀଳତା ଭାର ଅଧିକ ଯୋଗୁଁ ଡାଇଭର୍ସନ ଓ୍ୱାୟାର ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣର ପ୍ରତିକୂଳ ପ୍ରଭାବ ବେଶୀ ହେବାର ଆଶଙ୍କା କରାଯାଏ।

ଲୋକମାନେ କେଉଁ ପ୍ରକାର ବୃତ୍ତି କରିଥାନ୍ତି ତାହା ସେମାନଙ୍କ ସାମାଜିକ ସ୍ଥିତି ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ । ଏଥିପାଇଁ ଲୋକଙ୍କର ବୃତ୍ତିଗତ ସ୍ଥିତିକୁ ନେଇ ଅନୁଶୀଳନ ର ଆବଶ୍ୟକତା ରହିଛି । ଏହି ସମ୍ବନ୍ଧରେ ଲୋକଙ୍କର ସବିଶେଷ ବୃତ୍ତିଗତ ବିବରଣୀ ସାରଣୀ ୫.୧୨ ରେ ଦିଆଯାଇଛି ।

ସାରଣୀ ୫.୧୨ : ବୃତ୍ତି ବଣ୍ଟନ

ଗ୍ରାମ	କୃଷି			ଅନ୍ୟାନ୍ୟ			ବେତନଭୋଗୀ		
	ଷ୍ଟେଟ୍	ଫେଡ୍	ମୋଟ	ଷ୍ଟେଟ୍	ଫେଡ୍	ମୋଟ	ଷ୍ଟେଟ୍	ଫେଡ୍	ମୋଟ
ଡିହଖଳା	୦୩	୦୦	୦୩ (୬.୯୮)	୦୩	-	୦୩ (୬.୯୮)	୧୫	୦୬	୨୧ (୪୮.୮୪)

ଗ୍ରାମ	ବାଣିଜ୍ୟ ବ୍ୟବସାୟ			ଦିନ ମଜୁରିଆ		
	ଷ୍ଟେଟ୍	ଫେଡ୍	ମୋଟ	ଷ୍ଟେଟ୍	ଫେଡ୍	ମୋଟ
ଡିହଖଳା	୧୫	୦୧	୧୬ (୩୭.୨୧)	୩୬ (୮୩.୭୨)	୦୭ (୧୬.୨୮)	୪୩ (୧୦୦.୦୦)

ଉତ୍ସ: ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬
ଟିପ୍ପଣୀ: ବନ୍ଧନୀର ସଂଖ୍ୟା ଶତକଡ଼ା ସୂଚିତ କରେ

ଉପରେ ଦିଆଯାଇଥିବା ସାରଣୀ ରୁ ଜଣାଯାଏ ଯେ, କେବଳ ୪୩ ଜଣ ଲୋକ ବିଭିନ୍ନ ପ୍ରକାର ରୋଜଗାରକ୍ଷମ କାର୍ଯ୍ୟରେ ନିୟୋଜିତ ହୋଇ ନିଜର ଜିବୀକା ନିର୍ବାହ କରୁଛନ୍ତି ଏବଂ ଏହି ୪୩ ଜଣ କୃଷି ଏବଂ ସହଯୋଗୀ କାର୍ଯ୍ୟକଳାପରେ ନିୟୋଜିତ ହୋଇ ଆର୍ଥିକ ଦୃଷ୍ଟିରୁ ସକ୍ରିୟ ଅଛନ୍ତି । ଏହା ସହିତ ସେମାନେ ନିକଟସ୍ଥ ସହର ଖୋର୍ଦ୍ଧାରେ ମଜୁରୀଆ ଶ୍ରମିକ, ଅନ୍ୟ ଗ୍ରାମରେ କୃଷି କାର୍ଯ୍ୟ କରିବା ପାଇଁ, ଏବଂ ଅନ୍ୟାନ୍ୟ ରାଜ୍ୟକୁ ଅସ୍ଥାୟୀ ଶ୍ରମିକ ଭାବରେ କାମ କରି କିଛି ରୋଜଗାର କରିବା ପାଇଁ ନିୟୋଜିତ ଅଛନ୍ତି । ଏଥିରୁ କୃଷିର ପ୍ରାଥମିକତା ସ୍ପଷ୍ଟ ଅନୁମେୟ ଏବଂ କେନାଲ ପ୍ରକଳ୍ପ ପାଇଁ ଚାଷ ଜମି ଅଧିଗ୍ରହଣ ହେଲେ ସେମାନଙ୍କ ଜୀବିକା ଉପରେ ନକରାତ୍ମକ ପ୍ରଭାବ ପକାଇବ ବୋଲି ସୂଚାଇଥାଏ ।

୫.୬ ପ୍ରଭାବିତ ପରିବାର ଗୁଡିକର ଆର୍ଥିକ ସ୍ଥିତି ଏବଂ ମୌଳିକ ସୁବିଧା

୫.୬.୧ ଆୟ, ଦାରିଦ୍ର୍ୟ ଏବଂ ଋଣ

ଘରର ଆୟ, ଦାରିଦ୍ର୍ୟ ଏବଂ ଋଣର ସ୍ଥିତି ଏହାର ଆର୍ଥିକ ଅବସ୍ଥାକୁ ସୂଚାଇ ଥାଏ । ବୃତ୍ତି, ଆୟ, ଦାରିଦ୍ର୍ୟ ଏବଂ ଋଣ ସମ୍ବନ୍ଧୀୟ ସୂଚନା ପ୍ରଭାବିତ ପରିବାରମାନଙ୍କ ପାଇଁ ***"ସାମାଜିକ ପ୍ରଭାବ ପରିଚାଳନା ଯୋଜନା"*** ପ୍ରସ୍ତୁତ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏ ସମ୍ପର୍କରେ ସୂଚନା ସାରଣୀ ୫.୧୩ ଏବଂ ୫.୧୪ ରେ ଦିଆଯାଇଛି ।

ସାରଣୀ ୫.୧୩: ଆୟସ୍ତର ଅନୁସାରେ ପ୍ରଭାବିତ ପରିବାର ଗୁଡିକର ବିତରଣ

ଗ୍ରାମ	ପ୍ରଭାବିତ ପରିବାର ଗୁଡାକର ଆୟର ସ୍ତର (ଟଙ୍କାରେ)					
ଡିହଖଳା	୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ	୧,୦୦,୦୦୧ ରୁ ୨,୦୦,୦୦୦	୨୦୦୦୦୧- ୩୦୦୦୦୦	୩୦୦୦୦୧ - ୫୦୦୦୦୦	୫୦୦୦୦୧ ରୁ ଅଧିକ	ମୋଟ
	୦୭ (୨୯.୧୭)	୦୧ (୪.୧୭)	୦୨ (୮.୩୩)	୩ (୧୨.୫୦)	୧୧ (୪୫.୮୩)	୨୪

ଉତ୍ସ: ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬
ଟିପ୍ପଣୀ: ବନ୍ଧନୀର ସଂଖ୍ୟା ଶତକଡାକୁ ସୂଚିତ କରେ

ସାରଣୀରୁ ଜଣାଯାଏ ଯେ ୨୪ଟି ସର୍ବେକ୍ଷଣ କରାଯାଇଥିବା ପରିବାରର ବାର୍ଷିକ ଆୟର ସ୍ତର ୧,୦୦,୦୦୦ ଟଙ୍କାରୁ କମ୍ ଏବଂ ୫,୦୦,୦୦୦ ଟଙ୍କା ମଧ୍ୟରେ । ସମୁଦାୟ ପ୍ରଭାବିତ ପରିବାରରୁ ଗୋଟିଏ ବା (୪.୧୭ ପ୍ରତିଶତ) ପରିବାରର ବାର୍ଷିକ ଆୟ ହେଉଛି ୧,୦୦,୦୦୦ ଟଙ୍କା ମଧ୍ୟରେ । ୩ ଟି ବା (୧୨.୫୦ ପ୍ରତିଶତ) ପରିବାରର ବାର୍ଷିକ ଆୟ ହେଉଛି ୩,୦୦,୦୦୧ ରୁ ୫,୦୦,୦୦୦ ଟଙ୍କା ମଧ୍ୟରେ । ଖୁସିର କଥା ଯେ ସମସ୍ତ ପ୍ରଭାବିତ ପରିବାରର ଆୟ ଦାରିଦ୍ର୍ୟ ସୀମାରେଖା ଉପରେ। ତଥାପି, ପ୍ରଭାବିତ ପରିବାର ମାନଙ୍କର ଆୟସ୍ତର ବହୁତ କମ୍ ଏବଂ ସେମାନେ ସମସ୍ତେ ସାଧାରଣ ଚଳନୀୟ ଅବସ୍ଥାରେ ଚଳୁଛନ୍ତି ।

ସାରଣୀ ୫.୧୪: ପ୍ରଭାବିତ ପରିବାର ଗୁଡିକର ଋଣ ସମ୍ବନ୍ଧୀୟ ସୂଚନା

କ୍ର. ନଂ	ଗ୍ରାମ	ଋଣଗ୍ରହୀତା ପରିବାର	ଋଣର ଉତ୍ସ				
			ବ୍ୟାଙ୍କ	ମହାଜନ	ମହିଳା ସ୍ୱଂୟ ସହାୟକ ଦଳ/ଲ୍ୟାମ୍ପସ୍	ବନ୍ଧୁ ବର୍ଗ	ମୋଟ
୧	ଡିହଖଳା	୦୭	୦୬ (୮୫.୭୧)	୦୧ (୧୪.୨୯)	୦୦	୦୦	୦୭

ଉତ୍ସ: ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬
ଟିପ୍ପଣୀ: ବନ୍ଧନୀର ସଂଖ୍ୟା ଶତକଡାକୁ ସୂଚିତ କରେ

୨୪ଟି ପ୍ରଭାବିତ ପରିବାର ମଧ୍ୟରୁ ୭ଟି ପରିବାର ଘରର ଆର୍ଥିକ ଅଭାବକୁ ପୂରଣ କରିବା ପାଇଁ ବିଭିନ୍ନ ଉତ୍ସରୁ ଋଣ କରିଛନ୍ତି। ସର୍ବେକ୍ଷଣରୁ ଜଣାଯାଏ ଯେ ପରିବାରର ମୁଖିଆ ମାନେ ଋଣ କରିଛନ୍ତି। ୭ଟି ପ୍ରଭାବିତ ପରିବାର ମଧ୍ୟରୁ ୬ଟି ପରିବାର ବ୍ୟାଙ୍କ ରୁ ଋଣ କରିଛନ୍ତି ଏବଂ ଅନ୍ୟ ଜଣକ ମହାଜନଠାରୁ ଋଣ କରିଛନ୍ତି । ସେମାନେ ସମସ୍ତେ ପାରିବାରିକ ଆବଶ୍ୟକତା ପୂରଣ ପାଇଁ ଏବଂ କୃଷିକାର୍ଯ୍ୟ ନିମନ୍ତେ ଋଣ କରିଛନ୍ତି ।

୫.୬.୨ ପ୍ରଭାବିତ ପରିବାର ଗୁଡିକର ସ୍ଥାୟୀ ଉପଭୋକ୍ତା ସାମଗ୍ରୀ ଏବଂ ଅନ୍ୟାନ୍ୟ ସମ୍ପତ୍ତି

ମାଲିକାନା ଏବଂ ସ୍ଥାୟୀ ଉପଭୋକ୍ତା ସାମଗ୍ରୀର ବ୍ୟବହାର ଘରର ସୁଖସ୍ୱାଚ୍ଛନ୍ଦ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ । ଏହି ସମ୍ବନ୍ଧରେ ମୂଲ୍ୟବାନ ସୂଚନା ସାରଣୀ ୫.୧୫ ରେ ଉପସ୍ଥାପିତ ହୋଇଛି ।

ସାରଣୀ ୫.୧୫: ସ୍ଥାୟୀ ଉପଭୋକ୍ତା ସାମଗ୍ରୀଏବଂ ସମ୍ପତ୍ତି

ସାମଗ୍ରୀ ଓ ସମ୍ପତ୍ତି	ଟି.ଭି	ଫ୍ରିଜ୍	ମୋବାଇଲ୍ ଫୋନ୍	ସାଇକେଲ୍	ଦୁଇ ଚକିଆ ଯାନ	ତିନି ଚକିଆ ଯାନ	ଚାରି ଚକିଆ ଯାନ	ବସ୍	ଆୟକାରୀ ମେସିନ୍	ଅଳଙ୍କାର
ମୋଟ ପରିବାର	୨୯	୧୨	୪୯	୧୭	୧୨	୦୧	୦୬	୦୦	୧୦	୦୯

ଉତ୍ସ: ପ୍ରାଥମିକ ପରି୧୨ବାର ସର୍ବେକ୍ଷଣ, ୨୦୨୬ *ଟିପ୍ପଣୀ: ବନ୍ଧନୀର ସଂଖ୍ୟା ଶତକଡାକୁ ସୂଚିତ କରେ*

ପ୍ରଭାବିତ ୨୪ଟି ପରିବାରର ନିଜସ୍ୱ ଆବାସିକ ଘର ଅଛି ଏବଂ ସମସ୍ତଙ୍କ ଘରେ ବାସନକୁସନ, ମୋବାଇଲ୍ ଫୋନ୍, ସାଇକେଲ୍, ପ୍ରତି ଘରେ ଅଳ୍ପ ପରିମାଣର ଅଳଙ୍କାର, ରନ୍ଧନ ଗ୍ୟାସ୍ ସଂଯୋଗ ଅଛି ଏବଂ ୬ଟି ପରିବାରର ଚାରି ଚକିଆ ଯାନ ଅଛି । ସାରଣୀରେ ଦିଆଯାଇଥିବା ତଥ୍ୟ ପରିବାରର ସାମଗ୍ରିକ ଅର୍ଥନୈତିକ ଅବସ୍ଥା ହାରାହାରି ଭଲ ଥିବାର ଦର୍ଶାଏ ।

୫.୬.୩ ଗୃହ ତତ୍ ସଂଲଗ୍ନ ସୁବିଧାଗୁଡ଼ିକର ଅବସ୍ଥା

ବାସଗୃହ ଏକ ମୌଳିକ ଆବଶ୍ୟକତା ଏବଂ ଏକ ସୁନ୍ଦର ଜୀବନଯାପନ ପାଇଁ ଘର ଭିତରେ କିଛି ମୌଳିକ ସୁବିଧା ଆବଶ୍ୟକ। ଏ ସମ୍ପର୍କିତ ଉପଯୋଗୀ ସୂଚନା ସାରଣୀ ୫.୧୬ ଏବଂ ୫.୧୭ରେ ଦିଆଯାଇଛି ।

ସାରଣୀ ୫.୧୬: ବାସଗୃହର ଅବସ୍ଥା

ଗ୍ରାମ	ଛାତ						
	ଛପର	ଆଜବେଷ୍ଟସ	ଟାଇଲ	କଂକ୍ରିଟ୍	ଟିଣ	ଅନ୍ୟାନ୍ୟ	ମୋଟ
ଡିହଖଳା	୨	୧	-	୧୩	୮	-	୨୪
	(୮.00)	(୪.00)	-	(୫୬.00)	(୩୨.00)	-	(୧00)

Village	ଚଟାଣ				
	ମାଟି	ସିମେଣ୍ଟ	ଟାଇଳ	ଅନ୍ୟାନ୍ୟ	ମୋଟ
Dihakhala	-	୮	୧୫	୧	୨୪
	-	(୩୨.00)	(୬୪.00)	(୪.00)	(୧00)

Village	କାନ୍ଥ					
	ମାଟି	ଇଟା ସହିତ କାଦୁଅ	କାଠ ସହିତ କାଦୁଅ	ଇଟା ସହିତ ସିମେଣ୍ଟ	ଅନ୍ୟାନ୍ୟ	ମୋଟ
Dihakhala	-	-	-	୨୪	-	୨୪
	-	-	-	(୧00)	-	(୧00)

ଉତ୍ସ: ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬

ସର୍ବେକ୍ଷଣରୁ ଜଣାପଡିଛି ଯେ ସମସ୍ତ ପ୍ରଭାବିତ ପରିବାରର ନିଜସ୍ୱ ସ୍ଥାୟୀ ଘର ଅଛି ଯେଉଁଥିରେ ସେମାନଙ୍କ ପରିବାର ବସବାସ କରନ୍ତି ଏବଂ ପରିବାରର ସମ୍ପତ୍ତି ରହିଥାଏ। ସେମାନଙ୍କ ମଧ୍ୟରୁ ୧୩ଟି ପରିବାରର ଘରର ଛାତ କଂକ୍ରିଟ ଏବଂ ୮ ଜଣଙ୍କର ଟି ଛାତଘର ଅଛି । ୧୫ ଜଣଙ୍କ ଘରର ଚଟାଣ ଟାଇଲରେ ତିଆରି ହୋଇଛି । ୧ଟି ପରିବାରର ଛାତ ଛପର ହୋଇଛି ଓ ୧ଟି ପରିବାରର ଛାତ ଆଜବେଷ୍ଟସ୍ ଦ୍ୱାରା ଆଚ୍ଛାଦିତ ।

ସାରଣୀ ୫.୧୭: ବାସଗୃହ ମଧ୍ୟରେ ଉପଲବ୍ଧ ସୁବିଧା

ଗ୍ରାମ	ବିଦ୍ୟୁତ୍ ସଂଯୋଗ	ପାନୀୟ ଜଳର ଉତ୍ସ		ଗାଧୁଆ ଘର	ପାଇଖାନା	ସଫାସଫି ଓ ଧୁଆଧୋଇ ସ୍ଥାନ
		ପାଇପ ଦ୍ୱାରା ଜଳ ଯୋଗାଣ	ଗ୍ରାମ ନଳକୂପ	ପରିସର ମଧ୍ୟରେ	ଘର ପରିସର ବାହାରେ	ଘର ପରିସର ବାହେରେ
କେବଡାତୁଲା	୨୪ (୧୦୦)	୦୭ (୨୯.୧୭)	୨୩ (୯୫.୮୩)	୨୪ (୧୦୦)	୨୪ (୧୦୦)	୨୪ (୧୦୦)

ଉତ୍ସ: ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬

ଗ୍ରାମ ନଳକୂପରୁ ସମସ୍ତ ଘର ପାନୀୟ ଜଳ ସୁବିଧା ପାଆନ୍ତି ଏବଂ ସେମାନେ ପାନୀୟ ଏବଂ ରନ୍ଧନ ଉଦ୍ଦେଶ୍ୟରେ ସରକାରୀ ଜଳ ଯୋଗାଣ ପାଇପ ଜଳ ମଧ୍ୟ ବ୍ୟବହାର କରନ୍ତି । ସମସ୍ତ ଘର ବିଦ୍ୟୁତକରଣ ହୋଇଛି । ସମସ୍ତଙ୍କର ଘର ବାହାରେ ଗାଧୁଆ ଘର ଏବଂ ଶୌଚାଳୟ ଅଛି କିନ୍ତୁ ସେମାନେ ଏହାକୁ ବେଳେବେଳେ ବ୍ୟବହାର କରୁଛନ୍ତି । ଗ୍ରାମରେ ସମସ୍ତଙ୍କର ପାଇଖାନା ଏବଂ ଗୋଟିଏ ମାତ୍ର କଂକ୍ରିଟ ପାଇଖାନା ଘର ସରକାରୀ ଯୋଜନା ଅଧିନରେ ନିର୍ମାଣ କରାଯାଇଛି । ଲୋକମାନେ ପ୍ରାୟତଃ ଖୋଲା ସ୍ଥାନରେ ମଳତ୍ୟାଗ କରନ୍ତି ଏବଂ ସାଧାରଣତଃ ଝରଣାରେ ସ୍ନାନ କରନ୍ତି । ସମସ୍ତ ପରିବାରର ପଶୁପାଳନ ପାଇଁ (ଗାଈ, ଛେଳି, କୁକୁଡ଼ା) ଗୁହାଳ ପୁରାତନ ଢଙ୍ଗରେ ଘରଠାରୁ ସଂପୂର୍ଣ୍ଣରୂପେ ଅଲଗା ଅଛି ।

୫.୭ ସ୍ୱାସ୍ଥ୍ୟ ସ୍ଥିତି ଏବଂ ସ୍ୱାସ୍ଥ୍ୟ ଖୋଜୁଥିବା ଆଚରଣ

ଉଭୟ ମାନବ ପୁଞ୍ଜି ଗଠନ ଏବଂ ଏକ ଉତ୍ତମ ଜୀବନଧାରଣ ପାଇଁ ସ୍ୱାସ୍ଥ୍ୟ ହେଉଛି ସମ୍ପଦ ଏବଂ ଗୁରୁତ୍ୱପୂର୍ଣ୍ଣ। ସ୍ୱାସ୍ଥ୍ୟଗତ ସ୍ଥିତି ଏବଂ ପ୍ରଭାବିତ ପରିବାରର ସ୍ୱାସ୍ଥ୍ୟ ସମ୍ପର୍କିତ ଆଚରଣର ସୂଚନା ସେମାନଙ୍କଠାରୁ ସଂଗ୍ରହ କରାଯାଇଛି । ରିପୋର୍ଟ ଅନୁଯାୟୀ, ପୂର୍ବ ବର୍ଷରେ କୌଣସି ଘର ସ୍ଥାୟୀ (କ୍ରନିକ୍) ରୋଗରେ ପୀଡିତ ହୋଇନଥିଲେ। ଯେତେବେଳେ ସେମାନେ ରୋଗରେ ପିଡିତ ହୁଅନ୍ତି, ଉପଶମ ପାଇଁ ସେମାନେ ପ୍ରଥମେ ପାରମ୍ପାରିକ ସ୍ୱଦେଶୀ ଆରୋଗ୍ୟ ବ୍ୟବସ୍ଥାର ବ୍ୟବହାର କରନ୍ତି ଏବଂ ଆବଶ୍ୟକ ହେଲେ ସ୍ଥାନୀୟ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିଲ୍ଲା ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଆନ୍ତି ।

୫.୮ ପ୍ରଭାବିତ ପରିବାରର ଦୁର୍ବଳ ଓ ଅସୁରକ୍ଷିତ ସ୍ଥିତି

ଯେ କୌଣସି ସାମାଜିକ ଗୋଷ୍ଠୀମଧ୍ୟରେ କିଛି ଅସୁରକ୍ଷିତ ଲୋକ ଥାଇପାରନ୍ତି । ପ୍ରକଳ୍ପଟିଏ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ହେଲେ ଏପରି ବ୍ୟକ୍ତିଥିବା ପରିବାରମାନେ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି, କାରଣ ଏହା ସେମାନଙ୍କ ଜୀବିକା ଉପରେ ଅଧିକ

ନକରାତ୍ମକ ପ୍ରଭାବ ପକାଇଥାଏ। ଗୋଟିଏ ପରିବାରର ଦୁର୍ବଳ ସ୍ଥିତି ଓ ଅସୁରକ୍ଷିତ ଅବସ୍ଥା ଏହାର ସାମାଜିକ-ଅର୍ଥନୈତିକ ସ୍ଥିତି ଉପରେ ନିର୍ଭର କରେ, ଯଥା ଅନ୍ୟାନ୍ୟ ପଛୁଆ ବର୍ଗ, ଭିନ୍ନକ୍ଷମ, ମହିଳା, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତି ଓ ପରିବାର, ପଡି କାର୍ଡ ଥିବା ପରିବାର ଇତ୍ୟାଦି । ଏହା ଧ୍ୟାନଯୋଗ୍ୟ ଯେ, ପ୍ରକଳ୍ପ ପ୍ରଭାବିତ ଗ୍ରାମର ସମସ୍ତ ପ୍ରଭାବିତ ପରିବାର ଏହି ସବୁ ଦୃଷ୍ଟିରୁ ଅସୁରକ୍ଷିତ । ସେମାନେ ସମସ୍ତେ ସାଧାରଣ ବର୍ଗ ଶ୍ରେଣୀର । ଏଥି ସମ୍ବନ୍ଧିୟ ବିଶେଷ ସୂଚନା ପୂର୍ବରୁ ଚତୁର୍ଥ ଅଧ୍ୟାୟର ସାରଣୀ ୪.୨ ରେ ପ୍ରଦାନ କରାଯାଇଛି ।

୫.୯ ମହିଳାମାନଙ୍କ ଭାଗିଦାରୀତା

ଲୋକଙ୍କ ଜୀବନଯାପନରେ ଗୁଣାତ୍ମକ ଉପଲବ୍ଧ ନିମନ୍ତେ ଲିଙ୍ଗଗତ ଭୂମିକାର ପ୍ରାଧାନ୍ୟ ରହିଛି । ଘରୋଇ ଓ ପାରିବାରିକ ନିଷ୍ପତ୍ତି ନେବାରେ ମହିଳାମାନଙ୍କର ସହଭାଗୀତା ଓ ଭୂମିକା ଏବଂ ସାମୁହିକ ଓ ସାମାଜିକ ତଥା ସାଂସ୍କୃତିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ସେମାନେ ଉପଭୋଗ କରୁଥିବା ସ୍ୱାଧୀନତା ଏହି ଦିଗରେ ଗୁରୁତ୍ୱପୂର୍ଣ୍ଣ । ସର୍ବେକ୍ଷଣ ସମୟରେ ଏହା ଜଣା ଯାଇଛି ଯେ ସମସ୍ତଙ୍କ କ୍ଷେତ୍ରରେ, ସମସ୍ତ ଘରୋଇ ନିଷ୍ପତ୍ତି ପରିବାରର ମୁଖ୍ୟଙ୍କ ଦ୍ୱାରା ସମସ୍ତ ପୁରୁଷ ମୁଖ୍ୟବିଶିଷ୍ଟ ପରିବାରରେ ନିଆଯାଏ । ଯେଉଁ ପରିବାରରେ ମହିଳା ମୁଖ୍ୟ ଥାଆନ୍ତି, ବଡ ପୁଅ ନିଷ୍ପତ୍ତି ନେବାରେ ବିଶେଷ ଭୂମିକାଗ୍ରହଣ କରନ୍ତି। ମୋଟାମୋଟି ଭାବେ, ମୁଖ୍ୟଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ସାଧାରଣତଃ ଆପୋଷ ଆଲୋଚନା ମାଧ୍ୟମରେ ସାମୁହିକ ଭାବେ ଗ୍ରହଣ କରାଯାଏ ଏବଂ ପ୍ରକଳ୍ପ ପ୍ରଭାବିତ ପରିବାରରେ ଏ ବାବଦରେ ମତପାର୍ଥକ୍ୟର କୋଣସି ଖବର ଜଣାଯାଇ ନାହିଁ । ନିଷ୍ପତ୍ତିଗୁଡ଼ିକ ମିଳିତ ତଥା ସର୍ବସମ୍ମତ ଭାବରେ ନିଆଯାଏ ବୋଲି ଜଣାଯାଏ। ମହିଳାମାନେ ଏହି ନିଷ୍ପତ୍ତିରେ ଅଂଶଗ୍ରହଣ କରିଥିବା ମଧ୍ୟ ଜଣାଯାଏ । ସେହିଭଳି, ମହିଳାମାନଙ୍କୁ ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ସମାବେଶରେ ଯୋଗଦେବାର ତଥ୍ୟ ମିଳିଛି । ସେମାନେ ସାଧାରଣତଃ ପୁରୁଷ ସଦସ୍ୟ ବା ପୁରୁଷ ପିଲାଙ୍କ ସହିତ ଯାଇ ଏଗୁଡିକରେ ଅଂଶ ଗ୍ରହଣ କରନ୍ତି । ସମସ୍ତ ପ୍ରଭାବିତ ପରିବାରର ମହିଳା, ସଦସ୍ୟ ଭାବରେ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ରେ ଅଛନ୍ତି । ଏହା ସୂଚିତ କରେ ଯେ ଘରର ନିଷ୍ପତ୍ତି ଏବଂ ସମ୍ପ୍ରଦାୟ ସ୍ତରରେ ମହିଳାମାନଙ୍କର ଅଂଶଗ୍ରହଣ ଯଥେଷ୍ଟ ଭଲ ।

୫.୧୦ ନମୁନାଭୁକ୍ତ ଅଣପ୍ରଭାବିତ ପରିବାରଗୁଡିକର ପାର୍ଶ୍ୱଚିତ୍ର

କେନାଲ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଭାବିତ କେବଡାତୁଲା ଗ୍ରାମର ନମୁନାଭୁକ୍ତ ପରିବାରଗୁଡିକର ସାମାଜିକ-ଅର୍ଥନୈତିକ ପାର୍ଶ୍ୱଚିତ୍ର ଉପରେ ଆଲୋଚିତ ପ୍ରତ୍ୟକ୍ଷ ପ୍ରଭାବିତ ପରିବାରଗୁଡିକର ତଥ୍ୟ ସହିତ ପ୍ରାୟତଃ ସମାନ ।

ସମସ୍ତ ୧୦ଟି ନମୁନା ପରିବାରର ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକଳାପ ଅନୁଶୀଳନ କଲେ ଜଣାଯାଏ ଯେ ସେମାନେ ମଧ୍ୟ କୃଷିରୁ ମୋଟ ଆୟର ଏକ ବୃହତ ଅଂଶ ପାଆନ୍ତି ଓ କୃଷିରୁ ନିଜର ଜୀବିକା ନିର୍ବାହ କରନ୍ତି। ସେମାନେ ସାଧାରଣ ସର୍ବନିମ୍ନ ମୌଳିକ ସୁବିଧା ଯୁକ୍ତ ନିଜ ଘରେ ରୁହନ୍ତି ଏବଂ ପରିବାରର କୌଣସି ସଦସ୍ୟ ଅସୁସ୍ଥ ହେଲେ ସରକାରୀ ଏଲୋପାଥିକ୍ ଡାକ୍ତରଖାନାରୁ ଚିକିତ୍ସା ଗ୍ରହଣ କରନ୍ତି ।

୫.୧୧ ଜମି ବ୍ୟବହାର ଏବଂ ଜୀବିକା

ଜମିର ଉପଯୋଗ ସମ୍ବନ୍ଧରେ ଅଧ୍ୟାୟ-୩ ର ସାରଣୀ-୩.୬ ରେ ଆଲୋଚନା କରାଯାଇଛି । ଏଠାରେ ଦୋହରାଯାଇପାରେ ଯେ କେନାଲ ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେଉଥିବା ସମସ୍ତ ଜମି କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ ଏବଂ ସମସ୍ତ ପ୍ରଭାବିତ ଜମି ହେଉଛି କୃଷି ଜମି । ଶ୍ରମିକଙ୍କ ବୃତ୍ତିଗତ ବଣ୍ଟନରୁ ଜ୍ଞାତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି କୃଷି ପ୍ରଭାବିତ ପରିବାର ପାଇଁ

ନିଯୁକ୍ତିର ଏକ ପ୍ରମୁଖ ଉତ୍ସ କୃଷି । ପ୍ରଭାବିତ ଗ୍ରାମର ଲୋକଙ୍କ ପାଇଁ କୃଷି ଉଭୟ ଶ୍ରମ ନିୟୋଜନ ଏବଂ ଜୀବିକା ନିର୍ବାହର ଏକ ମୁଖ୍ୟ ଉତ୍ସ ।

୫.୧୨ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପ

ଗୋଟିଏ ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ଜୀବନ ଓ ଜୀବିକା ସ୍ଥାନୀୟ ପ୍ରାକୃତିକ ସମ୍ବଳ ଓ ସାମାଜିକ-ଅର୍ଥନୈତିକ ଅବସ୍ଥା ଉପରେ ନିର୍ଭରଶୀଳ।

ଡିହଖଳା ଗାଁର ପରିପ୍ରେକ୍ଷୀରେ, ଏଥିରେ ଅନ୍ତର୍ଭୁକ୍ତ (କ) କୃଷି (ଧାନ-୩ ଜମିରେ ଧାନ, ପନିପରିବା ଏବଂ ଚିନାବାଦାମ ଚାଷ, ଏବଂ ସାରଦା-୩ ରେ କୋଳଥ ଏବଂ ବିରି ; (ଖ) ଘର ଚାରିପାଖରେ ଚାଷ କରାଯାଇଥିବା ଉଦ୍ୟାନ ଫସଲ; (ଗ) ମେଣ୍ଢା, ଛେଳି ଏବଂ ଗୋରୁ ପାଳନ; (ଘ) କୁକୁଡ଼ା ପକ୍ଷୀ ପାଳନ; (ଙ) ଦୈନିକ ମଜୁରୀ କାମ, କାମ ଏବଂ ଆୟ ପାଇଁ ପ୍ରତିଦିନ ଭୁବନେଶ୍ୱର ଏବଂ ଖଣି ଏବଂ ଶିଳ୍ପ ପ୍ରକଳ୍ପକୁ ଶ୍ରମିକମାନେ ଯାତାୟାତ କରନ୍ତି; ଏବଂ (ଚ)) ଅଧିକ ମଜୁରୀ ପାଇବା ପାଇଁ ମୁଖ୍ୟତଃ ଦକ୍ଷିଣ ଏବଂ ପଶ୍ଚିମ ରାଜ୍ୟକୁ ପ୍ରବାସନ । କିଛି ମୁଷ୍ଟିମେୟ ଲୋକଙ୍କର ନିୟମିତ ଚାକିରି ମଧ୍ୟ ଅଛି।

୫.୧୩ ଲୋକମାନଙ୍କର ଜୀବିକା ନିର୍ବାହରେ ସହାୟକ ଉପାଦାନ ମାନ

ଗୋଟିଏ ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ଜୀବନ ଓ ଜୀବିକା ସ୍ଥାନୀୟ ପ୍ରାକୃତିକ ସମ୍ବଳ ଓ ସାମାଜିକ-ଅର୍ଥନୈତିକ ଅବସ୍ଥା ଉପରେ ନିର୍ଭରଶୀଳ। ଏଥିମଧ୍ୟରେ ଜମି ଏବଂ ମୃତ୍ତିକାର ଉର୍ବରତା, ପ୍ରାକୃତିକ ଏବଂ ପରିବେଶ ପୁଞ୍ଜି, ଶ୍ରମଶକ୍ତି ଏବଂ ଶ୍ରମ କୁଶଳତା ଇତ୍ୟାଦି ଅନ୍ତର୍ଭୁକ୍ତ । ଲୋକମାନଙ୍କର ଚାଷ ଓ ଅଣ-କୃଷି ନିଯୁକ୍ତି, ପ୍ରବାସନ ଏବଂ ନିର୍ଭରଶୀଳତା ଓ ସୁସ୍ଥାବସ୍ଥା ଆଦି ଉପରେ ଏହା ନିର୍ଭର କରେ ।

ପ୍ରଭାବିତ ଗ୍ରାମରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପାଇଁ କରାଯାଇଥିବା ସର୍ବେକ୍ଷଣରୁ ଜଣାଯାଇଛି ଯେ ଲୋକମାନେ ରନ୍ଧନ ଶକ୍ତି ଭାବେ ଜାଳେଣି କାଠ କୁ ବ୍ୟବହାର କରନ୍ତି । ବର୍ତ୍ତମାନ ଅଳ୍ପ କେତେ ଜଣ ଜାଳେଣି ଗ୍ୟାସ୍ ଶକ୍ତିର ଉପଯୋଗ କଲେଣି। ଚାଷଜମିରେ କୃଷି ଯନ୍ତ୍ରପାତି, ସାର ଏବଂ କୀଟନାଶକ ପ୍ରୟୋଗ ଦ୍ୱାରା ଲୋକମାନେ ଫସଲ ଅମଳ ବୃଦ୍ଧି କରି ପାରୁଛନ୍ତି । ଅଞ୍ଚଳରେ ଅଣ-ଚାଷ ରୋଜଗାର ମଧ୍ୟ ଉପଲବ୍ଧ। ବେଦାନ୍ତ ପ୍ରକଳ୍ପରେ ଅସ୍ଥାୟୀ ଶ୍ରମିକ ଭାବେ ତଥା ସହରରେ ଅଣକୁଶଳୀ ଶ୍ରମିକ ଭାବେ କାର୍ଯ୍ୟକରି ରୋଜଗାର କରିବାର ସୁବିଧା ଅଛି ।

ଡିହଖଳା ଗାଁର ଲୋକମାନେ ପ୍ରାୟତଃ ଜମି ଭିତ୍ତିକ କାର୍ଯ୍ୟକଳାପରୁ ନିଜର ରୋଜଗାର କରନ୍ତି । ମୋଟାମୋଟି ଭାବେ କହିବାକୁ ଗଲେ, ଗାଁ ଏବଂ ଏହାର ସ୍ଥାନୀୟ ଅଞ୍ଚଳରେ ଜୀବିକା ନିର୍ବାହର ତିନୋଟି ଉତ୍ସ ବିଷୟରେ ଚିହ୍ନଟ କରାଯାଇଛି । ସେଗୁଡ଼ିକ ହେଉଛି: (କ) କୃଷି ଯେଉଁଥିରେ ଧାନ, ଏବଂ ଡାଲି ଜାତୀୟ ଫସଲ (କୋଳଥ, ମୁଗ), ପନିପରିବା ଉତ୍ପାଦନ ଅନ୍ତର୍ଭୁକ୍ତ; (ଖ) ଖୋର୍ଦ୍ଧା,ଭୁବନେଶ୍ୱର, ଏବଂ ଶିଳ୍ପ ଅଞ୍ଚଳକୁ ଯାଉଥିବା ଶ୍ରମିକମାନଙ୍କର ମଜୁରୀ । କେତେକ ମଧ୍ୟ ସ୍ୱଚ୍ଛଳ ଜମି ମାଲିକଙ୍କ କ୍ଷେତରେ ମଜୁରିଆ ଭାବରେ କାର୍ଯ୍ୟ କରନ୍ତି ।

୫.୧୪ ଜ୍ଞାତି ସମ୍ପର୍କ, ସାମାଜିକ ଏବଂ ସାଂସ୍କୃତିକ ସଂଗଠନ

ପାରିବାରିକ ବନ୍ଧନ ଏବଂ ଜୀବନ ଚକ୍ରରେ ଘଟୁଥିବା ମୌଳିକ ଘଟଣାମାନ ଯଥା, ବିବାହ, ପିତା-ମାତାଙ୍କ ସହିତ ସମ୍ବନ୍ଧ, ବଂଶ ପରିଚୟ, ରକ୍ତ ସମ୍ପର୍କର ବନ୍ଧନ ଓ ସାମାଜିକୀକରଣ, ଇତ୍ୟାଦି ଜ୍ଞାତି ସମ୍ପର୍କକୁ ବୁଝାଇଥାଏ । ଜ୍ଞାତି ସମ୍ପର୍କ ପରିବାର ବ୍ୟବସ୍ଥା (ଯୌଥ କିମ୍ବା ଏକକ), ପରିବାର ସଦସ୍ୟଙ୍କ ସମ୍ପତ୍ତି ଏବଂ ଜମି ଅଧିକାର ବ୍ୟବସ୍ଥା, ରୀତିନୀତି ଇତ୍ୟାଦି ସହିତ ଦୃଢଭାବେ

ସମ୍ପର୍କିତ। ଗ୍ରାମଗୁଡିକରେ ଉଭୟ ଯୌଥ ଓ ଏକକ ପରିବାର ଦୃଷ୍ଟିଗୋଚର ହୁଏ ଓ ପରିବାରର ପିଲାମାନେ ଉତ୍ତରାଧିକାରୀ ଭାବରେ ପିତା ମାତାଙ୍କ ଭୂ-ସଂପତ୍ତି ଓ ଅନ୍ୟାନ୍ୟ ସଂପତ୍ତି ପାଇଥାନ୍ତି । ପରିବାରରେ ସମସ୍ତ ନିଷ୍ପତ୍ତି ସାଧାରଣତଃ ପରିବାରର ପୁରୁଷ ମୁଖ୍ୟଙ୍କ ଦ୍ୱାରା ପରିବାରରେ ଥିବା ସମସ୍ତ ପ୍ରାପ୍ତବୟସ୍କଙ୍କ ସହ ଆଲୋଚନା ଏବଂ ସହମତି ମାଧ୍ୟମରେ ନିଆଯାଏ ଏବଂ ପରିବାରର ସଦସ୍ୟମାନେ ପରସ୍ପର ପ୍ରତି ବିଶ୍ୱସ୍ତ ଥିବାର ଜଣାଯାଏ । ସମସ୍ତ ଉଦ୍ଦେଶ୍ୟ ପାଇଁ, ପରିବାରଟି ଗୋଟିଏ ମୌଳିକ ଏକକ ଏବଂ ଏକ ପ୍ରଭାବଶାଳୀ ଅନୁଷ୍ଠାନ ଯାହାକି ସେମାନଙ୍କୁ ସମାଜର ଦାୟିତ୍ୱବାନ ସଦସ୍ୟ ତଥା ନାଗରିକ ଭାବରେ ଛିଡା କରିବାକୁ ଅନୌପଚାରିକ ତାଲିମ ଏବଂ ସାମାଜିକୀକରଣ ବିଷୟରେ ଶିକ୍ଷା ଦେଇଥାଏ ।

ସାମାଜିକ ଏବଂ ସାଂସ୍କୃତିକ ସଂଗଠନଗୁଡ଼ିକ ବ୍ୟାପକ ଭାବରେ ଏକ ସମାଜରେ ବ୍ୟକ୍ତିବିଶେଷ ଏବଂ ସାମାଜିକ ଗୋଷ୍ଠୀ ମଧ୍ୟରେ ସମ୍ପର୍କର ଏକ ନମୁନା । ସଂପୃକ୍ତି ଏବଂ ସାମୂହିକ ସମ୍ବଳ ସହିତ ମାନବୀୟ ପାରସ୍ପରିକ କାର୍ଯ୍ୟକଳାପକୁ ମାର୍ଗଦର୍ଶନ ଏବଂ ନିୟନ୍ତ୍ରଣ କରିବା ପାଇଁ ସେମାନେ ଅଲିଖିତ ନିୟମ ସ୍ଥିର କରନ୍ତି । ଏହି ସଂସ୍ଥାଗୁଡ଼ିକ ଅନୌପଚାରିକ କିମ୍ବା ଆନୁଷ୍ଠାନିକ ହୋଇପାରେ । ଆନୁଷ୍ଠାନିକ ସଂଗଠନଗୁଡ଼ିକ ହେଉଛି କ୍ଲବ, ଧାର୍ମିକ ଅନୁଷ୍ଠାନ, ବୃତ୍ତିଗତ ସଂସ୍ଥା ଏବଂ ଲୋକହିତକର ସଙ୍ଗଠନ । ସାମାଜିକ ଏବଂ ସାଂସ୍କୃତିକ ସଂଗଠନଗୁଡିକ ଗୋଷ୍ଠୀ ସମ୍ପର୍କ ଓ ଭାଇଚାରା ଭାବନା ଜାଗ୍ରତ କରିବାରେ ସାହାଯ୍ୟ କରନ୍ତି ଏବଂ ବହୁ ଲୋକଙ୍କୁ ଗୋଷ୍ଠୀ ଏକତା ସୂତ୍ରରେ ବାନ୍ଧି ରଖିବା ଉଦ୍ଦେଶ୍ୟରେ କାର୍ଯ୍ୟ କରନ୍ତି ।

ପ୍ରକଳ୍ପ ପ୍ରଭାବିତ ଗ୍ରାମର ପାରିବାରିକ ବ୍ୟବସ୍ଥା ଏବଂ ମୁଖିଆଙ୍କ ଭୂମିକା ତଥା ସାମାଜିକ ଶ୍ରେଣୀ ପ୍ରଣାଳୀକୁ ନେଇ ପାରିବାରିକ ଜ୍ଞାତି ସମ୍ପର୍କକୁ ଏହି ବିବରଣୀରେ ସ୍ଥାନିତ କରାଯାଇଛି । ପ୍ରଭାବିତ ପରିବାରର ଏକ ସଂକ୍ଷିପ୍ତ ଚିତ୍ର ସାରଣୀ ୫.୧୮ ରେ ଦିଆଯାଇଛି । ଏଥିରୁ ଅନୁମେୟ ଯେ ସେମାନେ ସମସ୍ତେ ଏକକ ପରିବାର ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦୁଇଟି ଲେଖାଏଁ ପୁରୁଷ ମୁଖ୍ୟ ଏବଂ ମହିଳା-ମୁଖ୍ୟ ପରିବାର । ସବୁ ପ୍ରଭାବିତ ପରିବାର ଅନ୍ୟାନ୍ୟ ପଛୁଆ ବର୍ଗର ।

ସାରଣୀ ୫.୧୮ : ଜ୍ଞାତି ସମ୍ପର୍କର ଢ଼ାଞ୍ଚା

ସାମାଜିକ ବର୍ଗ	Dihakhala				
	ପରିବାର ସଂଖ୍ୟା	ଯୌଥ ପରିବାର ସଂଖ୍ୟା	ଏକକ ପରିବାର ସଂଖ୍ୟା	ପୁରୁଷ ମୁଖ୍ୟ ପରିବାର	ମହିଳା ମୁଖ୍ୟ ପରିବାର
ଅନୁସୂଚିତ ଜାତି			-		-
ଅନୁସୂଚିତ ଜନଜାତି	-	-	-	-	-
ଓବିସି	୩	୩	-	୩	-
ସାଧାରଣ ବର୍ଗ	୨୧	୧୦	୧୧	୧୪	୭
Total	୨୪	୧୩ (୫୪.୧୭)	୧୧ (୪୫.୮୩)	୧୭ (୭୦.୮୩)	୭ (୨୯.୧୭)

ଉତ୍ସ: ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬

୫.୧୫ ମନ୍ଦିର ଏବଂ ପବିତ୍ର ସ୍ଥାନ

ଓଡ଼ିଶାର ଅନ୍ୟାନ୍ୟ ସାଧାରଣ ପାହାଡ଼ ପାର୍ଶ୍ୱ ଅଞ୍ଚଳ ଏବଂ ଜଙ୍ଗଲ କୂଳବର୍ତ୍ତୀ ଗ୍ରାମ ପରି, ଡିହଖଳା ଗ୍ରାମର ମଧ୍ୟ ମନ୍ଦିର ଏବଂ ପବିତ୍ର ସ୍ଥାନମାନ ଅଛି। ଏଥିରେ ଗ୍ରାମଦେବୀ (ଗ୍ରାମ ଦେବତୀ) ଏବଂ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ତାରିଣୀ ଅନ୍ତର୍ଭୁକ୍ତ । ଏଗୁଡ଼ିକୁ

ଗାଁର ଏକ କେନ୍ଦ୍ରୀୟ ସ୍ଥାନରେ ସ୍ଥାପନ କରାଯାଇଛି ଏବଂ ସେମାନଙ୍କ ସଂସ୍କୃତି ଏବଂ ପ୍ରଥା ଅନୁସାରେ ବିଭିନ୍ନ ଅବସରରେ ପୂଜା କରାଯାଏ ।

୫.୧୬ ପ୍ରଶାସନିକ ସଂଗଠନ

ଗ୍ରାମ କମିଟି ହେଉଛି ଏକ ଗ୍ରାମ କିମ୍ବା ୱାର୍ଡରେ ପ୍ରଶାସନିକ ସଂଗଠନ । ଏହି ଗ୍ରାମରେ ୱାର୍ଡ ମେମ୍ବର ଏବଂ ସମିତି ମେମ୍ବର ଅଛନ୍ତି ଯେଉଁମାନେ ଗ୍ରାମପଞ୍ଚାୟତରେ ସମ୍ପୃକ୍ତ ଗ୍ରାମର ପ୍ରତିନିଧିତ୍ୱ କରନ୍ତି । ଗ୍ରାମରେ ନ୍ୟାୟର ପ୍ରଚଳନ, ବିକାଶ ତଥା ପ୍ରଶାସନ ପାଇଁ ଗ୍ରାମ ସଭା ହେଉଛି ସାମଗ୍ରିକ କର୍ତ୍ତୃପକ୍ଷ । ୱାର୍ଡ ସଦସ୍ୟ ତଥା ଗାଁର ପରିବାର ମୁଖ୍ୟମାନେ ଭିତ୍ତିଭୂମି ବିକାଶ, ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ଏବଂ ସର୍ବସାଧାରଣ ଜନସେବା ବିତରଣ କ୍ଷେତ୍ରରେ ବିଶେଷ ଆଗ୍ରହ ଦେଖାଉ ଥିବାର ଜଣାଯାଏ । ତେବେ ଗାଁରେ ସଡକ ଏବଂ ପାନୀୟ ଜଳ ଭିତ୍ତିଭୂମିର ଅଭାବ ରହିଛି ଏବଂ ଲୋକମାନେ ଏହାକୁ ଆନ୍ତରିକତାର ସହ ଚାହୁଁଛନ୍ତି। ନିର୍ବାଚିତ ୱାର୍ଡ ପ୍ରତିନିଧି ସଦସ୍ୟଙ୍କ ଉପସ୍ଥିତିରେ ଅନୌପଚାରିକ ଗ୍ରାମସଭା ମାଧ୍ୟମରେ ସଦସ୍ୟଙ୍କ ମଧ୍ୟରେ ସମସ୍ତ ଝଗଡାର ସମାଧାନ କରାଯାଉଥିବାର ଲୋକମାନଙ୍କ ଠାରୁ ପ୍ରକାଶ ।

୫.୧୭ ରାଜନୈତିକ ସଂଗଠନ

ପ୍ରକଳ୍ପ ପ୍ରଭାବିତ ଗ୍ରାମଟି ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ । ଗ୍ରାମର ଲୋକମାନେ ଏ କ୍ଷେତ୍ରରେ ଏତେ ସକ୍ରିୟ ନୁହଁନ୍ତି। ତେବେ ଏ ଅଞ୍ଚଳର ଲୋକମାନେ ଏବଂ ପରିବାରମାନେ ବିଜେପି ଓ କଂଗ୍ରେସ ଦଳର ନିକଟତର ଥିବାରୁ ସେମାନେ ଭାବୁଛନ୍ତି ଯେ ରେସନ୍ କାର୍ଡ (PHH) ସୁବିଧା ରାଜ୍ୟ ସରକାର ପ୍ରଦାନ କରୁଛନ୍ତି । ପ୍ରଭାବିତ ଗାଁରେ କୌଣସି ରାଜନୈତିକ ଦଳର କାର୍ଯ୍ୟାଳୟ ନାହିଁ । ନିର୍ବାଚନ ସମୟରେ ଲୋକମାନେ ଟିକିଏ ଅଧିକ ସକ୍ରିୟ ହୁଅନ୍ତି ।

୫.୧୮ ଆଞ୍ଚଳିକ ସକ୍ରିୟତା ଏବଂ ଐତିହାସିକ ପରିବର୍ତ୍ତନର ଧାରା

ବୈଶିଷ୍ଟ୍ୟତଃ, ମଣିଷ ପରିବର୍ତ୍ତନଶୀଳ ଏବଂ ତାଙ୍କର ମାନବ ବସତି ମଧ୍ୟ ବ୍ୟକ୍ତିବିଶେଷ, ପରିବାର ଏବଂ ସେମାନଙ୍କର ସାମାଜିକ, ଅର୍ଥନୈତିକ ଏବଂ ପାର୍ଥିବ ପରିବେଶ ମଧ୍ୟରେ ସମ୍ପର୍କର ଗତିଶୀଳତା ଓ ପରିବର୍ତ୍ତନ ସର୍ବଦା ଚାଲିଥାଏ । ଏହି ଗତିଶୀଳତା ଘଟଣା, ଅନୁଷ୍ଠାନ ଏବଂ ବାସସ୍ଥଳୀରେ ଥିବା ବିନ୍ୟାସ ସହିତ ଖାପଖୁଆଇ ଗତିକରେ । ଶିକ୍ଷା, ବୃତ୍ତି, ଜମି ମାଲିକାନାର ଢ଼ାଞ୍ଚା, ଜନସଂଖ୍ୟା, ପ୍ରଯୁକ୍ତିବିଦ୍ୟା, ପରିବହନ ଏବଂ ଯୋଗାଯୋଗ, ଏବଂ ସାଂସ୍କୃତିକ ନୀତି ହେଉଛି ଆଞ୍ଚଳିକ ଗତିଶୀଳତାର ମୁଖ୍ୟ ନିର୍ଦ୍ଧାରକ । ଶିକ୍ଷା ଏହି କ୍ଷେତ୍ରରେ ସାମାନ୍ୟ ଅଗ୍ରଗତି କରିଛି ଏବଂ ସରକାରୀ ହସ୍ତକ୍ଷେପ ଏହି ଅଞ୍ଚଳରେ କିଛି ଉନ୍ନତି ଆଣିଛି । ଏ ଦିଗରେ ଅଧିକ କରିବା ଆବଶ୍ୟକ।

୫.୧୯ ଜୀବନ ଧାରଣୀୟ ଗୁଣବତ୍ତା

ଜୀବନ ଧାରଣ ଗୁଣବତ୍ତା କହିଲେ ଲୋକ ଏବଂ ସମାଜ କଲ୍ୟାଣର ସାଧାରଣ ସ୍ତରକୁ ବୁଝାଏ । ଲୋକମାନେ କେତେ ପରିମାଣରେ ସୁସ୍ଥ, ଧନୀ ଓ ଜ୍ଞାନୀ ଅଟନ୍ତି ଏବଂ ବ୍ୟକ୍ତିଗତ, ପରିବାର ଓ ସାମାଜିକ ଜୀବନର ଘଟଣାଗୁଡ଼ିକରେ ମୁକ୍ତ ଭାବରେ ଅଂଶଗ୍ରହଣ କରିବାକୁ ସକ୍ଷମ ଅଟନ୍ତି ସେ ସବୁ ଏହା ଦ୍ୱାରା ଜଣାଯାଏ । ତିନୋଟି ବିଷୟ ଜୀବନ ଧାରଣର ଗୁଣବତ୍ତା ନିର୍ଦ୍ଧାରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ସେଗୁଡିକ ହେଉଛି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆୟର ସ୍ତର । ଏହି ପରିପ୍ରେକ୍ଷୀରେ, ଖୋର୍ଦ୍ଧା ଜିଲ୍ଲାର ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ଲୋକ ତଥା ସମାଜର ଜୀବନ ଧାରଣର ଗୁଣବତ୍ତାକୁ ଆକଳନ କରିବା ପାଇଁ ଏଠାରେ ଚାରିଟି ବିଷୟକୁ ବିଚାରକୁ ନିଆ ଯାଇଛି । ସେଗୁଡିକ ହେଲା:

୧.	ଶିକ୍ଷାଗ୍ରହଣର ହାରାହାରି ବର୍ଷ ।

୨.	୬୦+ ବୟସ୍କଙ୍କ ଜନସଂଖ୍ୟାରେ ଶତକଡା ।

୩.	ଶତକଡା କେତୋଟି ପରିବାରର ଘର ମଧ୍ୟରେ ଏବଂ / କିମ୍ବା ଘର ଭିତର ବେଢାରେ ପାନୀୟ ଜଳର ସୁବିଧା ଏବଂ ଶୌଚାଳୟ ର ସୁବିଧା ଅଛି ।

୪.	ରେସନ୍ (PHH) କାର୍ଡଥିବା ପରିବାରର ଶତକଡା ଭାଗ ।

ଏ ସମ୍ପର୍କିତ ବିବରଣୀର ପରିସାଂଖ୍ୟିକ ସୂଚନା ସାରଣୀ ୫.୧୯ ରେ ଦିଆଯାଇଛି ।

ସାରଣୀ ୫.୧୯: ଲୋକମାନଙ୍କର ଜୀବନ ଧାରଣର ଗୁଣବତ୍ତା

ଗ୍ରାମ	୬+ ବର୍ଷ ବୟସର ଜନସଂଖ୍ୟାରେ ହାରାହାରି ଶିକ୍ଷା ଗ୍ରହଣର ବର୍ଷ			୬୦+ ବୟସ ବର୍ଗର ଜନସଂଖ୍ୟାରେ ଶତକଡା			ଶତକଡା କେତେ ପରିବାର ନିକଟରେ ଉପଲବ୍ଧ	
	ପୁରୁଷ	ମହିଳା	ମୋଟ	ପୁରୁଷ	ମହିଳା	ମୋଟ	ପାନୀୟ ଜଳର ସୁବିଧା	ପାଇଖାନା
ଡିହଖଳା	୧୧.୬୯	୧୦.୯୧	୧୧.୩୩	୮.୦୦	୮.୦୦	୧୬.୦୦	୧୦୦	୧୦୦

ଉତ୍ସ: ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬

ସାରଣୀଟିର ଅନୁଧ୍ୟାନରୁ ଜଣାଯାଏ ଯେ ୬ ବର୍ଷରୁ ଉର୍ଦ୍ଧ୍ୱ ଲୋକମାନଙ୍କର ଶିକ୍ଷା ଗ୍ରହଣର ହାରାହାରି ସମୟ ପ୍ରାୟ ୧୧.୩୩ ବର୍ଷ ଯାହା ଚଳନୀୟ ଅଟେ। ମୋଟ ଜନ ସଂଖ୍ୟାର ୧୬.୦୦ ପ୍ରତିଶତ ହେଉଛନ୍ତି ୬୦+ ବୟସ ବର୍ଗର ଏବଂ ପୁରୁଷ ଏବଂ ମହିଳାଙ୍କ କ୍ଷେତ୍ରରେ ଏହା ଯଥାକ୍ରମେ ୮.୦୦ ପ୍ରତିଶତ ଏବଂ ୮.୦୦ ପ୍ରତିଶତ । ଏହାର ଅର୍ଥ ହେଉଛି ଉଭୟ ପୁରୁଷ ଓ ମହିଳାଙ୍କ ଆୟୁ ସମାନ ଏବଂ ଜୀବନର ଗୁଣବତ୍ତା ଉଭୟଙ୍କଠାରେ ଦେଖିବାକୁ ମିଳେ । ଖୁସିର କଥା ଯେ ସର୍ବେକ୍ଷଣ କରାଯାଇଥିବା ସମସ୍ତ ପରିବାରରେ ଶୌଚାଳୟ ଓ ବିଦ୍ୟୁତ୍ ସଂଯୋଗ ଅଛି ।

ଜୀବନ ଶୈଳୀ ଓ ଜୀବନ ଧାରଣରମାନ ମଧ୍ୟ ପାରିପାର୍ଶ୍ୱିକ ଅବସ୍ଥାର ଗୁଣ ଦ୍ୱାରା ପ୍ରଭାବିତ ହୋଇଥାଏ। ଏହା ବିଭିନ୍ନ ଆନୁଷ୍ଠାନିକ ସୁବିଧା ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ସାଂସ୍କୃତିକ ସ୍ଥାନ ଏବଂ ଗ୍ରାମଗୁଡିକରେ ଅନ୍ୟାନ୍ୟ ସୁବିଧା ମାଧ୍ୟମରେ ପ୍ରତିଫଳିତ ଓ ପ୍ରଭାବିତ ହୋଇଥାଏ । ଏ ବାବଦରେ ଏକ ସଂକ୍ଷିପ୍ତ ବିବରଣୀ ସାରଣୀ ୫.୨୦ ରେ ଦିଆଯାଇଛି ।

ସାରଣୀ ୫.୨୦: ବସବାସ ପରିବେଶର ଗୁଣ

କ୍ର.ନଂ	ସୁବିଧା / ଅନୁଷ୍ଠାନ	ସମୁଦାୟ
୧.	ଅଙ୍ଗନୱାଡି (AWC)	୦୧
୨.	ପ୍ରାଥମିକ ବିଦ୍ୟାଳୟ	୦୧
୩.	ମାଧ୍ୟମିକ ବିଦ୍ୟାଳୟ	0୧
୪.	ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ	00
୫.	ଆଶା (ASHA)	୦୧
୬.	ପଞ୍ଚାୟତ ଦ୍ୱାରା ଜଳ ଯୋଗାଣ ପଏଣ୍ଟ	୨୪ଟି ପରିବାରରେ ପାଇପ ଦ୍ୱାରା ଜଳ ଯୋଗାଣ
୭.	ରାସ୍ତା	ବି.ଟି ରାସ୍ତେ/ସି.ସି ରାସ୍ତା
୮.	ଗ୍ରାମ ସାହି ରାସ୍ତା	ସିମେଣ୍ଟ ରାସ୍ତା ଏବଂ ଫେବରବ୍ଲକ୍ ରାସ୍ତା

୯.	ବିଜୁଳି	ଅଛି
୧୦.	ସୌର	୦୮
୧୧.	ମନ୍ଦିର	୦୪
୧୨.	ଖେଳପଡିଆ	୦୧
୧୩.	ଏନ୍ .ଜି.ଓ/ଟ୍ରଷ୍ଟ	୦୦
୧୪.	ସ୍ୱୟଂ ସହାୟକ ଗୋଷ୍ଠୀ (SHG)	୦୯
୧୫.	ଶ୍ମଶାନ	୦୨

ଉତ୍ସ: ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬

ଖୁସିର କଥା ଯେ ପ୍ରଭାବିତ ଡିହଖଳା ଗ୍ରାମ ବିଦ୍ୟୁତକରଣ ହୋଇଛି ଏବଂ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟଟିକୁ ମଧ୍ୟ ବିଦ୍ୟୁତକରଣ କରାଯାଇଛି । ୦୧ କିଲୋମିଟର ଦୂରତାରେ ଥିବା ମୂଖ୍ୟ ରାସ୍ତାକୁ ସଂଯୋଗ କରିବା ପାଇଁ ଗ୍ରାମଠାରୁ ଏକ ପକ୍କା ଏବଂ ସି.ସି. ରାସ୍ତା ଅଛି । ଗ୍ରାମ ସାହି ରାସ୍ତା କଂକ୍ରିଟରେ ନିର୍ମାଣ ହୋଇଛି ଏବଂ ସରକାରଙ୍କ ଦ୍ୱାରା ନିର୍ମିତ ସର୍ବସାଧାରଣ ପୋଖରୀ, ନଳ ଦ୍ୱାରା ପାନୀୟ ଜଳ ଯୋଗାଣ ଓ ନଳକୂପର ସୁବିଧା ରହିଛି । ଏହି ଗ୍ରାମରେ ଏକ ସରକାରୀ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ଅଛି ଯାହାକି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରିଥାଏ । ଯେଉଁମାନେ ଅଧିକ ଅଧ୍ୟୟନ କରିବାକୁ ଚାହୁଁଛନ୍ତି ସେମାନେ ୨ କିଲୋମିଟର ଦୂରରେ ଅବସ୍ଥିତ ଓରାବାରସିଂ ପଞ୍ଚାୟତକୁ ଯାଆନ୍ତି ଯେଉଁଠାରେ ସେମାନେ ଦଶମ ବା ମାଟ୍ରିକ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଲାଭ କରନ୍ତି ଏବଂ ପରେ ପ୍ରାୟ ୧୮ କି.ମି ଦୂରରେ ଥିବା ଖୋର୍ଦ୍ଧାକୁ ଦ୍ୱାଦଶ ଶ୍ରେଣୀ ଏବଂ ଉଚ୍ଚ ଶିକ୍ଷା ପଢିବାକୁ ଯାଆନ୍ତି । ଦଶମ ଶ୍ରେଣୀରୁ ଅଧିକ ଉଚ୍ଚ ଶିକ୍ଷା ପାଇଁ ଲୋକମାନେ ଖୋର୍ଦ୍ଧା ଏବଂ ଅନ୍ୟାନ୍ୟ ଦୂର ସ୍ଥାନ ଉପରେ ନିର୍ଭର କରନ୍ତି ।

ଗାଁରେ ଜଣେ ଆଶା କର୍ମୀ ଅଛନ୍ତି। ଗାଁର ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କେବଳ ବ୍ୟାଙ୍କ ଲିଙ୍କେଜ୍ କାର୍ଯ୍ୟକ୍ରମ ମାଧ୍ୟମରେ ପାଣ୍ଠି ସଂଗ୍ରହ କରିବାରେ ଏବଂ ପାରସ୍ପରିକ ସମ୍ମତି ଭିତ୍ତିରେ ସଦସ୍ୟମାନଙ୍କ ମଧ୍ୟରେ ଏହାକୁ ପୁନଃଚକ୍ରଣ କରିବାରେ ନିୟୋଜିତ ଅଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସାମାଜିକ-ଅର୍ଥନୈତିକ ଭାବରେ ଉତ୍ପାଦନକ୍ଷମ କାର୍ଯ୍ୟ କରୁଛନ୍ତି ।

ନିକଟତମ ସ୍ୱାସ୍ଥ୍ୟସେବା କେନ୍ଦ୍ର ହେଉଛି ଗ୍ରାମ ପଞ୍ଚାୟତ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ବ୍ଲକରେ ଅବସ୍ଥିତ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସି.ଏଚ.ସି)। ଏହି ଗ୍ରାମ ପିଡିଏସ୍ ସୁବିଧା ଅଧୀନରେ ଅନ୍ତର୍ଭୁକ୍ତ ଏବଂ ଗ୍ରାମବାସୀମାନେ ଓରାବାରସିଂର ପଞ୍ଚାୟତ ଡିଲରଙ୍କଠାରୁ ସେମାନଙ୍କର ପିଡିଏସ୍ ସାମଗ୍ରୀ ପାଆନ୍ତି । ଗାଁରେ ଦୁଇଟି ଶ୍ମଶାନ ସ୍ଥାନ ଅଛି।

ଷଷ୍ଠ ଅଧ୍ୟାୟ
ସାମାଜିକ ପ୍ରଭାବ

୬.୧ ଉପକ୍ରମ

"ଖୋର୍ଦ୍ଧା ଜିଲ୍ଲାର ଡିହଖଳାରେ ଡାଇଭର୍ସନ ୱେୟାର ନିର୍ମାଣ (ToR 78-00006)" ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଡିହଖଳା ଗ୍ରାମରୁ ୦.୬୧୫୦ ଏକର ପରିମାଣର ଘରୋଇ ଜମି ଅଧିଗ୍ରହଣ ହେତୁ ଏହି ଗ୍ରାମର ଜମି ହରାଉଥିବା ଓ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେଉ ନ ଥିବା ପରିବାରମାନେ କିପରି ପ୍ରଭାବିତ ହେବେ ତାହାର ଆକଳନ କରିବା ଏହି ସାମାଜିକ ପ୍ରଭାବ ମୂଲ୍ୟାୟନର ମୁଖ୍ୟ ଉଦ୍ଦେଶ୍ୟ । ସମ୍ଭାବ୍ୟ ପ୍ରଭାବ ଗୁଡ଼ିକର ସବିଶେଷ ପରୀକ୍ଷା ନିରୀକ୍ଷା କରି ତା'ର ବିବରଣୀ ଏହି ଅଧ୍ୟାୟରେ ଦିଆଯାଇଛି ।

୬.୨ ପ୍ରସ୍ତାବିତ ଢ଼ାଞ୍ଚା ଓ ଆଭିମୁଖ୍ୟ

ପ୍ରତ୍ୟକ୍ଷ ସର୍ବେକ୍ଷଣ ଆଧାରରେ ଲୋକମାନଙ୍କ ଉପରେ ପଡୁଥିବା ପ୍ରଭାବର ଚିହ୍ନଟ କରିବା ସାମାଜିକ ପ୍ରଭାବ ଆକଳନର ପ୍ରମୁଖ ଆଭିମୁଖ୍ୟ । ସାକ୍ଷାତକାର ମାଧ୍ୟମରେ ପରିବାର ଗୁଡିକରୁ ତଥ୍ୟ ସଂଗ୍ରହ, ଦଳଗତ ଆଲୋଚନା, ସମ୍ପୃକ୍ତ ବିଭାଗର ସରକାରୀ କର୍ମଚାରୀମାନଙ୍କ ସହ ଆଲୋଚନା, ସ୍ଥାନୀୟ ବିଜ୍ଞ ଲୋକମାନଙ୍କର ମତାମତ ସଂଗ୍ରହ ଆଦି ବିଭିନ୍ନ ପଦ୍ଧତିର ଅବଲମ୍ବନରେ ଆବଶ୍ୟକୀୟ ତଥ୍ୟ ସବୁ ସଂଗୃହିତ ହୋଇ ତାହାର ବିଶ୍ଳେଷଣ ଏହି ଆଧ୍ୟାୟରେ କରାଯାଇଛି । ତଥ୍ୟଗୁଡ଼ିକୁ ପରିଚଳନୀୟ ଓ ବ୍ୟବହାର୍ଯ୍ୟ କରିବା ପାଇଁ ଉପଯୁକ୍ତ ପ୍ରକ୍ରିୟା ମାଧ୍ୟମରେ ପ୍ରଚେଷ୍ଟା କରାଯାଇଛି । ବିଭିନ୍ନ ସ୍ତରରୁ ସଂଗୃହୀତ ତଥ୍ୟକୁ ଶ୍ରେଣୀ ବିଭାଗ କରି ପରିସଂଖ୍ୟାନ ସାରଣୀ ପ୍ରସ୍ତୁତ କରାଯାଇଛି । ସାମାଜିକ ପ୍ରଭାବ ଆକଳନ ପ୍ରକ୍ରିୟାକୁ ସଠିକ୍ ତଥା ଶୃଙ୍ଖଳିତ ଭାବେ ବୁଝି ହୃଦୟଙ୍ଗମ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପମାନ ନିଆଯାଇ, ଯେଉଁଥିରେ ସାମାଜିକ ପ୍ରଭାବ ଆକଳନ ଏବଂ ଜନସାଧାରଣଙ୍କ ମତାମତକୁ ଏକାଠି କରି ତୁଳନାତ୍ମକ ଭାବରେ ନୀତି ନିର୍ଦ୍ଧାରଣରେ ସାମିଲ କରାଯାଇଛି । ପରିସଂଖ୍ୟାନର ଅତି ସାଧାରଣ ସାଧନ ଯଥା, ହାରାହାରି ଏବଂ ଶତକଡ଼ା ଆଦିକୁ ବ୍ୟବହାର କରି ତଥ୍ୟର ବିଶ୍ଳେଷଣ କରାଯାଇଛି ଏବଂ ସେହି ଆଧାରରେ ଅର୍ଥପୂର୍ଣ୍ଣ ଉପସଂହାର ପ୍ରସ୍ତୁତ କରାଯାଇଛି ।

୬.୩ ପ୍ରଭାବ ଗୁଡ଼ିକର ବର୍ଣ୍ଣନା

ଖୋର୍ଦ୍ଧା ଜିଲ୍ଲାର ଡିହଖଳା ଗ୍ରାମରେ ରାଜୁଆ ଡାଇଭର୍ସନ ୱ୍ୱୋୟାର ପ୍ରକଳ୍ପ ନିର୍ମାଣ କାର୍ଯ୍ୟକାରୀ କରିବା ପାଇଁ ଜମି ଅଧିଗ୍ରହଣ, ପ୍ରକଳ୍ପ ନିର୍ମାଣ, ପ୍ରକଳ୍ପ କାର୍ଯ୍ୟର ସମାପ୍ତି ଏବଂ କେନାଲରେ ଜଳ ଛଡାଯିବା ଫଳରେ ସମାଜ ଓ ଲୋକମାନଙ୍କ ଉପରେ ବିଭିନ୍ନ ସ୍ତରରେ ଏହାର ପ୍ରଭାବ ପଡୁ ଅଛି । ଜମି ଉପରେ ପଡୁଥିବା ପ୍ରଭାବ, ତଥା ଲୋକମାନଙ୍କର ରୋଜଗାର, ଜୀବନଜୀବିକା, ଲୋକଙ୍କ ଭୌତିକ ସମ୍ବଳ, ସ୍ୱାସ୍ଥ୍ୟ, ସଂସ୍କୃତି ଓ ସାମାଜିକ ସଂହତି ଏବଂ ସର୍ବସାଧାରଣ ସମ୍ପତ୍ତି ଉପରେ ପ୍ରକଳ୍ପର ପ୍ରଭାବ ଏହା ମଧ୍ୟରେ ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବର ଅନ୍ୟ ଏକ ପ୍ରମୁଖ ଦିଗ ହେଉଛି ଲିଙ୍ଗଗତ ପ୍ରଭାବର ପରିସର । ପ୍ରକଳ୍ପ ଜନିତ ପ୍ରଭାବର ପ୍ରକୃତି ଓ କଠୋରତା ସମ୍ପର୍କରେ ପୂର୍ବ ଅଧ୍ୟାୟରେ ସାମାନ୍ୟ ଆଲୋକପାତ କରାଯାଇଛି । ଏହାର ସଂକ୍ଷିପ୍ତ ପୁନରୁଲ୍ଲେଖ ସହ ଅତିରିକ୍ତ ପ୍ରଭାବ ଗୁଡିକୁ ନିମ୍ନରେ ବର୍ଣ୍ଣନା କରାଯାଇଛି ।

୬.୩.୧ ଜମି ଉପରେ ପ୍ରଭାବ

ଯେ କୌଣସି ଜମି ଅଧିଗ୍ରହଣ ପ୍ରକ୍ରିୟାର ମୁଖ୍ୟ ପ୍ରଭାବ ପ୍ରଭାବିତ ପରିବାରର ଜମି ଓ ତତ୍ ସଂଲଗ୍ନ ସମ୍ପତ୍ତି ଉପରେ ପଡ଼ିଥାଏ । ଏ ସମ୍ବନ୍ଧରେ ତଥ୍ୟ ତୃତୀୟ ଅଧ୍ୟାୟର ସାରଣୀ ୩.୪, ଚତୁର୍ଥ ଅଧ୍ୟାୟର ସାରଣୀ ୪.୧ ଏବଂ ଏହି ଅଧ୍ୟାୟର ସାରଣୀ ୬.୧ରେ ପ୍ରଦାନ କରାଯାଇଛି । ପୂର୍ବରୁ ଦର୍ଶାଯାଇଛି ଯେ, ୦.୬୫୧୦ ଏକର ପରିମାଣର ୨ଟି ଜମି ହରାଉଥିବା ପଟ୍ଟାଧାରି ପରିବାରଙ୍କର ଘରୋଇ ମାଲିକାନାରେ ଥିବା ଜମି ଜଳସେଚନ ପ୍ରକଳ୍ପରେ କେନାଲ ନିର୍ମାଣ ପାଇଁ ଅଧିଗ୍ରହଣ କରାଯାଇଛି । ଏହା ମୋଟ ପ୍ରଭାବିତ ଜମିର (୪.୩୬୦୦ ଏକର) ଘରୋଇର ୧୪.୧୫ ଶତକଡା । ଅବଶ୍ୟ ଜମି ଅଧିଗ୍ରହଣ ହେତୁ ଯେଉଁ

ଜମି ହରାଇବାକୁ ପଡ଼ିବ ତାହାର ପରିମାଣ ଅଳ୍ପ, ତଥା ଗୁରୁତ୍ୱହୀନ ବୋଲି ମନକୁ ଆସିପାରେ, ମାତ୍ର ଜମିର ଅବସ୍ଥିତି, ବ୍ୟବହାର ଓ ତା ଉପରେ ପରିବାର ମାନଙ୍କର ଜୀବିକା ପାଇଁ ନିର୍ଭରଶୀଳତାକୁ ଦେଖିଲେ, ଏହା ଅର୍ଥହୀନ ନୁହେଁ; ପରନ୍ତୁ ଏକ ଭାରି ବୋଝ ସଦୃଶ ବୋଲି ଜଣାଯିବ । ଏହା ହେଉଛି ଜମି ଅଧିଗ୍ରହଣ ଜନିତ ପ୍ରତ୍ୟକ୍ଷ ପ୍ରତିକୂଳ ପ୍ରଭାବ ଯାହା ପ୍ରଭାବିତ ପରିବାର ଗୁଡ଼ିକ ଉପରେ ପଡ଼ିଛି । ଜମି ଅଧିଗ୍ରହଣ କାରଣରୁ ପଡ଼ିଥିବା ପ୍ରଭାବ ବିଷୟରେ ସାରଣୀ ୬.୧ରେ ଦର୍ଶାଯାଇଛି ।

ସାରଣୀ ୬.୧: ଚାଷ ଜମି ଉପରେ ଅଧିଗ୍ରହଣର ପ୍ରଭାବ (ଏକରରେ)

ଗ୍ରାମର ନାମ	ଖାତା ନଂ	ପ୍ଲଟ୍ ନଂ	ଜମିର ପ୍ରକାର (ଏକରରେ)	ମୋଟ ଜମିର ପରିମାଣ (ଏକରରେ)	ଅଧିଗ୍ରହଣ ହେବାକୁ ଥିବା ଜମିର ପରିମାଣ (ଏକରରେ)
ଡିହଖଳା	୧୫୦/୭୫	୪୭	ସାରଦ-୨	୦.୩୮୦୦	୦.୧୩୨୦
	୫୦	**୩୭**	ସାରଦ-୨	**୦.୩୧୫୦**	୦.୦୪୫୦
	୫୦	**୩୯**	ସାରଦ-୨	**୦.୩୮୦୦**	୦.୦୮୫୦
	୫୭	**୩୧**	ସାରଦ-୨	**୦.୩୭୫୦**	୦.୦୦୫୦
	୦୪-୧୫				
	୫୭	**୪୮**	ସାରଦ-୨	**୦.୧୪୦୦**	୦.୦୩୨୦
	୦୪-୧୭				
	୫୭	**୩୮**	ସାରଦ-୨	**୦.୧୬୦୦**	୦.୦୬୫୦
	୦୪-୧୫				
	୫୭	**୧୩୫**	ସାରଦ-୨	**୦.୮୫୫୦**	୦.୦୩୦୦
	୦୪-୧୯				
	୧୦୧	**୧୪୩**	ସାରଦ-୨	**୦.୪୦୦୦**	୦.୦୧୫୦
	୧୫୦/୧୧	**୩୩**	ସାରଦ-୨	**0.୩୧୫୦**	୦.୦୩୦୦
			ସବ୍ ମୋଟ	**୩.୩୨୦୦**	**୦.୪୩୯୦**
	୧୫୦/୮୦	୩୫	ସାରଦ-୩	୦.୧୯୦୦	୦.୦୧୮୦
	୯୫	**୫୮**	ସାରଦ-୩	**୦.୩୧୦୦**	୦.୦୦୫୦
	୧୫୦/୪୭	**୩୪**	ସାରଦ-୩	**0.୫୪୦୦**	୦.୧୫୩୦
			ସବ୍ ମୋଟ	**୧.୦୪୦୦**	**୦.୧୭୬୦**
			ସର୍ବମୋଟ	**୪.୩୬୦୦**	**୦.୬୧୫୦**

ଉତ୍ସ- ଜମି ମାଲିକାନା (RoR) ତାଲିକା ଓ ପରିବାର ସର୍ବେକ୍ଷଣ, ୨୦୨୬

ଉପରୋକ୍ତ ୬.୧ ସାରଣୀରୁ ଦେଖାଯାଏ ଯେ, ଡିହଖଳା ଗ୍ରାମର ପ୍ରଭାବିତ ସମସ୍ତ ୪ଟି ପରିବାର ଘରୋଇ ଜମି ଅଧିଗ୍ରହଣ ହେତୁ ବ୍ୟକ୍ତଗତ ଭାବେ ପ୍ରଭାବିତ ହେଉଛନ୍ତି । ପ୍ରଭାବିତ ଗ୍ରାମର ୨୪ଟି ପରିବାରଙ୍କର ବ୍ୟକ୍ତିଗତ ଘରୋଇ ଜମି ଅଧିଗ୍ରହଣ ହେତୁ ସେମାନଙ୍କର ଜୀବନ ଜୀବିକା ଉପରେ ପ୍ରଭାବ ପଡିବାର ଜଣାଯାଏ । ଏହାର କାରଣ ହେଉଛି ସମସ୍ତ ୦.୪୩୯୦ ଏକର ପ୍ରଭାବିତ ଘରୋଇ ଜମି ଗୁଡିକ ସାରଦ-୨ କିସମ ଚାଷ ଜମି ଏବଂ ୦.୧୭୬୦ ଏକର ସାରଦ-୩ କିସମ ଚାଷ ଜମି । କୃଷି କାର୍ଯ୍ୟ ଲୋକମାନଙ୍କର ପ୍ରମୁଖ ଜୀବିକା ହୋଇଥିବାରୁ ସ୍ଥାନୀୟ ଲୋକମାନଙ୍କର ଅର୍ଥନୀତିଟି କୃଷିକୈନ୍ଦ୍ରିକ । ତେଣୁ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ୦.୬୧୫୦ ଏକର ପରିମାଣର ଜମି ଅଧିଗ୍ରହଣର ବୋଝ ଅଧିକ ବୋଲି କଳନା କରାଯାଏ ।

୬.୩.୨ ଜୀବିକା ଏବଂ ରୋଜଗାର ଉପରେ ପ୍ରଭାବ

ପ୍ରକଳ୍ପ ପ୍ରଭାବିତ ପରିବାରର ଆୟ ଏବଂ ଜୀବିକା ଉପରେ ଜମି ଅଧିଗ୍ରହଣ ନିଶ୍ଚିତ ଭାବରେ ନକାରାତ୍ମକ ପ୍ରଭାବ ପକାଇଥାଏ। କେନାଲ ଜଳସେଚନ ପ୍ରକଳ୍ପର ସ୍ଥାନୀୟ ଅର୍ଥନୀତି ପ୍ରଭାବ ସମ୍ପର୍କରେ ପ୍ରଶ୍ନ ପାଇଁ ପ୍ରକଳ୍ପ ପ୍ରଭାବିତ ପରିବାରର ଉତ୍ତରଦାତାଙ୍କ ଜୀବିକା ଏବଂ ଧାରଣା ଉପରେ ପରିମାଣାତ୍ମକ ସୂଚନା ଦେଖି ଏହି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇପାରେ। ଉତ୍ତରଦାତାମାନେ ସେମାନଙ୍କର ସାରଦ-୨ କିସମ ଏବଂ ସାରଦ-୩ କିସମ ଜମିକୁ ସ୍ଥାନୀୟ ପ୍ରକାରର ଡାଲି, ଧାନ, ବିରି, ଛୋଟ ବାଜରା (ମାଣ୍ଡିଆ), ଚିନାବାଦାମ ଏବଂ ପନିପରିବା ଚାଷ ପାଇଁ ବ୍ୟବହାର କରିଥିବା ରିପୋର୍ଟ କରିଛନ୍ତି । ଆଖୁ ବ୍ୟତୀତ ଏସବୁ ଆଂଶିକ ଭାବରେ ପରିବାରର ବ୍ୟବହାର ପାଇଁ ଏବଂ ଆଂଶିକ ଭାବରେ ବିକ୍ରୟ ପାଇଁ ବ୍ୟବହୃତ ହୁଏ । ପରିବାରଗୁଡ଼ିକ ସେମାନଙ୍କର PHH ରେସନ କାର୍ଡରେ ଚାଉଳ ପାଇବାରୁ ଖୋଲା ବଜାରରେ ଧାନ ବିକ୍ରୟ କରନ୍ତି ।

୬.୩.୩ ଭୌତିକ ସମ୍ପଦ ଏବଂ ବ୍ୟକ୍ତିଗତ ସମ୍ପତ୍ତି ଉପରେ ପ୍ରଭାବ

ଭୂମି ସହିତ, ପ୍ରକଳ୍ପ-ଭିତ୍ତିକ ଜମି ଅଧିଗ୍ରହଣ ଯୋଗୁଁ ଜମିରେ ନିର୍ମିତ ଭୌତିକ ସମ୍ପଦ ଏବଂ ସମ୍ପତ୍ତି କ୍ଷତି ହେବ । ସର୍ଭେ ସମୟରେ ଏହା ସାମ୍ନାକୁ ଆସିଛି ଯେ ଏହି ମାମଲାରେ ଜମି ଅଧିଗ୍ରହଣ ଦ୍ୱାରା ନିର୍ମିତ ସମ୍ପତ୍ତି ଏବଂ ସମ୍ପଦ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ କାରଣ ଏଗୁଡ଼ିକ ପ୍ରଭାବିତ ଜମିରେ ନାହିଁ ।

୬.୩.୪ ସର୍ବସାଧାରଣ ସେବା ଓ ଉପଯୋଗିତା ଉପରେ ପଡ଼ିବାକୁ ଥିବା ପ୍ରଭାବ

ଭିତ୍ତିଭୂମିର ପ୍ରକାର ଗୁଡିକ ହେଉଛି ସର୍ବସାଧାରଣ ସେବା ଓ ଉପଯୋଗିତା । କେନାଲ ଫଳରେ ସ୍ଥାନୀୟ ଅଞ୍ଚଳରେ ସର୍ବସାଧାରଣ ସେବା ଓ ଉପଯୋଗିତାରେ ଅନୁକୂଳ ବାତାବରଣ ସୃଷ୍ଟି ହେଉଥିବାର ସର୍ବେକ୍ଷଣରୁ ଜଣାଯାଏ । କାରଣ ଜଳସେଚନ ଏପରି ଭିତ୍ତିଭୂମିର ଏକ ଉଦାହରଣ ଯାହା କୃଷି ଅମଳ ବୃଦ୍ଧିରେ ସାହାଯ୍ୟ କରେ । ନିର୍ମିତ ରାଜୁଆ ଡାଇଭର୍ସନ ୱୋୟାର ଜଳସେଚନ ପ୍ରକଳ୍ପଟି ଡିହଖଳା ଓ ଆଖପାଖ ଗ୍ରାମଗୁଡିକର ହିତାଧିକାରୀମାନଙ୍କ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ସ୍ଥାନୀୟ ଅଞ୍ଚଳରେ ସର୍ବସାଧାରଣ ସେବା ଓ ଉପଯୋଗିତାରେ ଅନୁକୂଳ ବାତାବରଣ ସୃଷ୍ଟି କରୁଛି । ସୁଖର କଥା ଯେ, ଜମି ଅଧିଗ୍ରହଣ ଫଳରେ ବର୍ତ୍ତମାନ ଉପଲବ୍ଧ ସର୍ବସାଧାରଣ ସେବା ଓ ଉପଯୋଗିତା ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡୁ ନାହିଁ ।

୬.୩.୫ ସ୍ୱାସ୍ଥ୍ୟ ଉପରେ ପ୍ରଭାବ

କେନାଲ ଜଳସେଚନ ପ୍ରକଳ୍ପ ନିର୍ମାଣ ଏକ ସକାରାତ୍ମକ ସଙ୍କେତ ବୋଲି ଆଶା କରାଯାଉଛି କିନ୍ତୁ ଏହା ସ୍ୱାସ୍ଥ୍ୟ ଏବଂ ମାନବ ଜୀବନ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ।

୬.୩.୬ ସଂସ୍କୃତି ଓ ସାମାଜିକ ସଂହତି ଉପରେ ପ୍ରଭାବ

ଡାଇଭର୍ସନ ୱେୟାର ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କ୍ଷେତ୍ରରେ, ପରିବାରଗୁଡ଼ିକର କୌଣସି ବିସ୍ଥାପନ ହୋଇନାହିଁ। ତେଣୁ ସ୍ଥାନୀୟ ସଂସ୍କୃତି ଏବଂ ସାମାଜିକ ସଂହତି ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବନାହିଁ ।

୬.୩.୭ ଲିଙ୍ଗ-ଭିତ୍ତିକ ପ୍ରଭାବ

କେନାଲ ଜଳସେଚନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଫଳରେ ଜମି ହରାଇଥିବା ପରିବାରମାନଙ୍କ ମଧ୍ୟରେ ପାରିବାରିକ ଶାନ୍ତି ଭଙ୍ଗ ହେବାର ସମ୍ଭାବନା ଥାଏ । କ୍ଷତିପୂରଣ ରାଶିକୁ ମଦ୍ୟପାନରେ ଖର୍ଚ୍ଚ କଲେ ଲିଙ୍ଗଭିତ୍ତିକ ପ୍ରତିକୂଳ ପ୍ରଭାବ ପଡିଥାଏ । ଅନ୍ୟଥା ଜମି ଅଧିଗ୍ରହଣର କୌଣସି ଲିଙ୍ଗ ଭିତ୍ତିକ ପ୍ରଭାବ ପ୍ରାୟ ନାହିଁ । ତଥାପି, ଉତ୍ତରଦାତାମାନେ ସେମାନଙ୍କର ଜମି ହରାଇବା ବ୍ୟତୀତ ଏଭଳି ପ୍ରତିକୂଳ ପ୍ରଭାବ ଉପରେ କୌଣସି ମତାମତ ଦେଇନାହାଁନ୍ତି ।

୬.୩.୮ ଜମି ହରାଉ ନଥିବା ପରିବାର ଗୁଡ଼ିକର ଉପଲବ୍ଧି

ପ୍ରକଳ୍ପ ପ୍ରଭାବିତ ଗ୍ରାମର ନମୁନାଭୁକ୍ତ ପରିବାର (ଯେଉଁମାନେ ପ୍ରକଳ୍ପ ଦ୍ୱାରା ଜମି ହରାଇବେ ନାହିଁ) ତାଙ୍କଠାରୁ ଏହି କେନାଲ ଜଳସେଚନ ପ୍ରକଳ୍ପ ବିଷୟରେ ମତାମତ ସଂଗ୍ରହ କରାଯାଇଥିଲା । ଜମି ହରାଇ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ପରିବାର ଗୁଡ଼ିକର ଯେଉଁ ପ୍ରକାର ମତାମତ ବା ଉପଲବ୍ଧି ଥିଲା, ସାମାଜିକ ପ୍ରଭାବ ସମ୍ପର୍କରେ ଏହି ପରିବାର ମାନଙ୍କର ଅଳ୍ପ ବହୁତେ ସମାନ ପ୍ରକାର ମତାମତ ଥିଲା । ସେମାନଙ୍କ ମତରେ ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପ ନିର୍ମାଣ ଯୋଗୁଁ ଲୋକମାନଙ୍କୁ ଜଳସେଚନ ପାଇଁ ବହୁତ ସୁବିଧା ସୁଯୋଗ ମିଳୁଛି କିନ୍ତୁ ଏହା ସହିତ କ୍ଷତିପୂରଣ ଅର୍ଥର ଅପବ୍ୟବହାର ହେବାର ଆଶଙ୍କା ମଧ୍ୟ ଅଛି।

୬.୩.୯ ସାମଗ୍ରିକ ପ୍ରଭାବ – ଗୋଷ୍ଠୀଗତ ଆଲୋଚନା

ସାମାଜିକ ପ୍ରଭାବ ଆକଳନ ଦଳ ଅନୌପଚାରିକ ତଥା ଆନୁଷ୍ଠାନିକ ଭାବେ ପ୍ରଭାବିତ ଗ୍ରାମର ଲୋକମାନଙ୍କ ମଧ୍ୟରେ ଜନସ୍ୱାର୍ଥ ସମ୍ବନ୍ଧିତ ଗୋଷ୍ଠୀଗତ ଆଲୋଚନା କରିଥିଲେ। ଆଲୋଚନାରେ ଉପସ୍ଥିତଥିବା ସମସ୍ତ ଅଂଶଗ୍ରହଣକାରୀ ଏହି ପ୍ରକଳ୍ପ ଜନିତ ନାନା ପ୍ରକାର ପ୍ରଭାବ ଓ ଅଭିଯୋଗ ବିଷୟରେ ଖୋଲା ଖୋଲି ଆଲୋଚନା କରିଥିଲେ। ଗୋଷ୍ଠୀଗତ ଆଲୋଚନାରେ ଭାଗ ନେଇଥିବା ଲୋକମାନଙ୍କ ତାଲିକା ଓ ଫଟୋଚିତ୍ର ଏହି ଅଧ୍ୟାୟରେ ସଂଲଗ୍ନ କରାଯାଇଛି ।

ଉକ୍ତ ସଭା ମାନଙ୍କରେ ସର୍ବ ସମ୍ମତ ମତ ପ୍ରକାଶ ପାଇଥିଲା ଯେ, ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପ ନିର୍ମାଣ ବିଷୟରେ ସମସ୍ତେ ଅବଗତ ଥିଲେ ଏବଂ ସେଥିପାଇଁ ଜମି ଅଧିଗ୍ରହଣ ହେବ ବୋଲି ଜାଣିଥିଲେ । *ଉପଯୁକ୍ତ କ୍ଷତିପୂରଣ ଦ୍ୱାରା ସେମାନଙ୍କ କ୍ଷତି ଭରଣା ହେବା ଉଚିତ୍ ।*

ଏହି ଗୋଷ୍ଠୀଗତ ଆଲୋଚନାରେ ଭାଗ ନେଇଥିବା ସମସ୍ତ ବ୍ୟକ୍ତି ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣକୁ ସମର୍ଥନ କରିଥିଲେ । ଜମି ଅଧିଗ୍ରହଣ ଦ୍ୱାରା ସୁବିଧା ସୁଯୋଗ ଗୁଡିକ ତୁଳନାରେ କ୍ଷତିଗ୍ରସ୍ତ ପରିବାର ମାନଙ୍କର ଜମି ହାନି ଜନିତ କ୍ଷତି କମ୍ ହେବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଏବଂ ଜମି ହରାଉଥିବା ବ୍ୟକ୍ତିଙ୍କୁ ଶୀଘ୍ର କ୍ଷତିପୂରଣ ପ୍ରଦାନ ସପକ୍ଷରେ ବୈଠକରେ ମତ ପ୍ରକାଶ ପାଇଥିଲା । ଗୋଷ୍ଠୀଗତ ଆଲୋଚନାରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କର ସାଧାରଣ ଅନୁଭବ ଓ ଅଭିବ୍ୟକ୍ତିର ସାରାଂଶକୁ ସାରଣୀ ୬.୨ ରେ ପ୍ରଦାନ କରାଗଲା।

ସାରଣୀ ୬.୨ ଗୋଷ୍ଠୀଗତ ଆଲୋଚନାର ଉପଲବ୍ଧି

ଗ୍ରାମ	ଗୋଷ୍ଠୀ ସଭାର ତାରିଖ	ଅଂଶଗ୍ରହଣକାରୀଙ୍କ ସଂଖ୍ୟା			କେନାଲ ଜଳସେଚନ ପ୍ରକଳ୍ପକୁ ସମର୍ଥନ କରୁଥିବା ସଭ୍ୟ ସଂଖ୍ୟା
		ପୁରୁଷ	ମହିଳା	ସମସ୍ତ	
ଡିହଖଳା	୦୯/୦୫/୨୦୨୫	୦୭	୦୪	୧୧	୧୧

ସୂତ୍ର- ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬

ଗୋଷ୍ଠୀଗତ ଆଲୋଚନାରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କର ନିମ୍ନଲିଖିତ ବିଷୟଗୁଡ଼ିକୁ ବିଚାର କରି ସେମାନଙ୍କ ଜମି କ୍ଷତି ପାଇଁ କ୍ଷତିପୂରଣ ପ୍ରଦାନ ପାଇଁ ଆବେଦନ କରିଥିଲେ:

(i) ଡିହାଖଲା ଗ୍ରାମର ସ୍ଥାନୀୟ ଜମିର କ୍ରୟ ମୂଲ୍ୟ ଦ୍ୱାରା ପ୍ରଦାନ କରାଯାଇଥିବା ମୂଲ୍ୟ ଆଧାରେ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ୍ ।

(ii) ମୁଖ୍ୟ କେନାଲକୁ ଅପଡେଟ୍ କରାଯାଇଛି ।

(iii) କୃଷି ଉତ୍ପାଦନ ହରାଇବା ଯୋଗୁଁ ସେମାନେ ଯେଉଁ କ୍ଷତି ସହିଛନ୍ତି ।

(iv) ଏକ ଅସୁବିଧାମୁକ୍ତ ଦେୟ ପ୍ରକ୍ରିୟା ହେବା ଆବଶ୍ୟକ, କାରଣ ସେମାନଙ୍କ ମଧ୍ୟରୁ ଅନେକ ଆଶଙ୍କା କରୁଛନ୍ତି ଯେ ସରକାରୀ ବ୍ୟବସ୍ଥା ବହୁତ କଷ୍ଟକର ଯାହା ପ୍ରଭାବିତ ଲୋକଙ୍କ ପାଇଁ ସେମାନଙ୍କର ଟଙ୍କା ପାଇବା ସହଜ ନୁହେଁ ।

(v) ପ୍ରଭାବିତ ଲୋକଙ୍କ ମତ ଅଛି ଯେ ସେମାନଙ୍କୁ ସେମାନଙ୍କର ଜମି ଏବଂ ସମ୍ପତ୍ତିର କ୍ଷତି ପାଇଁ ଉପଯୁକ୍ତ କ୍ଷତିପୂରଣ ଦିଆଯିବା ଉଚିତ ।

(vi) ଜମି ଅଧିଗ୍ରହଣ ପରେ ବଳିଥିବା ଜମି, ଯାହା ଚାଷ କିମ୍ବା ଅନ୍ୟାନ୍ୟ ବ୍ୟବହାର ପାଇଁ ଉପଯୁକ୍ତ ନୁହେଁ, ତାହା ଆନୁପାତିକ କ୍ଷତିପୂରଣ ବ୍ୟବସ୍ଥା ସହିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଧିଗ୍ରହଣ କରାଯିବା ଉଚିତ।

(vii) ସାଧାରଣ ସମ୍ପତ୍ତି ସମ୍ପଦର କ୍ଷତି ପାଇଁ କ୍ଷତିପୂରଣ ଗୋଷ୍ଠୀ ସମ୍ପ୍ରଦାୟ ସହିତ ଉପଯୁକ୍ତ ପରାମର୍ଶ ସହିତ ପ୍ରଦାନ ।

ଗୋଷ୍ଠୀଗତ ଆଲୋଚନାରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କର ଉପରୋକ୍ତ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ଅନୁରୋଧ କରିଛନ୍ତି।

ଗ୍ରାମ ସ୍ତରୀୟ ଗୋଷ୍ଠୀ ଆଲୋଚନା

ଉତ୍ସ: SIA ସର୍ଭେ ଦଳ, COATS, କୋରାପୁଟ, 202୬

ଉତ୍ସ: SIA ସର୍ଭେ ଦଳ, COATS, କୋରାପୁଟ, 202୬

FOCUS GROUP DISCUSSION AT DIHAKHALA

Focus Group Discussion (FGD)

Social Impact Assessment Study for Land Acquisition of 0.98 acres from Kebadatula village under Muniguda Tahasil of Rayagada district for "Construction of Canal in Sitarampur MIP at Rayagada District (ToR 28-00001)"

Name of Village: Dihakhala. **Name of GP:** Orabarsingh.
Name of Block: Khorda. **Name of Tahasil** Khorda
Name of District: Khorda.

LIST OF PARTICIPANTS

Sl. No.	Name	Occupation	Sex	Age	Social Category	Signature
01	Bichitra Kumar Baliarsingh	Bisnoi		9938140102		Bichitra Kumar Baliarsingh
02	Srinibash. Srichanda.			8463897133		[illegible]
03	Sangeeta.	Sangeeta.				Sangeeta Pradhan
04						SARAPANCH ORABARSINGH G.P.
05	Sabita Nisanka.	House wife.	F	32	Gen.	Sabita Nisanka
06	Padmanabha Hemendra.	Farmer.				Padmanabha
07	Sujit Mangra					Sujit Mangra
08	Bhimasen Sunkenag	Farmer				Bhimasen Sunkenag
09	Dinesh K. Pujhary	Samiti sabha orabarsingh				D.K. Pujhary 8249152607
10	Sanjaya Rajesh	-		6370061 9		
11	Pravat Srichanda.	9337115193		-		
12	Ashok Kumar Naik.			9437835735		
13						
14						
15						
16						

(Name of the Investigator)
Date: 12/01/26

(Signature of the Supervisor)
Date: 12/01/26

ଉତ୍ସ: SIA ସର୍ଭେ ଦଳ, COATS, କୋରାପୁଟ, 2025

ସପ୍ତମ ଅଧ୍ୟାୟ
ଉପସଂହାର ଓ ସୁପାରିଶ

୭.୧ ଉପକ୍ରମ

ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଡିହଖଳା ଗ୍ରାମରେ ରାଜୁଆ ଡାଇଭର୍ସନ ୱୋୟାର ପ୍ରକଳ୍ପ (ToR 78-00006) ନିର୍ମାଣ ନିମନ୍ତେ ୦.୬୧୫୦ ଏକର ପରିମାଣର ଘରୋଇ ଜମି, ଅଧିଗ୍ରହଣରେ ଜମି ହରାଉଥିବା ପରିବାର ଏବଂ ନମୁନାଭୁକ୍ତ ଅଣ ପ୍ରଭାବିତ ପରିବାର ଉପରେ ପଡୁଥିବା ପ୍ରଭାବ ଏହି ରିପୋର୍ଟର ପୂର୍ବ ଅଧ୍ୟାୟ ମାନଙ୍କରେ ଆଲୋଚନା କରାଯାଇଛି । ଏଥିପାଇଁ ପ୍ରାଥମିକ ପରିବାର ସର୍ବେକ୍ଷଣ କରାଯାଇ ତଥ୍ୟ ସଂଗ୍ରହ କରାଯାଇଛି, ଗୋଷ୍ଠୀଗତ ଆଲୋଚନା ହୋଇଛି ଓ ଲୋକମାନଙ୍କ ସହ ବିଚାର ବିମର୍ଶ କରାଯାଇ, ସଂଗୃହିତ ତଥ୍ୟ ଓ ମତାମତ ଗୁଡ଼ିକୁ ପ୍ରଚଳିତ ତଥା ସଂପୃକ୍ତ ନିୟମ ଆଧାରରେ ବିବରଣୀରେ ସ୍ଥାନୀତ କରାଯାଇଛି । ଅଧ୍ୟୟନରୁ ମିଳିଥିବା ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତମାନ, ପ୍ରକଳ୍ପର ପରିବ୍ୟୟ-ଫାଇଦା (Cost-benefit) ବିଶ୍ଳେଷଣ, ଏବଂ ଜମି ଅଧିଗ୍ରହଣ ହେତୁ ଉପୁଜୁଥିବା ଅସୁବିଧା ଗୁଡ଼ିକର ଉପଶମ ନିମନ୍ତେ କେତେକ ସୁପାରିଶ ଏହି ଅଧ୍ୟାୟରେ ଉପସ୍ଥାପନ କରାଯାଇଛି।

୭.୨ ପରିବ୍ୟୟ ଓ ଫାଇଦାର ବିଶ୍ଳେଷଣ

ଯେଉଁ କୌଶଳଟି ପ୍ରୟୋଗ କରି ଗୋଟିଏ ପ୍ରକଳ୍ପର ବିଶ୍ଳେଷଣ କରାଯାଏ ତାହା ହେଉଛି ପରିବ୍ୟୟ ଓ ଫାଇଦାର ବିଶ୍ଳେଷଣ (cost - benefit analysis)। ପ୍ରକଳ୍ପ ହେତୁ ପଡୁଥିବା ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବମାନ ତଥା ଏହାର ଆର୍ଥିକ ଓ ଅଣ-ଆର୍ଥିକ ସଂଘାତକୁ ଦୃଷ୍ଟିରେ ରଖି ଏହି ପରିବ୍ୟୟ-ଫାଇଦା ବିଶ୍ଳେଷଣକୁ ପ୍ରସ୍ତୁତ କରାଯାଇଥାଏ। ଏହାରି ଆଧାରରେ ପ୍ରକଳ୍ପ ନିର୍ମାଣର ଯଥାର୍ଥତା ନିର୍ଦ୍ଧାରିତ ହୁଏ । ଯଦି ମୋଟାମୋଟି ଭାବରେ ପ୍ରକଳ୍ପ ନିର୍ମାଣ ହେତୁ ସମୁଦାୟ ଲାଭ ବା ଫାଇଦା ପରିବ୍ୟୟ ଠାରୁ ଅଧିକ ହୁଏ ତେବେ ପ୍ରକଳ୍ପଟିର ଯଥାର୍ଥତା ପ୍ରତିପାଦିତ ହୁଏ । ଏଠାରେ ସୂଚାଇ ଦିଆଯାଇ ପାରେ ଯେ ସମସ୍ତ ପରିବ୍ୟୟ ଓ ଫାଇଦାର ସଠିକ୍ ପରିମାଣାତ୍ମକ ହିସାବ କରିବା ସହଜ କାର୍ଯ୍ୟ ନୁହେଁ। ଆର୍ଥିକ ପରିବ୍ୟୟର ହିସାବ କରିବା ତୁଳନାରେ ସାମାଜିକ ପରିବ୍ୟୟ ଓ ଲାଭକୁ ଆକଳନ କରିବା ଅଧିକ କଷ୍ଟସାଧ । ଏହାର କାରଣ ହେଉଛି ପ୍ରକଳ୍ପ ଜନିତ ପ୍ରଭାବ ମାନ ସାଧାରଣତଃ ପରିକଳ୍ପିତ ଓ ଏହା ବାସ୍ତବ ହୋଇନପାରେ ଏବଂ ଅନ୍ୟ କାରଣଟି ହେଲା ଏହାର ପ୍ରଭାବ ଭବିଷ୍ୟତକୁ ଅନେକ ବର୍ଷ ଧରି ବିସ୍ତାର କରିଥାଏ । ଏହି ଦୃଷ୍ଟିରୁ ଏହାର ବିଶ୍ଳେଷଣ ଅନେକ ପରିମାଣରେ ଆନ୍ଦାଜ ଓ ଅନୁମାନ ଉପରେ ନିର୍ଭର କରିଥାଏ । ଏଣୁ ଏହା ଅନେକାଂଶରେ ଆନୁମାନିକ ପ୍ରକାରର ଏବଂ ସ୍ୱୟଂ ସଂପୂର୍ଣ୍ଣ ବା ପକ୍କା ନୁହେଁ । ସେ ଯାହା ହେଉ ପ୍ରକଳ୍ପର ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରିତା କ୍ଷେତ୍ରରେ ଏହାକୁ (ପରିବ୍ୟୟ-ଫାଇଦା ବିଶ୍ଳେଷଣ) ଏକ ଯଥୋଚିତ ମାର୍ଗଦର୍ଶକ ଭାବେ ବ୍ୟବହାର କରା ଯାଇଥାଏ ।

୭.୨.୧ ସାମାଜିକ ପରିବ୍ୟୟ ଓ ଲାଭ (ଫାଇଦା)

ସାମାଜିକ ପରିବ୍ୟୟମାନ ହେଉଛି ଅଣ-ବଜାର ସମ୍ପର୍କୀୟ ପରିବ୍ୟୟ । ଏଥିରେ ରହିଛି ପୈତୃକ ଜମି ହାନି ଓ ତତଜନିତ ଆବେଗମୟ କ୍ଷତି ଜନିତ ପରିବ୍ୟୟ, ଏବଂ କେନାଲ ନିର୍ମାଣ ପାଇଁ ବୃକ୍ଷ କାଟିବା ହେତୁ ନିର୍ମାଣର ପରବର୍ତ୍ତି ପର୍ଯ୍ୟାୟରେ ପରିବେଶ କ୍ଷତି ଅନ୍ତର୍ଭୁକ୍ତ । ଜମି ଅଧିଗ୍ରହଣ ଫଳରେ ବୃକ୍ଷ ନଷ୍ଟ ହେତୁ ପରିବେଶ ନଷ୍ଟ ହୋଇଥାଏ । କେନାଲ ପ୍ରକଳ୍ପଟି ଶେଷହେଲେ ଏ ଅଞ୍ଚଳରେ ଜଳ ପ୍ରବାହରେ ଉନ୍ନତି, ଥଣ୍ଡା ପରିବେଶ, ଜଳସେଚନର ସୁବିଧା ଏବଂ କୃଷିରୁ ଆନୁସଙ୍ଗିକ ଲାଭ ସହିତ ଶ୍ରମିକମାନଙ୍କର ପ୍ରବାସନର (Migration) ଆବଶ୍ୟକତା ହ୍ରାସ ଇତ୍ୟାଦିର ସୁଫଳ ଲୋକେ ପାଇବେ । ଏ ସମସ୍ତ

ହେଉଛି କେନାଲ ପ୍ରକଳ୍ପର ସାମାଜିକ ଲାଭ । କେନାଲ ପ୍ରକଳ୍ପର ସାମାଜିକ ପରିବ୍ୟୟ-ଫାଇଦା ସମ୍ପର୍କରେ ଲୋକମାନଙ୍କ ଉପଲବ୍ଧିକୁ ସାରଣୀ ୭.୧ ଓ ୭.୨ରେ ଦର୍ଶାଯାଇଛି ।

ସାରଣୀ ୭.୧ ସାମାଜିକ ପରିବ୍ୟୟ-ଫାଇଦା ର ତୁଳନାତ୍ମକ ତଥ୍ୟ

ସାମାଜିକ ପରିବ୍ୟୟ (କ୍ଷତି)		ସାମାଜିକ ଫାଇଦା (ଲାଭ)	
୧.	ପୈତୃକ ଜମି ହାନି ଓ ତତଜନିତ ଆବେଗମୟ କ୍ଷତି ।	୧	ଜଳ ପ୍ରବାହ ହେତୁ ଅଞ୍ଚଳରେ ଥଣ୍ଡା ପରିବେଶ ।
		୨	ଜଳସେଚନ ।
		୩	ଶସ୍ୟ ଉତ୍ପାଦନରେ ଗହନତା, ଏକାଧିକ ଶସ୍ୟ ଉତ୍ପାଦନ ଓ ଅମଳ ବୃଦ୍ଧି ।
୨.	ପାରିବେଶିକ କ୍ଷତି ଏବଂ ବୃକ୍ଷ ହାନି ।	୪	କୃଷିରୁ ଅଧିକ ଉତ୍ପାଦନ ।
		୫	ଉତ୍ପାଦନ ବୃଦ୍ଧି ହେତୁ ଉତ୍ତମ ଖାଦ୍ୟ ସୁରକ୍ଷା ।
		୬	ପ୍ରବାସନ ହ୍ରାସ ।

ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ ଏବଂ ଗୋଷ୍ଠୀଗତ ଆଲୋଚନା, ୨୦୨୬

ସାରଣୀ ୭.୨ ସାମାଜିକ ପରିବ୍ୟୟ-ଫାଇଦା ସମ୍ପର୍କତ ଲୋକମାନଙ୍କ ଉପଲବ୍ଧି

ଗ୍ରାମ	ସାମାଜିକ ପରିବ୍ୟୟ		ସାମାଜିକ ଫାଇଦା			
	ପୈତୃକ ଜମି	ପାରିବେଶିକ ପରିବ୍ୟୟ	ଥଣ୍ଡା ପରିବେଶ	ଜଳସେଚନ ଏବଂ କୃଷିରୁ ଲାଭ	ଉନ୍ନତ ଖାଦ୍ୟ ସୁରକ୍ଷା	ପ୍ରବାସନ ହ୍ରାସ
ଡିହଖଳା	୨୪	୨୪	୨୪	୨୪	୧୫	୦୮

ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ ଏବଂ ଗୋଷ୍ଠୀଗତ ଆଲୋଚନା, ୨୦୨୬

ଜମି ଅଧିଗ୍ରହଣ ହେତୁ ପୈତୃକ ଜମିର ହାନି ଏକ ଆର୍ଥିକ ଓ ଆବେଗ ପୂର୍ଣ୍ଣ କ୍ଷତି ବୋଲି ସମସ୍ତ ୨୪ ଜଣ ପ୍ରଭାବିତ ପରିବାରଙ୍କ ମତ। ପ୍ରଭାବିତ ଜମି ଉପରେ ବୃକ୍ଷ ଥିବା ପରିବାରଟି ମତବ୍ୟକ୍ତ କରିଛନ୍ତି ଯେ, ବୃକ୍ଷ କାଟିବା ଦ୍ୱାରା ସ୍ଥାନୀୟ ପରିବେଶର କ୍ଷତି ହେବ ।

ସାମାଜିକ ଫାଇଦା ବାବଦରେ ସମସ୍ତେ ସହମତ ଅଟନ୍ତି ଯେ ଡାଇଭର୍ସନ ୱୋୟାର ନିର୍ମାଣ ଦ୍ୱାରା ଅଞ୍ଚଳରେ ଜଳ ପ୍ରବାହରେ ବୃଦ୍ଧି ଏବଂ ଥଣ୍ଡା ହାୱା ପରିବେଶର ଉନ୍ନତି କରୁଛି, ଜଳସେଚନର ସୁବିଧା ଏବଂ କୃଷିରୁ ଲାଭ ଆଣିଛି, ଉତ୍ତମ ଖାଦ୍ୟ ନିରାପତ୍ତା ଏବଂ ପ୍ରବାସନର ଆବଶ୍ୟକତା ହ୍ରାସ କରିଛି ।

ଏହି ସବୁ ଫାଇଦା ପରିବ୍ୟୟ ଠାରୁ ଅଧିକ ବୋଲି ଅନୁମାନ କରାଯାଏ । ତେଣୁ ମୋଟାମୋଟି ଭାବେ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଲୋକମାନେ ଏବଂ ରାଜ୍ୟ ନିଶ୍ଚୟ ଉପକୃତ ହେବେ ।

୭.୨.୨ ଅର୍ଥନୈତିକ ପରିବ୍ୟୟ ଓ ଫାଇଦା (ବା ଲାଭ)

ଜଳସେଚନ ପାଇଁ କେନାଲ ନିର୍ମାଣ ପ୍ରକଳ୍ପର ଅର୍ଥନୈତିକ ପରିବ୍ୟୟ ମଧ୍ୟରେ ଅଧିଗ୍ରହଣ ହେଉଥିବା ଜମି ଓ ସେଥି ସଂଲଗ୍ନ ଗଛର ମୂଲ୍ୟ, ଅଧିଗୃହିତ ଜମିରେ ଥିବା ଶସ୍ୟର କ୍ଷତି, ନିର୍ମାଣ ଜନିତ ଶ୍ରମିକଙ୍କର ମଜୁରୀ, ନିର୍ମାଣ ସାମଗ୍ରିର ମୂଲ୍ୟ, ଏବଂ ବାର୍ଷିକ ରକ୍ଷଣା-ବେକ୍ଷଣ ପରିବ୍ୟୟ ଅନ୍ତର୍ଭୁକ୍ତ । ଅର୍ଥନୈତିକ ଲାଭ (ଫାଇଦା), ଉଭୟ ସୁସ୍ପଷ୍ଟ ଓ ଅନ୍ତର୍ନିହିତ । ଏହି ପ୍ରକଳ୍ପ ଦ୍ୱାରା ପାଞ୍ଚଟି ପ୍ରମୁଖ (command) ଗାଁର ହିତାଧିକାରୀ କୃଷକଙ୍କ ଦ୍ୱାରା ଜଳ ବ୍ୟବହାର ଶୁଳ୍କ, ଜଳସେଚନ ପରେ ଅଧିକ ଫସଲ ଅମଳ ଏବଂ ଲାଭଜନକ ନିୟୋଜନ ଏବଂ ଅଧିକ କୃଷି ଆୟ ଦ୍ୱାରା ସରକାର ଆୟର ରାଜସ୍ୱ ବୃଦ୍ଧି ଆଦି ଅର୍ଥନୈତିକ ସୁଲାଭର ଅନ୍ତର୍ଭୁକ୍ତ ।

କହିବା ବାହୁଲ୍ୟ ଯେ, ପ୍ରକଳ୍ପ ସଂଲଗ୍ନ ଜମି ଓ ବୃକ୍ଷ ଏବଂ କେନାଲ ପ୍ରକଳ୍ପର ନିର୍ମାଣର ଖର୍ଚ୍ଚ ବ୍ୟତୀତ ଅନ୍ୟ ସବୁ ସୁଲାଭ-ଅଲାଭର ବାସ୍ତବ ଆର୍ଥିକ ମୂଲ୍ୟାୟନକୁ ଆକଳନ କରିବା କଷ୍ଟସାଧ୍ୟ । RFCTLARR Act, ୨୦୧୩ ଅନୁସାରେ ଜମି ଓ ବୃକ୍ଷ ଗୁଡ଼ିକର ମୂଲ୍ୟାୟନ ଏବଂ ଓଡିଶା ସରକାରଙ୍କର ଜଳସେଚନ ବିଭାଗ ଦ୍ୱାରା ନିର୍ଦ୍ଧାରିତ ନିର୍ମାଣ କାର୍ଯ୍ୟର ପରିବ୍ୟୟର ହିସାବ କରିବାର ପ୍ରାବଧାନ ଅଛି । ଠିକ୍ ସେହିପରି ବୃକ୍ଷ ଗୁଡ଼ିକର ମୂଲ୍ୟାୟନ, ଜଙ୍ଗଲ ବିଭାଗର ବୈଷୟିକ ଅଧିକାରୀଙ୍କ ସାହାଯ୍ୟରେ ଆକଳନ କରିବା ଦାୟୀତ୍ୱ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ (SIA Study Team) ଙ୍କ ପାଖରେ ସର୍ବେକ୍ଷଣରୁ ପ୍ରାପ୍ତ ବୃକ୍ଷ ଗୁଡିକର ମୂଲ୍ୟ ବିଷୟରେ ସୂଚନା ଅଛି ।

ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଡିହଖଳା ଗ୍ରାମର ରାଜୁଆ ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପର (ToR 78-00006) ନିର୍ମାଣ ପାଇଁ ୦.୬୧୫୦ ଏକର ପରିମାଣର ଘରୋଇ ଜମି ଅଧିଗ୍ରହଣର ଆନୁମାନିକ ମୂଲ୍ୟ ଏଠାରେ ଉପସ୍ଥାପିତ ହୋଇଛି । ଓଡିଶା ସରକାରଙ୍କର ବିଜ୍ଞପ୍ତି ନଂ. ୨୨୪୮୫/ଆର.ଏଣ୍ଡ.ଡି.ଏମ୍, ତାରିଖ ୨୨.୦୬.୨୦୧୮ ନିର୍ଦ୍ଦେଶାବଳୀ ଅନୁସାରେ ଅଧିଗ୍ରହଣୀୟ ଜମି ଓ ବୃକ୍ଷ ବାବଦରେ କ୍ଷତି ପୂରଣ ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି । ଏହାକୁ ସାରଣୀ ୭.୩ରେ ଦର୍ଶାଯାଇଛି ।

ସାରଣୀ ୭.୩ ଜମି ଓ ବୃକ୍ଷର କ୍ଷତିପୂରଣ ହିସାବ

କ୍ର.ନଂ.	ବିଷୟ	ଟଙ୍କାର ପରିମାଣ (ଟ.)
(୧)	*(୨)*	*(୩)*
୧	୦.୬୧୫୦ ଏକର ଜମିର ନିର୍ଣ୍ଣାୟକ ମୂଲ୍ୟ (BMV)	୯୦୦୪୨
୨	ଦୂରତ୍ୱ ୫୯ କି.ମି (୪୦ କି.ମି ରୁ ଅଧିକ) ଆଧାରରେ ଗୁଣନୀୟକ	୨
୩	**ମୋଟ**	**୧୮୦୦୮୪**
୪	ବୃକ୍ଷର ମୂଲ୍ୟ	୦୦
୫	**ମୋଟ**	**୧୮୦୦୮୪**
୬	୧୦୦% ଆବେଗ ପୂର୍ଣ୍ଣ କ୍ଷତି ଭରଣା (ସୋଲାଟିଅମ୍)	୧୮୦୦୮୪
୭	ଦୁଇ ବର୍ଷ ପାଇଁ ୧୨% ଅତିରିକ୍ତ ଭରଣା କିମ୍ବା ପ୍ରକୃତ ଅଧିଗ୍ରହଣ - ଯାହା କମ୍ ହେବ (କ୍ର.ସଂ.୩ ଉପରେ)	୨୧୬୧୦
	ମୋଟ(୫+୬+୭)	**୨୦୧୬୯୪**

ଉତ୍ସ: ବିଜ୍ଞପ୍ତି, No.RDM-LAA-CLRFIC-20002-2015 (ଭାଗ) 22485 / R & DM, ତାରିଖ 22/06/2018, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାର ଏବଂ ପ୍ରାଥମିକ ତଥ୍ୟ, 2023

ଏଣୁ ଜମି ର କ୍ଷତିପୂରଣ ମୂଲ୍ୟ ଟ. ୨୦୧୬୯୪ ।

ଏଥିରେ ଆର୍ଥିକ ଖର୍ଚ୍ଚ ଏବଂ ଲାଭର ତୁଳନା ସାରଣୀ ୭.୪ରେ ଦର୍ଶାଯାଇଛି ।

ସାରଣୀ ୭.୪ ଅର୍ଥନୈତିକ ପରିବ୍ୟୟ ଓ ଲାଭ (ଫାଇଦା) – ଏକ ତୁଳନା

ଅର୍ଥନୈତିକ ପରିବ୍ୟୟ	ଅର୍ଥନୈତିକ ଫାଇଦା (ଲାଭ)
ବୃକ୍ଷ ଏବଂ ଜମିର ମୂଲ୍ୟ ।	ଅଧିକ ରୋଜଗାର ।
ଉତ୍ପାଦିତ ଶସ୍ୟର ମୂଲ୍ୟ ।	ଅଧିକ କୃଷି ଆୟ ।
ପ୍ରକଳ୍ପ ନିର୍ମାଣ ପରିବ୍ୟୟ ।	ଜମିରେ ଜଳସେଚନ ଯୋଗୁଁ ସରକାରଙ୍କ ପାଇଁ ରାଜସ୍ୱ ଆଦାୟରେ ବୃଦ୍ଧି ।
ବାର୍ଷିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ।	

ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ, ୨୦୨୬

୭.୨.୩. ପରିବ୍ୟୟ-ଫାଇଦା ବିଶ୍ଳେଷଣ କରିବା କ୍ଷେତ୍ରରେ ସମସ୍ୟା

ପ୍ରକଳ୍ପରେ ପରିବ୍ୟୟ ଓ ଫାଇଦା ବିଶ୍ଳେଷଣର ପ୍ରୟୋଗ ଓ ନିର୍ଭୁଲତା ଏଥିରେ ବ୍ୟବହୃତ ଏହାର ପରିବ୍ୟୟ ଓ ଫାଇଦାର ବିଭିନ୍ନ ଉପାଦାନର ମୂଲ୍ୟାଙ୍କନ ଉପରେ ନିର୍ଭର କରେ । ଯେହେତୁ ପ୍ରକଳ୍ପର ପରିବ୍ୟୟ ଓ ଫାଇଦାର ଉଭୟ ଅର୍ଥନୈତିକ ଓ ସାମାଜିକ ଦିଗମାନ ରହିଛି, ଏବଂ ଏହାର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ଭାଗିଦାର ମାନଙ୍କ ଉପରେ ପଡୁଛି, ଓ ଏହା ବର୍ତ୍ତମାନ ଓ ଭବିଷ୍ୟତ ସହିତ ସଂପୃକ୍ତ, ତେଣୁ ଏହାର ସଠିକ୍ ବା ନିର୍ଭୁଲ ମୂଲ୍ୟାଙ୍କନ କରିବା ସହଜ ସାଧ୍ୟ ନୁହେଁ। ମୂଲ୍ୟାଙ୍କନରେ ଆରୋପିତ ମୂଲ୍ୟାୟନ ହେବାର ସମ୍ଭାବନା ରହିଛି ଏବଂ ଏହାକୁ ସ୍ୱକଳ୍ପନା ବା ଆତ୍ମମୁଖୀ ଚିନ୍ତାଧାରା ବହୁଭାବେ ପ୍ରଭାବିତ କରିପାରେ । ତଥାପି ଆମର ଅନ୍ତଃଜ୍ଞାନ ପ୍ରୟୋଗ ଓ ବିଚାରଣା କହୁଛି ଯେ ରାଜୁଆ ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପର ଫାଇଦା ବା ଲାଭ ତାର ପରିବ୍ୟୟ ବା କ୍ଷତିର ପରିମାଣ ଠାରୁ ବେଶ୍ ଅଧିକ ହେବ । ଏଣୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାର ଯଥାର୍ଥତା ରହିଛି।

୭.୩ ସାର୍ବଜନିକ ଅଭିପ୍ରାୟର ନିର୍ଦ୍ଧାରଣ

ଭାରତ ସରକାରଙ୍କ RFCTLARR Act and R Act, ୨୦୧୩ ଓ ଓଡ଼ିଶା RFCTLARR ନିୟମ, ୨୦୧୬ ରେ ଥିବା ବ୍ୟବସ୍ଥା ଅନୁସାରେ ସରକାର ସର୍ବସାଧାରଣ ବା ନିଜ ବ୍ୟବହାର ପାଇଁ ଜମି ଅଧିଗ୍ରହଣ କରିପାରିବେ; ସରକାରୀ ଶିଳ୍ପ ଉଦ୍ୟୋଗ ଓ ସର୍ବସାଧାରଣଙ୍କ ସୁବିଧା ପାଇଁ ଅଧିଗ୍ରହଣ କରିପାରିବେ ଓ ବ୍ୟବହାର କରିପାରିବେ। ***"ସର୍ବସାଧାରଣ ଉଦ୍ଦେଶ୍ୟ"*** ମଧ୍ୟରେ ନିମ୍ନ ଲିଖିତ ଗୁଡିକ ରହିଛି;

(କ) ବିଶେଷ ଉଦ୍ଦେଶ୍ୟ ସାଧନରେ ଜମିର ବ୍ୟବହାର – ପୁଲିସ୍, ଜାତୀୟ ସୁରକ୍ଷା ଇତ୍ୟାଦି;

(ଖ) ଆଧାରିକ ସଂରଚନା ପ୍ରକଳ୍ପ – ଜଳ ଅମଳ ଏବଂ ଜଳ ସଂରକ୍ଷଣ ସଂରଚନା (ଯେଉଁଥିରେ ଜଳସେଚନ ଅନ୍ତର୍ଭୁକ୍ତ), ବିମାନ ବନ୍ଦର, ରେଳବାଇ, ରାସ୍ତା, ପୋଲ ଇତ୍ୟାଦି;

(ଗ) ଶିଳ୍ପ-ଉଦ୍ୟୋଗ ପ୍ରକଳ୍ପ – ଖଣି, ଶିଳ୍ପାଞ୍ଚଳ, ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ, ସ୍ୱାସ୍ଥ୍ୟ ସେବା, ପର୍ଯ୍ୟଟନ, ମହାକାଶ କାର୍ଯ୍ୟକ୍ରମ ଇତ୍ୟାଦି;

(ଘ) ସରକାରୀ ଗୃହ ନିର୍ମାଣ ଯୋଜନା;

(ଙ) ଗ୍ରାମାଞ୍ଚଳ ବିକାଶ, ସ୍ୱଳ୍ପ ଆୟକାରୀଙ୍କ ନିମନ୍ତେ ବାସଗୃହ ନିର୍ମାଣ ଇତ୍ୟାଦି, ଓ

(ଚ) କୃଷି ଓ ସମବର୍ଗୀୟ କ୍ଷେତ୍ର ପାଇଁ ବିକାଶମୂଳକ ପ୍ରକଳ୍ପ ଏବଂ ଏହିପରି କାର୍ଯ୍ୟକ୍ରମମାନ।

ଡାଇଭର୍ସନ ଓ୍ୱୋୟାର ଜଳସେଚନ ପ୍ରକଳ୍ପଟି ତାପମାତ୍ରା ହ୍ରାସ କରିବାରେ ଏବଂ କେନାଲ ଅଞ୍ଚଳରେ ସବୁଜତା ବୃଦ୍ଧି, ଜଳସେଚନର ବିସ୍ତାର କରିବାରେ, ଉନ୍ନତ କୃଷି ପ୍ରଣାଳୀର ବ୍ୟବହାର, ଏକାଧିକ ଫସଲ, ଅଧିକ ଫସଲ ସଂଘନତା, ଫସଲର ବିବିଧତା, ଅଧିକ ଅମଳ ଓ କୃଷି ଆୟ, ଫଳପ୍ରଦ ଓ ଅର୍ଜକ ନିୟୋଜନ ସୃଷ୍ଟି ଏବଂ କୃଷି ଅଭିବୃଦ୍ଧିରେ ସହାୟକ ହୋଇଛି । ସରକାରଙ୍କ RFCTLARR Act, ୨୦୧୩ ଏବଂ ଓଡିଶା RFCTLARR ନିୟମ ୨୦୧୬ ଅନୁସାରେ ସର୍ବସାଧାରଣଙ୍କ ସୁବିଧା ପାଇଁ ଜମି ଅଧିଗ୍ରହଣ କରାଯାଇଛି ।

୭.୪ ପ୍ରଭାବର ପ୍ରକାର ଓ ତୀବ୍ରତା

ଅନ୍ୟସ୍ଥାନ ମାନଙ୍କରେ ଜମି ଅଧିଗ୍ରହଣ ପରି ପ୍ରସ୍ତାବିତ ସୀତାରାମପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ପାଇଁ ଯେଉଁ ଜମି ଅଧିଗ୍ରହଣ ହୋଇଛି ତାର ପ୍ରତିକୂଳ ପ୍ରଭାବର ଏକ ସମୟସୀମାର ମୌଳିକ ବିଚାର ରହିଛି ଯାହା ସ୍ୱଳ୍ପ-ମିଆଦି ବା ଦୀର୍ଘ ମିଆଦି କିମ୍ବା ସ୍ଥାୟୀ ବା ଅସ୍ଥାୟୀ ହୋଇପାରେ । ଯେଉଁ ପ୍ରଭାବ ବା ସଂଘାତ ଗୁଡ଼ିକ ସ୍ଥାୟୀ ଧରଣର ଅଟେ ସେସବୁର ତୀବ୍ରତା ପ୍ରକଳ୍ପ କାର୍ଯ୍ୟକାରିତାର ପ୍ରତ୍ୟେକ ସ୍ତର ଯଥା ଜମି ଅଧିଗ୍ରହଣ ସମୟ, ନିର୍ମାଣର ପୂର୍ବାବସ୍ଥା, ନିର୍ମାଣ ସମୟ ଏବଂ ନିର୍ମାଣ ପରବର୍ତ୍ତୀ ସମୟରେ ଅନୁଭୂତ ହୋଇଥାଏ । ଅସ୍ଥାୟୀ ପ୍ରଭାବ ଗୁଡ଼ିକର ତୀବ୍ରତା ପ୍ରକଳ୍ପର ନିର୍ମାଣ ଓ ପରେ ଏହାର କାର୍ଯ୍ୟକାରିତା ସମୟରେ ଧୀରେ ଧୀରେ ଉପଶମ ହୋଇଥାଏ । ସ୍ଥାୟୀ ଧରଣର ସଂଘାତ ମାନଙ୍କର ଦୀର୍ଘକାଳୀନ ପ୍ରଭାବ ପଡ଼ିଥାଏ ଯାହା ପ୍ରକଳ୍ପଟି ସଂପୂର୍ଣ୍ଣ ହେବାପରେ ମଧ୍ୟ ଅନୁଭୂତ ହୋଇଥାଏ । ସଂଘାତ ଗୁଡିକ ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ଅଦୃଶ୍ୟ ହୋଇଯାଉଥିଲେ ତାହାକୁ ସ୍ୱଳ୍ପ ମିଆଦି ପ୍ରଭାବ କୁହାଯାଏ । ଖୋର୍ଦ୍ଧା ଜିଲ୍ଲାର ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପ ନିର୍ମାଣ ର ପ୍ରଭାବ, ତାର ପ୍ରକୃତି, ପ୍ରକାର ତଥା ତୀବ୍ରତା, ସର୍ବେକ୍ଷଣ ମାଧ୍ୟମରେ ସଂଗୃହୀତ ତଥ୍ୟ ଭିତ୍ତିରେ ସାରଣୀ ୭.୫ରେ ଦିଆଯାଇଛି ।

ସାରଣୀ ୭.୫ ପ୍ରଭାବର ପ୍ରକୃତି, ପ୍ରକାର ଓ ତୀବ୍ରତା

କେଉଁ ଧରଣର ପ୍ରଭାବ	ପ୍ରଭାବର ବର୍ଣ୍ଣନା	ପ୍ରଭାବର ବିଭିନ୍ନ କ୍ରମର ପର୍ଯ୍ୟାୟ	ପ୍ରଭାବର ପ୍ରକାର	ପ୍ରଭାବର ତୀବ୍ରତା
	ବୃକ୍ଷ ହାନି			
ଜୀବିକା ଓ ଜମିରୁ ଆୟ	ଉତ୍ପାଦନ ଓ ଆୟର ହ୍ରାସ ।	ସମସ୍ତ ପର୍ଯ୍ୟାୟ	ସ୍ଥାୟୀ	ଦୀର୍ଘକାଳୀନ
ପରିବେଶ	ଜମି ହାନି ଯୋଗୁଁ ପରିବେଶ ର କ୍ଷତି	ସମସ୍ତ ପର୍ଯ୍ୟାୟ	ସ୍ଥାୟୀ ହୋଇପାରେ	ଦୀର୍ଘକାଳୀନ

ଉତ୍ସ- ପ୍ରାଥମିକ ସର୍ବେକ୍ଷଣ, ୨୦୨୬

ସାରଣୀରୁ ଜଣାଯାଏ ଯେ, ପ୍ରକଳ୍ପଟିର ପ୍ରଭାବଗୁଡିକ ବହୁ ପରିମାଣରେ ସ୍ଥାୟୀ ବା ଦୀର୍ଘକାଳୀନ । ମାତ୍ର ପ୍ରଭାବିତ ପରିବାର ଗୁଡିକର ଜୀବିକା ଓ ଆୟର କ୍ଷତି ଆଦି ସମସ୍ୟାକୁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ମାଧ୍ୟମରେ ଓ ସଠିକ୍ ପରିଚାଳନା ଦ୍ୱାରା ସମାଧାନ କରାଯାଇ ପାରିବ।

୭.୫ ସାମାଜିକ ପ୍ରଭାବ ପରିଚାଳନା ଯୋଜନା : କାର୍ଯ୍ୟପନ୍ଥା, ଦାୟୀତ୍ୱ ଓ ସାଫଲ୍ୟ

RFCTLARR ଅଧିନିୟମ, 2013 ଏବଂ ଓଡ଼ିଶା RFCTALARR Rules -୨୦୧୬ ଆଇନ୍ ଆଧାରରେ ସାମାଜିକ ପ୍ରଭାବ ଆକଳନ ଅନୁଧ୍ୟାନକାରୀ ସଂସ୍ଥାଙ୍କୁ (କୋଟସ୍) ତାଙ୍କ ରିପୋର୍ଟରେ ଗୋଟିଏ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତ କରିବାର ପ୍ରାବଧାନ ରହିଛି । ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ଜନିତ କ୍ଷତିର ନକାରାତ୍ମକ ସାମାଜିକ ପ୍ରଭାବ ମାନଙ୍କୁ ପ୍ରଶମିତ କରିବା ପାଇଁ କାର୍ଯ୍ୟକ୍ରମ ମାନ ସୁପାରିଶ କରିବା ଏହାର ଏକ ଅବିଚ୍ଛେଦ୍ୟ ଅଂଶ । ଏହାର

କାର୍ଯ୍ୟାନ୍ୱୟନ ଦ୍ୱାରା ନକାରାତ୍ମକ ପ୍ରଭାବ ଗୁଡ଼ିକୁ ଦୂର କରାଯାଇ ପାରିବ ବା ସର୍ବନିମ୍ନ ସ୍ତରକୁ ଆଣି କ୍ଷତି ପୂରଣ ଦ୍ୱାରା ଭରଣା କରାଯାଇ ଜମି ଅଧିଗ୍ରହଣ ପୂର୍ବରୁ ପ୍ରଭାବିତ ପରିବାରଙ୍କର ଯେଉଁ ଅବସ୍ଥା ଥିଲା, ଅଧିଗ୍ରହଣ ପରେ ସେମାନଙ୍କର ଅବସ୍ଥାର ଉନ୍ନତିକୁ ନିଶ୍ଚିତ କରିବାକୁ ଏଥିରେ ନିର୍ଦ୍ଦେଶ ଅଛି । ପ୍ରତିକୂଳ ପ୍ରଭାବ ଗୁଡ଼ିକର ପ୍ରଶମନ ଓ ପରିଚାଳନାଗତ ପଦକ୍ଷେପମାନ ସହିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନାରେ ସମୁଚିତ ଅଭିକର୍ତ୍ତା ମାନଙ୍କର ଏକ ତାଲିକା ପ୍ରକାଶକରି ସେମାନଙ୍କର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା, ପର୍ଯ୍ୟାଲୋଚନା କରିବା, ଏବଂ ଅଭିଯୋଗ ଗୁଡ଼ିକର ପ୍ରତିକାର କରିବ। ବିଷୟ ଉପରେ ଜୋର ଦିଆଯାଇଛି । ଏହିସବୁ ବିଷୟକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲାରେ ରାଜୁଆ ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପର ନିର୍ମାଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ କାଳରେ ଜମି ଅଧିଗ୍ରହଣ ସମସ୍ୟାକୁ ବିଚାରକୁ ନେଇ କୋଟସର ଅନୁଧ୍ୟାନକାରୀ ଦଳ ଏକ ***ସାମାଜିକ ପ୍ରଭାବ ପରିଚାଳନା ଯୋଜନା*** (SIMP) ପ୍ରସ୍ତୁତ କରିଛନ୍ତି ।

୭.୬.୧ ଉଦ୍ଦେଶ୍ୟ

ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ସାଧାରଣ ଉଦ୍ଦେଶ୍ୟ ହେଉଛି ପ୍ରକଳ୍ପ କର୍ତ୍ତୃପକ୍ଷ ଓ ସରକାରଙ୍କୁ, ପ୍ରକଳ୍ପ ହେତୁ ଯେଉଁ ପ୍ରତିକୂଳ ପ୍ରଭାବ ପଡ଼ିବ ତାହାର ଉପଶମର ବ୍ୟବସ୍ଥା କରିବା ଓ ଲୋକମାନଙ୍କର ସୁବିଧା ହେବା ନିମନ୍ତେ ପଦକ୍ଷେପ ଗୁଡ଼ିକ ବିଷୟରେ ପ୍ରସ୍ତାବ ଦେବା । ଏହାର ତିନିଗୋଟି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରହିଛି । ତାହା ହେଲା;

(କ) ଜମି ଅଧିଗ୍ରହଣ କାରଣରୁ ଯେଉଁ ପ୍ରତିକୂଳ ପରିଣାମ ରହିଛି ସେଥିପାଇଁ ଫଳପ୍ରଦ ପରିଚାଳନାଗତ କାର୍ଯ୍ୟକ୍ରମ ମାନ ନିର୍ଣ୍ଣୟ କରିବା ।

(ଖ) ନିର୍ଦ୍ଦିଷ୍ଟ କ୍ଷେତ୍ରପାଇଁ ବିଭିନ୍ନ ପ୍ରକାର ପରିଚାଳନାଗତ କୌଶଳ ଓ କାର୍ଯ୍ୟମାନଙ୍କୁ ସୁନିଶ୍ଚିତ କରିବା ।

(ଗ) ପ୍ରଭାବିତ ପରିବାର ଗୁଡ଼ିକ ଯେଉଁ କ୍ଷତିପୂରଣ ରାଶି ପାଇବେ ତାହାର କିପରି ଫଳପ୍ରଦ ଉପଯୋଗ ହୋଇପାରିବ ସେ ବିଷୟରେ ମାର୍ଗଦର୍ଶନ ଓ ପରାମର୍ଶ ଦେବା ।

ଏହା ଆଶା କରାଯାଏ ଯେ, ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ଫଳପ୍ରଦ ପ୍ରୟୋଗ ହୋଇପାରିଲେ ଜମିହରା ପରିବାର ଗୁଡ଼ିକର ନିଶ୍ଚୟ ମଙ୍ଗଳ ହେବ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ସାମଗ୍ରିକ ଭାବେ କଲ୍ୟାଣ ଘଟିବ।

୭.୬.୨ ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେ ଅଭିପ୍ରେତ ଜନାଦେଶ

ଜମି ଅଧିଗ୍ରହଣ ଓ ପ୍ରକଳ୍ପର ପ୍ରତିକୂଳ ବା କ୍ଷତିକାରକ ପ୍ରଭାବ ମାନଙ୍କୁ ବିଚାରକୁ ନେଇ Odisha RFCTLARR-Rules, ୨୦୧୬ ନିୟମରେ ଥିବା ଫର୍ମ-E ରେ ସୁନିର୍ଦ୍ଦିଷ୍ଟ ଢାଞ୍ଚା ଅନୁସାରେ ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ ପ୍ରସ୍ତୁତ କରାଯାଇଛି। ୨୦୧୬ ନିୟମ ଅନୁଯାୟୀ, ପ୍ରକଳ୍ପ ହେତୁ ଯେଉଁସବୁ କ୍ଷତିକାରକ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି, ତାକୁ ପ୍ରତିହତ କରିବା ନିମନ୍ତେ ସୁଧାରମୂଳକ କାର୍ଯ୍ୟପନ୍ଥାମାନ ସାମାଜିକ ପ୍ରଭାବ ପରିଚାଳନା ଯୋଜନାରେ ପ୍ରଦତ୍ତ ହୋଇଛି । ପ୍ରମୁଖ ପ୍ରଭାବିତ ଓ ସମ୍ଭାବ୍ୟ କ୍ଷେତ୍ରଗୁଡ଼ିକ ନିମ୍ନ ସାରଣୀ ୭.୬ରେ ପ୍ରଦାନ କରାଯାଇଛି ।

ସାରଣୀ ୭.୬ ଜମି ଅଧିଗ୍ରହଣ ହେଲେ ପଡିବାକୁ ଥିବା ନାକାରାତ୍ମକ ପ୍ରଭାବ

କ୍ର.ନଂ	ପ୍ରଭାବ କ୍ଷେତ୍ର	ସମ୍ଭାବ୍ୟ ପ୍ରଭାବ
୧.	ପ୍ରଭାବିତ ପରିବାର ଗୁଡ଼ିକର ଜୀବିକା	ଜମି ଅଧିଗ୍ରହଣ ହେଲେ ନକାରାତ୍ମକ ଭାବେ ପ୍ରଭାବିତ ହେବ ।
୨.	ସର୍ବସାଧାରଣ ଭିତ୍ତି ସଂରଚନା ବା ଭିତ୍ତିଭୂମି	ଜମି ଅଧିଗ୍ରହଣ ହେତୁ କୌଣସି ସର୍ବସାଧାରଣ ଭିତ୍ତିଭୂମି କ୍ଷତି ହେବ ନାହିଁ ।
୩.	ସର୍ବସାଧାରଣ ସମ୍ପତ୍ତି-ଆରାଧନା ସ୍ଥଳୀ	କୌଣସି କ୍ଷତି ହେବ ନାହିଁ ।

୪.	ଜଳ ନିଷ୍କାସନ ନାଳ ଓ ପରିମଳ	କୌଣସି କ୍ଷତି ହେବ ନାହିଁ ।
୫.	ପାନୀୟ ଜଳର ଉତ୍ସ	କୌଣସି କ୍ଷତି ହେବ ନାହିଁ ।
୬	ଗୋରୁଗାଈ ମାନଙ୍କ ପାଇଁ ପାନୀୟ ଜଳ ଉତ୍ସ	କୌଣସି କ୍ଷତି ହେବ ନାହିଁ ।
୭	ସର୍ବସାଧାରଣ ପୋଖରୀ	କୌଣସି କ୍ଷତି ହେବ ନାହିଁ ।
୮.	ଗୋଚର ଜମି	କୌଣସି କ୍ଷତି ହେବ ନାହିଁ ।
୯.	ବୃକ୍ଷରୋପିତ କ୍ଷେତ୍ର	କୌଣସି କ୍ଷତି ହେବ ନାହିଁ ।

ଉତ୍ସ: ସାରଣୀ ୩.୩ ଓ ସାରଣୀ ୩.୪

୭.୬.୩ ପ୍ରସ୍ତାବିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା

ଏସବୁ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ, ଡାଇଭର୍ସନ ଓ୍ୱୋୟାର ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣର ପ୍ରତିକୂଳ ପ୍ରଭାବରେ ପ୍ରଭାବିତ ପରିବାର ଜୀବିକା ହାନି ହେବ, ସର୍ବସାଧାରଣ ଭିତ୍ତିଭୂମି, ଗୋଷ୍ଠୀଗତ ସମ୍ପତ୍ତି ଯଥା: ପୂଜାସ୍ଥଳୀ, ଜଳ ନିକାଶ ନାଳ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳର ଉତ୍ସ, ଗାଇଗୋରୁଙ୍କ ନିମନ୍ତେ ପିଇବା ପାଣିର ଉତ୍ସ, ସର୍ବସାଧାରଣ ପୋଖରୀ ସବୁର କୌଣସି ହାନି ହେବନାହିଁ । ପ୍ରକଳ୍ପ ଦ୍ୱାରା କେବଳ ଜମି ହରାଉଥିବା ପରିବାରର ଜୀବିକା ଓ ରୋଜଗାର ଏବଂ ସେମାନଙ୍କ ଜମିରେ ଥିବା ବୃକ୍ଷ ହାନି ହେବ ।

ତେଣୁ ପ୍ରସ୍ତାବିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନାରେ ପ୍ରଭାବିତ ଗ୍ରାମର ଜମି ହରାଇଥିବା ପରିବାର ପାଇଁ ଦୁଇ ପ୍ରକାରର କାର୍ଯ୍ୟପନ୍ଥା ରହିଛି । ଉପଯୁକ୍ତ କାର୍ଯ୍ୟପନ୍ଥାମାନ ଗ୍ରହଣ କରାଯାଇ ଓ ଉପଯୁକ୍ତ ପରିଚାଳନା ଦ୍ୱାରା କ୍ଷତିକୁ କମା କରାଯାଇ ପାରିବ ବା ଦୂର କରାଯାଇ ପାରିବ । ସେହି କାର୍ଯ୍ୟପନ୍ଥା ଗୁଡିକ ହେଲା ;

(କ) ଜମି ହରାଉଥିବା ପରିବାର ବର୍ଗ, ଯେଉଁମାନେ ଜମି ଓ ତତ୍ ସଂଲଗ୍ନ ଅନ୍ୟାନ୍ୟ ସଂପତ୍ତି ଯଥା ବୃକ୍ଷରାଜି, ଜୀବିକା ଓ ରୋଜଗାର ହାନି ସହୁଛନ୍ତି ।

(ଖ) ମୋଟାମୋଟି ଭାବରେ ପ୍ରଭାବିତ ଅଞ୍ଚଳ ବିଭିନ୍ନ ଉପାୟରେ କ୍ଷତି ସହିପାରେ ଯଥା, ପରିବେଶର ହାନି/କ୍ଷତି ।

ଏଥି ସହିତ ଲୋକମାନଙ୍କର ଅଭିଯୋଗ ଗୁଡ଼ିକର ପ୍ରତିକାର ନିମନ୍ତେ କେତେକ କାର୍ଯ୍ୟପ୍ରଣାଳୀ ବିଷୟରେ ସୂଚନା ଦିଆଯାଇଛି।

ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ଏକ ସଂକ୍ଷିପ୍ତ ଚିତ୍ର ସାରଣୀ ୭.୭ରେ ଦିଆଯାଇଛି।

ସାରଣୀ ୭.୭ ସାମାଜିକ ପ୍ରଭାବ ପରିଚାଳନା ଯୋଜନା

ପ୍ରଭାବିତ ବର୍ଗ	ପ୍ରଭାବିତ କ୍ଷେତ୍ର	ପ୍ରଭାବର ବିବରଣୀ	ପ୍ରକଳ୍ପ ଚକ୍ର	ପ୍ରସ୍ତାବିତ ଉପଶମକ କାର୍ଯ୍ୟପନ୍ଥା	ଉତ୍ତରଦାୟିତ୍ୱ
(୧)	(୨)	(୩)	(୪)	(୫)	(୬)
ସ୍ୱତ୍ୱାଧିକାରୀ	ଜୀବିକା ଓ ରୋଜଗାର	ଜୀବିକା ଏବଂ ଚାଷରୁ ଆୟ ହାନି	ପ୍ରକଳ୍ପ ନିର୍ମାଣ ଓ ପର ପର୍ଯ୍ୟାୟ	କ୍ଷତିପୂରଣ ରାଶିର ସଫଳ ବିନିଯୋଗ ପାଇଁ ମାର୍ଗ ଦର୍ଶନ ଓ ପ୍ରେରଣା	ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା, ଏସ,.ଇ, ଖୋର୍ଦ୍ଧା ଜଳସେଚନ ଡିଭିଜନ, ଖୋର୍ଦ୍ଧା

ପ୍ରଭାବିତ ବର୍ଗ	ପ୍ରଭାବିତ କ୍ଷେତ୍ର	ପ୍ରଭାବର ବିବରଣୀ	ପ୍ରକଳ୍ପ ଚକ୍ର	ପ୍ରସ୍ତାବିତ ଉପଶମକ କାର୍ଯ୍ୟପନ୍ଥା	ଉତ୍ତରଦାୟିତ୍ୱ
(୧)	(୨)	(୩)	(୪)	(୫)	(୬)
ପ୍ରଭାବିତ ଅଞ୍ଚଳ	ଉନ୍ନତିମୂଳକ କାର୍ଯ୍ୟ	-	-	ନିର୍ମାଣଧିନ ଭିତ୍ତିଭୂମିର ନିର୍ମାଣ ବ୍ୟବସ୍ଥା	ଜିଲ୍ଲା ଅଧିକାରୀ ଏବଂ ଏସ,.ଇ, ଖୋର୍ଦ୍ଧା ଜଳସେଚନ ଡିଭିଜନ, ଖୋର୍ଦ୍ଧା

ଉତ୍ସ- ପ୍ରାଥମିକ ସର୍ବେକ୍ଷଣ, ୨୦୨୬

ଉକ୍ତ ସାରଣୀରୁ ସ୍ପଷ୍ଟ ଯେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପାଇଁ ଉଦ୍ଦିଷ୍ଟ ଫର୍ମ-E ରେ ପ୍ରଦର୍ଶିତ ହୋଇଥିବା ସମସ୍ତ ପ୍ରାସଙ୍ଗିକ ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଛି । ଅବଶ୍ୟ ଏଥିରୁ ପ୍ରାସଙ୍ଗିକତା ନ ଥିବା ତଥା ପ୍ରଭାବିତ ଅଞ୍ଚଳ ପାଇଁ ବର୍ତ୍ତମାନର କାର୍ଯ୍ୟସୀମା ପରିସରରେ ଆସୁ ନ ଥିବା ବିଷୟ ଗୁଡିକୁ ବାଦ ଦିଆ ଯାଇଛି । ଉଦାହରଣ ସ୍ୱରୂପ, ପ୍ରକଳ୍ପ ଅଞ୍ଚଳରେ ଗୋଷ୍ଠୀ ପୋଖରୀ ନାହିଁ କି ପ୍ରଭାବିତ ପରିବାରର କାହାର ମଧ୍ୟ ନିଜସ୍ୱ ପୋଖରୀ ନାହିଁ । ତେଣୁ କୌଣସି ଗୋଷ୍ଠୀ ପୁଷ୍କରଣୀର ନିର୍ମାଣ, ପୁନରୁଦ୍ଧାର, କିମ୍ବା ଉନ୍ନତି କରିବାର ବ୍ୟବସ୍ଥା ବର୍ତ୍ତମାନର ଅଧ୍ୟୟନର ପରିସର ବାହାରେ

୭.୬.୪ କ୍ଷତିପୂରଣ ଅଟକଳ

ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଜନିତ କ୍ଷତି ପୂରଣ ସମ୍ବନ୍ଧିତ ଭାରତ ସରକାରଙ୍କ RFCTLARR, ୨୦୧୩ ଏବଂ Odisha RFCTLARR ନିୟମ, ୨୦୧୬, ଯାହା ବିଜ୍ଞପ୍ତି ନଂ. RDM-LAA-CKRFIC-୦୦୨-୨୦୧୫ (part) /୨୨୪୮୫, ତାରିଖ ୨୨ ଜୁନ୍, ୨୦୧୮ ରେ ଏକ ସାରଣୀ ମାଧ୍ୟମରେ ପ୍ରକାଶ ପାଇଛି, ସେହି ଅନୁସାରେ ଅଧିଗ୍ରହଣ ହେବାକୁ ଥିବା ଜମି ଓ ପରିସଂପତ୍ତି (ଯଥା ତତ୍ ସଂଲଗ୍ନ ବୃକ୍ଷମାନଙ୍କ ନିମନ୍ତେ) କ୍ଷତି ପୂରଣ ପ୍ରଦାନ, ବାର୍ଷିକ ୧୨% ସୁଧ ଏବଂ ୧୦୦% ହାରରେ ଆବେଗ ପୂର୍ଣ୍ଣ କ୍ଷତି ଭରଣା (Solatium) ପ୍ରଦାନ କରାଯିବା ବିଧି ରହିଛି। କ୍ଷତିପୂରଣ ନିର୍ଦ୍ଧାରଣ କରିବାର କ୍ଷମତା ଓ ଦାୟୀତ୍ୱ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଉପରେ ନ୍ୟସ୍ତ । ତେଣୁ ମୂଲ୍ୟାୟନରେ ଏସ୍.ଇ, ଖୋର୍ଦ୍ଧା, ଜଳସେଚନ ବିଭାଗ, ଖୋର୍ଦ୍ଧା, ତହସିଲଦାର, ସବ୍-ରେଜିଷ୍ଟ୍ରାର ଖୋର୍ଦ୍ଧା ସଂସ୍ଥାକୁ ନିୟୋଜିତ କରିପାରିବେ । ଏଠାରେ ସୂଚାଇ ଦିଆଯାଇପାରେ ଯେ, ଖୋର୍ଦ୍ଧା ଜିଲ୍ଲା ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ସୂଚନା ଆଧାରରେ କୋଟସର ସାମାଜିକ ପ୍ରଭାବ ଆକଳନ ଦଳ ଜମିର କ୍ଷୟ କ୍ଷତି ଓ ବୃକ୍ଷ ହାନି ହେଉଥିବା ବ୍ୟକ୍ତି ମାନଙ୍କ ସହ ପରାମର୍ଶ ଓ ବିଚାର ବିମର୍ଶ କରି କ୍ଷତିପୂରଣ ପ୍ରଦାନ ନିମନ୍ତେ ପରାମର୍ଶ ଦେଇଛନ୍ତି ।

୭.୬.୫ ହକ୍ ଦାରୀ ଛାଞ୍ଚ (Entitlement Matrix)

ଭାରତ ସରକାରଙ୍କ RFCTLARR Act, ୨୦୧୩ ଓ Odisha RFCTLARR Rules-୨୦୧୬ରେ ଥିବା ବ୍ୟବସ୍ଥା ଆଧାରରେ ହକଦାରୀ ମାଟ୍ରିକ୍ସର ଗୋଟିଏ ଢାଞ୍ଚା ପ୍ରସ୍ତୁତ କରାଯାଇଛି । ଏଥିରେ ଜମି ଅଧିଗ୍ରହଣ ହେତୁ ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡ଼ିକର କ୍ଷତିପୂରଣ ପାଇବା ନିମନ୍ତେ ହକଦାର ବ୍ୟକ୍ତି ବିଶେଷଙ୍କର ଗୋଟିଏ ତାଲିକା ଦିଆଯାଇଛି, ଯେଉଁମାନେ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ମାଧ୍ୟମରେ ଚିହ୍ନିତ ହୋଇଛନ୍ତି, ତଥା ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ହେତୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେଉଛନ୍ତି, ସେମାନଙ୍କର କ୍ଷତିପୂରଣ ରାଶି ପାଇବାର ଅଧିକାର ରହିଛି। ଏହି କ୍ଷେତ୍ରରେ ସର୍ବେକ୍ଷଣ କାର୍ଯ୍ୟ ସମାପ୍ତ ହେବାର ଦିନ ବା ତାରିଖକୁ ନିର୍ଦ୍ଦିଷ୍ଟ ଶେଷ ତାରିଖ ବୋଲି ଧରାଯିବ। ଏଣୁ, ପରବର୍ତ୍ତୀ ସମୟରେ ପ୍ରଭାବିତ ଜମିରେ ଯଦି କେହି ଆସି ବସବାସ କରନ୍ତି ତେବେ ସେ ଜମି ଅଧିଗ୍ରହଣ ସମ୍ପର୍କିତ କୌଣସି କ୍ଷତିପୂରଣ ସୁବିଧା ପାଇବେ ନାହିଁ । ଏ ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟ ସାରଣୀ ୭.୮ରେ ***"ହକଦାରି ମାଟ୍ରିକ୍ସ"*** ତାଲିକାରେ ପ୍ରଦାନ କରାଯାଇଛି।

Table: 7.9 Entitlement Matrix

Village	Khata No	Plot No.	Total Area (In Acre)	Area to be Acquired (In Acre)	Remainder Land (In Acre)	Type of Land	Name of the Owner and Address	Name of the Climant	Contact Person	*Total No. Of climant*	*Title Holder*			*No. of Extended HH*	*No. survey to be Done*	*No. of HH Actually Surveyed*			Purpose
											As per RoR List	*Dead*	*Alive*			*Title Holder*	*Extended*	*Total Surveyed*	
Dihakhala	150/75	47	0.3800	0.1320	0.2480	Sarada-2	**Shyam Sundar Mangaraj, Bhaskar Mangaraj**, F: Bhobani Mangaraj, **Sunil Kumar Mangaraj,** F: Jujisthira Mangaraj, **Damadar Mangaraj**, F: Mayadhar Mangaraj, Caste: Mahalayak, Village: Dihakhala	Shyam Sundar Mangaraj Bhaskar Mangaraj Sunil Kumar Mangaraj Namita Mangaraj (W)	Padmanav Harichandan: 9937371917	4	3	1	3	1	4	3	1	4	**Construction of Canal**
	150/80	35	0.1900	0.0180	0.1720	Sarada-3	**Raghunath Jena, Dhaneswar Jena**, F: Padma Charan Jena, **Jagannath Jena**, F:Babana Jena, **Anubati Badajena** H: Laxmidhar Badajena, **Arun Badajena, Prasanta Badajena, Rashmita Biswal**, F: Laxmidhar Badajena Caste: Khandayat, Vill: Pariraipur, Thana: Brahmagiri Dist: Puri	Raghunath Jena Sale to Prabhat Srichandan	Prabhat Srichandan: 8895302813	1	0	0	1	0	1	1	0	1	

	50	37	0.3150	0.0450	0.2700	Sarada-2	**Gouranga Sundara, Keushna Sundara,** F: Manu Sundara, **Dasarath Sundar,** F: Mardhyagaji Sundara, **Bhobani Sundara, Golakha Sundara, Brajabihari Sundara, F:** Gadadhar Sundara, Caste: Sudra, Vill. Dihakhala	Ramesh Chandra Sundara Dusasana Sundara Ugrasena Sundara Bhimasena Sundara Madhusudan Sundara	Chagali Sundara: 7008397551	5	0	6	0	5	5	0	**5**	5	
	50	39	0.3800	0.0850	0.2950	Sarada-2													
	57	31	0.3750	0.0050	0.3700	Sarada-2	**Chintamani Mohapatra, F:** Kulamani Mihapatro Caste: Brahman, Vill: Godipada												
	04-15				0.0000		**Sikim Praja: Ramachandra Bhjabala F:** Arata Bhjabala, Caste: Sudra, Vill: Dihakhala	Kanakalata Bhujabal (W) Ragabati Bhjabal (W) Pramila Bhujabal (W)	Prakesh Bhujabal: 6372297742	3	0	1	0	3	3	0	3	3	
	57	38	0.1600	0.0650	0.0950	Sarada-2	**Chintamani Mohapatra, F:** Kulamani Mihapatro Caste: Brahman, Vill: Godipada												
	04-15						**Sikim Praja: Ramachandra Bhujabala F:** Arata Bhujabala, Caste: Mahalayak, Vill: Dihakhala												

	57	48	0.1400	0.0320	0.1080	Sarada-2	**Chintamani Mohapatra, F:** Kulamani Mihapatro Caste: Brahman, Vill: Godipada												
	04-17						**Sikim Praja: Sanatana Routa, Bhikari Routa F:** Bala Routa, Caste: Mahalayak, Vill: Dihakhala	Gadadhar Nisanka Gangadhar Nisanka	Gadadhar Nisanka: 8280082012 Gangadhar Nisanka: 7735325428	2	0	2	0	2	2	0	2	2	
	57	135	0.8550	0.0300	0.8250	Sarada-2	**Chintamani Mohapatra, F:** Kulamani Mihapatro Caste: Brahman, Vill: Godipada												
	04-19						**Sikim Praja: Hata Routara F:** Bramhachari Raoutara, Caste: Mahalayak, Vill: Dihakhala	Subasini Rautara (W) Bula Rautara	Nabakishor Rautara: 9348481090 Kusa Rautara:7008040241	2	0	1	0	2	2	0	2	2	
	95	58	0.3100	0.0050	0.3050	Sarada-3	**Basudev Ramanuja das Guru Sri Adhikari Bisnu Chida Ramanuja Das,** Caste: Brahman Bisanba, Vill: Balisahi, Giriswami Matha Puri	Naba Kishor Rautara Krushna Ch Rautara Dusasana Rautara	Nabakishor Rautara: 9348481090 Kusa Rautara:7008040241	3	0	1	0	3	3	0	3	3	
	150/47	34	0.5400	0.1530	0.3870	Sarada-3	**Sidheswar Srichandan, Nidhi Srichandan, Gatikrushna Srichandan F:** Kalapatrau Srichandan, Caste: Karan, Vill:	Sidheswar Srichandan	Prabhat Srichandan: 8895302813	1	1	0	1	0	1	1	0	1	

							Dihakhala												
	101	143	0.4000	0.0150	0.3850	Sarada-2	**Biswambar Srichandan, Surendra Srichandan F:** Kasi Srichandan, Caste: Sudra, Vill: Dihakhala	Basanta Srichandan (W)	Satyapriya Srichandan: 9511895873	1	0	2	0	1	1	0	1	1	
	150/11	33	0.3150	0.0300	0.2850	Sarada-2	**Champei Dei H:** Purnachandara Swain, Vill: Dihakhala	Budhinath Swain Madhab Chandra Swain	Madhab Cha, Swain: 8018728509 Aditya Swain: 7749056428	2	0	1	0	2	2	0	2	2	
Total			***4.3600***	***0.6150***	***3.7450***					24	4	15	5	19	24	5	19	24	

ଉତ୍ସ : ପାରିବାରିକ ସର୍ବେକ୍ଷଣ, ୨୦୨୫

୭.୬.୬ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) – ପୁନର୍ବାସ କାର୍ଯ୍ୟପନ୍ଥା, ପୁନର୍ବସତି, ଜୀବିକାର ପୁନରୁଦ୍ଧାର, ଏବଂ ରୋଜଗାର ସୃଷ୍ଟିର ପଦକ୍ଷେପ ମାନ

ଜମି ଅଧିଗ୍ରହଣ ହେତୁ ସୃଷ୍ଟି ହେଉଥିବା ପ୍ରତିକୂଳ ପ୍ରଭାବ ଗୁଡ଼ିକୁ ପ୍ରଶମନ କରିବାର ମୌଳିକ ମାର୍ଗ ଗୁଡ଼ିକରେ ଜମି ହରାଉଥିବା ପରିବାର ଗୁଡ଼ିକ ନିମନ୍ତେ ଅଭିପ୍ରେତ ଥଇଥାନ କାର୍ଯ୍ୟକ୍ରମ ମାନ, ଜୀବିକା ପୁନଃସ୍ଥାପନ ଓ ରୋଜଗାର ଉପାୟ ଅବଲମ୍ବନ ନିମନ୍ତେ ପଦକ୍ଷେପମାନ ଅନ୍ତର୍ଭୁକ୍ତ । ଏକ ଆଦର୍ଶ ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟାନ୍ୱୟନରେ ଜମି ନେଉଥିବା ସଂସ୍ଥା, ସରକାର ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମାନେ ନିମ୍ନଲିଖିତ କାର୍ଯ୍ୟକ୍ରମ ମାନଙ୍କ ଉପରେ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଉଚିତ । ସୁଖର କଥା ବର୍ତ୍ତମାନର କେନାଲ ପ୍ରକଳ୍ପ କ୍ଷେତ୍ରରେ କୌଣସି ପରିବାର ବାସଚ୍ୟୁତ ହେଉନଥିବା ହେତୁ ପୁନର୍ବସତି ସମସ୍ୟା ଉପଜୁ ନାହିଁ ।

- ଜମି ହରାଉଥିବା ଓ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେଇଥିବା ପରିବାର ମାନଙ୍କ ପାଇଁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା ହେବା ବାଞ୍ଛନୀୟ । **ଉଚିତ** କ୍ଷତିପୂରଣ ଦେବା ପାଇଁ ଜମି ହରାଇଥିବା ପରିବାର ମାନେ ଦାବୀ କରିଛନ୍ତି । ମାତ୍ର ଏହା ଗୋଟିଏ ବୈଧାନିକ ବିଷୟ ଏବଂ ଏହାକୁ ସହମତି ଭିତ୍ତିରେ ସମାଧାନ କରିବା ଉଚିତ୍ ।
- ଭାବର ପ୍ରଶମନ କାର୍ଯ୍ୟକ୍ରମ ଗୁଡ଼ିକୁ ବଂଶ କ୍ରମ ବିଷୟକୁ ଧ୍ୟାନଦେଇ ତଥା ପ୍ରଭାବିତ ବ୍ୟକ୍ତି ବା ପରିବାର ମଧ୍ୟରେ ଉପୁଜୁଥିବା ବିବାଦର ଆପୋଷ ସମାଧାନ କରି ଉପଯୁକ୍ତ ବ୍ୟକ୍ତି ବା ପରିବାରଙ୍କୁ କ୍ଷତିପୂରଣ ରାଶି ଓ ଅନ୍ୟାନ୍ୟ ସୁବିଧା ମାନ ନିଶ୍ଚିତ କରିବା ଆବଶ୍ୟକ ।
- କେନାଲଠାରୁ ନିରାପଦ ଦୂରତାରେ ଗଛ ଲଗାଇବାର ବ୍ୟବସ୍ଥା କରି ସୌନ୍ଦର୍ଯ୍ୟକରଣ ଓ ପରିବେଶ ଉନ୍ନତି ନିମନ୍ତେ ଜଙ୍ଗଲ ବିଭାଗ ଏବଂ ଉଦ୍ୟାନ ବିଭାଗ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବା ଉଚିତ୍ ।
- ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କ୍ଷତିପୂରଣ ଅର୍ଥରାଶି ପ୍ରଦାନ କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହି ରାଶିକୁ କିପରି ଫଳପ୍ରଦ ଓ ଉତ୍ପାଦନକ୍ଷମ ଉପାୟରେ ପ୍ରଭାବିତ ଲୋକମାନେ ବ୍ୟବହାର କରିବେ ସେଥିପାଇଁ ଲୋକମାନଙ୍କୁ ଉପଯୁକ୍ତ ବୈଷୟିକ ଓ ବିତ୍ତୀୟ ପରାମର୍ଶ ଦେବା ଆବଶ୍ୟକ ।
